ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୩ ସଂଖ୍ୟା



 କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଭାରତୀୟ ଗଣତନ୍ତ୍ରର ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୪** |
| ଅନେକ କଳାଛାଇ - ୫ | ଅଶୋକ ବିଶ୍ୱାଳ | ୨୫ |
| ବନ୍ଦ ଝରକା | ବିନୟ ମହାପାତ୍ର | ୩୯ |
| ଅନ୍ତହୀନ ଜ୍ୟୋତ୍ସ୍ନା | ରୁଦ୍ରକାନ୍ତ ରାଉତରାୟ | ୫୩ |
| ଲୁହରେ ସିନ୍ଦୁର | ତ୍ରିନାଥ ନନ୍ଦୀ | ୫୯ |
| ପଡ଼ିଯିବ କି ପୂର୍ଣ୍ଣଚ୍ଛେଦ ! | ଠାକୁର ନାଏକ | ୬୪ |
| ବାସ୍ତୁ ଦୋଷ | ସିଦ୍ଧେଶ୍ୱର ତ୍ରିପାଠୀ | ୬୭ |
| ଉଇଲ୍ | ସୁନନ୍ଦା ମହାନ୍ତି | ୭୩ |
| **କବିତା ବିଭାଗ** | | **୭୬** |
| ଜନମ ଭୂଇଁ | ଶିବ ନାରାୟଣ ଦାଶ | ୭୭ |
| ଆମ ଗାଁ | ସ୍ୱର୍ଗତ ମାୟାଧର ଦାଶ | ୭୯ |
| ମା ଦେଖାଉନି ଜହ୍ନ | ବାସନ୍ତୀ ଲତା ଜେନା | ୮୪ |
| ଚିଠିର ଦୁଃଖ | ନିତ୍ୟ ରଞ୍ଜନ ନନ୍ଦ | ୮୬ |
| ସ୍ୱାଧୀନ ଚେତନା | ଅମୃତ ନାରାୟଣ ଶତପଥୀ | ୮୯ |
| ଅଚିହ୍ନା ନାରୀ | ପ୍ରଶାନ୍ତ ବ୍ରହ୍ମା | ୯୧ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କାନି | ବିନୟାନନ୍ଦ ବସ୍ତ୍ରସ୍ୟ | ୯୨ |
| ଅମୃତାଘାତ | ସିଦ୍ଧେଶ୍ୱର ତ୍ରିପାଠୀ | ୯୫ |
| ତ୍ରିରଙ୍ଗା | ନୀଳମଣି ଚାନ୍ଦ | ୯୬ |
| ଆଶା ବୈତରଣୀ | ନିରଞ୍ଜନ ସାହୁ | ୯୭ |
| ଶୃଙ୍ଖଳା | କୀର୍ତ୍ତନ ସାହୁ | ୯୮ |
| ଲୌହ ଦାନବ | ସ୍ମୃତିରଞ୍ଜନ ବାରିକ | ୯୯ |
| କେଁ କଟର | କୁନା ସେଠୀ | ୧୦୧ |
| ଝରି ଝରି ଆସେ | ଶିବ ପ୍ରସାଦ ଚାନ୍ଦ | ୧୦୨ |
| ଯନ୍ତ୍ରଣା | ନିହାରିକା ରଥ | ୧୦୩ |
| ସୁନା ପୁଅ ମୋର ହୋଇବୁ | ବିକାଶ କୁମାର ହୋତା | ୧୦୪ |
| ପରିଚୟ ଅଭିନୟ | ତାରା ପ୍ରସାଦ ଜେନା | ୧୦୫ |
| ମହାର୍ଘ୍ୟ | ମନୋରଞ୍ଜନ ସୁରୁଜାଳ | ୧୦୬ |
| ପଞ୍ଚାମୃତ | ଗୁପ୍ତେଶ୍ୱର ଚାନ୍ଦ | ୧୦୮ |
| ଝିଅ | ଅଲେଖ ମେହେର | ୧୦୯ |
| କିଏ କହେ ଆମେ ସ୍ୱାଧୀନ ? | ସତ୍ୟ ନାରାୟଣ ସାହୁ | ୧୧୦ |
| କିଏ କହେ ଆମେ ସ୍ୱାଧୀନ ? | ସ୍ୱାଗତିକା ସାହୁ | ୧୧୩ |
| କିଏ କହେ ଆମେ ସ୍ୱାଧୀନ ? | ସଂତୋଷିନୀ ଦାଶ | ୧୧୫ |
| କିଏ କହେ ଆମେ ସ୍ୱାଧୀନ ? | ଅରୁନ୍ଧତୀ ଲେଙ୍କା | ୧୧୭ |
| ସତରେ କି ଆମେ ସ୍ୱାଧୀନ | ସଂଯୁକ୍ତା ସାହୁ | ୧୧୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସ୍ୱାଧୀନତା ଦିବସ | ବନ୍ଦନା ମହାପାତ୍ର | ୧୧୯ |
| ଅପେକ୍ଷାର ଅଭିମାନ | ଜ୍ୟୋତ୍ସ୍ନାମୟୀ ସାହୁ | ୧୨୦ |
| ସହରଟା ଶୋଇଗଲା ପରେ | ଅଜିତ କୁମାର ପାଢ଼ୀ | ୧୨୩ |
| ସହରଟା ଶୋଇଗଲା ପରେ | କୁମୁଦିନୀ ପତି | ୧୨୫ |
| କାର୍ଗିଲ୍ ଶହୀଦ୍ ସଲାମ | ଗୀତାଞ୍ଜଳୀ ଭୂୟାଁ | ୧୨୭ |
| ଅତିଥି ଦେବୋଭବଃ | ରଞ୍ଜିତା ରାଉଳ | ୧୨୯ |
| ହାଏ ରେ କଳିଯୁଗ ମଣିଷ | ବର୍ଷାରାଣୀ ମହାମଲ୍ଲିକ | ୧୩୧ |
| ଚିତାପାରୀ | ସଞ୍ଜୟ ଖେମୁଣ୍ଡୁ | ୧୩୩ |
| ଜୟ ମାଆ ଦକ୍ଷିଣକାଳୀ | ନଳିନୀ ଦାଶ | ୧୩୬ |
| ବୁଲା କୁକୁରର ଆତ୍ମକାହାଣୀ | ବିଜୟ କେତନ ଚୌଧୁରୀ | ୧୩୭ |
| ପ୍ରିୟା ରାଗିଗଲେ | ଜୟନ୍ତ କୁମାର ମଲ୍ଲିକ | ୧୩୯ |
| ନିର୍ଯାତିତାର ଆର୍ତ୍ତନାଦ | ପଙ୍କଜ କୁମାର ମଙ୍ଗଳ | ୧୪୦ |
| ସୂର୍ଯ୍ୟମୁଖୀ | ଅନୁପମା ବିଶ୍ୱାଳ | ୧୪୨ |
| ଜରା ନିବାସ | ଶିଶିର କୁମାର ପଣ୍ଡା | ୧୪୩ |
| ବର୍ଷା | ସୁନନ୍ଦା ମହାନ୍ତି | ୧୪୪ |
| ହେ ବୀର ଯବାନ | ଦିନେଶ ମେହେର | ୧୪୬ |
| କଫିରେ ଜୀବନ | ଆଶୁତୋଷ ମେହେର | ୧୪୮ |
| ସମସ୍ତେ କରିବା ଚାଷ | ହରେରାମ ପଣ୍ଡା | ୧୫୧ |
| ବାସ୍ତବିକ ସୁଖ | ଭବାନୀ ଶଙ୍କର ଦାଶ | ୧୫୨ |


ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ପାପ ପଞ୍ଜୁରୀରେ ପୂଣ୍ୟ ଶାରୀ | ଅଜିତ କୁମାର ରାଉତ | ୧୫୩ |
| ଅଥଚ ସମୟ | ସଞ୍ଜୀବ କୁମାର ଦାସ | ୧୫୫ |
| ମନୁଆ ଠାକୁର | ବିଜୟ କୁମାର ସାହୁ | ୧୫୬ |
| ବରଷା ରାଣୀ | ଡଃ ପ୍ରଣତୀ ପଣ୍ଡା | ୧୫୮ |
| ଏକା ଏକା ଲାଗୁଛି | ସୁଶୀଲ କୁମାର ଛାଟୋଇ | ୧୬୦ |
| ଭୂତର ଭବିଷ୍ୟତ | ବିଶ୍ୱ ରଞ୍ଜନ ମହାନ୍ତି | ୧୬୧ |
| ମଣିପୁର ବର୍ବରତା | ଦଣ୍ଡାସି ପ୍ରଧାନ | ୧୬୩ |
| ଅସହ୍ୟ ନିଦାଘ | ପ୍ରହ୍ଲାଦ ସାହୁ | ୧୬୬ |
| ଖବର | ଡଃ ମନୋରଞ୍ଜନ ବିଷୋୟୀ | ୧୬୮ |
| ଅକୁହା କଥା | ତନୁଜା ଦାସ | ୧୬୯ |

## ଲୋକଭାଷା ବିଭାଗ ୧୭୦

| | | |
|---|---|---|
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୭୧ |
| ସମଲ୍‌ପୁରୀ ଦିନ୍ | ଦେବାର୍ଚ୍ଚନ ମେହେର | ୧୭୪ |
| ଝି... | ସୁନୀଲ କୁମାର ଅଗସ୍ତି | ୧୭୬ |
| ବଚିବାର୍ କଲା | ବର୍ଷାରାଣୀ ମହାମଲ୍ଲିକ | ୧୭୭ |

## ପ୍ରବନ୍ଧ ବିଭାଗ ୧୭୮

| | | |
|---|---|---|
| ସ୍ୱାଧୀନତା ସଂଗ୍ରାମର ପିତାମହ - ତିଲକ | ଅକ୍ଷୟ କୁମାର ରାଉତ | ୧୭୯ |
| ଗଙ୍ଗାଧର ଓ କୃଷକ ସଙ୍ଗୀତ | କିରନ୍ ସ୍ୱାଇଁ | ୧୮୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

| | | |
|---|---|---|
| ଅଶାନ୍ତ ମଣିପୁର | ସଞ୍ଜୀବ କୁମାର ଦାସ | ୧୯୬ |
| କୃତ୍ରିମ ବୁଦ୍ଧିମତା | ଚନ୍ଦନ କୁମାର ଜେନା | ୨୦୨ |
| ଯୌତୁକ ଏକ ସାମାଜିକ ବ୍ୟାଧି | ସୌମ୍ୟରଞ୍ଜନ ପାଢ଼ୀ | ୨୦୭ |
| ରାକ୍ଷୀପୂର୍ଣ୍ଣିମାର ବିବର୍ତ୍ତନ | ବିରଞ୍ଚି ନାରାୟଣ ମିଶ୍ର | ୨୧୧ |
| ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ୍ | ଶ୍ରୀବତ୍ସ ନାୟକ | ୨୧୫ |
| କୁନି ମୃଦଙ୍ଗ ବାଦକ ବିନାୟକ | ରାମଚନ୍ଦ୍ର ପ୍ରଧାନ | ୨୨୧ |
| ବିଫଳତା ଓ ଆତ୍ମହତ୍ୟା | ଶଙ୍କର ବିଶ୍ୱାଳ | ୨୨୫ |
| ପଞ୍ଚଭୂତରେ ଲୀନ ଶୁଭମୟୀ | | ୨୨୮ |
| ବିଶେଷ ସୂଚନା | | ୨୩୧ |

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଭାରତୀୟ ଗଣତନ୍ତ୍ରର ସତସ୍ତରୀତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମଗ୍ର ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆଜି ଅଗଷ୍ଟ ପନ୍ଦର ତାରିଖ, ଭାରତର ସ୍ୱାଧୀନତା ଦିବସ । ଏହି ଦିନର ମହତ୍ତ୍ୱକୁ ଉପଲବ୍ଧି କରିବାପାଇଁ ହୁଏତ ଆମ ପୀଢ଼ି କିମ୍ବା ପରବର୍ତ୍ତୀ ପୀଢ଼ିମାନେ ଯଥେଷ୍ଟ ଉତ୍ସାହ ନ ଦେଖାଇ ପାରନ୍ତି, କିନ୍ତୁ ଯେଉଂମାନେ ଭାରତର ଇତିହାସକୁ ଅତି ନିକଟରୁ ଦେଖିଛନ୍ତି ବା ଶୁଣିଛନ୍ତି ସେମାନେ ନିଶ୍ଚୟ ଆଜି ଗର୍ବିତ ମନେ କରିବେ । ଆମେ ଏକ ସ୍ୱାଧୀନ ଗଣତନ୍ତ୍ରରେ ସ୍ୱଚ୍ଛନ୍ଦରେ ରହୁଛେ । ଆମକୁ ଅନେକ ସ୍ୱାଧୀନତା ମିଳିଛି । ବାକ୍ ସ୍ୱାଧୀନତା ଏବଂ ଚିନ୍ତା କରିବା, ସୁକର୍ମ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇବା ଭଳି ଅନେକ ଅତି ଜରୁରୀ ବ୍ୟବସ୍ଥା ଆମ ଦେଶର ସମ୍ବିଧାନ ଆମ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରିଛି । ବିଶ୍ୱର ଅନେକ ଦେଶ ଏବେ ବି ଏଭଳି ଅବସ୍ଥାରେ ଅଛି, ଯେଉଁଠି ବ୍ୟକ୍ତିଗତ ସ୍ୱାଧୀନତା ହିଁ ନାହିଁ । ଏହିଭଳି ଗୋଟିଏ ଦେଶ ଆମର ପଡ଼ୋଶୀ ମଧ୍ୟ । ସେ ଯା ହେଉ, ଆମେ କିନ୍ତୁ ଏକବିଂଶ ଶତାବ୍ଦୀରେ ଦୃତ ଗତିରେ ବିଶ୍ୱରେ ନିଜର ଆଧିପତ୍ୟ ଓ ମହତ୍ତ୍ୱକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛେ । ବର୍ତ୍ତମାନ ବିଶ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଞ୍ଚମ ସର୍ବବୃହତ ଅର୍ଥନୀତି ଭାବରେ ଭାରତର ପ୍ରଗତି ଅନେକ ପ୍ରଗତିଶୀଳ ତଥା ଉନ୍ନତ ଦେଶକୁ ଚମକାଇ ଦେଇଛି । ଆଶା କରିବା ଯେ ଆଗାମୀ ଦଶକରେ ଭାରତ ଏହାଠାରୁ ଢେର୍ ଅଧିକ ଉନ୍ନତି କରିବ । ନିକଟ ଅତୀତରେ ଏକ ଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୂଚେଇ ଦେଇଛନ୍ତି ଯେ ସେ ତାଙ୍କର ଶାସନର ତୃତୀୟ ସୋପାନରେ ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୀତିରେ ପରିଣତ କରିବେ । ଏଥିରେ ସନ୍ଦେହ କରିବା ଆଦୌ ଉଚିତ ନୁହେଁ । ଯେଉଁଭଳି ଭାବରେ ଆମ ଦେଶ ପ୍ରଗତି କରୁଛି, ଏହା ଯେ ସମ୍ଭବ ତାହା ଆମେ ନିଶ୍ଚୟ କହି ପାରିବା । ବର୍ତ୍ତମାନର ଭାରତ ସରକାରଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ରାଜନୀତି, କୂଟନୀତି ଓ ଅର୍ଥନୀତି ଯୋଗୁଁ ଭାରତ ବିଶ୍ୱଗୁରୁ ଭାବରେ ପରିଗଣିତ ହେବାରେ ସକ୍ଷମ ହୋଇଛି । ବିଶ୍ୱରେ ଏବେ ଭାରତ ଏବଂ ଭାରତ ଉତ୍ପାଦିତ ଦ୍ରବ୍ୟର ବିପଣୀ । ଦିନଥିଲା ଆମେ ଅନେକ ଜିନିଷ ପାଇଁ ବିଦେଶ ଉପରେ ନିର୍ଭର କରୁଥିଲୁ, ଏଥିରେ ରକ୍ଷା ଉପକରଣ ମଧ୍ୟ ଥିଲା, ଏବେ ଏଭଳି ଏକ ସମୟ ଆସିଛି, ଭାରତ ନିର୍ମିତ ରକ୍ଷା ଉପକରଣ ବିଶ୍ୱର ଅନେକ ଦେଶକୁ ରପ୍ତାନୀ କରାଯାଉଛି । ସ୍ୱଦେଶୀ ନିର୍ମିତ ଚନ୍ଦ୍ରଯାନ-୩ ଚନ୍ଦ୍ର ଉପରେ ପାଦ ଥାପିବାକୁ ଅଗ୍ରସର ହେଉଛି । ଦୀର୍ଘ ସତୁରୀ ବର୍ଷ ଧରି ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିବା କାଶ୍ମୀର ସମସ୍ୟା ବର୍ତ୍ତମାନ ନାହିଁ । ଯେଉଁଠି ଦିନେ ସେଠାକାର ନେତୃବୃନ୍ଦ କହୁଥିଲେ ଯେ କାଶ୍ମୀରରେ ଭାରତର ଜାତୀୟ ପତାକା ଧରିବାପାଇଁ ହାତ ମିଳିବ ନାହିଁ, ଏବେ ସମୁଦାୟ ଜମ୍ମୁ ଓ କାଶ୍ମୀର ଉପତ୍ୟାକା ତ୍ରିରଙ୍ଗାର ରଙ୍ଗରେ ରଙ୍ଗାୟିତ ହୋଇ ସୀମା ପରବର୍ତ୍ତୀ ପାକ୍ ଅଧିକୃତ କାଶ୍ମୀରର ଅଧିବାସୀଙ୍କୁ ଭାରତରେ ସାମିଲ ହେବାପାଇଁ ଉସୁକାଉଛି । ସେହି ଅଞ୍ଚଳରେ ଏବେ ତୀବ୍ର ଜନଅସନ୍ତୋଷ ସହ ପାକିସ୍ତାନ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଏହି ସବୁ ଘଟଣା ଭାରତର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିନା ହସ୍ତକ୍ଷେପରେ ହେଉଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ କୂଟନୀତିକୁ ପ୍ରଶଂସା ନକରି ରହି ହେବ କି ? ବିନା ଯୁଦ୍ଧରେ ପାକିସ୍ତାନକୁ କଙ୍ଗାଳ କରିଦେବା ଭଳି ସାହାସ ଏବେ ଭାରତର ସରକାର କରି ଦେଖାଇଛନ୍ତି । ବିଭିନ୍ନ ଦେଶ ଓ ସଂସ୍ଥା ମାନଙ୍କ ଠାରୁ ଆର୍ଥିକ ସହାୟତା ମାଗି ମାଗି ନିଜ ନାମକୁ କଟୋରାସ୍ଥାନ କରି ଦେଇଥିବା କଥା କିଏ ବା ନ ଜାଣେ ? ଯେଉଁଭଳି ଗୃହଯୁଦ୍ଧର ପରିସ୍ଥିତି ପାକିସ୍ତାନରେ ରହିଛି, ଏହା ଯେକୌଣସି ମୁହୂର୍ତ୍ତରେ ବିଶାଳ ରୂପ ନେଇ ପାରେ ଏବଂ ଦେଶ ବସ୍ତୁତଃ ଚାରି ଖଣ୍ଡରେ ବିଭାଜିତ ହୋଇପାରେ ବୋଲି ବୁଦ୍ଧିଜୀବି ମାନେ ମତ ଦେଇ ସାରିଲେଣି । ଦୀର୍ଘ ସତୁରୀ ବର୍ଷ ଧରି ଭାରତୀୟ ଉପଦ୍ୱୀପକୁ ଅସ୍ଥିର କରି ଦେଶରେ ଅନେକ ଅଭ୍ୟନ୍ତରୀଣ ଗଣ୍ଡଗୋଳ, ହିଂସାକାଣ୍ଡ ଓ ବୋମା ବିସ୍ଫୋରଣ କରାଇ ପାରୁଥିବା ପାକିସ୍ତାନ ବିଗତ ଦଶବର୍ଷରେ ଭାରତ ଭିତରେ ପ୍ରବେଶ କରିବା କଥା ସ୍ୱପ୍ନରେ ବି ଚିନ୍ତା କରି ପାରିନି । ଦେଶର ଅବସ୍ଥା ଏମିତି ଯେ, ସୈନ୍ୟବାହିନୀକୁ ଯୁଦ୍ଧ ଅଭ୍ୟାସ ପାଇଁ ଆବଶ୍ୟକ ତେଲ ଯୋଗାଇ ହେଉନାହିଁ, ତେଣୁ ବିଗତ ଛଅ ମାସ ହେଲା ପାକିସ୍ତାନର ସେନା ବାହିନୀ କୌଣସି ଯୁଦ୍ଧାଭ୍ୟାସ କରିନାହାନ୍ତି । ପାକିସ୍ତାନକୁ କଙ୍ଗାଳ କରିଲା କିଏ ? ଏହାକୁ ଯଦି ଆମେ କେନ୍ଦ୍ର ସରକାରଙ୍କ ଉପଲବ୍ଧି ବୋଲି ମାନିବା ନାହିଁ, ତା ହେଲେ ଏହା ଅନ୍ୟାୟ ହେବ ।

ସମଗ୍ର ବିଶ୍ୱକୁ ଭାରତ ଉପରେ ନିର୍ଭରଶୀଳ କରିବା ପାଇଁ ଅତୀତର ଅନେକ ନିଷ୍ପତ୍ତି ବିଗତ ସତୁରୀ ବର୍ଷରେ କାହିଁକି ନିଆ ଯାଇନଥିଲା ତାହା ଅବଶ୍ୟ ଚିନ୍ତାର ବିଷୟ । ଯେଉଁ ସବୁ ଦେଶ ଏବେ ସ୍ୱେଚ୍ଛାରେ ଭାରତ ସହ ସହଯୋଗୀତା କରିବାପାଇଁ ଆଗେଇ ଆସୁଛନ୍ତି ସେମାନେ ଆଗରୁ କାହିଁକି ଏଭଳି ପଦକ୍ଷେପ ନେଉନଥିଲେ ତାହା କେବେ ଚିନ୍ତା କରି ଦେଖିଛନ୍ତି କି ? କାହିଁକି ଆମ ଦେଶରେ ଏତେ ବିଶାଳ ଭୂଖଣ୍ଡ ଥିବା ସତ୍ତ୍ୱେ ଆମକୁ ଆତ୍ମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଭର କରାଯାଇ ନଥିଲା ତାହା କେବେ ଚିନ୍ତା କରିଛନ୍ତି କି ? ସୁରକ୍ଷାବଳଙ୍କ ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ କାହିଁକି ଦେଶରେ ନିର୍ମାଣ ନ କରାଇ ବିଦେଶରୁ କ୍ରୟ ହେଉଥିଲା ଏହାର କାରଣ ଆପଣ ଜାଣିଛନ୍ତି ତ ? ସତୁରୀ ବର୍ଷରେ ଭାରତର ସର୍ବସାଧାରଣଙ୍କ ପାଇଁ ଜନଧନ ଏକାଉଣ୍ଟ କାହିଁକି କୌଣସି ସରକାର ଚିନ୍ତା କରିନଥିଲେ ? କାହିଁକି ଜଣେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଭାଷଣ ଦେବାବେଳେ କହୁଥିଲେ ଯେ ଦିଲ୍ଲୀରୁ ଦିଆଯାଉଥିବା ଏକ ଟଙ୍କାରୁ ମାତ୍ର ପନ୍ଦର ପଇସା ଶେଷରେ ଥିବା ବ୍ୟକ୍ତିକୁ ମିଳୁଛି ? ସେତେବେଳେ ସେ ଏହି ଅବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଉଚିତ ପଦକ୍ଷେପ ନେଲେ ନାହିଁ କାହିଁକି ? ଯେଉଁ ପଇସା ବାଟ ମାରଣା ହେଉଥିଲା ତାହା ସେଇ ଶାସକ ଗୋଷ୍ଠୀ ଏବଂ ତାଙ୍କ ଅନୁଗତଙ୍କୁ ହିଁ ମିଳୁଥିବ ନିଶ୍ଚୟ । ଏମିତି ଭାବିବା ପାଇଁ ଆମେ ବାଧ୍ୟ ହେବା । ଦେଶର ସର୍ବୋଚ୍ଚ ଶାସକ ଯଦି ଶାସନ କଳରେ ଥିବା ଭୂଲକୁ ଦର୍ଶାଇ ପାରୁଥିଲେ ତାହେଲେ ସେ ଶାସନ କରିବାକୁ ଯୋଗ୍ୟ ଥିଲେ କି ? ମେଣ୍ଢାପଲ ଯେଉଁଭଳି ଗୋଟିଏ ପଛରେ ଗୋଟିଏ ଚାଲିଥାନ୍ତି ଠିକ୍ ସେମିତି ଆମ ଦେଶର ନିରୀହ ଜନତା ସବୁକିଛି ଅବ୍ୟବସ୍ଥା ଥିବା ସତ୍ତ୍ୱେ କେବଳ ଗୋଟିଏ ଦଳକୁ ହିଁ ବାରମ୍ବାର ଜିତାଇ ଆସୁଥିଲେ । କାରଣ ସେତେବେଳେ ଜନତାଙ୍କୁ ସ୍ୱପ୍ନ ଦେଖାଇବା ପାଇଁ କେହି ନଥିଲେ । ମଝିରେ ମଝିରେ ଯଦିଓ ଅନେକ ଦଳର ଶାସନ ଥିଲା ହେଲେ ସେମାନେ ଦେଶର ଅବସ୍ଥାକୁ ଦେଖିବା ପରେ ଏହାକୁ ସଜାଡ଼ିବାକୁ ସାହସ କରିନଥିଲେ । ବର୍ତ୍ତମାନ କିନ୍ତୁ ଶାସନକଳ ସୁଦୃଢ ହାତରେ ରହିଛି, ତେଣୁ ଯେତେ ସବୁ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାକୁ ମିଳୁଛି ତାହା ବିଗତ ବର୍ଷ ମାନଙ୍କରେ କେବେ ଦେଖା ଯାଇନଥିଲା । ଆଜି ଭାରତ ବାସ୍ତବରେ ସ୍ୱାଧୀନ ହେବାପରି ମନେ ହେଉଛି । ଭାରତରେ ଏହି ଉନ୍ନୟନ ଯଦି ବିଗତ କିଛି ଦଶନ୍ଧିରୁ ହୋଇ ଥାଆନ୍ତା ତା ହେଲେ ବର୍ତ୍ତମାନ ଭାରତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ଜାପାନ ଏବଂ ଆମେରିକା ଭଳି ସ୍ଥିତିରେ ଥାଆନ୍ତା, ସେଥିରେ ଦ୍ୱିମତ ନାହିଁ ।

ଆହ୍ୱାନ ଇ-ପତ୍ରିକାର ପ୍ରିୟ ପାଠିକା ପାଠକ ଓ ସାହିତ୍ୟ ସ୍ରଷ୍ଟାମାନଙ୍କୁ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ । ଆଶା କରୁଛି ଆପଣଙ୍କ କଲମ ନିଜର ସ୍ୱାଧୀନତାର ସମ୍ପୂର୍ଣ୍ଣ ଉପଯୋଗ କରି ଅନନ୍ୟ କୃତି ସବୁ ସୃଷ୍ଟି କରିବ ଏବଂ ଆମ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରିବ ।

ଭାରତ ସମେତ ସମଗ୍ର ବିଶ୍ୱ ବର୍ତ୍ତମାନ ଘଟଣାବହୁଳ । ବିଗତ ମାସରେ ଯେଉଁ ସବୁ ଘଟଣା ଭାରତରେ ଘଟି ଯାଇଛି ସେ ବିଷୟରେ ଆସନ୍ତୁ ସଂକ୍ଷେପରେ ଜାଣିବା । ଯେଉଁ ବନ୍ଧୁମାନେ ୟୁପିଏସସି କିମ୍ବା ଓପିଏସସି ପରିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ସେମାନଙ୍କ ପାଇଁ ଏହି ଅଂଶଟି ଅତ୍ୟନ୍ତ ଉପାଦେୟ ବୋଲି ଜଣେ ବନ୍ଧୁ ମନ୍ତବ୍ୟ ଦେଇଛନ୍ତି । ମାସର ଅନେକ ଘଟଣାକୁ ସଂକ୍ଷେପରେ ଜଣାଇବା ସହ ଏହାର ପୂର୍ବାପର ପ୍ରସଂଗ ଜଣାଇବା ଦ୍ୱାରା ପରିକ୍ଷାର୍ଥୀଙ୍କୁ ଅନେକ ସୂଚନା ମିଳିପାରୁଛି ବୋଲି ସେ କହିଛନ୍ତି । ଯା ହେଉ ଆମର ପତ୍ରିକା ଦ୍ୱାରା ଅନେକ ଉପକୃତ ବି ହେଉଛନ୍ତି ଜାଣି ଖୁସି ଲାଗିଲା । ଚାଲନ୍ତୁ ଜାଣିବା ବିଗତ ମାସର ଘଟଣାବଳୀ ।

ବର୍ଷ ୨୦୨୪ ଯେତେ ପାଖେଇ ଆସୁଛି, ସେମିତି ଭାରତରେ ନିର୍ବାଚନୀ ବାତାବରଣ ଜାଗ୍ରତ ହେବାରେ ଲାଗିଛି । ବର୍ଷ ୨୦୧୪ରେ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାଜପା ସଂଖ୍ୟା ଗରିଷ୍ଠତା ପାଇ ଶାସନ କରିବା ପାଇଁ ଆଗେଇ ଆସିଥିଲେ । ଏହା ଅପ୍ରତ୍ୟାଶିତ ବିଜୟ ଥିଲା । କେହି ଭାବିନଥିଲେ ଯେ ଏମିତି ହଠାତ ଭାଜପାର ଅଭ୍ୟୁଦୟ ହୋଇ ଦେଶର ଶାସନ ଭାର ପର୍ଯ୍ୟନ୍ତ ପହଞ୍ଚିବ । କିନ୍ତୁ ବିଗତ ଦଶନ୍ଧିରେ କଂଗ୍ରେସ ଦ୍ୱାରା ହୋଇଥିବା ଅନେକ ସ୍କାମ୍ ଏହି ବିଜୟ ପାଇଁ ମୁଖ୍ୟତଃ ଦାୟୀ ବୋଲି ଅନେକେ କହିଥିଲେ । ଅବଶ୍ୟ ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିର୍ବାଚନ ସମୟରେ ଅନେକ କଂଗ୍ରେସ୍ ନେତା ମନ୍ତବ୍ୟ ଦେଇଥିଲେ ଯେ ନରେନ୍ଦ୍ର ମୋଦୀ ଆଦୌ ନିର୍ବାଚନ ଜିତିପାରିବେ ନାହିଁ । କିନ୍ତୁ ସମସ୍ତଙ୍କ ଆଶା ଓ ଭରସାକୁ ଧୁଳିସାତ କରିଦେଇ ଭାଜପା ସରକାର ଗଠନ କରିଥିଲା ଏବଂ ପାଞ୍ଚବର୍ଷ ଶାସନ କରିଥିଲା ମଧ୍ୟ ।

ଏହାପରେ ବର୍ଷ ୨୦୧୯ ଆସୁ ଆସୁ ପ୍ରାୟ ସମସ୍ତ ବିରୋଧୀ ଦଳ ଏକତ୍ରିତ ହୋଇ ୟୁପିଏ ଅଧୀନରେ ନରେନ୍ଦ୍ର ମୋଦୀଙ୍କୁ ପରାସ୍ତ କରିବାପାଇଁ ନିର୍ବାଚନର ରଣାଙ୍ଗନରେ ଓହ୍ଲେଇ ଆସିଥିଲେ । ସେତେବେଳେ ଚନ୍ଦ୍ରବାବୁ ନାଇଡୁ ଏହି ଗଠବନ୍ଧନର ମୁଖ୍ୟ ପୁରୋଧା ଥିଲେ । ହେଲେ ୨୦୧୯ ନିର୍ବାଚନରେ ମଧ୍ୟ ଭାଜପା ବହୁମତ ପାଇବାରେ ସକ୍ଷମ ହୋଇଥିଲା । ଏବଂ ଦ୍ୱିତୀୟ ପାଳିରେ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ପୂର୍ବାପେକ୍ଷା ବହୁତ ଅଧିକ ବଢ଼ି ଯାଇଥିଲା । କରୋନା କାଳରେ ଦେଶକୁ ସୂଚାରୁ ରୂପେ ଚଳାଇବା ଏବଂ ଦେଶରେ ହିଁ କରୋନା ପାଇଁ ଟୀକା ତିଆରି କରିବା ସହ ସମଗ୍ର ବିଶ୍ୱକୁ ମାନବତାର ପରିଚୟ ଦେଇ ଟିକା ବାଣ୍ଟି ସେ ଭାରତର ମହତ୍ତ୍ୱ ସମଗ୍ର ବିଶ୍ୱକୁ ଜଣାଇଦେଲେ । କରୋନା ପରବର୍ତ୍ତୀ କାଳରେ ମୋଦୀଙ୍କ ଲୋକପ୍ରିୟତା ଜାପାନ, ଆମେରିକା ଓ ଅଷ୍ଟ୍ରେଲିଆରେ ଆୟୋଜିତ ଅନେକ ସଭା ଓ ସଂଗଠନ ସମୟରେ ଦେଖିବାକୁ ମିଳିଲା । ମୋଦୀଙ୍କ ନେତୃତ୍ୱରେ ଭାରତ ଯୁବବର୍ଗ ଏକ ସମୁଜ୍ଜ୍ୱଳ ଭବିଷ୍ୟତ ଦେଖି ପାରୁଛନ୍ତି । ଆମେ ଆମ ଦେଶପାଇଁ ଗୌରବ ଅନୁଭବ କରି ପାରୁଛୁ ।

ହେଲେ ଏବେ ଆସୁଛି ବର୍ଷ ୨୦୨୪, ଯେତେବେଳେ ଭାଜପା ପୁଣିଥରେ ଶାସନକୁ ହାତେଇବା ପାଇଁ ନିର୍ବାଚନର ସମ୍ମୁଖୀନ ହେବ, ତେଣୁ ଭାଜପାକୁ ହରାଇବା, ବା ବସ୍ତୁତଃ କହିବାକୁ ଗଲେ ନରେନ୍ଦ୍ର ମୋଦୀଙ୍କୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ଛବିଶି ଗୋଟି ଦଳକୁ ନେଇ ଏକ ନୂଆ ଗଠବନ୍ଧନ ଜନ୍ମ ନେଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ଣ୍ଣାଟକର ବେଙ୍ଗାଲୁରୁରେ ଆୟୋଜିତ ଏକ ବୈଠକ ପରେ ଏହି ଗଠବନ୍ଧନ ନିଜର ନୂଆ ନାଁ I.N.D.I.A ବୋଲି ପ୍ରକାଶ କରୁଛନ୍ତି । ଏହି ସଂଗଠନର ପୁରୋଧା ସାଜିଛନ୍ତି ବିହାରର ମୁଖ୍ୟମନ୍ତ୍ରୀ ନିତିଶ କୁମାର । ଏବଂ ଏହି ଗଠବନ୍ଧନର ନାଁକୁ ନେଇ ଅନେକ ଚର୍ଚ୍ଚା ବି ହୋଇ ସାରିଲାଣି । ଏହି ମେଳରେ ଥିବା ପ୍ରାୟ ଅଧିକାଂଶ ଦଳ ପରସ୍ପରର ଘୋର ବିରୋଧୀ ହୋଇଥିବା ସତ୍ତ୍ୱେ ମୋଦୀଙ୍କ ଲୋକପ୍ରିୟତାକୁ ଦେଖି ପରସ୍ପର ସହ ସଲାସୁତରା କରିବାକୁ ବାଧ୍ୟ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ଗଠବନ୍ଧନରେ ସମସ୍ତେ ଏକାଠି ହୋଇଥିବା ସତ୍ତ୍ୱେ ରାଜ୍ୟ ସ୍ତରରେ ସେମାନେ ପରସ୍ପର ବିରୋଧରେ ନିର୍ବାଚନରେ ଠିଆ ହେବା ନେଇ ଜଣାଇଛନ୍ତି । ପଞ୍ଜାବରେ କଂଗ୍ରେସ ଓ ଆମ ଆଦମୀ ପାର୍ଟି ପରସ୍ପର ବିରୋଧୀ । ପଶ୍ଚିମ ବଙ୍ଗରେ ତୃଣମୂଳ କଂଗ୍ରେସ ଓ କଂଗ୍ରେସ ପରସ୍ପର ବିରୋଧୀ । ଏହିଭଳି ସ୍ଥିତିରେ ଏହି ଗଠବନ୍ଧନର ଭବିଷ୍ୟତ କୁ ନେଇ ଅନେକ ସନ୍ଦୀହାନ । ଏହି ମେଳରେ ଅନେକ ନେତା ରହିଥିବା ସତ୍ତ୍ୱେ କାହାକୁ ବି ପ୍ରଧାନମନ୍ତ୍ରୀ ଭାବରେ ଉପସ୍ଥାପନ କରାଯାଇ ନାହିଁ । ତୃଣମୂଳ କଂଗ୍ରେସ ମମତା ଦିଦିଙ୍କୁ ପ୍ରଧାନମନ୍ତ୍ରୀ ପାଇଁ ଯୋଗ୍ୟ ବୋଲି କହୁଥିବା ବେଳେ ଆମ ଆଦମୀ ପାର୍ଟି ଅରବିନ୍ଦ କେଜରିବାଲଙ୍କୁ ଆଉ ବିହାର ମୁଖ୍ୟମନ୍ତ୍ରୀ ନିତିଶଙ୍କ ଅନୁଯାୟୀମାନେ ତାଙ୍କୁ କହୁଥିବା ବେଳେ ଲାଲୁ ଚାହୁଁଛନ୍ତି ତାଙ୍କ ପୁଅଙ୍କୁ ଏହି ପଦବୀ ମିଳୁ । ଅର୍ଥାତ ଏହି ଦଳ ଯଦି ବା କୌଣସି ପରିସ୍ଥିତିରେ ଯଦି ଜିତି ଯାଆନ୍ତି, ତେବେ ପ୍ରଧାନମନ୍ତ୍ରୀ କିଏ ହେବ ସେଥିପାଇଁ ପରସ୍ପର ସହ ଗଣ୍ଡଗୋଳ କରି ପୁଣିଥରେ ଦେଶକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଇଁ ଠେଲି ଦେଇ ପାରନ୍ତି । ଦେଖାଯାଉ ପାଣି କେଉଁଆଡକୁ ଯାଉଛି । ଆମେ ଅବଶ୍ୟ ସମ୍ପୂର୍ଣ୍ଣ ଆଶାୟୀ ଯେ ଭାଜପା ପୁଣିଥରେ ଭାରତ ଶାସନ ଭାର ଗ୍ରହଣ କରିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳିତ ବର୍ଷ ଉତ୍ତର ଭାରତରେ ବର୍ଷାର ତାଣ୍ଡବ ଅନେକ ବର୍ଷରୁ ଦେଖାଯାଇ ନଥିଲା । ଉତ୍ତରରେ ପାର୍ବତ୍ୟାଞ୍ଚଳରେ ଅଧିକ ବର୍ଷାପରେ ଦିଲ୍ଲୀରେ ଯମୁନା ନଦୀରେ ଜଳସ୍ତର ବଢିବା ସହ ସମୁଦାୟ ଦିଲ୍ଲୀ ସହରରେ ଜଳ ପ୍ରବେଶ କରିବାପରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା । ଏଭଳି ଦୃଶ୍ୟ ବିଗତ ଅନେକ ଦଶନ୍ଧୀ ଧରି ଦେଖାଯାଇ ନଥିଲା । ଦିଲ୍ଲୀ ସରକାରଙ୍କ ଅପାରଗତା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଯମୁନା ନଦୀକୁ ନିର୍ମଳ କରାଯିବ ବୋଲି ଅଗଣିତ ଥର ବିଭିନ୍ନ ପ୍ରେସ ମିଟରେ ମନ୍ତବ୍ୟ ଦେଇ ଆସିଥିବା ମୁଖ୍ୟମନ୍ତ୍ରୀ ଯେ କେତେ ଅପାରଗ ତାହା ସମଗ୍ର ଦେଶ ଦେଖିଲା ।

ବିଗତ ସମୟରେ ଦିଲ୍ଲୀ ସରକାରଙ୍କ କିଛି ନିଷ୍ପତ୍ତିକୁ ନେଇ ଗଣମାଧ୍ୟମରେ ପ୍ରସାର ହେବାପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିବାଲ ସମାଲୋଚନାର ଶରବ୍ୟ ହେଲେ । ଏବଂ ନିଜକୁ ସ୍ୱଚ୍ଛ ଦର୍ଶାଇବା ପାଇଁ ସେ କିଛି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବଦଳି କରାଇଥିଲେ । ଏହା ଫଳରେ ଅଧିକାରୀଙ୍କ ବଦଳି ଅଧିକାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ନେଇ ଉପରାଜ୍ୟପାଳଙ୍କ ଅଧିନରେ ରଖାଗଲା । ଏହାକୁ ବିରୋଧ କରି ଦିଲ୍ଲୀ ସରକାର ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଏବଂ କୋର୍ଟ୍ ସେମାନଙ୍କୁ ଅଧିକାର ଦେଇଥିଲେ ଯେ ଦିଲ୍ଲୀ ସରକାର ଚାହିଁଲେ ଅଧିକାରୀ ସ୍ତରରେ ବଦଳି ନିଷ୍ପତ୍ତି ନେଇ ପାରିବେ । ଏହାର ପ୍ରତିରୋଧ କରିବାପାଇଁ କେନ୍ଦ୍ର ସରକାର ଏକ ବିଧେୟକ ଆଣିଥିଲେ । ଏବଂ ଦିଲ୍ଲୀ ସରକାରଙ୍କ ଅନେକ ଅଧିକାରକୁ ବରକାସ୍ତ କରାଗଲା । ଏହି ବିଲ୍ ସଂସଦ ଚାଲୁନଥିବା ସମୟରେ ଆସିଥିଲା ତେଣୁ ଏହାକୁ ପାସ୍ କରିବା ପାଇଁ ସଂସଦର ଅଧିବେଶନ ଅପେକ୍ଷାରେ ଥିଲା । ଏହି ସମୟ ମଧ୍ୟରେ ବିରୋଧୀ ଦଳମାନେ ଇଣ୍ଡିଆ ଗଠବନ୍ଧନ ତିଆରି କରିଦେଲେ । କିନ୍ତୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିବାଲ ଏଥିରେ ମିଶିବା ପାଇଁ ସର୍ତ୍ତ ରଖିଲେ ଯେ, ଦିଲ୍ଲୀ ସରକାରଙ୍କ ବିରୋଧୀ ଏହି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଲକୁ ସଂସଦରେ ଯଦି ସବୁ ଦଳ ବିରୋଧ କରିବେ ତେବେ ହିଁ ସେ ଇଣ୍ଡିଆରେ ଅଂଶ ଗ୍ରହଣ କରିବେ ।

ସଂସଦ ଖୋଲିବା ପରେ ମୁଖ୍ୟତଃ ମଣିପୁର ମାମଲାରେ ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦିଅନ୍ତୁ ବୋଲି ଅଧିକ ମୁଖର ଭାବରେ ବିରୋଧୀମାନେ ଦାବୀ କରିଥିଲେ । ଏବଂ ଏହି ସମୟରେ ଦିଲ୍ଲୀ ଅର୍ଡିନାନ୍ସ୍ ବିଲ୍ ବିଷୟରେ ଚର୍ଚ୍ଚା ହୋଇଥିଲା । ଏଥିରେ ଉଭୟ ପକ୍ଷ ନିଜନିଜ ମତ ଉପସ୍ଥାପନ କରିଥିଲେ । ଶାସନ ପକ୍ଷରୁ ଗୃହମନ୍ତ୍ରୀ ଅମିତ ଶାହ ଏହି ଦିଲ୍ଲୀ ସପକ୍ଷରେ ମନ୍ତବ୍ୟ ଦେବାପରେ ଏହା ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଉଚ୍ଚ ଧ୍ୱନୀମତ ସହ ପାରିତ ହୋଇଥିଲା । ଏହି ବିଲ୍ ପାସ୍ ହେବାପରେ ଦିଲ୍ଲୀ ସରକାରଙ୍କୁ ଧକ୍କା ଲାଗିଥିଲା । ଏବଂ ଏହି ବିଲ୍ ପାସ କରିବାପାଇଁ ଅନେକ ବେଆଇନ ପଦକ୍ଷେପ ନେଇଥିବା ଦର୍ଶାଇ ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ରାଘବ ଚଢାଙ୍କ ସଦସ୍ୟତା ବରଖାସ୍ତ କରାଯାଇଛି ।

ବର୍ତ୍ତମାନ ଦିଲ୍ଲୀ ସରକାର କୌଣସି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବଦଳି କରି ପାରିବେ ନାହିଁ । ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିର୍ମାଣରେ ହୋଇଥିଲା ଅନିୟମିତତାକୁ ଘୋଡାଇବା ପାଇଁ ଅନେକ ଅଧିକାରୀଙ୍କୁ ତରବରରେ ବଦଳି କରାଯାଇଥିଲା ବୋଲି ଶାସକ ଦଳ ତଥା ଗଣମାଧ୍ୟମ ଦାବୀ କରିଥିଲେ ।

ମୋଦୀ ସଂଜ୍ଞାଧାରୀ ଲୋକମାନେ ହିଁ କାହିଁକି ଚୋର ବୋଲି ଦେଇଥିବା ମନ୍ତବ୍ୟ ପାଇଁ ରାହୁଲ ଗାନ୍ଧୀଙ୍କୁ ଦୁଇବର୍ଷର ଜେଲଦଣ୍ଡ ନିର୍ଦ୍ଦେଶ ମିଳିବା ପରେ ସଂସଦର ନିୟମାନୁସାରେ ତାଙ୍କର ସଦସ୍ୟତା ରଦ୍ଦ କରାଯାଇଥିଲା । ଏହାପରେ ତାଙ୍କୁ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ମାମଲା ରୁଜୁ କରିବାପାଇଁ ସୁଯୋଗ ଦିଆଯାଇଥିଲା । ଗୁଜରାଟ ଉଚ୍ଚ ଅଦାଲତ ଦଣ୍ଡାଦେଶକୁ କୋହଳ କରିବାକୁ ମନା କରିଥିଲେ । ତାପରେ ସେ ସୁପ୍ରିମ୍ କୋର୍ଟରେ ହାଜିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲେ ଏବଂ ସୁପ୍ରିମ କୋର୍ଟ୍ ତାଙ୍କୁ ଏହି ମାମଲାରେ ସମ୍ପୂର୍ଣ୍ଣ ଭାବେ ଦୋଷମୁକ୍ତ ନ ହେଲେ ସୁଦ୍ଧା ଦଣ୍ଡାଦେଶକୁ ଅଟକାଇ ଦେବାପରେ ସେ ପୁଣିଥରେ ସଂସଦରେ ହାଜର ହୋଇଥିଲେ ।

ସେ ଯେଉଁଦିନ ହାଜର ହୋଇଥିଲେ ସେଦିନ ସେ ମୋଦୀଙ୍କ ବିରୋଧରେ ଭାଷଣ ଦେବେ ବୋଲି କହିଥିଲେ, କିନ୍ତୁ ତାଙ୍କ ସ୍ଥାନରେ ଅନ୍ୟ କଂଗ୍ରେସ ସଦସ୍ୟ ଭାଷଣ ଦେଇଥିଲେ । ପରେ ସେ ଯେଉଁ ଭାଷଣ ଦେଲେ ତାହାର ଅର୍ଥ କଣଥିଲା ତାହା ଆମେ ଅନ୍ତତଃ ବୁଝି ପାରିଲୁ ନାହିଁ । ଯଦି ଆପଣ ସେଇ ଭାଷଣ ଦେଖିଛନ୍ତି ବା ଶୁଣିଛନ୍ତି ତାହେଲେ ସେ ଯାହା କହିବାକୁ ଚାହୁଁଥିଲେ ତାହା ଆମକୁ ଜଣାଇବେ ।

ଅବଶ୍ୟ କଂଗ୍ରେସ ଦଳ ଏହାକୁ ନେଇ ଯେତେ ମାତ୍ରାରେ ଉତ୍ସାହିତ ହୋଇଥିଲେ, ତାହାଠୁ ଅଧିକ ଭାଜପା ଆନନ୍ଦିତ ହୋଇଥିବା ଦେଖାଯାଉଥିଲା । ମମତା ଦିଦି ଅତୀତରେ କହିଛନ୍ତି ଯେ ରାହୁଲ ଗାନ୍ଧୀ ଭାଜପାର ଷ୍ଟାର୍ ପ୍ରଚାରକ ।

ସଂସଦରେ ଦ୍ୱିତୀୟ ଦିନ ଭାଷଣ ଦେଉଥିବା ସମୟରେ ରାହୁଲ ଗାନ୍ଧୀ ନିଜ ବକ୍ତବ୍ୟ ପରେ ବିରୋଧୀ ଭାଜପାର ସଦସ୍ୟା ସ୍ମୃତି ଇରାନୀଙ୍କୁ ଚାହିଁ ଫ୍ଲାଇଙ୍ଗ୍ କିସ୍ ଦେଇଥିଲେ । ଅତୀତରେ ସେ ସଂସଦରେ ଆଖି ମାରିଥିଲେ, ମୋଦୀଙ୍କୁ କୁଣ୍ଢେଇ ଧରିଥିଲେ, ଏବେ ଏଭଳି ବ୍ୟବହାର କରିବା ଫଳରେ ନିଜର ମାନସିକ ସ୍ଥିତି ବିଷୟରେ ଜଣାଇଦେଲେ ବୋଲି ଭାଜପା ତରଫରୁ କୁହାଯାଇଛି । ଆମେ ବି ବୁଝି ପାରୁନାହୁଁ, ଯେ କାହିଁକି ସେ ଏଭଳି କଲେ । ଅବଶ୍ୟ ତାଙ୍କର ଏତାଦୃଶ ବ୍ୟବହାରକୁ କିଛି ସଦସ୍ୟା ଆଦୌ ଖରାପ ନାହିଁ ବୋଲି କହି ମନ୍ତବ୍ୟ ଦେଇଥିଲେ । ଆମକୁ ଯଦିଓ ଏହା ଆଦୌ ଭଲ ଲାଗିଲା ନାହିଁ । ଜଣେ ସଂସଦ କିଭଳି ବ୍ୟବହାର କରିବା ଉଚିତ ତାହା ସେ ଜାଣିବା ଉଚିତ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବ ସଂଗଠିତ ଇଣ୍ଡିଆର ଦଳମାନେ ସଂସଦରେ ନରେନ୍ଦ୍ର ମୋଦୀ ସରକାରଙ୍କ ବିରୋଧରେ ମହା ଅବିଶ୍ୱାସ ପ୍ରସ୍ତାବ ଆଣିଥିଲେ । ମଣିପୁର ବିଷୟରେ ମନ୍ତବ୍ୟ ଦେବାପାଇଁ ଦାବୀ କରିଥିଲେ । କିନ୍ତୁ ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ବିଷୟରେ ଭାଷଣ ଦେବା ଆରମ୍ଭ କରିଲେ ସେଇ ସମୟରେ ବିରୋଧୀମାନେ ଗୃହତ୍ୟାଗ କରିଦେଇ ଚାଲିଗଲେ । ଏବଂ ଅବିଶ୍ୱାସ ପ୍ରସ୍ତାବ ଖାରଜ ହୋଇଗଲା ।

ମଇ ମାସର ଏକ ଘଟଣା ଯାହା ମଣିପୁରକୁ ପୁଣିଥରେ ଖବରର ଶିରୋନାମାରେ ଆଣି ରଖିଥିଲା ତାହା ଥିଲା ଦୁଇଜଣ ମହିଳାଙ୍କୁ ନିର୍ବସ୍ତ୍ର କରି ରାଜରାସ୍ତାରେ ବୁଲାଇବା । ଏହି ଘଟଣା ପରେ ଅବଶ୍ୟ କେନ୍ଦ୍ର ସରକାର ମଣିପୁରକୁ ଶାନ୍ତ କରିବା ପାଇଁ ଅନେକ ବ୍ୟବସ୍ଥା କରି ସାରିଛନ୍ତି । ତଥାପି, ବିରୋଧୀ ଦଳ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଦାବୀ କରିଥିଲେ । ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ଏହି ମାମଲାରେ ମନ୍ତବ୍ୟ ସଂସଦରେ ଉପସ୍ଥାପନ କରିଥିଲେ ବି ବିରୋଧୀମାନେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ପାଇଁ ଦାବୀ କରିଥିଲେ । ମଇ ମାସର ଘଟଣା ପରେ କେନ୍ଦ୍ର ସରକାର ମଣିପୁରରେ ଅନେକ ପରିବର୍ତ୍ତନ କରିଛନ୍ତି । ଅନେକ ଅଧିକାରୀଙ୍କୁ ବଦଳି କରାଇ ପରିସ୍ଥିତିକୁ ସୁଧାରିବାକୁ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ମଣିପୁର ଶାନ୍ତ ରହିଛି ।

ଚଳିତ ବର୍ଷ ଯୋଡ଼ା ଶ୍ରାବଣ ସମୟରେ ସୋମବାର ଦିନ ଶିବାଳୟ ମାନଙ୍କରେ ଜଳଦାନ କରିବା ପାଇଁ ଶିବଭକ୍ତମାନଙ୍କ ଅନେକ ବିଶାଳ ଆୟୋଜନ ମାନ କରିଥିଲେ । ସେଭଳି ଏକ ଆୟୋଜନ ହରିୟାଣା ସ୍ଥିତ ନୁହଁ ଅଞ୍ଚଳରେ ଜଳାଭିଷେକ ଯାତ୍ରା ହୋଇଥିବା ସମୟରେ ଜୁଲାଇ ୩୧ରେ ନୁହରେ ହୋଇଥିବା ହିଂସାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ।

ନୁହ ହିଂସା ଘଟଣାରେ ହରିୟାଣାରେ ଜଣେ ଆପ୍ (ଆମ୍ ଆଦମୀ ପାର୍ଟି) ନେତାଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି । ଆପ୍‌ର ରାଜ୍ୟ ସଂଯୋଜକ ଅହମଦ ଜାଭେଦଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି । ଜାଭେଦଙ୍କ ବିରୋଧରେ ରୁଜୁ ହୋଇଥିବା ଏତଲା ଅନୁଯାୟୀ ଜୁଲାଇ ୩୧ରେ ସୋହନାର ନିରଙ୍କରୀ ଚୌକରେ ବଜରଙ୍ଗ ଦଳ ନେତା ପ୍ରଦୀପ କୁମାରଙ୍କୁ ହତ୍ୟା କରିବାପାଇଁ ଜାଭେଦ ଉସୁକାଇଥିଲେ । ପ୍ରଦୀପ କୁମାରଙ୍କ ସହ ଅନ୍ୟ ଜଣେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ପଙ୍କଜ କୁମାର ଥିଲେ । ସେ ଉକ୍ତ ଘଟଣାରେ ଏତଲା ରୁଜୁ କରିଛନ୍ତି । ପଙ୍କଜ କୁମାର ତାଙ୍କ ଏତଲାରେ ଦର୍ଶାଯାଇଛି ଜାଭେଦ ଏବଂ ଅନ୍ୟ କିଛି ଲୋକ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ । ଏହାପରେ ପ୍ରଦୀପଙ୍କ ଉପରେ ଆକ୍ରମଣ କରିବା ପାଇଁ ଜାଭେଦ ବିଶୃଙ୍ଖଳ ଜନତାଙ୍କୁ କହିଥିଲେ ।

ନୁହ ହିଂସା ସହ ଜଡିତ ଆଉ ଏକ ଖବର ଆସିଛି । ରବିବାର ପଲୱଲ ଜିଲାର ପୋଣ୍ଡାରୀ ଗ୍ରାମରେ ହିନ୍ଦୁ ସଂଗଠନ ଦ୍ୱାରା ନୁହ ଜିଲାର ହିଂସା ସମ୍ପର୍କରେ ଏକ ମହାପଞ୍ଚାୟତ ଆୟୋଜନ କରାଯାଇଥିଲା । ଯେଉଁଥିରେ ସୋନେପାଟ, ପଲୱଲ, ଫରିଦାବାଦ, ଗୁରୁଗ୍ରାମ ଏବଂ ନୁହ ଜିଲାର ଲୋକମାନେ ଅଂଶଗ୍ରହଣ କରିଥିଲେ । ଏହି ସମୟ ମଧ୍ୟରେ, ଜଳାଭିଷେକ ଯାତ୍ରାକୁ ପୁନର୍ବାର ବାହାର କରିବା ସହିତ ଅନ୍ୟାନ୍ୟ ଅନେକ ନିଷ୍ପତ୍ତି ନିଆଯାଇଥିଲା ।

ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ଭାରତ ଭୂଷଣ, ସୋହନାର ବିଧାୟକ ସଞ୍ଜୟ ସିଂ, ପଲୱଲର ପୂର୍ବତନ ବିଧାୟକ ସୁଭାଷ ଚୌଧୁରୀ ତଥା ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟାଳୟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ଏହି ନେତାମାନଙ୍କ ମଧ୍ୟରୁ କେତେକ ସବୁଆଡେ ପଞ୍ଚାୟତ କରୁଛନ୍ତି । ସେ ଗୁରୁଗ୍ରାମର ଟିଗ୍ରା ଗ୍ରାମରେ ଅନୁଷ୍ଠିତ ପଞ୍ଚାୟତରେ ମଧ୍ୟ ଅଗ୍ରଣୀ ଥିଲେ । ସେଠାରେ ମଧ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହିଭଳି ଦାବି ଉଠିଥିଲା ।

ବକ୍ସ ଅଫିସରେ ବୋବାଲ କରୁଛି ସନ୍ନି ଦେଓଲଙ୍କ ଅଭିନୀତ ଫିଲ୍ମ 'ଗଦର-୨' ।୪୦ କୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଏହି ଫିଲ୍ମ ୩ ଦିନ ମଧ୍ୟରେ ଶହେ କୋଟି ପାର କରିଛି । ଚଳିତବର୍ଷ ରିଲିଜ ହୋଇଥିବା ଦ୍ୱିତୀୟ ବୃହତମ ରୋଜଗାର ଫିଲ୍ମ ହୋଇ ପାରିଛି । ଶାହାରୁଖ ଖାନଙ୍କ 'ପଠାନ' ପରେ ଗଦର-୨ ରେକର୍ଡ କରିବାକୁ ଯାଉଛି । ଶାହାରୁଖଙ୍କ ଫିଲ୍ମ ୫ଶହ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିବା ବେଳେ ସନ୍ନି ଦେଓଲଙ୍କ ଫିଲ୍ମ ମଧ୍ୟ ୫ଶହ କୋଟି କ୍ଲବରେ ସାମିଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।

ଶୁକ୍ରବାର ରିଲିଜ ହୋଇଥିବା ଏହି ଫିଲ୍ମ ପ୍ରଥମ ଦିନରେ ୪୦ କୋଟିର ଅଧିକ ଟଙ୍କା ରୋଜଗାର କରିଥିଲା । ଦ୍ୱିତୀୟ ଦିନରେ ୪୩ରୁ ୪୪ କୋଟି ଟଙ୍କା ରୋଜଗାର କରିଥିବାବେଳେ ରବିବାର ୫୧ରୁ ୫୨ କୋଟି ଟଙ୍କା ବ୍ୟବସାୟ କରି ପାରିଛି । ମାତ୍ର ୩ଦିନରେ ୧୩୪ କୋଟିରୁ ଅଧିକ ଟଙ୍କା ରୋଜଗାର କରିଛି ।

ଭାରତର କିଛି ସମ୍ବାଦ ପରିବେଷଣ କରୁଥିବା ସଂସ୍ଥା ଚାଇନା ଠାରୁ ଅର୍ଥ ନେଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଭାରତ ସରକାରଙ୍କ ଠାରୁ ନ ହୋଇ ପ୍ରତିଷ୍ଠିତ ନ୍ୟୁୟର୍କ ଟାଇମ୍ସ୍ ପତ୍ରିକା ତରଫରୁ କରାଯାଇଛି । ନ୍ୟୁଜ୍ କ୍ଲିକ୍ ନାମକ ଏକ ୱେବ୍ ପୋର୍ଟାଲ୍ ଏହି ଅର୍ଥ ଗ୍ରହଣ କରିଛନ୍ତି ବୋଲି ଦାବୀ କରାଯାଇଛି । ସୂଚନାଯୋଗ୍ୟ ଯେ ଏହି ପୋର୍ଟାଲ୍ ରେ ଅଭିସାର ଶର୍ମା ନାମକ ନ୍ୟୁଜ୍ ଆଙ୍କର୍ କାମ କରନ୍ତି ଏବଂ ସେ ଅନେକ ସମୟରେ ଚାଇନାକୁ ପ୍ରଶଂସା କରିବା ସହ ଭାରତ ସରକାରଙ୍କୁ ଚାଇନ୍ ଠାରୁ ଶିକ୍ଷା ଗ୍ରହଣ କରିବାକୁ ମନ୍ତବ୍ୟ ଦେଇଛନ୍ତି । ଭାରତ ନିର୍ମିତ କରୋନା ଟୀକାକୁ ନିମ୍ନମାନର ବୋଲି ଏହି ପୋର୍ଟାଲ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକାଶିତ କରିଥିଲା । ପରେ ପରେ ଅନେକ ନ୍ୟୁଜ୍ ପୋର୍ଟାଲ୍ ମଧ୍ୟ ବିଦେଶରୁ ଅର୍ଥ ନେଇଛନ୍ତି ବୋଲି ପ୍ରକାଶିତ ହୋଇଛି । ଇଣ୍ଡିଆନ୍ ଏକ୍ସପ୍ରେସ୍, ଦ ହିନ୍ଦୁ, ହିନ୍ଦୁସ୍ତାନ୍ ଟାଇମସ୍, ଫାଇନାନସିଆଲ୍ ଟାଇମସ୍ ଆଦି ଖବର କାଗଜ ପୁରା ଫର୍ଦ୍ଦରେ ଚାଇନ୍ ସମର୍ଥିତ ଆଲେଖ୍ୟ ଛାପିଥିଲେ । ଏହିଭଳି ଲେଖା ଛାପିବା ପାଇଁ ଆମେରିକାର କିଛି ଖବର କାଗଜ କୋଟି କୋଟି ଟଙ୍କା ପାଇଥିବା କଥା ଜଣାପଡିଛି, ତା ହେଲେ କଣ ଭାରତର ଏହି ସବୁ ପ୍ରତିଷ୍ଠିତ ଖବର କାଗଜ ଚାଇନ ଠାରୁ ଅର୍ଥ ଗ୍ରହଣ କରିନଥିବେ ? ଯେତେବେଳେ ଭାରତ ସରକାର ବର୍ଷ ୨୦୨୧ରେ ନ୍ୟୁଜ୍ କ୍ଲିକ୍ ପୋର୍ଟାଲ୍ ଅଫିସ୍ ଉପରେ ଆର୍ଥିକ ହେରଫେରର ତଦନ୍ତ ପାଇଁ ଚଢ଼ଉ କରିଥିଲେ ସେଇ ସମୟରେ ଅନେକ ବ୍ୟକ୍ତି ଏହାକୁ ଅଭିବ୍ୟକ୍ତିର ସ୍ୱାତନ୍ତ୍ରତା ବିରୋଧ ବୋଲି ଦର୍ଶାଇ ମନ୍ତବ୍ୟ ଦେଇଥିଲେ । ଏବେ ସେମାନେ ସବୁ ନିରବ କାହିଁକି ?

ଆଶା କରୁଛି, ବିଗତ ମାସର ଖବର ସବୁ ଆପଣ ମାନଙ୍କୁ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇ ଥିବ । ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣ ଆପଣଙ୍କୁ ଆମୋଦିତ କରିବ ବୋଲି ଆଶା କରିବା ସହ ଆପଣଙ୍କ ନିକଟରେ ଉପସ୍ଥାପିତ କରୁଛି ଆହ୍ୱାନ ।

ସମସ୍ତଙ୍କୁ ପୁଣିଥରେ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନେକ କଳାଛାଇ - ୫



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୨

ଆପଣ କହୁଛନ୍ତି ଯେ ଏ ଛୋଟ ଦ୍ୱୀପକୁ ନିଜର ବଡ ଜାଗାରୁ ଆସିଗଲେ କେବଳ ଗଛ ପାଇଁ !- ଅବିନାଶର ସ୍ୱରରେ ବିସ୍ମୟ ଥିଲା । କିନ୍ତୁ ବୁଢା ନିଜ ହିସାବରେ କିଛି କୁହନ୍ତୁ ।

ନୁହେଁ ତ କ'ଣ ? ଗଛକୁ କାଟି ଜମି ତିଆରି କଲେ, ଆଉ ଜମି ଉପରେ କାରଖାନା କଲେ । ଏ ମିଲଟା ପ୍ରାୟ ଦେଢଶହ ବର୍ଷ ହେଲା ଚାଲିଛି । ଆଉ ଏ ଦ୍ୱୀପକୁ ଲୋକମାନେ ଦୁଇଶହ ବର୍ଷରୁ ବେଶି ସମୟ ଆଗରୁ ଆସିଲେଣି । ଆଉ ତୁମ ମନଖୋଜା ମଣିଷ ସେ ଗଛମାନଙ୍କ ସହ ମିଳିଯିବ ।– ଗୋଟି ଗୋଟି ହୋଇ ବାହାରି ଆସୁଥିବା ତାଙ୍କ ଶବ୍ଦମାନ ଯେମିତି ହଜିଯାଇଥିବା ଚାଥାମର ଦିନମାନଙ୍କର ପୁରୁଣା ଷ୍ଟିମ ଇଂଜିନରୁ ଭକ୍‌ଭକ୍ ହୋଇ ଆସିଲା ଭଳି ଲାଗୁଥିଲା । ସେ ସମୟରେ ଚାଥାମରେ ଷ୍ଟିମ ଇଂଜିନରେ କରତକଳ ଚାଲୁଥିଲା । ବିରାଟ ବଏଲରରୁ ବାହାରୁଥିବା ଷ୍ଟିମ ପାଇପରେ ଅଲଗା ଅଲଗା ଜାଗାକୁ ଯାଉଥିଲା ଆଉ ଭିନ୍ନ ଭିନ୍ନ ଜାଗାରେ ଅଲଗା ଅଲଗା ମେସିନମାନ ଚାଲୁଥିଲା । ଦଳେ ମଣିଷ ଏକ କାରଖାନା କରିଦେଉଥିଲେ । ଏକ ବଡ଼ ମଣିଷଠାରୁ ଆଦେଶ ବା ଉପଦେଶ ଆସୁଛି ଆଉ ଅନ୍ୟମଣିଷମାନେ ସେଇ ହିସାବରେ ଚାଲୁଛନ୍ତି । ତା'କୁ ଏବେ ଏକ ବଡ଼ ମେସିନରୁ ଫସ୍‌ଫସ୍ କରି ଧୂଆଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହାରିବାର ଲାଗୁଥିଲା । ବୁଢାଙ୍କ କଥା ଅବିନାଶକୁ ସମୟ ସହ ପଛକୁ ଠେଲି ଦେଉଥିଲା ।

ଅବିନାଶ କିଛିଟା ଆଣ୍ଡାମାନର ଇତିହାସ ପଢିଥିଲା । ସେତେବେଳକୁ ଭାରତ ଇଂରେଜ ଅଧିନ ଥାଏ ଆଉ କଇଦୀମାନଙ୍କୁ ଦୂରକୁ ପଠାଇଦେବା ଦରକାର । ଯଦି କିଏ ବ୍ରିଟିଶ ସାମାଜ୍ୟର ବିରୁଦ୍ଧରେ ଗଲା, ତା'କୁ ନିର୍ବାସିତ କରିଦେବା ଦରକାର । ସବୁପ୍ରକାର ଜଘନ୍ୟ ଅପରାଧିମାନଙ୍କୁ ଦୂରକୁ ପଠାଇଦେବା ଦରକାର । ନିଜ ନୀତି ହିସାବରେ ଚାଲୁଥିବା ଲୋକମାନେ ପାଖରେ ରହିବେ । ଏଇ ଲକ୍ଷ୍ୟରେ ପେନାଲ ସେଟଲମେଣ୍ଟ ଆରମ୍ଭ ହେଲା । ତଥାକଥିତ ଦୁଷ୍ଟ ବ୍ୟକ୍ତିମାନେ କେଉଁ ଦୂର ଦୁନିଆରେ ଯାଇ ନିଜପାଇଁ ଜାଗା ଖୋଜନ୍ତୁ । ସେମାନଙ୍କ ମାଧ୍ୟମରେ ନୂଆ ସ୍ଥାନ ଆବିଷ୍କୃତ ହୋଇଯିବ, ସେ ଜାଗା ଆପେ ଅଧିନ ହୋଇଯିବ । ଅଷ୍ଟ୍ରେଲିଆ ତ ଇଂରେଜ କଇଦୀମାନଙ୍କ ଦ୍ୱାରା ନୂଆ ଖୋଜା ଜାଗା ହୋଇଗଲା । ସେମାନେ ବହୁ ଭାବରେ ସିଧା ଇଂଲାଣ୍ଡର ଜେଲରୁ ଆସିଥିଲେ । ଜେଲରେ ରଖି ଅଯଥା ଖର୍ଚ୍ଚ । ଜେଲର ଅର୍ଥ ହେଉଛି ଏହି ଲୋକମାନଙ୍କୁ ସମାଜରୁ ଦୂରରେ ରଖିବା, ଖାଇବାକୁ ଦେବା, ଅନୁତାପ କରିବାକୁ ଦେବା । ଯଦି ସେଇ କାମ ଏକ ନୂଆ ଦୁନିଆରେ ହୋଇଯାଏ ତେବେ ଅସୁବିଧା କ'ଣ ? ଏଥିରେ ଲାଭ ହେଉଛି ଏମାନେ ଆଉ ଏକ ନୂଆ ଦେଶ ଆପେ ଇଂଲାଣ୍ଡ ପାଇଁ ଅଧିକାର କରିଦେବେ । ଯଦି ମରିଯାଆନ୍ତି, ସଂସାରରୁ ଏକ ପାପ ଗଲା । ବେଶ ଭଲ ଉପାୟ ।

ଏଇଠିକୁ ଉଇଡ ବା ବାଲୁଙ୍ଗା ଗଛ ଆସିଗଲେ ଭଲ ଧାନ ଗଛକୁ ଦବାଇଦେଇ ମାଡିଯାଏ । ଆସିଥିବା ଲୋକମାନେ ସେଇଆ କରିଥିବେ ।- ଅବିନାଶ କିଛି ଲୋକଙ୍କ ଉପରେ ଭାବି ମନକୁ ମନ କହିଲା । ବୁଢାଙ୍କ ମିଲରୁ ସେ ଟିକେ ଅଧିକା ଭାବିନେଇଥିଲା ।

ବୁଢା ଟିକେ ହସିଲେ – ଭଲ କଥା କହୁଛ । ଅବିନାଶର ମନକଥା ଯେମିତି ବୁଢା ଜାଣିନେଲେ ଯଦିଓ ତାଙ୍କ ପୁରୁଣା କଥା ସହ ଏ କଥାର କିଛି ସଂମ୍ପର୍କ ଥିଲା ପରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗୁନଥିଲା ।

ଅବିନାଶ ନିଜ ଜ୍ଞାନ ହିସାବରେ ଆଣ୍ଡାମାନର ଇତିହାସକୁ ଭାବୁଥିଲା । ଇଂରେଜମାନଙ୍କ ଆସିବାରେ ଆଣ୍ଡାମାନରେ ଗଛସବୁ କାଟି ପେନାଲ ସେଟଲମେଣ୍ଟ ଆରମ୍ଭ ହୋଇଗଲା । ଏଇଟା ଅନ୍ୟସ୍ଥାନ ପରେ । ନିଜ ଉପନିବେଶରେ ଇଂରେଜମାନେ ପ୍ରାୟ ପେନାଲ ସେଟଲମେଣ୍ଟ ଆରମ୍ଭ କରିଛନ୍ତି । ଶ୍ରମଦାନ କରିଛନ୍ତି କଇଦୀମାନେ ବା ସେହିପରି କିଛି ଅବାଂଛିତ ଲୋକମାନେ । ବେଷ୍ଟ ମ୍ୟାନ ମ୍ୟାନେଜମେଣ୍ଟ, ଅବାଂଛିତ ଲୋକର ସଦୁପଯୋଗ । ସେ ଏକ ବୁଦ୍ଧିମାନ ଲୋକପରି ଭାବୁଥିଲା ଯଦିଓ ସେ ଏକ ଅତି ସାଧାରଣ କାମିକା ଲୋକ ଆଗରେ ଠିଆହୋଇଥିଲା । ଅବିନାଶ କଥାରେ ବୁଢାଙ୍କର ଆଖି ଉଜ୍ଜ୍ୱଳ ହୋଇଯାଉଥିଲା । ସେଇଟା ବୋଧେ ତାଙ୍କର ବୁଦ୍ଧିମତାକୁ ଦର୍ଶାଉଥିଲା । କିଛି କାମିକା ଲୋକମାନଙ୍କର ବୁଦ୍ଧି ମଧ୍ୟ ଥାଏ ।

ତା' ଜଣା ହିସାବରେ ଭିନ୍ନ ଭିନ୍ନ ଭାରତୀୟ ବିଦ୍ରୋହର କଇଦୀ ବା ସେଇମିତି ଅବାଂଛିତ ଲୋକମାନଙ୍କ ପାଇଁ ଦୂର ସମୁଦ୍ର ଭିତରେ ପ୍ରଥମ ପେନାଲ ସେଟେଲମେଣ୍ଟ ସୁମାତ୍ରା ଦ୍ୱୀପର ପଶ୍ଚିମ ଉପକୂଳରେ ୧୭୮୭ ମସିହାରେ ଆରମ୍ଭ ହୋଇଥିଲା । ପରେ ମାଲାକାରେ ଆଉ ଏକ ପେନାଲ ସେଟେଲମେଣ୍ଟ ଆରମ୍ଭ ହେଲା । ସିଙ୍ଗାପୁର (ସେତେବେଳର ଶାନନ)ରେ ମଧ୍ୟ ପେନାଲ ସେଟେଲମେଣ୍ଟ ଥିଲା ଆଉ ସେଠାରେ ୧୧୦୦-୧୨୦୦ କଇଦୀ ରହୁଥିଲେ । ଆଣ୍ଡାମାନ ଛଡା ବ୍ରିଟିଶ ସାମାଜ୍ୟରେ ଅନେକ ପେନାଲ ସେଟେଲମେଣ୍ଟ ଯଥା ମାଲାକା, ସିଙ୍ଗାପୁର, ଆରାକାନ ଇତ୍ୟାଦି ଥିଲା । ପ୍ରଥମ ପେନାଲ ସେଟଲମେଣ୍ଟ ଆଣ୍ଡାମାନରେ ୧୭୮୯ ମସିହାରେ ଆରମ୍ଭ ହୋଇଥିଲା ଆଉ ୧୭୯୬ ମସିହାରେ ଶେଷ ହୋଇଥିଲା ।

ତୁମେ ଭାସୁଥିବା ଗଛମାନଙ୍କୁ ଦେଖ । ଏକ ବଡ଼ ଭେଳା । ସେ ଭେଳାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନେ ଆସୁଛନ୍ତି ।- ବୁଢା କହିଲେ । ତାଙ୍କ ଆଖି ଖାଲି ଜାଗାଦେଇ ସମୁଦ୍ର ଆଡକୁ ଚାଲିଯାଉଥିଲା । ବୁଢା ଅବିନାଶକୁ ଚମକାଇ ଦେବାକୁ ଯେମିତି କହୁଥିଲେ ।

ବିନାଶ ଦୁଇପାଖେ କାନ୍ଥଥିବା ଏକ ଗଡାଣିଆ ହୋଇଯାଇଥିବା କାଠର ରାସ୍ତାକୁ ଦେଖିଲା । ରାସ୍ତାରେ ତକ୍ତାମାନ ଲାଗିଛି, ଖସଡିଆ ଜଣା ପଡୁଛି । ସେପଟେ ଆଗକୁ ସମୁଦ୍ର ଭିତରେ ଛକି ଛକି ହୋଇଥିବା ଏକ ସିମେଣ୍ଟ ପାଚେରୀ ଅଛି । ପାଣି ଆସିବ କିନ୍ତୁ ପାଚେରୀ ପାଇଁ ବଡ଼ କିଛି ବାହାରକୁ ଯିବନି । ଦୁଇଟା ମୋଟା ଖୁଣ୍ଟ ଭିତରେ ପାଚେରୀ ନଥାଇ କିଛି ଖାଲି ଜାଗା । ସେ ବାଟଦେଇ ଲଗ ପଣ୍ଡ ଭିତରକୁ ଲଗ ସମୁଦ୍ରରୁ ଲଗ ଟଣାହୋଇ ଆସିବ । ପାଚେରୀର ତଳ ଆଡକୁ ମୋଟା ନାଇଲନ ରଶିର ଜାଲ ଲାଗିଥିଲା । ଭିତର ଆଡକୁ ପାଣି କଳା, କିନ୍ତୁ ଶାନ୍ତ ଥିଲା । ପାଚେରୀର ବାହାରେ ପାଣି ନୀଳ ଦେଖାଯାଉଥିଲା, ବୋଧହୁଏ ପ୍ରତିଫଳନ ଯୋଗୁ । ତା'ପରେ ଏକ ବଡ଼ ସବୁଜିଆ ପାହାଡମାଳା । କିଛି ଭାସୁଥିବା କାଠଗରଗୁଡାକୁ ଦେଖିପାରୁନଥିବାରୁ ଆଉ ଟିକେ ଭଲକରି ଦେଖିବା ପାଇଁ ସେ କାଠଗର ଡେଇଁ ସମୁଦ୍ର କୂଳ ଆଡକୁ ବୁଲି ଆସିଲା । ଡାହାଣ ଆଡକୁ କିଛି କାଠଗର ପାଣିରେ ଗୋଟାଗୋଟା ହୋଇ ଭାସୁଥିଲା । କିଛି କାଠଗରରେ ନେଳି ଲାଗିଗଲାଣି, କିଛି ଟିକେ କଳା ପଡିଆସୁଛି । ବେଶ କିଛିଦିନ ହେଲା ପାଣିରେ ଅଛି । କାଠଗରକୁ ପାଣିରେ ରଖିଲେ ସେଥିରେ ପୋକ ଲାଗନ୍ତିନି ଆଉ ଚିରିବା ମଧ୍ୟ ସହଜ । କିନ୍ତୁ ଭେଳା ତ କାହିଁ ନଥିଲା ।

ଭେଳା ତ କାହିଁ ନାହିଁ । ଖାଲି କାଠଗର କେତେଟା ଲଗ ପଣ୍ଡ ଭିତରେ ।- ଅବିନାଶ ଉତ୍ତର ଦେଲା ।

ଅବିନାଶକୁ ସମୁଦ୍ର ଦେଖାଯାଉଥିଲା । ପାଣିରେ ଆଜିକାଲି ଲୁହାର ଜାହାଜ ଚାଲୁଛି । ଭେଳା ହୋଇ କାଠ ସମୁଦ୍ରରୁ ଆସୁନି । ଲଗପଣ୍ଡରେ ଥିବା କାଠମାନ ସମୁଦ୍ରରେ ଆସୁଥିବା ଜାହାଜରୁ ପାଣିରେ ଉତ୍ତାରି ଦିଆଯାଏ ଆଉ ସେଗୁଡାକୁ ଲଗପଣ୍ଡ ଭିତରକୁ ଟାଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଣାଯାଏ । କିନ୍ତୁ ଉପସାଗରରେ ଆଜିକାଲି କାଠର ଭେଳା ତ ଭାସୁନି । ସେପଟ ଦୂରରେ ଏକ ବିଶାଳ ଧଳା ନୀଳ ଜାହାଜ ପାଣିରେ ଠିଆ ହୋଇଛି ।

ତୁମ ଆଖି ଡୋଳାକୁ ଜାଣି ଜାଣି ଟିକେ ବଡ଼ କରିଦିଅ । ତାହାହେଲେ ବେଶି ଆଲୋକ ଭିତରକୁ ଆସିବ ଆଉ ତୁମେ ବହୁ ଜିନିଷ ଦେଖିପାରିବ । ତୁମ ଆଖି ଭିତରେ ଯଥେଷ୍ଟ ଆଲୋକ ପଶିପାରୁନି ନା ।- ବୁଢା ଏତିକି କହି ଟିକିଏ ହସିଲେ । ଅବିନାଶ ମଧ୍ୟ ତାଙ୍କ ସହ ହସିଲା । ତା'ପରେ ଜାଣି ଅବିନାଶ ଆଖିକୁ ନିଜ ଆଙ୍ଗୁଠିରେ ଟାଣି ବଡ଼ କରିଦେଲା । ଡୋଳା ବଡ଼ କରିଦେଲେ ବେଶି ଆଲୋକ ସତରେ ଆସିବ !

ଅବିନାଶକୁ ଏବେ କିଛି ପୁରୁଣା ସମୟର ଜାହାଜ ଯେମିତି ଦେଖାଦେଉଥିଲା । ବଡ଼ ବଡ ଗଛ ଯୋଡି ବିରାଟ ବିରାଟ ଭେଳାମାନ କରିଦିଆଯାଇଛି ଆଉ କିଛି ଲୋକ ଆଣ୍ଡାମାନକୁ ଗଛ ସଂନ୍ଧାନରେ ଆସିଯାଉଛନ୍ତି କିମ୍ବା ନୂଆ ଜାଗା ଖୋଜିବାକୁ ପହଞ୍ଚିଯାଉଛନ୍ତି । କିଛି ତା'ପରେ କାଠ ତିଆରି ଜାହାଜରେ ଆଉ କିଛି ନୂଆ ଲୋକ ଆସୁଛନ୍ତି ଆଉ କିଛି ଆସୁଛନ୍ତିଧୂଆଁ ଛାଡି ଜୋରରେ ଯାଉଥିବା ଜାହାଜରେ । ଅବିନାଶ ନିଜ ମୁଣ୍ଡକୁ ହଲାଇଦେଲା । ତା'କୁ କ'ଣ ଦେଖାଯାଉଛି ? ସେ ପ୍ରକୃତିସ୍ଥ ହେଲା । ବାହାରେ ଜାହାଜମାନ ଚାଲୁଥିଲା । ଏବେକାର ଲୁହା ତିଆରି ଜାହାଜ । ସେ ସମୟରେ କ'ଣ ଲୁହା ତିଆରି ଡିଜେଲ ଇଂଜିନ ଚାଳିତ ଜାହାଜ ଥିବ ? ଏବେକାର କେଉଁ ଜାହାଜରୁ ଭକ୍‌ଭକ୍ ହୋଇ କଳା ଧୂଆଁ ବାହାରୁନଥିଲା । ମଝିରେ ମଝିରେ କିଛି ଜାହାଜର ପୁଙ୍ଗା ଶବ୍ଦ ଅବଶ୍ୟ ଶୁଣାଯାଉଥିଲା । ସେପଟେ ପାଣି ସେମିତି ନୀଳ ଥିଲା ଆଉ ତା'ପରେ ବଡ଼ ସବୁଜ ପାହାଡ । କିଛି ଜାହାଜ ଜେଟିରେ ଲାଗିଥିଲା ।

ପାଣିରେ ତ ଏବେ ଜାହାଜ ଚାଲୁଛି ଆଉ ଚାଥାମ ଦ୍ୱୀପକୁ ବହୁ ଲୋକ ଯିବା ଆସିବା କରୁଛନ୍ତି ।- ଅବିନାଶ ଲୋକମାନଙ୍କୁ ଦେଖି କହିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଣ୍ଡାମାନରେ ଚାଥାମ ଦ୍ୱୀପର ଜେଟି ସବୁଠାରୁ ବ୍ୟସ୍ତ ଜେଟି । ପ୍ରାୟ ସବୁବେଳେ ଏଠୁ ଷ୍ଟିମର ଛାଡେ ବା ପହୁଞ୍ଚେ । ଦକ୍ଷିଣ ଆଣ୍ଡାମାନ ପଟେ ଅନେକ ଜେଟି ଅଛି । ସେପଟେ ଲୋକସଂଖ୍ୟା ବଢିଗଲାଣି । ଚାଥାମର ଉପସ୍ଥିତି ବି ସେମିତି । ଏପଟ ହାଡୋରୁ ଏକ ଲମ୍ବା ବ୍ରୀଜ ଏହି ଛୋଟ ଦ୍ୱୀପକୁ ଆବରଦ୍ଦୀନ ପଟ ମୁଖ୍ୟଭୂମିକୁ ଯୋଡୁଛି । ଆଉ ସେପଟେ ବଡ଼ ଗଭୀର ଉପସାଗର ପରେ ବାମ୍ବୁଫ୍ଲଟ ଜେଟି, ମାନରଘାଟ, ଶୋଆଲ ବେ, ଉଇମ୍ବରଲିଗଞ୍ଜ ଆଉଏମିତି କେତେ ଅଂଚଳ । ଚାଥାମର ଷ୍ଟ୍ରାଟେଜିକ ଇମ୍ପରଟାନସ ଆଛି । ତେଣୁ ବଡ଼ କରତକଳ କେଉଁ ଶତାବ୍ଦୀ ପଛରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ବି ଚାଲୁଛି । ସେତେବେଳେ ସବୁ ଜାଗାରେ କାଠ ବୋହିବା ପାଇଁ ଜାହାଜମାନ ଥିଲା । ଆଗରୁ କାଳେ ଏଠି ଜାହାଜ ପରେ ଜାହାଜ ଦିନ ଦିନ ଧରି ଲାଗୁଥିଲା । କାଠ ଅନଲୋଡିଙ୍ଗ ରାତିଦିନ ଚାଲୁଥିଲା । ସବୁ ପ୍ରକାର କାଠ ଆସୁଥିଲା । ପାଡକ, ଚୁଇ, ମାର୍ବଲ ଉଡ ଭଳି ଅର୍ଣାମେଣ୍ଟାଲ ଉଡ । ବ୍ଲାକ ଚୁଗଲମ୍, ଟମପିଙ୍ଗ, ପେମା, ମହଵା, ଗର୍ଜ୍ଜନ ଭଳି ଭଲ ମୂଲ୍ୟବାନ କାଠ । ବାଦାମ, ରେଡ ବମ୍ବେ ଭଳି ଟିକିଏ କମ ମୂଲ୍ୟବାନ କାଠ ଆଉ ଟିପକ, ଧୂପ ଭଳି ସଫ୍ଟଉଡ । ଏବେ କିନ୍ତୁ କମ ହୋଇଗଲାଣି ।

ସେଇ ଭେଳାମାନ ଏଠି ପହଞ୍ଚିଲା । ନୂଆ ଲୋକ ବାହାରୁ ଆସିଲେ । ତା'ପରେ ଏଇ ଚାଥାମ ଦ୍ୱୀପରୁ ଆଣ୍ଡାମାନର ଅନ୍ୟ ଅଞ୍ଚଳକୁ ନୂଆ ନୂଆ ଲୋକ ଯାଇଥିଲେ । ପ୍ରଥମରୁ ଅନ୍ୟଯାଗା କେଉଁଠି ଥିଲା କି ? ଏବେକାର ଆଣ୍ଡାମାନ ଏଇଠୁ ଆରମ୍ଭ ହୋଇଛି ।– ସେ କହିଲେ । ଅବିନାଶ ଏକଥା ମାନିବାକୁ ରାଜିଥିଲା । ଏତେ ବୋଟ ଚାଲୁଛି ଏଇଠୁ । ଏତେ ଲୋକ ଯିବା ଆସିବା କରୁଛନ୍ତି । ଆରମ୍ଭ ନିଶ୍ଚିତ ଭାବେ ଏଇଠୁ ହୋଇଥିବ । ତା' ମନରେ କିଛି ସନ୍ଦେହ ଆସୁନଥିଲା ।

କଥାଟା ଚମତ୍କାର । ମୁଁ ତା'ହେଲେ ଏକ ଯାତ୍ରାର ଆରମ୍ଭରେ ଠିଆ ହୋଇଛି । ଯାତ୍ରାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭରୁ ଚାଲିଲେ ଯାତ୍ରାଟା ବୁଝିହୁଏ, ମଝିରୁ ଚାଲିଲେ ହୁଏତ ପୁରା ବୁଝିହୁଏନା ଆଉ ପ୍ରକୃତ ରୋମାଂଚ ଜାଣିହୁଏନା ।- ଅବିନାଶ ମନରେ ଉତ୍ସାହ ଥିଲା । ଅବିନାଶର ମନ ଏବେ ଲୋକ ଖୋଜାରୁ ଯାତ୍ରାକୁ ଚାଲିଗଲାଣି ।

ପ୍ରକୃତରେ ୧୭୮୮-୮୯ ମସିହାରେ ଆଣ୍ଡାମାନରେ ପେନାଲ ସେଟଲମେଣ୍ଟ ଆରମ୍ଭ କରିବା ଉଦ୍ଦେଶ୍ୟରେ ଏକ ବନ୍ଦର ଖୋଜିବା ପାଇଁ ବ୍ରିଟିଶ ନୌସେନାର ଲେଫଟନାଣ୍ଟ ଆର୍କିବାଲ୍ଡ ବ୍ଲେଆର ଓ ଲେଫଟନାଣ୍ଟ ରବର୍ଟ ହାଇଡ କୋଲବ୍ରୁକଙ୍କ ନେତୃତ୍ୱରେ ଏକ ଦଳ ଆଣ୍ଡାମାନ ଉପକୂଳରେ ସର୍ଭେ ଆରମ୍ଭ କଲେ ଓ ଆଜିର ପୋର୍ଟବ୍ଲେଆରକୁ ଉପଯୁକ୍ତ ସ୍ଥାନ ଭାବିଲେ । ଏହାକୁ ପୋର୍ଟ କର୍ଣ୍ଣଓ୍ୟାଲିସ (ଭାଇସରୟଙ୍କ ଲର୍ଡ ନାମରେ କର୍ଣ୍ଣଓ୍ୟାଲିସ ନାମରେ) ବୋଲି ନାମକରଣ କରାଗଲା । ସେହି ଖୋଜିବା ଫଳରେ ଚାଥାମ ଦ୍ୱୀପରେ (ସେ ସମୟର ମାର୍କ ଦ୍ୱୀପ) ୧୭୮୯ ମସିହାରେ ପେନାଲ ସେଟଲମେଣ୍ଟ ଆରମ୍ଭ ହେଲା । ସେମାନଙ୍କ ସହ ପ୍ରାୟ ଦୁଇଶହ ସିପାହୀ, କୁଶଳୀ ଶ୍ରମିକ, ମେକାନିକ ଆଉ ସାଧାରଣ ଶ୍ରମିକ ଥିଲେ । ବ୍ଲେଆର ଜଙ୍ଗଲ ସଫାକରି ଫଳ, ପରିବା, ଘାସ ଇତ୍ୟାଦି ଲଗାଇବା ଆରମ୍ଭ କଲେ । ରହିବା ପାଇଁ ଆଶ୍ରୟସ୍ଥଳୀ, ଚିକିତ୍ସା ପାଇଁ ହସପିଟାଲ ଇତ୍ୟାଦି ତିଆରି କରାଗଲା । ୧୭୯୦ ମସିହା ସୁଦ୍ଧା ଚାଥାମର ବହୁ ଅଂଶ ସଫା ହୋଇଯାଇଥିଲା । ଆଉ ବହୁ ଚଞ୍ଚଳ ସେମାନେ ଏକ ରାସ୍ତା ଫୋନିକ୍ସ ବେରୁ ନେଭି ବେ ପର୍ଯ୍ୟନ୍ତ ତିଆରିକଲେ । କିନ୍ତୁ ଦୁଇବର୍ଷ ପରେ ସେଟଲମେଣ୍ଟ ଉତ୍ତର ଆଣ୍ଡାମାନର ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହା ସ୍ୟାଡଲ ପିକର ଉତ୍ତରକୁ ଅବସ୍ଥିତ ଥିଲା । ଏହାକୁ ମଧ୍ୟ ପୁନଃ ନାମକରଣ ପୋର୍ଟ କର୍ଣ୍ଣୱାଲିସ (ଏରିଅଲ ବେର ପ୍ରାକୃତିକ ବନ୍ଦର, ବର୍ତ୍ତମାନର ଡିଗିଲିପୁର ଅଞ୍ଚଳ) କରାଗଲା ।

ଆଣ୍ଡାମାନରେ ବହୁ କିଛି ଘଟଣା ଘଟିଯାଇଥିବ । ନୂଆ ଜାଗାର ଆବିଷ୍କାର, ନୂଆ ଅନୁଭୂତି । ନୂଆ ରୋମାଞ୍ଚ । ଯାତ୍ରରେ ଉତ୍ଥାନ ପତନ ଦେଖାଯିବ । ସମତଳ ଭୂମିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଲିଲେ ଗାଡିରେ ଗଡିଗଲାପରି ଲାଗେ । ନିଦ ଲାଗିଯାଏ । ଆଉ କେତେବାଟ ଚାଲିଗଲା ଜାଣି ହୁଏନାହିଁ ।- ଅବିନାଶ ଏତିକି କହି ନିଜକୁ ନିଜେ ହସି ଉଠିଲା ।

ତା'ପରେ ନିଜକୁ ନିଜେ ଘଟଣାର ଆକଳନ କରିଲା । ସବୁଭୂମିକୁ ଆଉ କେହି ଅଧିକାର କରିଥିବେ ଆଗରୁ । ତଥାକଥିତ ସଭ୍ୟ ମନୁଷ୍ୟର ଯାତ୍ରା ଏଇ ଦୁଇଶହ ବର୍ଷହେଲା ତ ଆରମ୍ଭ ହୋଇନି । କେତେ କେତେ ହଜାର ବର୍ଷ ପୂର୍ବରୁ ମନୁଷ୍ୟର ଯାତ୍ରା ଆରମ୍ଭ ହୋଇଛି । ଇଂରେଜ, ଡଚ, ଫ୍ରାନସିସି ଆଦି ଶ୍ୱେତାଙ୍ଗଙ୍କ ଏପଟକୁ ଯାତ୍ରା କେତେ ଶହ ବର୍ଷ ପୂର୍ବରୁ । ଆଗରୁ ଏଠି କଳା ଲୋକମାନେ ଥିଲେ । ଜଙ୍ଗଲ ଭିତରେ ରହୁଥିବା ହେତୁ ସେମାନଙ୍କ ପାଖରେ ଜ୍ଞାନର ସୀମା ସଙ୍କୁଚିତ ଥିଲା । ତେଣୁ ଅସ୍ତ୍ରର ଜ୍ଞାନ ମଧ୍ୟ କମଥିଲା । କିନ୍ତୁ ସେମାନେ ନୂଆ ଲୋକଙ୍କୁ ନିଜ ଜାଗାରେ ଦେଖି ବିଚଳିତ ହୋଇଯାଇଥିଲେ । ଅବିନାଶ ନିଜ ହିସାବରେ ବହୁ ଜାଣିଥିବା କଥା ମନେ ପକାଉଥିଲା । ଅବିନାଶ ଏବଂ ବୁଢା ଦୁହେଁ କାଠଗର ଉପରେ ବସି ବାହାରକୁ ଅନାଇଥିଲେ । ଅନେକ ସମୟ ପରେ ବୁଢା ଜଣକ ଏକ ଲମ୍ବା ଡେଇଁ ଆଉ ଏକ ପୁରୁଣା କାଠଗର ଉପରେ ସହଜରେ ବସି ପଡିଲେ । ଏମିତି ହଠାତ୍ ଡିଆଁ ?

ପୋକଟାଏ କାମୁଡି ପକାଇଗଲା ।- ବୁଢା କହି ହସିଦେଲେ

ତା' ଜାଗା । ମୁଁ ଆସି ବସିଛି । ତେଣୁ ନିଜ ଶକ୍ତି ହିସାବରେ ଟିକେ କାମୁଡିଦେଲା ।- ବୁଢା ପୁଣି କହିଲେ ।

ଅବିନାଶ କାଠଗରମାନଙ୍କୁ ଅନାଇଲା । କେତେଟା ପୁରୁଣା ଲାଗୁଥିବା କାଠଗର ପାଖକୁ ଗଲା । କିଛିରେ କଣା ହୋଇଯାଇଛି । ବୋଧହୁଏ ଅନେକ ଦିନ ହେଲା ଜଙ୍ଗଲରେ କଟା ହୋଇ ପଡିଥିବ । କିଛିର ଛେଲି ପ୍ରାୟ ସଢିଗଲାଣି ଆଉ ଉପର ନରମ କାଠ ଖରାପ ହୋଇ ଆସିଲାଣି । ଗୋଟାଏ ଗରରେ କାନ ଭଳି ଦେଖାଯାଉଥିବା ଅନେକ ଫଙ୍ଗସ୍ । ପ୍ରାୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅର୍ଦ୍ଧବୃତ୍ତ କରି ଫଙ୍ଗସମାନ କାଠରେ ଯୋଡିହୋଇଛି । ବାହାର ଆଡକୁ ହାଲୁକା ପାଉଁଶିଆ ଧଳା ବର୍ଣ୍ଣର, ଭିତର ଆଡକୁ କାଳିଚିଆ ରଙ୍ଗଆଉ ହାଲୁକା ସବୁଜ ଧଳା ରଙ୍ଗର ଅର୍ଦ୍ଧବୃତ୍ତର ପଟ୍ଟୀ । ଭିନ୍ନ ଭିନ୍ନ ଆକାରର ଏକଜାତୀୟ ଫଙ୍ଗସ । ଏକ କଲୋନୀ କରିସାରିଛନ୍ତି । ଦେଖିବାକୁ ବେଶ ସୁନ୍ଦର ଲାଗୁଛି । ବହୁତ ୱେଷ୍ଟ ବା ନଷ୍ଟ କାଠ ବାହାରିବ । କିନ୍ତୁ ଆଜି ତ ସୁନ୍ଦର ଫୁଲ ଭଳିଆ ଛତୁମାନ ଫୁଟି ଉଠିଛି ।

ଫଙ୍ଗସର କଲୋନୀ ଦେଖି ଅବିନାଶ ମଣିଷର କଲୋନୀ କଥା ଭାବିଲା । ବଡରୁ ଛୋଟ ସବୁ ଏକା ଶ୍ରେଣୀର ଲୋକ ଗୋଟାଏ ଜାଗାରେ ରୁହନ୍ତି । ଫଙ୍ଗସ ଗଛର ଅଂଶ ନୁହେଁ, କିନ୍ତୁ ଗଛରେ କଲୋନୀ କରିସାରିଛି ଆଉ କାଠକୁ ଜଲଦି ସଢାଇ ଦେଉଛି । ସେଇମିତି ବାହାର ଲୋକମାନେ ଆଣ୍ଡାମାନରେ କଲୋନୀ କରିନେଲେ ଆଉ କିଛି ଅସୁବିଧା ମଧ୍ୟ ଆସିଗଲା । ଏଠାକାର ଆଦିମ ଅଧିବାସୀ ଗ୍ରେଟ ଆଣ୍ଡାମାନିଜମାନଙ୍କ ଜୀବନରେ ଇଂରେଜ ଆଉ ସେମାନଙ୍କର କଇଦୀମାନେ ଫଙ୍ଗସ ଭଳି ଆସିଗଲେ । ଫଳରେ କିଛି ଲଢେଇ ଘଟିଗଲା । ପୋକ ପିମ୍ପୁଡି ଭଳି ସାମାନ୍ୟ ଜନ୍ତୁ ବ୍ୟସ୍ତ ବିବ୍ରତ ହୋଇଗଲା ଭଳି ଆଦିମ ଅଧିବାସୀ ଆଣ୍ଡାମାନିଜମାନେ ମଧ୍ୟ ଅସ୍ତବ୍ୟସ୍ତ ହୋଇଗଲେ । ସେ ଆଣ୍ଡାମାନ ଉପରେ ଆହୁରି କଥା ମନେ ପକାଉଥିଲା । ଏ କାଠଗରଗୁଡାକ ଉପରେ ବସିପଡିଲେ କେମିତି ପୁରୁଣା ଦୁନିଆର କଥା ଆପେ ମନେପଡିଯାଏ । ପୁରୁଣା ଜିନିଷ ଉପରେ ବସିଲେ କ'ଣପାଇଁ ପୁରୁଣା କଥା ମନେପଡେ କେଜାଣି ? ଅବିନାଶ କାଠଗର ଉପରେ ପ୍ରାୟ ପୁରା ଆଉଜିଗଲା ।

ତା' ଜଣା ହିସାବରେ ତା'ପରେ କିଛି ଦିନ ଅବଶ୍ୟ ଇଂରେଜମାନେ ଉତ୍ତର ଆଣ୍ଡାମାନରେ ରହିଥିଲେ, କିନ୍ତୁ ପରେ ସେଠାରୁ ଚାଲିଯାଇଥିଲେ । ପୁରୁଣା ତଥ୍ୟ ହିସାବରେ ଅନେକ ଛୋଟ ଛୋଟ ଖଣ୍ଡ ଯୁଦ୍ଧ ଆଦିମ ଅଧିବାସୀ ଆଉ ବ୍ରିଟିଶରମାନଙ୍କ ମଧ୍ୟରେ ହୋଇଥିଲା । କିଛିଦିନ ପରେ ମେ ୧୭୯୬ ମସିହାରେ ମ୍ୟାଲେରିଆର ପ୍ରାଦୁର୍ଭାବ ଯୋଗୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପେନାଲ ସେଟଲମେଣ୍ଟ ବନ୍ଦ ହୋଇଗଲା । କଇଦୀମାନଙ୍କୁ ପେନାଙ୍ଗ ଆଉ ସେଟଲର ମାନଙ୍କୁ ବେଙ୍ଗଲ ଫେରାଇ ନିଆଗଲା । ସେହି ସମୟରେ ସମୁଦ୍ରକୂଳରେ, ଏପରିକି ନର୍ଥ ବେର ବନ୍ଦର କୂଳରେ କେବଳ ଗ୍ରେଟ ଆଣ୍ଡାମାନିଜମାନେ ରହୁଥିଲେ । ବେଳେବେଳେ ଅବଶ୍ୟ ଆଣ୍ଡାମାନର କୂଳଦେଇ ଜାହାଜମାନ ଯାଉଥିଲା ।

ବ୍ରିଟିଶ ନୌବହର ୧୮୨୪ ମସିହାରେ ବର୍ମା ଯିବାବେଳେ ଆଣ୍ଡାମାନରେ ଅଟକିଥିଲା । ସେତେବେଳେ ଆଣ୍ଡାମାନର ଆଦିମ ଅଧିବାସୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏମିତି ଜାହାଜର ସେକେଣ୍ଡ ଅଫିସର ଆଦିମ ଅଧିବାସୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ । ୧୮୩୯ ମସିହାରେ ପର୍ତ୍ତୁଗୀଜ ଜନ୍ମିତ ଜଣେ ବିଶିଷ୍ଟ ଭୂତତ୍ତ୍ୱବିଦ ଡଃ ହେଲଫର ଏଠାରେ ପ୍ରାଣ ହରାଇଥିଲେ । ସେ ଭାବୁଥିଲେ ଏଠାରେ ସୁନା ପ୍ରଚୁର ପରିମାଣରେ ଅଛି ।

ଏହା କି ଭୌଗୋଳିକ ଜ୍ଞାନ ବା ଖଣିଜ ଉପରେ ଜ୍ଞାନ ? ଆଜି ପର୍ଯ୍ୟନ୍ତ ମଧ୍ୟ ଆଣ୍ଡାମାନରେ ସୁନା ଆବିଷ୍କୃତ ହୋଇନି । ମୂର୍ଖାମୀ କୁହାଯିବ ।-ଅବିନାଶ ନିଜକୁ ନିଜେ କହିଲା । କିଛି କହିଲେ ଲାଗେ ଯେମିତି ସେ ଧ୍ୟାନର ସହ କିଛି ଭାବୁଛି । ଆଣ୍ଡାମାନକୁ କିଛି ଆବିଷ୍କାର କରିବା ପାଇଁ ଆସିବା ସମୟ କେମିତି ମଜାଦାର ଥିବ ? ଅବଶ୍ୟ ସେହି ସମୟରେ ଅଭିଯାତ୍ରୀମାନେ ନୂଆ ଦେଶ, ନୂଆ ସ୍ଥାନ ଆବିଷ୍କାରରେ ଲାଗିଯାଇଥିଲେ । ଆଗର ଦୁନିଆଟା ଏକ ବହିର ଫର୍ଦ୍ଦ ଖୋଲିଲା ପରି ପବନରେ ପୃଷ୍ଠା ପରେ ପୃଷ୍ଠା ଖୋଲିଯାଉଥିବ । ଏମିତି ବି ଏକ ଆଶା ସହ ଭୌଗଳିକବିଦ୍, ଭୁତତ୍ତ୍ୱବିଦ୍ ନୂଆ ଦୁନିଆକୁ ଯାଏ । ସବୁବେଳେ ଏମିତି ହେବ ବୋଲି କିଛି ଠିକଣା ନଥାଏ । କିଛି ପରୀକ୍ଷା ନିରୀକ୍ଷା, କିଛି ସଫଳତା, କିଛି ବିଫଳତା ପରେ ଯାଇ ପ୍ରକୃତ ତଥ୍ୟ ସାମାନକୁ ଆସେ । ତାହା ପୁଣି ଏକଦମ ସଠିକ୍ ବୋଲି କହିହେବନି । ସବୁବେଳେ ମନୁଷ୍ୟ ସଠିକତାକୁ ନିଜର ଅର୍ଜ୍ଜିତ ଜ୍ଞାନ ମାଧ୍ୟମରେ ତଉଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଭିତରେ ବୁଢା ବାହାର ଆଲୁଅକୁ ଅନାଇ ନିଜ ଭିତରେ କେମିତି ଶୋଇ ଯାଇଥିଲେ । ଏତେ ଉଛୁଳୁଥିବା ବୁଢା ଝଲସାଇ ଦେଉଥିବା ଆଲୁଅକୁ ଦେଖି ଆଖି ବନ୍ଦକରି ପୁଣି ଖୋଲୁଥିଲେ । ତାଙ୍କ ନିଦ ଆସୁଥିବା ଭଳି ଲାଗୁଥିଲା । ଏ ପୁରୁଣା କାରଖାନାକୁ ମନେ ପକାଇଲେ ଲାଗିବ ମଣିଷ ଆଉ କାରଖାନା ଦୁହେଁ ପ୍ରାୟ ଏକ । ଷ୍ଟିମ ଇଂଜିନ ଚାଳିତ କାରଖାନରେ ବେଶି ଷ୍ଟିମ ଆସିଲେ ଜୋରରେ କଳମାନ ଚାଲିବ, ଆଉ ଷ୍ଟିମ କମ ଆସିଲେ ଆପେ କଳର ଗତି କମ ହୋଇଯିବ । ମଣିଷର ଶକ୍ତି ସେମିତି କମ ବେଶି ହୁଏ । ବୁଢା ବୋଧହୁଏ ଟିକେ ଧିମେଇଯାଇ ନିଜ ଶରୀର ଭିତରେ ବଏଲରକୁ ବେଶି ଶକ୍ତି ଉତ୍ପାଦନ କରିବାକୁ ଦେଉଥିବେ । ଏଇଠି ତ ଚାଥାମର ପ୍ରଥମ ଦିନମାନ ସ୍ମୃତି ହୋଇ ରହିଯାଇଛି ।

ସେମାନେ କଥା ହେଉଥିବା ଜାଗାରୁ ବାସ୍ କେଇ କଦମ ପରେ ମାଟିଆଡକୁ ଅଛି ପୁରୁଣା ବଏଲର । ଆଜି ସଂମ୍ପୂର୍ଣ ଅକାମୀ । ମୋଟା ଇଟାରେ କାନ୍ଥ ତିଆରି କରଯାଇଛି, ତଳ ଆଡକୁ ବେଶ ମୋଟ କାନ୍ଥ ଆଉ ଉପରକୁ ମୋଟାଇ କମ ହୋଇଯାଇଛି । ଏକ ଫାଙ୍କରେ ତଳେ ଦିନେ କାଠ ଜଳୁଥିଲା । ଭିତରେ ନିଆଁ ଜଳା ଦେଖିବା ପାଇଁ ଲୁହାର ମୋଟା ଦରଜ୍ଜାଜା ଥିଲା । ଆଉ ଉପରେ ଥିଲା ବିରାଟ ଲୁହାର ପାତ୍ର । ସେଥିରେ ପାଣି ଭରୁଥିଲା ଆଉ ଷ୍ଟିମ ତିଆରି ହେଉଥିଲା । ସେ ଷ୍ଟିମ ଏକ ବହୁତ ମୋଟା ଲୁହା ପାଇପରେ ଏକ ମୋଟା ସିଲିଣ୍ଡ୍ରିକାଲ କଣ୍ଟେନରକୁ ଆସୁଥିଲା ଆଉ ସେ କଣ୍ଟେନରରୁ ଅଲଗା ଅଲଗା ଜାଗାକୁ ବାଷ୍ପ ଯାଉଥିଲା । ଷ୍ଟିମ କଣ୍ଟ୍ରୋଲ ପାଇଁ ଅଲଗା ଅଲାଗା ଜାଗାରେ ପାଇପ ଆଉ ମୋଟା ଗୋଲ ହ୍ୟାଣ୍ଡେଲ ଭଳି କଳମାନ ଲାଗିଥିଲା । ବେଶି ଷ୍ଟିମ ହୋଇଗଲେ କଣ୍ଟେନର ନ ଫାଟିବା ପାଇଁ ସୁରକ୍ଷାର ବନ୍ଦୋବସ୍ତ ଥିଲା ।

ଅବିନାଶ ପାଖର ଷ୍ଟିମ ବଏଲରକୁ ଅନାଇ ପୁରୁଣା ଦିନକୁ ଫେରିଗଲା । କିଛି ଦିନର ଶାନ୍ତି କିନ୍ତୁ ଶେଷରେ ଆବଶ୍ୟକତା ଆସିଗଲା । ଦୁଇଟି ନୌଦୁର୍ଘଟଣା ବ୍ରିଟିଶ ସାମ୍ରାଜ୍ୟର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପସ୍ଥିତି ଆଣ୍ଡାମାନକୁ ସ୍ଥାୟୀ ଭାବରେ ଆଣିଥିଲା । ଯୁଦ୍ଧଜାହାଜ ରନିମେଡ ଆଉ ଭାରବାହୀ ଜାହାଜ ବ୍ରିଟନ ନିଜ ନିଜ ଯାତ୍ରାରେ ବାହାରିଥିଲେ । ରନିମେଡ ଆସୁଥିଲା ଇଂଲାଣ୍ଡରୁ କଲିକତା ଆଉ ସେଥିରେ ସୈନ୍ୟମାନେ ଥିଲେ । ଅନ୍ୟପଟୁ ସିଡନି ଅଷ୍ଟ୍ରେଲିଆରୁ କଲିକତା ଆସୁଥିଲା ଭାରବାହୀ ଜାହାଜ ବ୍ରିଟନ । ସେଥିରେ ପ୍ରାୟ ୪ଶହ ଲୋକଥିଲେ । ଉଭୟ ଜାହାଜ ପ୍ରାୟ ଏକା ସମୟରେ ଆଣ୍ଡାମାନ ଉପସାଗରରେ ପହଞ୍ଚିଲା । ଉଭୟ ଜାହାଜର କ୍ୟାପଟେନ ଅନ୍ୟର ଉପସ୍ଥିତି ବିଷୟରେ ଅଜ୍ଞ ଥିଲେ । ୧୧ ନଭେମ୍ବର ୧୮୪୪ ମସିହାରେ ଦୁଇ ଜାହାଜ ଏକାସମୟରେ ବାତ୍ୟାରେ କ୍ଷତିଗ୍ରସ୍ତ ହେଲା ଆଉ ଜାଗାଟା ଥିଲା ହାଭେଲକ ପାଖ ସାର ଜନ ଲରେନ୍ସ ଦ୍ୱୀପ । ସେମାନେ ସେହି ଏକା ଦ୍ୱୀପରେ ଆଶ୍ରୟ ନେଲେ । ପରେ ଯାହାହେଉ ରନିମେଡକୁ କିଛି ଅଂଶରେ ମରାମତି କରି ଭାସିବା ଉପଯୋଗୀ କରାଗଲା, ଆଉ ସେମାନଙ୍କୁ ଲାଗିଲା କିଛି ଯାତ୍ରା କରି ସେମାନେ ବର୍ମାରେ ପହଞ୍ଚିପାରିବେ । ତେଣୁ ସେମାନେ ସେହି ଜାଗାର ନାମକରଣ କଲେ: ହୋପ (ଆଶା) । ସେମାନଙ୍କୁ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଜାହାଜ ଜର୍ଜ୍ଜ ସ୍ୱିନଟନ ଉଦ୍ଧାର କଲା । ଆଗକୁ ପରେ ମଧ୍ୟ ଅନ୍ୟ ଆଣ୍ଡାମାନ ଅଞ୍ଚଳରେ ଜାହାଜମାନ କ୍ଷତିଗ୍ରସ୍ତ ହେଲା । ତା' ଛଡା ନାନକୌରୀ ଦ୍ୱୀପରେ କିଛିମାତ୍ରାରେ ଜଳଦସ୍ୟୁମାନେ ଉତ୍ପାତ କରୁଥିଲେ । ତେଣୁ ଏସବୁ କାରଣପାଇଁ ଆଣ୍ଡାମାନ ଦ୍ୱୀପାଞ୍ଚଳରେ ଏକ ଉପନିବେଶ କରିବା ଇଂରେଜମାନଙ୍କ ପାଇଁ ଆବଶ୍ୟକ ହୋଇପଡିଲା । ଅବଶ୍ୟ ପରେ ସିପାହୀ ବିଦ୍ରୋହ ଆଣ୍ଡାମାନରେ ଏକ ପେନାଲ ସେଟଲମେଣ୍ଟ ପାଇଁ ଯେମିତି ଇଂରେଜମାନଙ୍କୁ ବାଧ୍ୟ କଲା ।

ଆବଶ୍ୟକତା, କିଛି ବିଚାର ଆଲୋଚନା, କିଛି ନିର୍ଦ୍ଦେଶ ଆଉ କିଛି ଆନୁଗତ୍ୟ, ଅଭିଜ୍ଞତା ସହ ଆଣ୍ଡାମାନରେ ପ୍ରକୃତ ନୂତନ ସଭ୍ୟତାର ଆରମ୍ଭ ହେଲା । ଇଂରେଜମାନେ ସ୍କାଉଟିଙ୍ଗ ବା ସଂନ୍ଧାନ କାମରେ ବେଶ ଅଭିଜ୍ଞ ଥିଲେ । କେଉଁ କାମ ବହୁ ବୁଦ୍ଧିବିଚାରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆରମ୍ଭ କରୁଥିଲେ । ପୂର୍ବର ଅଭିଜ୍ଞତାକୁ ସେମାନେ ସଦୁପଯୋଗ କରୁଥିଲେ । ନିଜ ସାଥିରେ ବେଶ କୌଶଳୀ ବ୍ୟକ୍ତି ମଧ୍ୟ ରଖିଥିଲେ । ୧୮୫୬ ମସିହାରେ ଆରାକାନର କମିଶନର କ୍ୟାପଟେନ ହପକିନସନଙ୍କୁ ଆଣ୍ଡାମାନ ଉପରେ ଏକ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଆସିଲା । ହପକିନସନ ଆଣ୍ଡାମାନରେ ଏକ ପେନାଲ ସେଟଲମେଣ୍ଟ ଆରମ୍ଭ କରିବାପାଇଁ ମନ୍ତବ୍ୟ ଦେଲେ । ୧୮୫୬ ମସିହାରେ ଆଣ୍ଡମାନକୁ ପେନାଲ ସେଟଲମେଣ୍ଟ ବସାଇବା ଉଦ୍ଦେଶ୍ୟରେ ଏକ ସର୍ଭେ କରିବାପାଇଁ ଆଦେଶ ଆସିଲା ଆଉ ସର୍ଭେ ୧୮୫୮ ମସିହା ପର୍ଯ୍ୟନ୍ତ ଚାଲିଲା । ୧୮୫୭ ମସିହାରେ, ଭାରତରେ ସିପାହୀ ବିଦ୍ରୋହ ଶୀର୍ଷରେ ଥାଏ । ବନ୍ଦୀ ସିପାହୀମାନଙ୍କୁ ଦୂରକୁ କଇଦୀ ଭାବରେ ପଠାଇଦେବା ଆବଶ୍ୟକ ହୋଇପଡିଥାଏ । ପରେ ବିଦ୍ରୋହର ଆଶଙ୍କା ଟଳିଯାଇପାରିବ । ଜାନୁଆରୀ ୧୮୫୮ ମସିହାରେ ପେନାଲ ସେଟଲମେଣ୍ଟ ବାସାଇବା ପାଇଁ ନିର୍ଦ୍ଦେଶ ମିଳିଲା । ପ୍ରଥମେ ବିଦ୍ରୋହୀ, ଆଉ ଦେଶାନ୍ତର ଦଣ୍ଡ ପାଇଥିବା ଦୋଷୀଙ୍କୁ ପେନାଲ ସେଟଲମେଣ୍ଟ ପଠାଯିବ । ସର୍ଭେ ପରେ ଚାଥାମ ଦ୍ୱୀପ (ପୋର୍ଟବ୍ଲେଆରକୁ ଲାଗି ଏକ ଛୋଟ ଦ୍ୱୀପ)କୁ ପେନାଲ ସେଟେଲମେଣ୍ଟ ହିସାବରେ ତିଆରି କରାଗଲା ।

ଅବିନାଶ ନିଜ ଭାବନାରୁ ବାହାରି, ପ୍ରକୃତିସ୍ଥ ହୋଇ ଏଣେତେଣେ ଅନାଇଲା । ବୁଢା ସେମିତି ଆଉଜି ବସି ଆଖି ବନ୍ଦ କରି ଖୋଲୁଥିଲେ । ତାଙ୍କର ଛାତି ବେଶ ଜୋରରେ ଉଠି ପଡୁଥିଲା । ସେମାନଙ୍କ ବସିଥିବା ଜାଗା ପାଖ ଲଗ ପଣ୍ଡ ପଟେ ପାଣି ବେଶ ଗଭୀର । ଚାରିପଟେ ଯଦି ପାଣିଥିବ ତେବେ ଏ ଜାଗାକୁ ଦୌଡି ତ ଆସିହେବନି । ଅନ୍ୟ ପଟେ ପ୍ରାୟ ୨୦୦ ମିଟରର ଜଳଭାଗ ଚାଥାମକୁ ମୁଖ୍ୟ ଭୂମିରୁ ଦୂର କରି ରଖିଛି । ଏ ଦ୍ୱୀପକୁ କୁହାଯାଇପାରିବ ଏକ ସୁରକ୍ଷିତ ଦୁର୍ଗ ଆଉ ପାଣିକୁ ଗଡଖାଇ । ହୁଡିରେ ବା ଭେଳାରେ ବସିକରି କିମ୍ବା ପହଁରି ଏଠାକୁ ଆସିହେବ । ସେପଟ ମାଟିରେ ଠିଆ ହୋଇ ତୀର ମାରିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


ମଧ୍ୟ ଏପଟେ ପହଞ୍ଚିବ ନାହିଁ । ଏକ ନିରାପଦ ଜାଗା । ଇଂରେଜମାନେ ପ୍ରାୟ ସବୁଜାଗାରେ ଏମିତି ପ୍ରାକୃତିକ ସ୍ଥାନମାନ ଖୋଜିନିଅନ୍ତି ଆଉ ଏହାକୁ ନିଜର ପ୍ରତିରକ୍ଷାରେ ବ୍ୟବହାର କରନ୍ତି । ଦୁର୍ଗ କେବଳ ଇଟା ପଥରର ମଜବୁତି ପାଇଁ ନୁହେଁ, ନିଜର ଭୌଗୋଳିକ ସ୍ଥିତିପାଇଁ ଦୁର୍ଗବାସୀଙ୍କୁ କିଛି ସୁବିଧା ଦେଇଥାଏ । ଅନ୍ୟମାନେ ସହଜରେ ଆକ୍ରମଣ କରିପାରିବେନି ଆଉ ଦୁର୍ଗବାସୀଙ୍କଜୁ ସତର୍କ ହେବା ପାଇଁ ସୁଯୋଗ ମିଳିଯିବ । ଏଇ କାରଣ ପାଇଁ ଚାଥାମକୁ ପ୍ରଥମରୁ ଠିକ କରାଗଲା । ଛୋଟ ସ୍ଥାନ ହେବାଯୋଗୁ ସବୁ ଜାଗା ଉପରେ ସତର୍କ ଦୃଷ୍ଟି ରଖିହେବ । ବଡ଼ ସ୍ଥାନରେ ଉପଯୁକ୍ତ ପ୍ରାଚୀର ନଥାଇ ସିପାହୀ ବିଦ୍ରୋହର ବିପଦଜନକ କଇଦୀମାନଙ୍କୁ ରଖିବା ଆପଦଶୂନ୍ୟ ନୁହେଁ । ବୁଦ୍ଧି, ଆକଳନ, ଅଭିଜ୍ଞତା ତଥା କଳକୌଶଳ ଶ୍ୱେତାଙ୍ଗମାନଙ୍କୁ ସେ ସମୟରେ ଅଜୟୀ କରିରଖିଥିଲା ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବନ୍ଦ ଝରକା



ବିନୟ ମହାପାତ୍ର

ଛୋଟିଆ, ଅନ୍ଧାରୁଆ ବନ୍ଦ କୋଠରୀଟାରେ ଅର୍ଜୁନକୁ ଅଣନିଶ୍ୱସୀ ଲାଗୁ ଥିଲା । ମନେ ମନେ ଭାବିଲା ଝରକା ସବୁ ଖୋଲି ଦେବି, ଟିକିଏ ଶିତଳ, ନିର୍ମଳ ପବନ ତ ମିଳିବ, ଘର ଭିତରର ଅନ୍ଧାରରେ ଟିକିଏ ଆଲୁଅ ବି ଦିଶିବ ।

ଝରକା ପାଖକୁ ଗଲା, ଝରକା ଖୋଲିବାକୁ ଯେତେ ବେଳେ ହାତ ବଢାଇଲା, ହଠାତ୍ ମା କେଉଁଠି ଥିଲେ କେଜାଣି, ପଛରେ ଆସି ଠିଆ ହୋଇ ଗଲେ, କହିଲେ, ଆରେ ହେଇ, କଣ କରୁଛୁ ? ଖୋଲନା ସେ ବନ୍ଦ ଝରକାକୁ ।

ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କାହିଁକି ମା' ? ଦେଖୁନ ଘର ଭିତରେ କିପରି ନିଶ୍ୱାସ ରୁନ୍ଧି ହୋଇ ଯାଉଛି, ବହୁତ ଅନ୍ଧାରୁଆ ବି ଲାଗୁଛି । ଭାବୁଛି ଝରକା ସବୁ ଖୋଲି ଦେବି । ଟିକିଏ ତାଜା ପବନ ଆସିବ, ଟିକିଏ ଆଲୁଅ ବି ଆସିବ, ବନ୍ଦ କୋଠରୀର ପରିବେଶ ବଦଳି ଯିବ, ମନ ଦେହ ସବୁ ତାଜା ଲାଗିବ ।

ମା ଟିକେ ସନ୍ଦେହ ଭରା ଆଖିରେ ଅର୍ଜୁନ ମୁହଁକୁ ଚାହିଁଲେ, ମୁହଁ ତାଙ୍କର ଗମ୍ଭୀର ଦେଖା ଯାଉଥିଲା । ସତେ ଯେପରି କିଛି ଗୋଟାଏ ଅସ୍ୱାଭାବିକ ଘଟଣା ଘଟିବାର ଆଶଂକା ତାଙ୍କ ମନକୁ ଡରାଇ ଦେଉ ଥିଲା, ଏବଂ ଗଭୀର ଚିନ୍ତାରେ ତାଙ୍କର ମନ ବିଚଳିତ ହୋଇ ଯାଉ ଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ଟିକିଏ ବିରାମ ନେଇ, ଡରରେ ସୁଖି ଆସୁଥିବା ତାଙ୍କ ପାଟିରୁ ବଡ କଷ୍ଟରେ ନିଗାଡି ନିଗାଡି ଟୋପିଏ ଛେପ ଏକାଠି କରି ପିଇ ଗଲେ, ନିଜର ସୁଖିଲା କଣ୍ଠକୁ ଟିକିଏ ଓଦା କରି ନେଲେ । ତା ପରେ ସେ ଅର୍ଜୁନର ଆହୁରି ପାଖକୁ ଲାଗି ଆସି, ତାର ହାତ ଧରି ଟାଣି ନେଲେ ବେଡ ପାଖକୁ, ସେଇଠି ତାକୁ ବସାଇ ଦେଲେ । ବଡ ନୀରିହ ଚାହାଣୀରେ ଥରେ ତାକୁ ଦେଖି ନେଇ ପଚାରିଲେ, ତୋତେ ବିଶ୍ୱାସ ହେଉଛି, ବାହାରେ ଶୁଦ୍ଧ ଶିତଳ ପବନ ବୋହୁଛି ଆଉ ନିର୍ମଳ ଆଲୋକ ଅଛି ବୋଲି ?

ମା'ଙ୍କର ଏପରି ସନ୍ଦେହ ଭରା ପ୍ରଶ୍ନ ଶୁଣି ଅର୍ଜୁନ କିଛି କ୍ଷଣ ହତ ବାକ୍ ହୋଇ ରହି ଗଲା, କିଛି କ୍ଷଣ ନୀରବ ରହିବା ପରେ କହିଲା, ଏଥିରେ ସନ୍ଦେହ କରିବାର କଣ ଅଛି ମା ? ଏଇଟା ସର୍ବ ବିଦିତ ସାଧାରଣ କଥାଟିଏ । ଘର ବାହାରେ ଯେ ନିଶ୍ଚୟ ଶୁଦ୍ଧ ଶିତଳ ପବନ ବୋହୁଥିବ, ଏଥିରେ ସନ୍ଦେହ କଲା ପରି କଣ ଅଛି ? କେବଳ ବନ୍ଦ ଝରକାକୁ ଖୋଲିବାର ଆବଶ୍ୟକତା ରହିଛି । ବନ୍ଦ ଝରକା ଥରେ ଖୋଲି ଦେଲେ ଦେଖିବ, ଘର ଭିତରକୁ ଶିତଳ ପବନ ଅବଶ୍ୟ ଆସିବ, ଆଲୋକ ବି ଆସିବ । ଏଇ ରୁଦ୍ଧ ହୋଇ ଯାଉଥିବା ଅନ୍ଧାରୁଆ ଘରଟି ପୁଣି ଶୁଦ୍ଧ ଶିତଳ ପବନରେ ଭରି ଯିବ ଆଉ ଆଲୋକିତ ମଧ୍ୟ ହୋଇ ଯିବ । କିନ୍ତୁ ଝରକା ଖୋଲିବାକୁ ତୁମେ କାହିଁକି ମନା କରୁଛ ?

ଅର୍ଜୁନ ମନେ ମନେ ଭାବୁଥିଲା, ମା କାହାକୁ ଏତେ ଡରୁଛନ୍ତି ? ବାହାରେ କିଏ ଅଛି, କଣ ଅଛି ଝରକା ସେପଟେ ? ପିଲା ଦିନେ ରାତିରେ ଶୋଇଲା ବେଳେ ଅଝଟ କଲେ, ଝରକା ସେପାଖେ ବାୟା ବୁଲୁଛି ବୋଲି କହି ଡରାଇ ଡରାଇ ଶୁଆଇ ଦେଉ ଥିଲେ । ମୁଁ ଏବେ ବି କଣ ସେଇ ଦୁଇ ବର୍ଷର ଛୋଟ ପୁଅଟିଏ ହୋଇ ରହିଛି ? ମୁଁ ଏବେ ଯେ ବହୁତ ବଡ ହୋଇ ସାରିଲିଣି । ସବୁ କଥା ଜାଣୁଛି ବୁଝୁଛି, ସତ କଣ ମିଛ କଣ ଜାଣି ପାରିବାର ଜ୍ଞାନ ମୁଁ ପାଇ ସାରିଲିଣି । ନିଜର ସନ୍ଦେହକୁ ଅର୍ଜୁନ ଆଉ ବେଶି ସମୟ ନିଜ ମନ ଭିତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୁଚେଇ ରଖି ପାରିଲାନି, ଶେଷରେ ମା'କୁ ପଚାରି ବସିଲା;

: ମା', ତୁମେ କାହାକୁ ଏତେ ଡରୁଛ ? ବାହାରେ ତ ସବୁ ଠିକ୍ ଠାକ୍ ଅଛି । ଅସ୍ୱାଭାବିକ କିଛି ବି ନାହିଁ । ବାହାରେ ଏବେ ବି ପବନ ବୋହୁଛି, ସୂର୍ଯ୍ୟ ଏବେ ବି ଆକାଶରେ ଅଛି । ଝରକା ଖୋଲି ଦେଲେ ଦେଖିବ, ଘରର ପବନ ବି ଶୁଦ୍ଧ ହୋଇ ଯିବ ଆଉ ଏଇ ଅନ୍ଧାରୁଆ ଘରଟି ଟିକିଏ ଆଲୋକିତ ହୋଇ ଯିବ । କାହିଁକି ଡରୁଛ ତୁମେ, କାହାକୁ ଏତେ ଡରୁଛ ?

ମା ଏତେ ବେଳେ ଯାଏ ଅର୍ଜୁନ ସାମ୍ନାରେ ଠିଆ ହୋଇ ତାକୁ ଟୁକ୍ ଟୁକ୍ କରି ନୀରବରେ ଦେଖୁ ଥିଲେ, ଶୁଣୁ ଥିଲେ, କିନ୍ତୁ ତାର ପ୍ରଶ୍ନ ଶୁଣି ସାରିବା ପରେ ସେ ଅର୍ଜୁନର ଆହୁରି ପାଖକୁ ଲାଗି ଆସି ତା ପାଖରେ ବସି ଗଲେ । ମା' ତାଙ୍କର ମମତାମୟୀ ହାତ ଦୁଇଟି ଅର୍ଜୁନ ମଥାରେ ଥରେ ବୁଲେଇ ଆଣି ନିଜ ପାଖକୁ ଆଉଜେଇ ନେଇ ଟିକେ ଗେଲ କରି କହିଲେ;

: ଧନରେ, ମୁଁ ଜାଣିଛି, ବାହାରେ ପବନ ବୋହୁଛି, ଆଲୁଅ ବି ଅଛି, କିନ୍ତୁ ମୁଁ ଆହୁରି ବି ଜାଣିଛି, ସେ ପବନରେ କଣ ଅଛି, ସେ ଆଲୋକ କେଉଁଠୁ ଆସୁଛି । ହୁଏତ ତୁ ଦେଖି ପାରୁନୁ ଅଥବା, ତୁ ଦେଖିବାକୁ ଚାହୁଁନୁ, ହୁଏତ ତୁ ଜାଣିଛୁ, ଦେଖିଛୁ କିନ୍ତୁ କେବେ ବୁଝିବାକୁ ଚେଷ୍ଟା କରିନୁ । ଏଇ ବନ୍ଦ ଝରକା ଆର ପଟେ କଣ ସବୁ ଘଟୁଛି ।

ମା'ଙ୍କର ଏ କଥା ଅର୍ଜୁନକୁ ଟିକିଏ ଡରାଇ ଦେଲା, ତାର ଡରିବା ବଡ ସ୍ୱାଭାବିକ ଥିଲା । କାରଣ, ସବୁ ମାଆ କଲ୍ୟାଣମୟୀ, ମମତାମୟୀ, ନିଜ ସନ୍ତାନର ସୁରକ୍ଷା ତାଙ୍କର ପ୍ରଥମ ପ୍ରାଥମିକତା ହୋଇଥାଏ । ବାହାରେ ନିଶ୍ଚୟ କିଛି ଅସ୍ୱାଭାବିକ ଘଟଣା ଘଟୁଛି, ଯାହା ମା'କୁ ବହୁତ ନିଷ୍ଠୁର ଭାବେ ଡରାଇ ଦେଇଛି । କିନ୍ତୁ କଣ ସେ ଘଟଣା, ଯାହା ମା' ଅନୁଭବ କରି ପାରୁଛନ୍ତି, ଅଥଚ ଏତେ ବର୍ଷ ବହି ଘୋଷି ଘୋଷି, ଗୁଡାଏ ଡିଗ୍ରୀ ଏକାଠି କରି ସାରିବା ପରେ ବି ସେ ବୁଝି ପାରୁ ନଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା' ପୁଣି କହିଲେ, ଧନରେ, ଆଜି ସମୟ ବଦଳି ଯାଇଛି । ଦିନ ଥିଲା ଯେତେ ବେଳେ ଆମେ "ବସୁଧୈବ କୁଟୁମ୍ବକଂ" କହି ସାରା ଦୁନିଆକୁ ଆପଣାର କରି ନେଉ ଥିଲୁ । ସମଗ୍ର ବିଶ୍ୱ ଏକ ପରିବାର ଥିଲା, ଯେଉଁଠି କେହି କାହାକୁ, କାହାର ଜାତି ଧର୍ମ ଗୋତ୍ର କଥା ପଚାରୁ ନଥିଲା, ସମସ୍ତେ କେବଳ ମଣିଷ ଥିଲେ । ମାନବିକତା ମଣିଷର ଏକମାତ୍ର ପରମ ଧର୍ମ ଥିଲା । ଆମର ବେଦ ପୁରାଣ, ଯେତେ ସବୁ ଶାସ୍ତ୍ର ସମସ୍ତେ ସେଇ ଗୋଟିଏ ମାନବିକତା ଏବଂ ମାନବ କଲ୍ୟାଣର ପାଠ ପଢାନ୍ତି । କିନ୍ତୁ ଆଜି କଣ ହେଉଛି ? ଆଜି ମଣିଷ ସଂକୀର୍ଣ୍ଣ ଧର୍ମାନ୍ଧତାର ଶୀକାର ହୋଇ ଯାଇଛି । ଧର୍ମ ନାଆଁରେ ମଣିଷ ମଣିଷର ଶତ୍ରୁ ପାଲଟି ଯାଇଛି ।

ସମୟ ଥିଲା ରାଜନୀତିର ସଂଜ୍ଞା କେବଳ ଜନ ସେବା ଓ ଜନତା କଲ୍ୟାଣ ଥିଲା । କ୍ଷମତା ପାଇଁ କେବେ ଲଢେଇ ହେଉ ନଥିଲା, କେହି କାହାକୁ ଆକ୍ଷେପ କରୁ ନଥିଲେ, ନିଜର ସାମର୍ଥ୍ୟ ଅନୁସାରେ ଜନତା ଜନାର୍ଦ୍ଦନର ସେବାରେ ନିଜର ଜୀବନ ଉତ୍ସର୍ଗ କରି ଦେଉ ଥିଲେ ।

କିନ୍ତୁ ଆଜି ନେତାଙ୍କ ପାଇଁ ଜନତା ଜନାର୍ଦ୍ଦନ ନୁହେଁ, ବରଂ ଜନତା ଗୋଟିଏ ମୂର୍ଖ ଗୋଷ୍ଠୀ, କାଠର ଗୋଟିଏ ଗୋଟିଏ ନିର୍ଜୀବ କଣ୍ଢେଇ । ନିଜର ସ୍ୱାର୍ଥ ପାଇଁ ନେତାମାନେ ଯେପରି ଚାହିଁବେ ସେପରି ସେମାନଙ୍କୁ ବ୍ୟବହାର କରି ପାରିବେ । କେବେ ଧର୍ମର ଅଫିମ, କେବେ ଜାତିର ଅଫିମ କେବେ ଆଉ କିଛି ମୁଦ୍ଦାର ନିଶା ଖୋଇ ଭାଇକୁ ଭାଇ ବିରୁଦ୍ଧରେ ଲଢେଇ ଦିଅନ୍ତି । ନୀରିହ ଜନତା ରକ୍ତର ହୋଲି ଖେଳେ ଏବଂ ସତ୍ତା ଲୋଭୀ ଶକୁନି, ଭାଇ ଭାଇ ଭିତରେ ଲଢେଇ ଦେଖି ତାର ଆନନ୍ଦ ନେଉଛନ୍ତି, କିନ୍ତୁ ଭୁଲି ଯାଉଛନ୍ତି ମହାଭାରତ ଯୁଦ୍ଧରେ ଶକୁନି ବି ଜୀବିତ ରହି ନଥିଲା । ସତ୍ତା ଲୋଭୀ ଅଭିମାନୀ ଦୁର୍ଯ୍ୟୋଧନ ଯେତେ ବେଳେ ପ୍ରାଣ ବିକଳରେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରର ଯୁଦ୍ଧ ଭୂମିକୁ ଛାଡି ପଳାୟନ କଲା, ସେତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଳେ ସେ ନିଜର ପ୍ରିୟ ପୁତ୍ର ଲକ୍ଷ୍ମଣ କୁମାରର ଶବ ଉପରେ ବସି ନିଜ ପରିଜନଙ୍କର ରକ୍ତର ନଦୀରେ, ଆର ପାରିକୁ ଯାଇ ପାରି ଥିଲା ।

ଆମେ ନିଜକୁ ଧାର୍ମିକ କହୁ, କିନ୍ତୁ ମାନବ ଭିତରେ ମାଧବଙ୍କୁ ଦେଖି ପାରୁନା । ଆମେ ମନ୍ଦିର ତୋଳି ନିଜର ଧର୍ମର ଧ୍ୱଜା ତୋଳି ଧରି ଉତ୍ସବ ପାଳନ କରୁ, କିନ୍ତୁ ସେଥି ପାଇଁ କେତେ ଗରିବଙ୍କର ଘର ଉଜୁଡି ଯାଏ ସେ କଥା କେବେ ଆମ ଦୃଷ୍ଟିକୁ ବି ଆସେନା । ଦୃଷ୍ଟିକୁ ଆସିଲେ ବି ଆମେ ମୁଁହ ମୋଡି ନେଇ ଆଖି ବନ୍ଦ କରି ଦେଉ । ଧନରେ, ଆଜି ସମୟ ବଦଳି ଯାଇଛି, ମଣିଷ ବଦଳି ଯାଇଛି । ମା, ବାପା ନିଜର ରକ୍ତକୁ ଜଳେଇ ନିଜ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତର କାମନା କରନ୍ତି, ପାଠ ପଢି ପିଲାଏ କିପରି ସଫଳ ହେବେ ତାହା ସୁନିଶ୍ଚିତ କରନ୍ତି, କିନ୍ତୁ ଯୋଗ୍ୟ ହୋଇ ଗଲା ପରେ ପିଲାମାନେ କିପରି ରୋଜଗାର କ୍ଷମ ହେବେ ସେ କଥା କିଏ ସୁନିଶ୍ଚିତ କରି ପାରିବ ? କିଏ ତାର ଉତ୍ତର ଦାୟିତ୍ୱ ନେବ ? ଭୋଟ ନେବା ବେଳେ ନେତା ମାନେ ଜନତାକୁ କେବଳ ମିଥ୍ୟା ଆଶ୍ୱାସନା ଦେଇ ସରକାର ଗଢିବେ ଏବଂ ସବୁ ପ୍ରତିଶୃତି ଭୁଲି ଯିବେ । ଏଠାରେ ସତକୁ ସତ କହିବା ଭୂଲ, ମିଥ୍ୟାର ପ୍ରଚାର ନକରିବା ଅପରାଧ । ସରକାରଙ୍କୁ ବିରୋଧ କରିବା ମାନେ ଦେଶଦ୍ରୋହ ପରି ଜଘନ୍ୟ ଅପରାଧ କରିବା । ଅସଲ ମୁଦ୍ଦାରୁ ଜନତାଙ୍କର ଧ୍ୟାନ ହଟାଇବା ପାଇଁ କେବେ ଅଭିନେତା, ଅଭିନେତ୍ରୀଙ୍କ ପ୍ରେମ ପ୍ରସଙ୍ଗ କେବେ ପଡୋଶି ରାଷ୍ଟ୍ରର ଅପାରଗତା କେବେ କେଉଁ ଅଭିନେତାର ଆତ୍ମହତ୍ୟା ପ୍ରସଙ୍ଗ ଉପରେ ଟିଭିରେ ତର୍କ ବିତର୍କ ହୁଏ, ଖବର କାଗଜର ପୃଷ୍ଠା ଭରି ଯାଏ । ଜନତାର ଅସଲ ସମସ୍ୟା ଗୌଣ ହୋଇଯାଏ, ସମାଜର ଅସଲ ସମସ୍ୟା କଥା ଲୋକେ ଭୂଲି ଯାଆନ୍ତି, ଏବଂ ନେତା ମାନଙ୍କର ନୋଟଙ୍କିର ଆନନ୍ଦ ଉଠାନ୍ତି । ସରକାର ଏବଂ ବିପକ୍ଷର ପକ୍ଷ ନେଇ ବନ୍ଧୁ ବନ୍ଧୁ ଭିତରେ ଶିତଳ ଯୁଦ୍ଧ ଆରମ୍ଭ ହୋଇ ଯାଏ ।

ମହାମାରୀ ସମୟରେ ବୃତ୍ତି ହରାଇ, ହଜାର ହଜାର ଶ୍ରମିକ, ଅପ୍ରିଲ ମାସର ଧୁଉ ଧୁଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଗ୍ନି ବର୍ଷି ଖରାରେ, ହଜାର ହଜାର ମାଇଲ୍ ରାସ୍ତା ନିଜ ସାଥିରେ ଗର୍ଭବତୀ ପତ୍ନୀ, ଦୁଧମୁହାଁ ଛୁଆକୁ କୋଳରେ ଧରି ପାଦରେ ଚାଲି ଚାଲି ଯିବାର ଦୃଶ୍ୟ ଦେଖି ଦେଶ, ପ୍ରଦେଶର ସରକାରଙ୍କ ଆଖିରେ ଲୁହ ଟୋପେ ଦିଶେନା । ସେମାନଙ୍କୁ ଲଜ୍ଜା ଆସେନା । କେତେ ନୀରିହ ଜନତାଙ୍କର ଚାକିରୀ ଚାଲି ଗଲା, ଦିନେ ବିପଦ ସମୟରେ ପ୍ରାଣ ବିକଳରେ ଘରମୁହାଁ ହୋଇଥିବା ଜନତା ଆଜି ପୁଣି ପେଟର ଭୋକ ମେଣ୍ଟେଇବା ପାଇଁ ପରଦେଶୀ ହୋଇ ଯାଉଛି । ଜନତାର ଦୁଃଖ ଦୂର କରିବାର ଚିନ୍ତା କାହାର ନାହିଁ, ଦେଶର ନେତା ମାନଙ୍କ ପାଇଁ ଏ ସବୁ କିଛି ସମସ୍ୟା ନୁହେଁ ।

ତୁ ଝରକା ଖୋଲିଲେ ତୋତେ ଶୁଦ୍ଧ ପବନ ତ ମିଳିବନି, ବରଂ ମିଳିବ କେବଳ ଜଳା ବାରୁଦର ଗନ୍ଧ, ଗଳିତ ଶବର ଦୁର୍ଗନ୍ଧ, ଆହତ ଜନତାର ଆର୍ତ୍ତ ଚିତ୍କାର ଆଉ ବୁଭୂକ୍ଷୁ ଶିଶୁର ମୁଠାଏ ଭାତ ପାଇଁ ବ୍ୟାକୁଳ କ୍ରନ୍ଦନ । ଯେମିତି ଯୁଦ୍ଧ ପରବର୍ତ୍ତୀ ସମୟରେ କେଉଁ ଏକ ବିଭୀଷିକାମୟ ଜ୍ୱଳନ୍ତ ଯୁଦ୍ଧଭୂମିର ଦୃଶ୍ୟ । ଦେଖି ପାରୁଛୁ ? ଟିକିଏ ଦୂରରେ ଯେଉଁ ବସ୍ତି ଦିଶୁଛି, ସେଠାରେ ତୁ ଦେଖି ପାରିବୁ କାମ ହରାଇ ବେକାର ବସିଥିବା ଶ୍ରମିକ । ଘରେ ତାର ଭୋକରେ ଆଉଟୁ ପାଉଟୁ ହେଉଥିବା ବିକଳ ସନ୍ତାନ, ଦର ଚିରା ଲୁଗାରେ ନିଜ ଶରୀରକୁ ଘୋଡାଇ ରଖିବାର ବୃଥା ଚେଷ୍ଟା କରୁଥିବା ବଢିଲା ଝିଅ । ଲିଭା ଚୁଲି ମୁଣ୍ଡରେ ଜଗି ବସିଥିବା ବିଚାରୀ କିଂକର୍ତ୍ତବ୍ୟବିମୁଢା ନିରିହା ମା' । ନିଜର ବେଣ୍ଠି ପଡି ଯାଇଥିବା ଦୁଇ ଶକ୍ତ ହାତକୁ ଟୁକ୍ ଟୁକ୍ ଅଶ୍ରୁଳ ଆଖିରେ ଚାହିଁ ବେକାର ବସି ରହିଥିବା କାମିକା ଶ୍ରମିକର ଅସହାୟତା । ନିଜର ଭୋକିଲା ଶିଶୁକୁ ଦେଖି ମଧ୍ୟ କଛି କରିପାରୁ ନଥିବାର ଅସହାୟତା । ନିଜର, ନିଜ ପରିବାରର ପେଟର ଭୋକ ମେଣ୍ଟେଇବା ପାଇଁ ଅନ୍ଧାର ଗଳିର କୋଣରେ ମିଞ୍ଜି ମିଞ୍ଜି ଜଳୁଥିବା ବତୀ ଖୁଣ୍ଟ ତଳେ ନିଜ ଦେହର ଦୋକାନ ସଜାଇ ଠିଆ ହୋଇଥିବା ସେଇ ଯୁବତୀ ଏବଂ ଦେହର ଭୋକ ମେଣ୍ଟେଇବା ପାଇଁ ଶହେ ଟଙ୍କିଆ ନୋଟ୍ ଦେଖାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଠିଆ ହୋଇଥିବା ଧୋବ ଧାବୁଳିଆ ଗରାଖର କଥା ବାର୍ତ୍ତା, ମୂଳ ଚାଲ କାହାକୁ ଶୁଭେନା ।

ଏଇଠି କେବଳ ଖାଦ୍ୟ ଏବଂ ଖାଦକର ସମ୍ପର୍କ, ଭୋକରେ ଗରିବର ପେଟ ଜଳୁଛି, ଆଉ କାମନାର ଅଗ୍ନିରେ ପଇସା ବାଲା ଧୋବ ଧାବୁଳିଆ ବାବୁର ଦେହ ଜଳୁଛି । ସେ ଦୃଶ୍ୟ ଦେଖିଲେ, କବି ବିନୟ ମହାପାତ୍ରଙ୍କ 'ଶବ ବାହକ' କବିତାର ଏଇ ପଂକ୍ତି ତୋର ବି ନିଶ୍ଚୟ ମନେ ପଡି ଯିବ ।

ଏଇ ଜାଗ୍ରତ ଶ୍ମଶାନେ
ମାଳ ମାଳ ଶବ, ଆଉ
ପଲ ପଲ ଶାର୍ଗୁଣାର ମେଳି
ଖାଦ୍ୟ ଆଉ ଖାଦକର ଅନନ୍ତ ଶିଙ୍କୁଳି ।
(କବିତା "ଶବ ବାହକ")

ବାହାରେ ଆଲୋକ ଦିଶୁଛି ସତ, କିନ୍ତୁ ସେ ଆଲୋକ ସୂର୍ଯ୍ୟର ନୁହେଁ, ସେ ଆଲୋକ ବାହାରେ ଜଳୁଥିବା ଜୀଅନ୍ତା ମଣିଷର ଚିତାର ଆଲୋକ, ଦଙ୍ଗାରେ ଜଳୁଥିବା ଘରର ନିଆଁର ଆଲୋକ । କେଉଁଠି ଧର୍ମ ନାଆଁରେ, କେଉଁଠି ଜାତି ନାଆଁରେ, କେଉଁଠି ପ୍ରତିବାଦ ନାଆଁରେ, କେବେ କେଉଁଠି ସମର୍ଥନ ନାଆଁରେ ରାସ୍ତାରେ ଟାୟାର ଜଳେ କେବେ ବଜାର, କେବେ ବସ୍ତି ଜଳି ଯାଏ । କିନ୍ତୁ କେବେ ହେଲେ କାମିକା ହାତକୁ କାମ ମିଳେନା, ରାସ୍ତାରେ ଏକୁଟିଆ ଯାଉଥିବା ଝିଅକୁ ସୁରକ୍ଷା ମିଳେନା, କ୍ଷୁଧାର୍ଥକୁ ମୁଠାଏ ଆହାର ମିଳେନା । ତଥାପି ରାଜା ସ୍ତୁତି ଗାନ ହୁଏ, ସଭା ସମିତିରେ ନେତା ମାନଙ୍କର ଲମ୍ବା ଲମ୍ବା ଭାଷଣ, ବୃଥା ଆଶ୍ୱାସନ ମିଳେ । ଜନତା ନେତାଙ୍କ ଅଭୟବାଣୀରେ ସନ୍ତୁଷ୍ଟ ହୋଇ ଯାଏ । ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖେ ।

ଏସବୁ ଶୁଣିଲା ପରେ ଏବେ ବି କଣ ତୋର ଇଚ୍ଛା ହେଉଛି, ଝରକା ଖୋଲି ବାହାରର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୃଶ୍ୟ ଦେଖିବାକୁ ? ଏସବୁ ଦେଖି ଶୁଣି ତୁ ଆଜି ଯାଏ ବୁଝି ପାରିଲୁନି, କିଛି ବି ଭାବି ପାରିଲୁନି ?

ଜଣା ନାହିଁ ଅର୍ଜୁନର ବାପା କେତେ ବେଳେ ତା ରୁମ ବାହାରେ ଠିଆ ହୋଇ ସେମାନଙ୍କର କଥା ଶୁଣୁ ଥିଲେ । ମାଆର କଥା ସରିବା ପୂର୍ବରୁ ସେ ରୁମ ଭିତରକୁ ଆସି ଯାଇ ଥିଲେ । ପଢା ଟେବୁଲ ପାଖରୁ ଚଉକିଟାକୁ ଘୋଷାଡି ଆଣି ସେମାନଙ୍କ ସାମ୍ନାରେ ବସି ଗଲେ । ଥରେ ମାଆକୁ ଏବଂ ଥରେ ଅର୍ଜୁନକୁ ଦେଖି, ଟିକିଏ ହସି ଦେଲେ । ସେ, ସବୁ ବେଳେ ଏମିତି ବିନ୍ଦାସ । ତାଙ୍କର ଚିନ୍ତା, ଦୁଶ୍ଚିନ୍ତା କିମ୍ବା ତାଙ୍କର ସମସ୍ତ ଭୟକୁ ସେ ଖୁବ୍ ସହଜରେ ନିଜ ଭିତରେ ହଜମ କରି ନିଅନ୍ତି । କେବେ ବି ସେ କଥା ଅନ୍ୟକୁ ଜାଣିବାର ସୁଯୋଗ ଦିଅନ୍ତି ନାହିଁ । କିନ୍ତୁ ଆଜି ତାଙ୍କର ଏ ହସ କିଛି ଭିନ୍ନ ଥିଲା, ବୁଝି ହେଉ ନଥିଲା ଏ ହସର ପ୍ରକୃତ ଅର୍ଥଟା କଣ । ସେ ତାଙ୍କର ଦୁଇ ହାତ ବଢାଇ ଗୋଟିଏ ହାତ ଅର୍ଜୁନର ଜଙ୍ଘ ଉପରେ ଅନ୍ୟଟି ମାଆର ଜଙ୍ଘ ଉପରେ ରଖିଲେ । ସତରେ ବାପାଙ୍କ ହାତରେ ମ୍ୟାଜିକ୍ ଥାଏ । ସେ ହାତର ସ୍ପର୍ଶ ଏକ ନିର୍ଭୟତାର ଅନୁଭବ ଦିଏ । ବାପା ଯେତେ ବେଳେ କାନ୍ଧରେ ହାତ ପକାଇ ପାଖକୁ ଆଉଜାଇ ନିଅନ୍ତି ସେତେ ବେଳେ ମନରେ ଅସୀମ ସାହସର ଅନୁଭବ ହୁଏ । ମନେ ହୁଏ ଯେପରି ମୋ ପାଇଁ ଦୁନିଆଁରେ କିଛି ବି ଅସମ୍ଭବ ନୁହେଁ । ସବୁ କିଛି କରି ପାରିବାର କ୍ଷମତା ନିଜ ଭିତରେ ଅନୁଭବ କରି ହୁଏ । ଆଜି ବି ତାଙ୍କର ହାତ ଆମ ଦୁଇ ଜଣଙ୍କୁ ସେଇ ନିର୍ଭୟତାର ଆଶ୍ୱାସନ ଦେଉ ଥିଲା ।

ମା' ଏବଂ ଅର୍ଜୁନର ମୁହଁକୁ ବାପା କିଛି ସମୟ ନିରୀକ୍ଷଣ କରି ନେଲେ, ଯେପରି ସେ ମାଆ ପୁଅଙ୍କ ମନର ଭୟ ଏବଂ ସନ୍ଦେହକୁ ମାପି ନେବାକୁ ଚାହୁଁ ଥିଲେ । ଟିକିଏ ହସି ବାପା କହିଲେ, ଅର୍ଜୁନ, ତୋ ମାଆ ଯାହା କିଛି କହି ଗଲା ସେସବୁ ମିଥ୍ୟା ନୁହେଁ । ସେ ସବୁ ସତ, ଆଜିର ସମାଜ, ପରିବେଶ ଏବଂ ପରିସ୍ଥିତି ବହୁତ ବଦଳି ଯାଇଛି । କିନ୍ତୁ ଏହାର ଅର୍ଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନୁହେଁ, ଯେ ଏ ସବୁକୁ ଡରି ଆମେ ଆମ ଘର ଭିତରେ କବାଟ ଝରକା ସବୁ ବନ୍ଦ କରି, ହାତରେ ହାତ ବାନ୍ଧି ବସି ଯିବା, ଏପରି କଦାପି ନୁହେଁ । ବାହାରେ ଠିଆ ହୋଇ, ନର୍ଦ୍ଦମାକୁ ସଫା କରି ହୁଏନି, ନର୍ଦ୍ଦମା ସଫା କରିବାକୁ ହେଲେ ନର୍ଦ୍ଦମା ଭିତରକୁ ଓହ୍ଲେଇବାକୁ ପଡେ । ପହଁରା ଶିଖିବା ପାଇଁ ପାଣିରେ ପଶିବାକୁ ହୁଏ । ଯଦି ତୁମେ ଚୁପ୍ ବସି ଯିବ ତେବେ ଏଇ ନର୍ଦ୍ଦମାର ପାଣି ଦିନେ ତୁମ ଘର ଭିତରେ ପଶିବାକୁ ବେଶି ଡେରି ଲାଗିବନି । ବେଳ ଥାଉ ଏ ସବୁ ସଫା କରିବାକୁ ହେବ । କିନ୍ତୁ କେବେ, କିଏ ସଫା କରିବ ଏ ଅବର୍ଜନାକୁ ? ଦୁଷ୍ଟ ଲୋକ ମାନେ ବେଶି ଶକ୍ତିଶାଳୀ ନଥାନ୍ତି, ତଥାପି ନିର୍ଦ୍ୱନ୍ଦରେ ଅତ୍ୟାଚାର କରି ପାରନ୍ତି କାରଣ, କିଛି ଦୁର୍ବଳ ଲୋକ ଏହି ଅତ୍ୟାଚାର ସହି ଯାଆନ୍ତି ଏବଂ ସବଳ ଏବଂ ଭଲ ଲୋକ ନୀରବ ଦର୍ଶକ ସାଜି ଚୁପ୍ ରହନ୍ତି । କିନ୍ତୁ ଏବେ ଚୁପ୍ ରହିବାର ସମୟ ଆଉ ନାହିଁ । ଆମକୁ ଏ ସବୁର ପ୍ରତିବାଦ ଓ ପ୍ରତିରୋଧ କରିବାର ସମୟ ଆସି ଯାଇଛି ।

'ଆମକୁ କଣ ମିଳିବ'? ସେ ଚିନ୍ତା ନକରି ଆମେ କଣ କରି ପାରିବା, ଦେଶ ଓ ଦଶଙ୍କୁ କଣ ଦେଇ ପାରିବା ସେ କଥା ଚିନ୍ତା କରିବାର ସମୟ ଆସି ଯାଇଛି । କେହି କାହା ପାଇଁ ଯୁଦ୍ଧ ଲଢେନା, ନିଜର ଲଢେଇ, ନିଜକୁ ହିଁ ଲଢିବାକୁ ହୁଏ । ତୁମେ ଯଦି ଅପେକ୍ଷା କରି ବସି ଯିବ, କି ଦିନେ ନା ଦିନେ ଭଗବାନ ଅବତାର ନେଇ ଆସିବେ ଏବଂ ସଂସାରର ସବୁ ଦୁଃଖ ଦୂର କରି ଦେବେ, ତେବେ ସେ ଦିନ କେବେ ବି ଆସିବନି । ପିଲା ଦିନେ ତୋ ନାଆଁ ଅର୍ଜୁନ ରଖିଲା ବେଳେ ମୁଁ ମୋ ମନରେ କେବେ ସେମିତି ବିଶେଷ କିଛି ଭାବି ନଥିଲି, କିନ୍ତୁ ଆଜି ତୋତେ ଦେଖି ମୋର ମନେ ହେଉଛି ତୋ ନାଆଁ ଅର୍ଜୁନ ଦେବାର ଯଥାର୍ଥତା ଥିଲା, ଏବଂ ଏହି ଯଥାର୍ଥତା ଆଜି ତୋତେ ପ୍ରମାଣ କରିବାକୁ ହେବ । ଆଗରେ ତୋର ମହାଭାରତର ଯୁଦ୍ଧଭୂମି ତୋତେ ଅପେକ୍ଷା କରିଛି । ନିଜ ବିବେକକୁ ତୋର ସାରଥୀ କରିନେ, ତୋର ବିବେକ ବାସୁଦେବ ଶ୍ରୀକୃଷ୍ଣଙ୍କ ପରି ତୋତେ ଗୀତା ଜ୍ଞାନ ଦେଇ ଦେବ । ସତ୍ୟ ନ୍ୟାୟର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାର୍ଗରେ ଚାଲି ତୋତେ ଏଇ ମହାଭାରତର ଯୁଦ୍ଧ ତୋତେ ଜିତିବାକୁ ହେବ ।

ଟିକିଏ ବିରାମ ନେଇ ବାପା ପୁଣି କହିଲେ, ପୁଅରେ, ଆମେ ନିମ୍ନ ମଧ୍ୟବିତ୍ତ ପରିବାରର ମଣିଷ । ମୁଁ ଜୀବନରେ ଏତେ ଅଧିକ ଧନ କେବେ ବି ଯୋଗାଡ କରି ପାରିଲିନି ଯେ ତୋ ଚାଲିବା ପାଇଁ ଖାଲ ଖମା, କଣ୍ଟକିତ ବିହୀନ ପିଚ୍ଛିଳ ରାଜ ରାସ୍ତା ତିଆରି କରି ଦେଇ ପାରିଥାନ୍ତି । କିନ୍ତୁ ମୋର ସୀମିତ ସମ୍ବଳ ଭିତରେ ମୁଁ ତୋତେ ସବୁ ପ୍ରକାରର ରାସ୍ତାରେ ଚାଲି ପାରିବାର କଳା କୌଶଳ ଶିଖାଇ ଦେଇ ପାରିଛି । ତୁ ଆଜି ନିଶ୍ଚିତ ଭାବେ କବି ବିନୟ ମହାପାତ୍ରଙ୍କର ଏହି କବିତା ପଦଟି ଆତ୍ମବିଶ୍ୱାସର ସହିତ ଦୋହୋରାଇ ପାରିବୁ;

ବିଶ୍ୱାସ ମୋ ପଥ ପରେ ନୁହେଁ,
ବିଶ୍ୱାସ ମୋ ଦୃଢ, ନିଜ ରଥ ପରେ,
ରଥ ପାଇଁ ପଥ ଏ ଦୁର୍ଗମ, ହେଲେ
ପଥ କିବା ରୋକିବ ମୋ ରଥ
ଦୁର୍ଜୟ ହୃଦୟ ମୋର, ବଜ୍ର ମୋର ହାତ !
(କବିତା "ପଥ ଓ ରଥ")

ଜୀବନରେ କାହାକୁ ନିଜର ଆଦର୍ଶ ମାନି ନେବା ଭୁଲ ନୁହେଁ, କିନ୍ତୁ କାହାର ଅନ୍ଧ ଭକ୍ତ ହୋଇ ଯିବା, ମିଥ୍ୟାର ପ୍ରଚାର କରିବା କେବଳ ପାପ ନୁହେଁ, ବରଂ ଅକ୍ଷମଣୀୟ ଅପରାଧ ମଧ୍ୟ । ସତ୍ୟର ପଥ କଣ୍ଟକିତ, ବନ୍ଧୁର ଏବଂ ଯାତନାରେ ଭରା, ତଥାପି ସତ୍ୟର ମାର୍ଗ ତ୍ୟାଗ କରିବା କଦାପି ଉଚିତ୍ ନୁହେଁ । ଯୁଗେ ଯୁଗେ ସତ୍ୟର ହତ୍ୟା କରା ଯାଇଛି । ଯିଶୁଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢାଇ ଦିଆ ଗଲା, ସକ୍ରେଟିସଙ୍କୁ ବିଷ ପିଆଇ ଦିଆ ଗଲା, ଗୌତମ ବୁଦ୍ଧଙ୍କୁ ଧୋଖାରେ ଆମିଷ ଖୁଆଇ ଦିଆ ଯାଇ ଥିଲା । ଆମ ଇତିହାସ ପୁରାଣ ଏପରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାହାଣୀରେ ଭରି ରହିଛି । ସଂସାରରେ ପାପ ବଢିବାର କାରଣ କେବଳ ଏ କଥା ପ୍ରମାଣିତ କରେନି ଯେ ପାପୀ ବଳବାନ ଥିଲା, ବରଂ ଏ କଥା ବି ପ୍ରମାଣିତ କରେ ଯେ ଜ୍ଞାନୀ ଜନଗଣ ନୀରବ ଦର୍ଶକ ସାଜି ପାପ ହେଉ ଥିବାର ଦେଖୁ ଥିଲେ । କେହି ଜଣେ ବି ପ୍ରତିବାଦ କରିବାର ସାହସ କରି ନଥିଲେ । କୁରୁସଭା ତଳେ ଦ୍ରୌପଦୀ ବସ୍ତ୍ର ହରଣ ପ୍ରସଙ୍ଗ, ଏଇ କଥାର ଏକ ଯଥାର୍ଥ ପ୍ରମାଣ । କୁରୁସଭାରେ ଉପସ୍ଥିତ ଜ୍ଞାନୀ ଜନଙ୍କ ମଧ୍ୟରୁ ଯଦି କେହି ଜଣେ ବି ପ୍ରତିବାଦ କରି ଥାଆନ୍ତା ତାହା ହେଲେ ହୁଏତ ମହାଭାରତ ଯୁଦ୍ଧ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ପାରିଥାନ୍ତା । କିନ୍ତୁ ଏ ସବୁ ଘଟଣାକୁ କେବଳ ବିଧି ନିର୍ଦ୍ଦେଶ ଓ ଭଗବାନଙ୍କ ଲୀଳା ବୋଲି ମାନି ନିଆ ଗଲା ।

ଆଜି ଦେଶରେ ଯାହା ବି ଘଟୁଛି ସେ ସବୁକୁ ମଧ୍ୟ ବିଧି ନିର୍ଦ୍ଦେଶ ଭାବି ଚୁପ୍ ବସି ଯିବା କଣ ବୁଦ୍ଧିମାନର କାର୍ଯ୍ୟ ହେବ ? କହନ୍ତି ଶାନ୍ତି ସ୍ଥାପନ ପାଇଁ ଯୁଦ୍ଧ ଅନିର୍ବାଯ୍ୟ । ଯୁଦ୍ଧ ତ କରିବାକୁ ହେବ । କିନ୍ତୁ ସେ ଯୁଦ୍ଧର ତୁର୍ଯ୍ୟ ନାଦ କିଏ କରିବ ? କିଏ ? କାହାର ଅପେକ୍ଷାରେ ଅଛେ ଆମେ ସବୁ ? କେବେ ଆସିବ ସେହି ଅବତାରୀ ପୁରୁଷ ? ଦେଶ ସ୍ୱାଧୀନ କରିବାକୁ ଗାନ୍ଧୀ ପୁଣି ଆସିବେ ? କହନ୍ତି ବ୍ରହ୍ମ ସତ୍ୟ ଜଗତ ମିଥ୍ୟା । କିନ୍ତୁ ଏ ଜଗତ କଣ ମିଥ୍ୟା, କବି ବିନୟ ମହାପାତ୍ରଙ୍କର ଏକ କବିତାର ଏଇ କେତୋଟି ଲାଇନ କଣ କାହା ମନକୁ ଆନ୍ଦୋଳିତ କରେନି ?

କିପରି ନକାରି ଯିବି
ଜଳ ଜଳ ଆଖି ଖୋଲି
ଚଉଦିଗେ ଦେଖୁ ଅଛି ଯାହା ।
ଶୁଣେ ଯେଉଁ ଆର୍ତ୍ତନାଦ ବ୍ୟାକୁଳ କ୍ରନ୍ଦନ,
ଦିନ ଦିପହରେ ଲୁଣ୍ଠିତା ଅବଳାର ରାହା,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ନ ବିହୁନେ କ୍ଷୁଧାର୍ତ୍ତ ଶିଶୁର କ୍ରନ୍ଦନ,

ଲୋଭ, ହିଂସା ଧର୍ମାନ୍ଧତା ପ୍ରାଣ କରେ ସ୍ୱାହା ।

ଖୋଜୁଛି ସେ ଜ୍ଞାନ,

ଖୋଜୁଛି ସେ ପ୍ରଭୁଙ୍କୁ

ମୁକ୍ତି ପାଇଁ ନୁହେଁ, ଶକ୍ତି ଟିକେ ଲୋଡେ

ଯିଏ ଭରି ଦେବ ପ୍ରତିଟି ଶିଶୁର ମୁହଁରେ

ତୃପ୍ତିର ହସ ଧାର ଟିକେ,

ରୋପି ଯିବ ପ୍ରତିଟି ନାରୀ ହୃଦୟରେ

ସ୍ୱାଭିମାନ, ନିର୍ଭୟର ବିଜ,

ପ୍ରତିଟି ଯୁବା ହାତକୁ ଯଥୋଚିତ କର୍ମ

ପ୍ରତିଟି ଭୋକିଲା ପେଟକୁ ପେଟଭରା ଅନ୍ନ ।

(କବିତା "ଜଗତ ସତ୍ୟ")

ବାପାଙ୍କର କଥା ଶୁଣି ଅର୍ଜୁନ ଠିଆ ହୋଇ ପଡିଲା, ସ୍ୱତଃ ତା ପାଟିରୁ ବାହାରି ପଡିଲା, ଦେଶକୁ ବେକାରୀ, ଦାରିଦ୍ରତା, କ୍ଷୁଧା, ଧର୍ମାନ୍ଧତାରୁ ମୁକ୍ତ କରିବାକୁ, ମିଥ୍ୟାଚାରୀ ନେତା, ଅନ୍ଧ ଭକ୍ତଙ୍କର ଗଳା ଫଟା ମିଥ୍ୟା ପ୍ରଚାରରୁ ଜନତାଙ୍କୁ ମୁକ୍ତି ଦେବା ପାଇଁ ଆଉ ଥରେ ଯୁଦ୍ଧ ଲଢିବାକୁ ହେବ । ମୁଁ ଲଢିବି ସେ ଯୁଦ୍ଧ । ମୁଁ ଜାଣିଛି, ଏ ଯୁଦ୍ଧ ଜିତିବା ଏତେ ସହଜ ନୁହେଁ ତଥାପି ନହାରିବାର ସଙ୍କଳ୍ପ ନେଇ ମୁଁ ଲଢିବି ଏ ଯୁଦ୍ଧ । ମୁଁ ବି ପଢିଛି ସେଇ କବିତାଟି, ମୋର ବି ମନେ ଅଛି ସେଇ ଶାଣିତ ଶପଥ;

ସ୍ରୋତ ସହ ସହଜରେ ଭାସିଯିବା

ଚାହିଁ ନାହିଁ କେବେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛି ମୁଁ ଜୀବନ ନିଷ୍ଠୁର,
ତଥାପି ସ୍ରୋତ ବିପରୀତ,
ସନ୍ତରଣେ ଅଭ୍ୟସ୍ତ ମୋ ପାଦ ।
ଡର ନାହିଁ ତିଳେ ମାତ୍ର,
ଯୁଦ୍ଧ ହାରିବାରେ,
ହାରିଲେ ଶିଖିବି,
ହରାଇବାର ଗୁରୁ ମନ୍ତ୍ର ।
ହାରିବା ଭୟରେ କେବେ,
ଅଟକି ଯିବିନି, ଜୀବନ ଯୁଦ୍ଧରେ,
ଚେଷ୍ଟା ମୋର ଅବିରତ ଜିତିବାର ପାଇଁ
ଲଙ୍ଘି ଯିବି ଦୁର୍ଗମ ପଥ, ମନେ ଡର ନାହିଁ ।
(କବିତା "ପଥ ଓ ରଥ")

ବାପା ଏବଂ ଅର୍ଜୁନର କଥା ଶୁଣି ମାଆଙ୍କ ମନରେ ବି ସାହସ ଆସି ଯାଇ ଥିଲା ।ସେ ବୁଝି ଯାଇ ଥିଲେ ଯେ ଘରର କବାଟ, ଝରକା ବନ୍ଦ ରଖିବା ପରେ ବି, ମଣିଷ ନିରାପଦ ନୁହେଁ ।ଗୋଟିଏ ଫନି ତୋଫାନ ସବୁ କିଛି ଘଡିକରେ ନଷ୍ଟ କରି ଦେଇପାରେ ।ବାହାରର ଅଳିଆ ଘର ଭିତରେ ପଶିବା ଆଗରୁ ତାକୁ ସଫା କରି ଦେବା ଉଚିତ୍ ।ମାଆ ନିଜେ ଯାଇ ଝରକା ଖୋଲି ଦେଲେ ।ଏବଂ ଅର୍ଜୁନ ମଥାରେ ହାତ ବୁଲାଇ ଆଣି କହିଲେ ଧନରେ, ଘରର ବନ୍ଦ କବାଟକୁ ମୁଁ ଖୋଲି ଦେବି, ଯୁଦ୍ଧ ପାଇଁ ମୁଁ ତୋ ମଥାରେ ବିଜୟ ତିଳକ ଲଗାଇ ତୋର ବିଜୟର କାମନା କରିବି ।ଧର୍ମର ଜୟ ହୁଏ ।ମାନବ ସେବା ହିଁ ମାଧବ ସେବା, ଏଇ ମନୋଭାବ ନେଇ ତୁ ଆଗେଇ ଯିବୁ ।ମନର ସଙ୍କଳ୍ପ ଦୃଢ ଥିଲେ, ସତ୍ୟ ଓ ନ୍ୟାୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଥରେ ଚାଲିଲେ, ତୁ କେବେ ଏକୁଟିଆ ପଡି ଯିବୁନି, ବରଂ ଦେଖିବୁ ତୋରି ଆଦର୍ଶରେ ବିଶ୍ୱାସ କରୁଥିବା ଜନତା ତୋ ସାଥିରେ ତୋ ପଛରେ ତୋର ସହଯାତ୍ରୀ ହୋଇ ଯିବେ । ଯୁଦ୍ଧଭୂମିରେ କେବଳ ତୁ ଏକୁଟିଆ ନଥିବୁ, ଏ ଯୁଦ୍ଧ ଲଢିବାକୁ ତୋ ସହିତ ଅନେକ ସାଥୀ ଥିବ ।

ଅଦମ୍ୟ ସାହସ, ଧୈର୍ଯ୍ୟ,
କଠିନ ଶ୍ରମ ଅବିଶ୍ରାନ୍ତ,
ଦୃଢ ସଂକଳ୍ପର ଆଗେ
ମଥା ନୁଆଅନ୍ତି ସର୍ବେ,
ଧନଞ୍ଜୟ ଜିତିଯାଏ କୁରୁକ୍ଷେତ୍ର,
ଶତ ଭ୍ରାତା, ସହସ୍ର ରଥୀ ମହାରଥୀ,
ଧରା ଶାୟୀ, ଲଭନ୍ତି ପରାସ୍ତ ।
(କବିତା "ପଥ ଓ ରଥ")

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତହୀନ ଜ୍ୟୋତ୍ସ୍ନା



ରୁଦ୍ରକାନ୍ତ ରାଉତରାୟ

ପୂର୍ଣ୍ଣିମା ରାତିରେ ପ୍ରବୀଣ ତାଙ୍କ ବାରଣ୍ଡାରେ ନିଜ ଆରାମ ଚୌକିରେ ବସି ଜହ୍ନ ସହ କଥା ହେବାକୁ ଭଲପାଆନ୍ତି । ପଚାରନ୍ତି ମୋ ବୟସ ୮୦, ତମର ? ମନେହୁଏ, ସେ ଅନୁଭବ କରନ୍ତି, ସେ ଜ୍ୟୋତ୍ସ୍ନାର କୋମଳ ସ୍ପର୍ଶକୁ ଜାଗ୍ରତ ଓ ନିଦ୍ରିତ ଅବସ୍ଥାରେ । ଅନେକ କଳ୍ପନାର ଅଙ୍କ କଷନ୍ତି । ସନ୍ଧ୍ୟାର ଚା'ବି ସେମିତି ଟି ପଏ ଉପରେ ଥୁଆ ହୋଇଅଛି । ଚା ଶୀତଳ ହୋଇଗଲାଣି ବୋଲି ସାଧୁ (ଚାକର) କହି ଉଠିଲେ । ଝପଟି ଉଠି, ମନେ ମନେ ଭାବିଲେ ସ୍ୱପ୍ନରେ ସ୍ଥୂଳତାରେ ସେ ଯେଉଁ ଚା ପିଇଥିଲେ, ତାର ସୂକ୍ଷ୍ମ ଅନୁଭୂତି ବୋଧେ ସତ ସତିକା ଚା ଠାରୁ ଖୁବ୍ ଆନନ୍ଦଦାୟକ ଥିଲା ।

ପୁଣି, ହଠାତ୍ ଭାବନାରେ ପ୍ରବୀଣ -

ମାଳବିକା ଏସବୁ ଘର ଦୁଆର ମୁହଁରେ ଛିଡା ହୋଇ ଦେଖୁଥାନ୍ତି । ପ୍ରବୀଣଙ୍କ ମୁଖମଣ୍ଡଳରେ ଅଦିନିଆ କ୍ଳାନ୍ତି ଅନୁଭବ କରିପାରୁଥାନ୍ତି ସେ । ପଛପଟରୁ ଆସି ମୁଣ୍ଡରେ ହାତ ମାରି ଡାକି, କହିଲେ କେଉଁ ଭାବନାରେ ମଗ୍ନ ହୋଇପଡିଛ ଯେ ? ସେ ଜହ୍ନକୁ ଚାହିଁ କଣ ଭାବୁଛ ? ଉତ୍ତରରେ ପ୍ରବୀଣ ସାମାନ୍ୟ ସ୍ମିତ ହାସ୍ୟରେ କହି ଉଠିଲେ "ଅନୁଭବ କରୁଛି ଏକ ଆବଦ୍ଧ କୋଠରୀରେ ବନ୍ଦୀ ପ୍ରେମାତୁର ପ୍ରେମିକର ମନକୁ, ଏକ ଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରତିଜ୍ଞାରେ ନିରୁପାୟ ମଣିଷକୁ ଆଉ ଏକ ଅନିଶ୍ଚିତ ଶୀତଳତାକୁ ଯେଉଁଠି ଗଣିତର ସୂତ୍ର ବି ବିଫଳ, ବୈଜ୍ଞାନିକଙ୍କ ଗବେଷଣା ବି ନିଷ୍ଫଳ, ଏକ ଚରମ ଅନୁଭୂତି ।ତମେ ବୁଝିପାରିବନି ।

ମାଳବିକା - ହସି କହି ଉଠନ୍ତି- କଣ' ପୂର୍ଣ୍ଣିମା ?

ପ୍ରବୀଣ ପୂର୍ଣ୍ଣିମା ! କଣ ଯେଉଁ ତିଥିରେ ଏ ପୂର୍ଣ୍ଣ ଜହ୍ନ ଦୃଶ୍ୟମାନ ହୁଏ । ମାଳବିକା ଯାଇ ପ୍ରବୀଣଙ୍କ ପାଖରେ ବସିପଡନ୍ତି । ପ୍ରବୀଣ ଧୀରେ କଣେଇ ଚାହିଁ କହିଉଠନ୍ତି - ଏବେ ଖାଲି ଅମାବାସ୍ୟାର କଳା ଚାଦର ଭିତରେ ମନର ସେ ଗହନ ପାଠ ମଲାଟ ଭିତରେ ଘୋଡେଇ ହୋଇସାରିଛି । ଅପଢା, ଅଲୋଡା ପ୍ରାୟ । ଉତ୍ତରରେ ମାଳବିକା କହିଉଠନ୍ତି ଉଁ ହୁଁ - ଅବୁଝା, ଅସରା, ମୋ ପାଇଁ ସେ ଅମା ଅନ୍ଧକାରଟି ପୂର୍ଣ୍ଣିମାର ଉପସ୍ଥିତିକୁ ବୁଝାଏ ।

ପ୍ରବୀଣ - ମନେଅଛି ?

ମାଳବିକା - ହୁଁ (ଅସ୍ପଷ୍ଟ) । ମନେ ଅଛି ଅଙ୍କଲ ଯେଉଁଦିନ ତୁମକୁ ପ୍ରଥମଥର ଦେଖାକରି ପୂର୍ଣ୍ଣିମା ବିଷୟରେ ପଚାରିଥିଲେ । ପ୍ରବୀଣ ଏକଥା ଶୁଣି ଜୋରରେ ହସିଉଠିଲେ । ସେ ହସ ଓଠକୁ ଶୋଭା ପାଉନଥାଏ । ଏକ କୃତ୍ରିମ ଦେଖାଣିଆ ହସ ପରି ଲାଗୁଥାଏ । ଓଠରୁ ହସ ସରୁ ନ ସରୁଣୁ ଆଖିରୁ ଦୁଇଟୋପା ଲୁହ ଧାର ହୋଇ ବୋହିଗଲା । ମାଳବିକା ତତ୍କ୍ଷଣାତ୍ କାନିରେ ଲୁହ ପୋଛିବାକୁ ଉଦ୍ୟତ ହୁଅନ୍ତେ ପ୍ରବୀଣ ତାଙ୍କ ହାତଧରି ଅଟକାଇ କହି ଉଠିଲେ, ଜୀବନ୍ତ ଅତୀତର ଉନ୍ମାଦନାକୁ କଣ ତୁମର କାନିର ଏ କ୍ଷଣିକ କୋମଳ ସ୍ପର୍ଶ ଶାନ୍ତ କରିପାରିବ ? ତା ପରେ ଅତୀତର ସେ ସ୍ମୃତିରେ ହଜିଯାନ୍ତି ଦୁହେଁ । ରିଟାଏଡ୍ ଫିଜିକ୍ସ ପ୍ରଫେସର ସୁରଜିତ୍ ସାମନ୍ତଙ୍କ ଝିଅ ପୂର୍ଣ୍ଣିମା, ଏଫ.ଏମ. ୟୁନିଭରସିଟିରେ କେମିଷ୍ଟ୍ରିରେ ପି.ଜି କରୁଥାଏ, ତାର ଅତିପ୍ରିୟ ବାନ୍ଧବୀ ମାଳବିକା ମଧ୍ୟ ପିଜି କରୁଥାଏ । ଲାବ୍‌ରେ ପ୍ରଥମେ ଦେଖାହୁଏ ପ୍ରବୀଣ ସହ ପୂର୍ଣ୍ଣିମାର । ସୁନ୍ଦର, ସୁଠାମ, ଚେହେରା ପ୍ରବୀଣର । ପୂର୍ଣ୍ଣିମା କଣେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଣେଇ ଚାହୁଁଥାଏ ପ୍ରବୀଣକୁ । ମାଳବିକାର ଉଁ ଖୁଁ ଶବ୍ଦରେ ପୂର୍ଣ୍ଣିମା ପୁଣି ତଳକୁ ଚାହିଁ ନିଜ କାମରେ ଲାଗିଯାଏ । ଏମିତି କିଛିଦିନ ବିତିଯାଏ । ପରୀକ୍ଷା ସମୟରେ ଆଲଫାବେଟ୍ ଅନୁସାରେ ସିଟ୍ ପଡିଥିଲା । ଠିକ୍ ପ୍ରବୀଣର ପଛ ସିଟରେ ବସିଥାଏ ପୂର୍ଣ୍ଣିମା । କଣ ଗୋଟେ ଉତ୍ତର ପାଇଁ ନିଜ ଆଙ୍ଗୁଠି ଟିପରେ ପ୍ରବୀଣର ପିଠିକୁ ସ୍ପର୍ଶ କରିବାରୁ ପ୍ରବୀଣ ପଛକୁ ବୁଲି କଣ ହେଲା ବୋଲି ପଚାରନ୍ତେ ପୂର୍ଣ୍ଣିମା କହିଉଠେ ତିନି ନମ୍ବର ପ୍ରଶ୍ନର ଉତ୍ତର କୁହନା । ପ୍ରବୀଣ ନିଃସଙ୍କୋଚରରେ ଉତ୍ତରଟି କହିଦିଏ । ମାଳବିକା କିନ୍ତୁ ଜାଣି ପାରୁଥାଏ, ପୂର୍ଣ୍ଣିମା ପ୍ରବୀଣ ପାଇଁ ଏକ ନୂତନ ଭାବନାରେ ବିହ୍ୱଳିତା । ପ୍ରବୀଣ ପରି ସରଳ, ମେଧାବୀ, ସୁନ୍ଦର ରୂପ ଯୌବନ ସଂପନ୍ନ ପିଲାକୁ କିଏବା କାହିଁକି, ଆଦର ନକରିବ । କ୍ରମେ ପୂର୍ଣ୍ଣିମା ଓ ପ୍ରବୀଣ ଲାଇବ୍ରେରୀ, ୟୁନିଭରସିଟି ଫିଲ୍ଡ, ଗାର୍ଡେନରେ ସାଥୀ ହୋଇ ବୁଲିବାର କଥା ହେବାର ମାଳବିକା ହିଁ ସାକ୍ଷୀ । କାରଣ ପୂର୍ଣ୍ଣିମା ପାଖରେ ମାଳବିକା ପ୍ରତି ମୁହୂର୍ତ୍ତରେ ଥାଏ । ମାଳବିକା ପୂର୍ଣ୍ଣିମାର ବାନ୍ଧବୀ ତତ୍‌ସହିତ ତାର ମାଉସୀ ଝିଅ । ମାଳବିକାର ବାପା ମା' ମରିଗଲା ପରେ ପ୍ରଫେସର ସୁରଜିତ୍ ତାକୁ ନିଜ ଝିଅ ପରି ପାଳିପୋଷି, ବଡମଣିଷ କରିଛନ୍ତି । ପୂର୍ଣ୍ଣିମା ଓ ମାଳବିକାକୁ ପ୍ରବୀଣ ସହ ଗାର୍ଡେନରେ ବସି ହସ ମଜା କରୁଥିବାର ସୁରଜିତ ବାବୁ ଦେଖିଲେ । ଘରକୁ ଯାଇ ପ୍ରବୀଣ ବିଷୟରେ ପଚାରିବାରୁ ଦୁହିଁଙ୍କ ପାଟି ଖନି ମାରିଗଲା । ପୂର୍ଣ୍ଣିମା କହି ଉଠିଲା ସେ ମାଳବିକାର ସାଙ୍ଗ ପ୍ରବୀଣ । ଦୁହିଁଙ୍କର ଆଖି ଠରା ଠରି ଓ ଥରିଲା ଓଠକୁ ଦେଖି ପ୍ରଫେସର ସୁରଜିତ୍‌ଙ୍କ ମନ ଅନୁସନ୍ଧାନର ଦିଗନ୍ତ ବିସ୍ତାରୀ ବିହଙ୍ଗ ପରି ଉଡି ବୁଲୁଥିଲା । ପରଦିନ ପ୍ରବୀଣଙ୍କୁ ସୁରଜିତ୍ ଏକାନ୍ତରେ ଡାକି ପୂର୍ଣ୍ଣିମା ଓ ତାର ସଂପର୍କ ବିଷୟରେ ପଚାରନ୍ତେ ପ୍ରବୀଣ ନିଃସଙ୍କୋଚରେ ସଂପର୍କର ଫର୍ଦ୍ଦ ଗୁଡିକୁ ଖୁବ୍ ନିଖୁଣ ଭାବେ ଓଲଟେଇ ଚାଲିଲା । ପ୍ରବୀଣର ସଚୋଟ ପଣିଆ ଓ ନିଡରପଣ ସୁରଜିତ୍‌ଙ୍କୁ ବହୁତ ଭଲ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଥିଲା ଓ ପୂର୍ଣ୍ଣିମା ପାଇଁ ପ୍ରବୀଣ ଯେ, ଉପଯୁକ୍ତ ତାହା ମଧ୍ୟ ବୁଝିଯାଇଥିଲେ ସେ । ହେଲେ ଏ ଖୁସି କେତେଦିନ ? ଏମିତି ସମୟ ଧାରରେ ପ୍ରୀତିର ସୁଅ ବିନା ଦ୍ୱିଧାରେ ଗତି କରୁଥିଲା । ଦିନେ ଷ୍ଟଡି ରୁମ୍‌ରେ ଏକାକୀ ପୂର୍ଣ୍ଣିମା ବସି ମାଳବିକାର ବହି ଖେଳାଉଥାଏ । ପ୍ରବୀଣର ଫଟୋ ଅତି ଯତ୍ନରେ ମାଳବିକା ତା ବହିରେ ସାଇତି ରଖିଥିବାର ଦେଖି ସେଦିନ ରାତିରେ ପୂର୍ଣ୍ଣିମା ବିସ୍ମୟ ପ୍ରକାଶ କରିଥିଲା ସତ ହେଲେ ଏ ସଂପର୍କରେ ମାଳବିକାକୁ କେବେ ପ୍ରଶ୍ନ କରିନଥିଲା । ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲେ ବି ହୃଦୟର ନିବୃତ୍ତ କୋଣରେ ସେ ବନ୍ଦୀ ହୋଇ ରହିଗଲା । ଇତିମଧ୍ୟରେ ପ୍ରବୀଣ ଓ.ଏ.ଏସ. ପାଇଲା । ଜଏନ୍ କରିବାର ମାସେ କି ଦୁଇମାସ ମଧ୍ୟରେ ବାହାଘର ହେବାର ସ୍ଥିର ମଧ୍ୟ ହେଲା । ପ୍ରବାହମାନ ସମୟ ସହ ପ୍ରାୟ ସବୁ ଠିକ୍ ଚାଲୁଥିଲା, ହେଲେ ହଠାତ୍ ମଗୁଶିରର ସେ ଲୋମ ଟାଙ୍କୁରା ଶୀତରେ ସାଲ୍ୱେଲ ଘୋଡେଇ ହୋଇ ପୂର୍ଣ୍ଣିମା ଏକାକୀ ୟୁନିଭରସିଟିର ଗାର୍ଡେନ ରେ ରାତି ୧୦ ଟା ବେଳେ ଧପ୍ ଧପ୍ ହୋଇ ଜଳୁଥିବା ମର୍କ୍ୟୁରୀ ଲାଇଟ୍ ତଳେ ବେଞ୍ଚରେ ବସିଛି, ଆସିଛି ମାଳବିକାକୁ ଭେଟିବାକୁ । ବଡ ଆଶ୍ଚର୍ଯ୍ୟ ଘରେ ତ କଥା ହୋଇ ପାରିଥାନ୍ତା । କଣ ସେ କଥା ? ମାଳବିକା ଆସି ଠିକ୍ ସେଇ କଥା ପଚାରିଲା । ତୁ ଏଠିକୁ ମୋତେ ଡାକିଲୁ ଯେ ? ପୁଣି ଏତେ ରାତିରେ ?

ପୂର୍ଣ୍ଣିମା- ଲୁହଭରା ନୟନରେ ଚିଠିଟିଏ ଧରେଇ ଦେଇ ଦୌଡି ଚାଲିଗଲା ଆଉ ଯିବାବେଳେ ଖାଲି ଗୋଟେ ପଦ କହି ଦେଇଗଲା । "ତୋ ବିନା ପ୍ରବୀଣକୁ ପାଖରେ ପାଇବା ଓ ଦେଖିବା ସମ୍ଭବ ନୁହେଁ ତେଣୁ ମୋ ରାଣ ମୋ କଥା ରଖିବୁ ।"

ମାଳବିକା ଚିଠିଟିକୁ ପଢି "ମାଳବିକା ଆଜି ବାପାଙ୍କ ଡ୍ର ରୁ ମୁଁ ତାଙ୍କ ଡାଏରୀ ପାଇଲି ଆଉ ସେ ଡାଇରୀରେ ଚଉତା ହୋଇ ରହିଥିବା ମୋ ମେଡିକାଲ ରିପୋର୍ଟ ଦେଖିଲି । ମୋର ଦୁଇଟି କିଡିନୀ ଖରାପ ହୋଇଯାଇଛି । ଆଉ ଖୁବ୍ କମ୍‌ଦିନ ବଂଚିବି, କାହିଁକି ପ୍ରବୀଣଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନ ସହ ଖେଳିବି କହିଲୁ । ମୁଁ ବି ଜାଣିଛି ତୁ ପ୍ରବୀଣଙ୍କୁ ବହୁତ ଭଲ ପାଉ । କାରଣ ପଚାରିଲେ ମୁଁ ଏତିକି କହିବି, ପ୍ରବୀଣଙ୍କ ଛବିରେ ତୁ ତୋ ଛବିକୁ ଉତ୍ତୋଳନ କରିବାର ମୁଁ ଅନୁଭବ କରିଛି । ତୋତେ ମୋ ରାଣ ପ୍ରବୀଣକୁ ଏସବୁ ଜଣେଇବୁ ନାହିଁ । ବାସ୍ ତା ପରେ ପୂର୍ଣ୍ଣିମା ପ୍ରବୀଣଙ୍କୁ ଘୃଣା କରିବାର ଅଭିନୟ କରିଚାଲେ । ପ୍ରବୀଣ କିନ୍ତୁ ପୂର୍ଣ୍ଣିମାର ଏକ ପରିବର୍ତ୍ତନକୁ ସାଧାରଣ ଘଟଣା ବୋଲି ବିଶ୍ୱାସ କରିପାରୁନଥାଏ । ମାଳବିକାର ସରଳତା ଓ ଆପଣାର ଭାବ ପାଖରେ ପ୍ରବୀଣବନ୍ଦୀ ହୋଇଗଲା । ସୁରଜିତ୍ ପୂର୍ଣ୍ଣିମାର ଜିଦ୍ ପାଇଁ ମାଳବିକା ସହ ପ୍ରବୀଣର ବିବାହ କଲେ । ବିବାହରେ ପୂର୍ଣ୍ଣିମା ଥିଲା ମୁଖ୍ୟ ଆୟୋଜକ । ଖାଦ୍ୟ, ପାନୀୟ ଠୁ ଆରମ୍ଭ କରି ବରଯାତ୍ରୀ ଚର୍ଚ୍ଚା ପର୍ଯ୍ୟନ୍ତ ସବୁ ପୂର୍ଣ୍ଣିମା ଖୁବ୍ ଆନନ୍ଦରେ ବୁଝୁଥାଏ । ପ୍ରବୀଣ ଏସବୁ ଦେଖି ଖୁବ୍ ଆଶ୍ଚର୍ଯ୍ୟ ଓ ଚକିତ ପ୍ରାୟ ଖାଲି ପୂର୍ଣ୍ଣିମାକୁ ଚାହୁଁଥାଏ । ହାତଗଣ୍ଠି ପଡିଲା । ଆଉ ହାତଗଣ୍ଠି ଖୋଲି ୫ ହଜାର ଟଙ୍କା ସହ ଗ୍ରନ୍ଥୀ ମୋଚନ ଶାଢୀ ମଧ୍ୟ ଦାବି କରିଥିଲା ସେ । ବର କନ୍ୟା ବିଦା ହେଲେ । ଯାନି ଯାତରା ପର୍ବପର୍ବାଣୀରେ ପୂର୍ଣ୍ଣିମା ଭାର ନେଇ ଭଉଣୀ ଘରକୁ ଆସେ ଆଉ ଭିଣୋଇ ସହ ଖୁବ୍ ମଜା ବି କରେ । କିନ୍ତୁ ପ୍ରବୀଣଙ୍କ ଜୀବନରେ ଅତୀତ ଓ ବର୍ତ୍ତମାନର ସମାଧାନ ସୂତ୍ର ସେମିତି ଅସଜଡା । ବାହାଘରକୁ ବର୍ଷଟେ ବିତିଗଲାଣି, ମାଳବିକା ୫ ମାସର ଗର୍ଭବତୀ ଥାଏ, ଦେହର ଅବସତା ଯୋଗୁଁ ଟିକେ ବିଶ୍ରାମ ନେଉଥିଲା । ସେଦିନ ଆଷାଢର ସନ୍ଧ୍ୟା, ଝିପ୍ ଝିପ୍ ବର୍ଷା ବି ହେଉଥାଏ । ଦାଣ୍ଡପଟରେ ଝାପସା ଆଲୁଅ, ଇନର୍ଭଟର ଲାଇଟ୍ ଧପ୍ ଧପ୍ ହେଉଥାଏ । ପ୍ରବୀଣଙ୍କ ଦାଣ୍ଡ କବାଟରେ ଠକ୍ ଠକର ଶବ୍ଦ । ପ୍ରବୀଣ ଚା କପ୍ ଟି ପଏ ଉପରେ ରଖି କବାଟ ଖୋଲି ଦେଖନ୍ତି ସୁରଜିତ ବାବୁ ଓ ପୂର୍ଣ୍ଣିମା । ପୂର୍ଣ୍ଣିମାର ଆଖି ପ୍ରାୟ ମୁଦ୍ରିତ, ମାତ୍ର ମୁହଁରେ ତାର ଗୋଟିଏ ଅସ୍ପଷ୍ଟ ଶବ୍ଦ, ପ୍ରବୀଣ । ପ୍ରବୀଣ ଶ୍ୱଶୁରଙ୍କୁ ପ୍ରଣାମ କରି ସୋଫା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ବସି ପୂର୍ଣ୍ଣିମାକୁ ନିଜ କୋଳରେ ଧରି ପଚାରନ୍ତି କଣ ହେଇଛି ତୁମର ? ସୁରଜିତ୍ କିଛି କହିବାକୁ ଉଦ୍ୟତ ହୁଅନ୍ତେ ମାଳବିକା ଝପଟି ଆସି ପାଣି ଗ୍ଲାସଟିକୁ ପ୍ରବୀଣକୁ ବଢେଇ ଦେଲେ । ପ୍ରବୀଣ ହାତରୁ ଦୋପେ ପାଣି ପାଇ ପୂର୍ଣ୍ଣିମା ପ୍ରବୀଣ ଆଖିକୁ ଚାହିଁ ସାମାନ୍ୟ ସ୍ମିତହାସ୍ୟ ଦେଇ ପୁଣି ଆଖିକୁ ବିଶ୍ରାମ ଦେଇ ଚିରନିଦ୍ରାରେ ଶୋଇଗଲା । ହଠାତ୍ ମାଳବିକା ସ୍ୱପ୍ନରୁ ବାହାରକୁ ଆସି ଦୌଡିଯାଇ ତାଙ୍କ ଡ୍ରେସିଂ ଟେବୁଲ ଡ୍ରୟର ଭିତରେ କଣ ସବୁ ଅଣ୍ଡାଳି ପକେଇଲେ । କିଛି ନପାଇବାରୁ ପଛପଟକୁ ବୁଲି ଦେଖନ୍ତି ପ୍ରବୀଣ ସେ ଚିଠିକୁ ଧରି ଛିଡା ହୋଇଛନ୍ତି, ଯେଉଁ ଚିଠି ପୂର୍ଣ୍ଣିମା ମାଳବିକାକୁ ଦେଇଥିଲା । ମାଳବିକା ଖୁବଜୋରରେ କାନ୍ଦି ଉଠି ପ୍ରବୀଣଙ୍କୁ କୁଣ୍ଢେଇ ଧରନ୍ତି । ପ୍ରବୀଣ ଆଖିରୁ ଚଷମାଟିକୁ ଖୋଲି ଆଖିରୁ ବୋହୁଥିବା ଦୁଇଟୋପା ଲୁହକୁ ପୋଛି ମାଳବିକାକୁ ସେମିତି ଚାହିଁଥାନ୍ତି । ଠିକ୍ ଯେମିତି ଅନେକ କଠିନ ଗଣିତର ସରଳ ସମାଧାନ ପରେ ଏକ ସଫଳ ମେଧାବୀ ଛାତ୍ର ଭଳି । ପ୍ରବୀଣ ପାଇଁ ପୂର୍ଣ୍ଣିମା ରାତିର ଜ୍ୟୋତ୍ସ୍ନା ଅନ୍ତହୀନ,  ଅସରା । ତାଙ୍କ ଜୀବନରେ ସେ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାର ପ୍ଲାବନ ସବୁଦିନ ପୁଲକିତ କରିବ ଏହା ନିଶ୍ଚିତ ।

ଆଡଭୋକେଟ, ଭଦ୍ରକ


ମୋ. ୯୩୪୮୯୮୪୦୫୪

Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲୁହରେ ସିନ୍ଦୁର



ତ୍ରିନାଥ ନନ୍ଦୀ

ସିନ୍ଦୂର ସତ ଲୁହ ସତ । ଲୁହ ଗଢା ପ୍ରତିଟି ମଣିଷର ଦୁଃଖ ଓ ସୁଖ ପାଇଁ । ସିନ୍ଦୁରର ମଧ୍ୟ ଠିକ୍ ସେଇପରି । କାହିଁ କେମିତି ଆଜିର ଦିନରେ ସେ ଲୁହ ଓ ସିନ୍ଦୁର ଆଦି କେମିତି ପରସ୍ପର ନିର୍ଭରଶୀଳ । ଆଉ ଆଜି ସେମାନେ ବେସାହାରା ମଧ୍ୟ । ଆଜି ଆଖିରେ ଲୁହ ପୋଛି ଗଲାଣି ଓ ମଥାର କପାଳରୁ ତିଳକ ସୂର୍ଯ୍ୟ ଯେ ସବୁଦିନ ଝଟକିବାର ଥିଲା ଆଜି ସେ ମଉଳି ଗଲାଣି ସେ ସିନ୍ଦୁର ।

ସମୟର ମୁହୁର୍ତ୍ତ କେତେବେଳେ କେମିତି ସମୟ କଟାଏ ତାହାକୁ କଳନା କରିବା ଅସମ୍ଭବ । ତାରି ଭିତରେ ଆମରି ଜୀବନର ନୌକା ଗଡ଼ି ଯାଉଛି । ଅନେକ କହନ୍ତି ଆମର ସମୟ ଏବେ ଖରାପ । ଆଉ ସେ ସମୟ ଯେବେ ଦୂରେଇ ଯାଏ ସେତେବେଳେ ଯେଉଁ ଆନନ୍ଦ ମିଳେ ତାକୁ ବର୍ଣ୍ଣନା କରିବା ଅସମ୍ଭବ । ମହାପାତ୍ର ବାବୁ, ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଆଉ ପୁଅ ଝିଅ । ଝିଅ ବଡ଼ ପୁଅ ସାନ । ଆଜକୁ ଦୁଇ ବର୍ଷ ହେବ ମାହାପାତ୍ରେ ବିଛଣାରେ । ଘରର ଅବସ୍ଥା କହିଲେ ନସରେ । ତା ଭିତରେ ଦୁଇ ଭବିଷ୍ୟତଙ୍କ ପାଠପଢ଼ା । ଝିଅଟା ବଡ଼ ହୋଇଗଲାଣି ସ୍ନାତକ ଶିକ୍ଷା ଶେଷ ହୋଇଗଲାଣି । ତେଣୁ ପରିବାରର ଅଭାବ ଅନାଟନ ଭିତରେ ସେ ବି ଆଉ ପାଠପଢିବାକୁ ଇଛା କରେ ନାହିଁ । ହେଲେ ପୁଅଟା ଅଷ୍ଟମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରେଣୀରେ ପଢୁଥାଏ । ଏଇ ପରି ତାଙ୍କର ପରିବାର ପ୍ରତିପୋଷଣରେ ସମୟ ବିତେ । ଘରେ ରୋଜଗାର ଦୃଷ୍ଟିରୁ ଦେଖିବାକୁ ଗଲେ ବାଡିର ନଡ଼ିଆ ଗଛ ବିକିବାରେ ଯାହା ଆଉ ତା ସହ କିଛି ସରକାରୀ ସହାୟତା ଆଉ ପୂର୍ବରୁ ସଞ୍ଚିତ ଟଙ୍କା । ସେଇଥିରେ ଚଳେ ପରିବାର ।

ଝିଅଟା ତ ପାଠପଢ଼ା ଛାଡିଦେଲା । ଆଉ କେଇଟା ଦିନ ପରେ ହାତକୁ ଦିହାତ ହୋଇ ଚାଲିଯିବ । ହେଲେ ପୁଅଟା କ'ଣ କରିବ । ଏପଟେ ବାପା ବିଛଣାରେ । କେମିତି କେମିତି ହେଉ ହେଉ ସେଇ ପ୍ରଭୁଙ୍କ କୃପା ପୁଅକୁ ତା ମାଉସୀ ପୁଅ ପାଠ ପଢିବାକୁ ଆଶା ଦିଏ । ଦିନେ ପୁଅ ବି ଭଲ ପାଠପଢିବ । ପୁଅ ବି ସବୁଥିରେ ସଭିଙ୍କ ପରି ଆଗରେ ରହିବ । ଏଇ ଆଶାରେ ଭାଇର ହାତ ସାହାରାରେ ସାନ ଭାଇ ବି ଆଗକୁ ଆଗେଇଛି । ଅଷ୍ଟମ ଶ୍ରେଣୀ ପାଠପଢା ସରିବା ପରେ ପୁଅକୁ ଏଥର ଆବାସିକ ବିଦ୍ୟାଳୟରେ ପଢ଼ାଇବା ପାଇଁ ଭାଇ ମନସ୍ଥ କରି ଛାଡ଼ିଦିଅନ୍ତି । ଆଉ ତା ପରେ ଆରମ୍ଭ ହୁଏ ପାଠପଢ଼ା । ଦୁଇ ଦିନ ହେବ ସେ ଛାତ୍ରାବାସରେ ଥାଏ । ଫୋନ୍ ଆସେ ମହାପାତ୍ରେ ଚାଲିଗଲେ ।

ପୁଅକୁ କିଛି ନକହି ଭାଇ ଆସି ତାକୁ ନେଇଯାଆନ୍ତି । ଘର ପହଞ୍ଚିବା ଯାଏ କିନ୍ତୁ କେହି, କ'ଣ ହୋଇଛି କୁହନ୍ତି ନାହିଁ । ହେଲେ ମନ ତ ତାର ଚଳଚଞ୍ଚଳ ନା ମନେ ମନେ କେତେବେଳେ କଣ ଭାବେ କିଏ ବା କହିବ । ଆଉ କେଇ ଭଡ଼ା (କିଛି ବାଟ) ବାଟ ଥାଏ ଦିନର ସେ ସମୟ ଲହରିର କତର ଓ ସ୍ଥିରତାରୁ ସେ ବେଶ୍ ଅନୁମାନ କରିପାରେ । ପ୍ରତ୍ୟାଗମନର କାରଣ । ସମୟ ମଣ୍ଡଳରେ ତାର ଅନୁମାନ ତା ପାଇଁ ବାସ୍ତବ ହୋଇଯାଏ । ଦୁଃଖ ର ସମୟ ସାଗର ରେ ଆଉ କିଏ ବା ରହିଲା ।

ଲୁହ ଯେବେ ଗଢି ଉଠେ,
ପୋଛିବାକୁ କିଏ ଆସେ ଉଠି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଯାହାର ଦରଦ ପଣ ,

ଦୁଃଖ ସାଗରରେ ପ୍ରଖର ।।

ଦୁଃଖ ଯେବେ ଆସେ ଉଠି,

ସମୟ ଯାଏ ଧସି ରସି ।। ......

ସମୟର ପରିବର୍ତ୍ତନ ତ ଆଉ କେହି ଫେରେଇ ପାରିବନି । ସେଇ ବଡ ଭାଇ ଯାଏ ବାପା ସମାନ ସେଇ ତାରି ଆଶ୍ରାରେ । ମନ କେବେ ଆଉ ତ ବସା ବାନ୍ଧିବନି କି ମନର ଭାବକୁ ବର୍ଣ୍ଣନ କରିବା ପାଇଁ ଛାଇଟିଏ ପାଇବନି । ହେଲେ ତା ପାଇଁ ଗୋଟିଏ ହିଁ ଉପାୟ । ଆଜିର ସେଇ ଭାଇର ଆଶୀର୍ବାଦ ହିଁ ତାକୁ ଆଗେଇ ନେଇଯିବ । କେବଳ ସେଇ ଆଶିଷକୁ ତା ହାତ ମୁଠାରେ ଧରି ଉନ୍ନତିର ପଥରେ ଯିବା କଥା । ସମୟର ଘଟଣାରେ ସବୁ କିଛି ହରେଇବା ପରେ ମାଆ ପାଖରେ ଆଉ ଗୋଟିଏ ବୋଝ ହୋଇରହିଛି ।

ସେ ତ ଦିନେ ନହେଲେ ଦିନେ ଯିବ । ଆଉ ସେ ଗଲା ପରେ ମାଆଟା ଏକୁଟିଆ ହୋଇଯିବ । ଏଇ ଶଂକା ପୁଅ ମନ ଭିତରେ । ହେଲେ ମାଆ ମନରେ କିନ୍ତୁ, କିଛି ଅଲଗା । ବାପ ଛେଉଣ୍ଡ ପିଲାଟିଏ ସିନା ଆଜି ପାଠପଢ଼ି ଦି ପାଦ ଆଗେଇ ନେବାକୁ ଆଜି ତା ଭାଇ ତାକୁ ସାହା ଦେଇଛି । ହେଲେ ଏ ଝିଅଟା କଥା କିଏ ବା ବୁଝିବ । ମୁଁ ତ ଆଉ ତାକୁ ପଢେଇ ପାରିବିନି । ତେଣୁ କିଛି ନ ହେଲେ ଆପାତତଃ ସେ ଗୋଟିଏ ଭଲ ଶାଶୁ ଘରେ ସୁଖରେ ରହିବ, ଆଉ ସେଇଥି ପାଇଁ ମୁଁ ସେଇ ସାଆନ୍ତେଙ୍କ ପାଖରେ ଗୁହାରି । ସତକୁ ସେଇ ସମୟରେ ଗୋଟିଏ ଭଲ ପାତ୍ରଟିଏର ବି ଯୋଗାଡ ହେଇଯାଏ । ସେଇ ସମୟରେ ଆଉ କୋକା ବଡ଼ପାପା ସବୁ ମିଶି ଥାଆନ୍ତି ।

ତେଣୁ ସେଇମାନଙ୍କ ସାହାଯ୍ୟରେ ଝିଅର ବିବାହ ମଧ୍ୟ ଭଲରେ ଭଲରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା । ଏବେ ଝିଅ ବି ଖୁସିରେ । ଆପାତତଃ ମନର ସେଇ ବ୍ୟଥାଟା ଦୂରେଇ ଯିବ । ସତକୁ ସତ ବିବାହ ସରୁ ସରୁ କେଇ ମାସ ଭିତରେ ସଭିଏଁ ଭିନେ (ମହାପାତ୍ରେଙ୍କ ଭାଇ ମାନେ) ଅଲଗା ହୋଇଗଲେ । ସେଇ ଦିନରୁ ଘରେ ମାଆ ଏକା ରହେ ଝିଅ ତାର ଶାଶୁ ଘରେ ଆଉ ପୁଅ ଛାତ୍ରାବାସରେ । ବିତିଯାଏ ସମୟର ମୁହୂର୍ତ ବର୍ଷ ପରେ ବର୍ଷ ଦୁଇ ପୁଅର ମେଟ୍ରିକ୍ ପରିକ୍ଷା ଶେଷ ହୋଇଯାଏ । ଏଥର ପୁଅ ଘରକୁ ଫେରିଆସେ । ମାଆ ପୁଅ କେଇ ଦିନ ସଂଗରେ ରହନ୍ତି । ପୁଣି ତା ଭାଇ ତାକୁ ନେଇ ଯାଆନ୍ତି ତାଙ୍କ ଘରକୁ ଗାଁର ସେଇ ନିରୋଳା ପରିବେଶରୁ ନେଇ ଶିକ୍ଷାର ବିସ୍ତାର ପାଇଁ ସହରରେ ତା ଭାଇଙ୍କ ଘରେ ରହେ ।

ଆଉ ତା ପରେ ସେଇଠି ଉଚ୍ଚ ଶିକ୍ଷା ପାଇଁ ଆଗେଇ ଯାଏ । ସମୟର ପରିବର୍ତନତା ପୁଣି ଆଣେ ଦୁଃଖର ମୋଡ଼ । ଝିଅକୁ ତା ସ୍ୱାମୀ ଛାଡ଼ପତ୍ର ଦିଏ, ପ୍ରସ୍ତାବ ଏବେ କୋର୍ଟର ବିଚାରପତିଙ୍କ ବିଚାରାଧୀନ । ସେତେବେଳକୁ ଗର୍ଭ ଧାରଣ ହୋଇଯାଇଥାଏ । ହେଲେ ଏ କଠିନ ସମୟ କ'ଣ ବା ହେବ । ଝିଅ ଏବେ ନା ଘରେ ନାଁ ଶାଶୂଘରେ ରହିବ । ଆଉ ସେ ଗର୍ଭର ସନ୍ତାନର ପରିଚୟ କ'ଣ ? ସେ ଯାହାହେଉ ଝିଅ ତ ଆମର ଏବେ ସେତ ଶାରୀରିକ ଯନ୍ତ୍ରଣାରେ ଅଛି । ପୁଣି ତା ସଂଗକୁ ମାନସିକ ଚାପ । ତେଣୁ ବାପ ଘରେ ରହେ । ରହିଲେ ବା ଆଉ କ'ଣ ହେବ । ସମୟ ର ତାଳରେ ତାର ପ୍ରସବ ସମୟ ଆଗକୁ ଆସୁଛି । ପଇସାର ଅଭାବ । ସେ ଯେମିତି ବି ହେଉ ସବୁ କିଛି ସମାଧାନ ହୋଇଗଲା । ଏବେ ଝିଅ ମାଆ ହେଇଗଲା, ଆଉ ପୁଅଟେ ତାର ହେଲା ।

ଗୋଟିଏ ପଟେ ଖୁସି ହେଲେ ଆଉ ଗୋଟିଏ ପଟେ ଦୁଃଖ । ଘରେ ଖାଇବା ରହିବାକୁ ପଇସା ନାହିଁ । ପୁଣି ଏ କଅଁଳିଆ ଛୁଆର ପାଳନ । ଯାହା ସବୁ ସଞ୍ଚିତ ଥିଲା ସେ ସବୁ ଶେଷ ପର୍ଯ୍ୟାୟରେ । ଏବେ ନଡ଼ିଆ ବିକ୍ରି ବଡ଼ ବଡ଼ ଗଛ କାଠ ଆକାରେ ବିକ୍ରି କରିଲେ ଯାହା ମିଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଯାହା ରାସନ୍ କାର୍ଡରେ ମିଳେ । ସେଇଥିରେ ଚଳେ ପରିବାର ଚଳେ । ସମୟର ଗତି ଅଦଳ ବଦଳ ଭିତରେ କିଛି କାମ କରିବା ପାଇଁ ଝିଅଟିଏ ମନସ୍ଥ କରେ । କ'ଣ ବା କରିବ । ସେ ଯାହା ହେଉ ଶେଷରେ ଗାଁର ଘର ଛାଡ଼ି ଆସି ସହରରେ ରହିଲେ ।

ଆଉ ଝିଅ ତାର ବଡ ବଡ ଖୁଚୁରା ପ୍ରତିଷ୍ଠାନ (ବିଗ୍ ବଜାର, ଭି-ଟୁ, ଭିସାଲ)ରେ କାର୍ଯ୍ୟ କରେ । ସେଇଥିରେ ତାର ସମୟ ବିତିଯାଏ ପୁଣି ରାତିରେ ଗଲେ ଛୁଆ ସହିତ ଟିକେ ସମୟ ବିତେ । ସମୟ ଗଢେ ହେଲେ କୋଟ କଚେରିରେ ଛାଡ଼ପତ୍ରର ସମାଧାନର ବାଟ କିନ୍ତୁ କିଛି ବାହାରି ପାରେ ନାହିଁ । ଆଜି ପୁଅ ତାର ଉଚ୍ଚ ଶିକ୍ଷାରେ ଅଧ୍ୟୟନ ରତ, ହେଲେ କ'ଣ ହେବ । ମନରେ ତ ସେଇ ଘରର ଚିନ୍ତା ମାନସିକତାର ସ୍ଥିରତା ନ କହିଲେ ଚଳେ । ସମୟର ଏଇ ଗଡାଣିଆ ପଥରେ ପରିବାର ସବୁ କଷ୍ଟ ଦୁଃଖର ଲୁହରେ ଆଜି ତା ମଥାର ସେଇ ସିନ୍ଦୂର ଟୋପା କଥା କହିଲେ ନ ସରେ । ଆଗକୁ କ'ଣ ହେବ ସବୁ । ସେଇ ସାଆନ୍ତେଙ୍କ ଇଚ୍ଛା ସବୁ ତାଙ୍କରି ଆଶା ।।

ଦେଉଳିପଞ୍ଜୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର
୮୦୧୮୦୪୦୩୯୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପଡ଼ିଯିବ କି ପୂର୍ଣ୍ଣଚ୍ଛେଦ !



ଠାକୁର ନାଏକ

ଦିନ ବୁଧବାର । କୁହୁଡ଼ିଆ ପାଗ ତଥାପି ବଡି ଭୋର୍ ରୁ ଉଠି ନଦୀରୁ ଗାଧୋଇ ଆସି ଜଗା ବାହାରି ପଡ଼ିଛି ମନ୍ଦିରକୁ । ମନରେ ତାର ବହୁତ୍ ଆଶା । ମାଁ ସୁରେଶ୍ୱରୀ ତାର ଡାକ ଶୁଣିବେ ।

ସନ୍ଧ୍ୟା ସମୟ । ସବୁଦିନ ପରି ଗାଁ ନଦୀ ହିଡରେ ବସିଥାଏ ଜଗା । ଏତିକି ବେଳେ ପଛ ପଟୁ କୃପା ଡାକ ଦେଇ କହିଲା, "ଆରେ ଜଗା ସକାଳେ କୁଆଡେ ତର ତର ହେଇ ଯାଉଥିଲୁ କି, ଏତେ ଡାକିଲି ଶୁଣିଲୁନି ?

ଜଗା - ମନ୍ଦିରକୁ ଯାଉଥିଲି ତ, ଶୁଣି ନଥିବି

କୃପା - ମନ୍ଦିର ?

ଜଗା - ଆଜି ସାଙ୍ଗର ଜନ୍ମଦିନ ତ, ମାଁ ସୁରେଶ୍ୱରୀଙ୍କ ନିକଟରେ ତା ପାଇଁ ଶୁଭ ମନାସିଲି ।

କୃପା - କେଉଁ ସାଙ୍ଗ କି ?

ଜଗା - ସେ ମୋ ପିଲା ଦିନର ସାଙ୍ଗ ମୁନା, ଏବେ ସେ ସହରରେ ଅଛି, ଦୀର୍ଘ ୧୩ବର୍ଷ ହେଲା ତା ସହ ଦେଖା ହେଇନି ।

କୃପା - ଏତେ ବର୍ଷ ହେଲା ତା ସହ ଦେଖା ହେଇନି ତଥାପି ତୁ ତା ଭଲ ପାଇଁ ମନ୍ଦିର ଯାଇଥିଲୁ, ସତରେ ତତେ ମାନିବାକୁ ପଡ଼ିବ, ହଉ ଚାଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଶି ସମୟ ହେଲାଣି ଘରକୁ ଯିବା ।

ଚାଲି ଚାଲି ଗଲା ବେଳେ ଜଗା ତା ପିଲାଦିନ ସାଙ୍ଗ କଥା କହିଲା ।

ଛୋଟ ବେଳରୁ ଦୁହେଁ ବହୁତ ସାଙ୍ଗ । ଗୋଟିଏ କ୍ଲାସରେ ପଢନ୍ତି । ଘରେ ହଉ କି ସ୍କୁଲରେ, ଖେଳ ସମୟରେ ହଉ କି ନଦୀରେ ଗାଧୋଇଲା ବେଳେ ସବୁବେଳେ ସାଥୀରେ ଥାଆନ୍ତି ଦି ଜଣ ।

ଗାଁ ସ୍କୁଲରୁ ପଢ଼ି ସରିଲା ଦୁହେଁ ପାଖ ଗାଁ ସ୍କୁଲକୁ ପଢିବାକୁ ଗଲେ । ଜଗା ଗରିବ ଘରର ହେଇଥିବାରୁ ତା ସାଇକେଲ ନଥିଲା, ତଥାପି ମୁନା ତା ସାଇକେଲରେ ବସେଇକି ନିଏ । ଗୋଟେ ଦିନ ଜଗା ସ୍କୁଲ ଯାଇନଥିଲା । ସେଦିନ ମୁନା ସାଇକେଲରୁ ପଡିଯାଇ ଖଣ୍ଡିଆ ଖାବରା ହେଇ ଯାଇଛି । ଏକଥା ଜଣକ ଠାରୁ ଜାଣିଲା ପରେ ଜଗା ଦୌଡ଼ି ଦୌଡ଼ି ତା ଘରକୁ ଯାଇ ଦେଖିଛି । ସାଙ୍ଗର ଏମିତି ଅବସ୍ଥା ଦେଖି ତା ଆଖିରୁ ଲୁହ ଆସି ଯାଇଛି । ତୋର କିଛି ହବନି ବୋଲି ଆଶ୍ୱାସନା ଦେଇଛି । ମନେ ମନେ ଭଗବାନଙ୍କୁ ତାକୁ ଶୀଘ୍ର ଠିକ୍ କରିଦେବାକୁ ଗୁହାରି କରିଛି ।

ଜଗା ଗୋଟେ ଦିନ ଚୁପ୍ ଚାପ୍ ହେଇ ବସିଥାଏ । ମୁନା ଆସିକି ପଚାରିଲା କଣ ହେଲା କି ?

ଆରେ କାଲି ରାତିରେ ଗୋଟେ ସପନ ଦେଖିଲି । ମୁଁ ତତେ ପଛ ପଟୁ ଡାକ ଦଉଛି ହେଲେ ତୁ ଶୁଣୁନୁ, ନ ଶୁଣିଲା ଭଳିଆ ପଳେଇ ଯାଉଛୁ । ତୁ ସତରେ ଏମିତି କରିବୁନି ତ ।

ମୁନା - ଆରେ ସେଇଟା ସପନ ଟା । ସପନ କଣ ସତ ହୁଏ ।

ବଞ୍ଚିଥିବା ଯାଏ ଆମର ବନ୍ଧୁତା ରହିବ । କିଛି ବି ଆଁଚ ଆସିବାକୁ ଦେବିନି ଆମ ସମ୍ପର୍କକୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗ ଠାରୁ ଏମିତି ଶୁଣି ଜଗାର ମନ ଟିକେ ହାଲକା ଲାଗିଲା ।

ଦିନ ପରେ ଦିନ ବିତି ଚାଲିଲା । ମୁନାର ଘର ଲୋକେ ସହରକୁ ଚାଲିଗଲେ । ୧୩ବର୍ଷ ହେଇଗଲା ସେମାନେ ଗାଁ କୁ ଆସି ନାହାନ୍ତି ।

ଏସବୁ କଥା କହିଲା ପରେ ଜଗା ଆଖିରୁ ଲୁହ ଆସି ଯାଉଥାଏ । ଆଉ କୃପାକୁ ପଚାରୁଥାଏ ସତରେ ତା ସାଙ୍ଗ ତାକୁ ଭୁଲିଗଲା । ଯୋଉ ସାଙ୍ଗ ଦିନେ ତା ଟିଫିନ୍ ରୁ ଖାଇବା ଦଉଥିଲା । ନିଜ ଖାତା କଲମ ଦଉଥିଲା । ଟିକେ କଷ୍ଟରେ ଦେଖିଲେ ମନ ଦୁଃଖ କରୁଥିଲା । ଭଲ ମନ୍ଦ ପଚାରୁଥିଲା ଆଜି ଏତେ ବର୍ଷ ହେଇଗଲା ତାର କଣ ମୋ କଥା ମନେ ପଡୁନି । ମାନୁଛି ତାର ଆଉ ମୋର କୃଷ୍ଣ ଓ ସୁଦାମା ପରି ବନ୍ଧୁତା ନଥିଲା ତଥାପି ଆଶା ଅଛି ସେ ନିଶ୍ଚିତ ଆସିବ । ତା ମନରେ ଆଶା ଓ ଆଶଙ୍କା ବହୁତ । ସତରେ ତାଙ୍କ ବନ୍ଧୁତାରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ ?

କିଏ ଦେବ ତା ଉତ୍ତର ?

କିଏ ଦେବ ?

ନାମ - ଠାକୁର ନାଏକ

ଗାଁ- ଦାମପାଲି, ସୋହେଲା

ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଓଡ଼ିଆ

 Magazine Downloaded from www.aahwaan.com

# ବାସ୍ତୁ ଦୋଷ



ସିଦ୍ଧେଶ୍ୱର ତ୍ରିପାଠୀ

ଛୋଟିଆ ଗାଁ ମଦନପୁର, ଗାଁରେ ଷାଠିଏ କି ସତୁରି ଘର । ସମସ୍ତେ ପ୍ରାୟତଃ ଚାଷ ବାସ କରନ୍ତି ଆଉ କିଛି ସହର ଯାଇ ଚାକିରୀ କଲେଣି । ସେଇ ଗାଁର ପିଲାଟିଏ ନାଁ ତାର ବିଜୁ । ବାପା ବୋଉ ଡ଼କା ଡକି ହେଲା ପରେ ଗୋଟିଏ ବର୍ଷରେ ଚାଲିଗଲେ । ଘରେ ଜେଜେ ବାପା ଆଉ ଆଠ ବର୍ଷର ସାନ ଭଉଣୀ । ଜମି ବାଡ଼ି ଯାହା ଥିଲା ବୋପା ମାଆଙ୍କ ଔଷଧ ପାଇଁ ବନ୍ଧା ପଡିଲା ଯେ ଆଉ ସୁଧ ମୂଳ ଦେଇ ତାକୁ ମୁକୁଳି ବା କଷ୍ଟ । ଘରର ବୋଝ ସବୁ ବିଜୁ ଉପରେ । ଷୋଳବର୍ଷ ବୟସରୁ ମୂଲ ଲାଗି ଯାହା ଆଣେ ଜେଜେ ଆଉ ଭଉଣୀର କଥା ବୁଝେ ଏଇ ବୟସରେ ଏତେ ଦୁଃଖ ବିଜୁର ଫଟା କପାଳ ଯାହା । ଦଶମଟା ପାସ କରି ଦେଇଛି ଯାହା ।

ଏବେ ଦିନେ ସଞ୍ଜ ବେଳେ ଜେଜେ ନାତି କଥା ହଉଥିଲେ । ଜେଜ ତାର କହୁଥିଲା ପଣ୍ଡିତେ କହୁଥିଲେ ଆମ ଘରେ କୁଆଡେ ବାସ୍ତୁ ଦୋଷ ଅଛି । ଠିକ୍ ଜାଗାରେ ଠିକ୍ ଘର ହୋଇନି ନାଗ ନାଙ୍ଗରେ ଶୁଭ ପଥର ଟା ପଡି ଯାଇଛି । ଆଉ ବାଡ଼ି ପଟେ ଗୋଟେ ହାଡ଼ବାଇ ରହୁଛି ସେଇଥି ପାଇଁ ତୋ ବାପା ବୋଉ ଅଧା ବୟସରେ ମରିଗଲେ । ମୋର ଗୋଟେ ହାତ ଅଚଳ ହୋଇଗଲା । କେତେ ନେହୁରା ହେଲୁ ଗୋସେଇଁ ଟିକେ ପୂଜା ଧୋଜା କର ଗ୍ରହ ଦୋଷ ଟିକେ କଟିଯାଉ । ଗୋସେଇଁ କହିଲେ ତମର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟ ଜାତି ତମ ଘରେ ପୂଜା କରିବାକୁ ଶାସ୍ତ୍ର ମନା କରିଛି । ହଇରେ ଗୋପିଆ ବୁଢା ତୋ ଘରେ ମୁଁ ପୂଜା କରିବି ମୋତେ ଆଉ ଆମ ସମାଜ ଗାଁରେ ରଖେଇ ଦବଟି । କେତେ ନେହୁରା ହେଲି ସେ ଶୁଣିଲେନି । ବିଜୁ ଜେଜେଠୁ ସବୁ ଶୁଣିଲା ମନ ଦୁଃଖ ରେ ଘର ଭିତରକୁ ଚାଲିଗଲା ।

ସେଇ ଦିନଠୁ ତା ମୁଣ୍ଡରେ ସେଇ କଥା ଗୁଡା ଘାଣ୍ଟି ଗୋଳେଇ ହେଉଥାଏ ବାସ୍ତୁଦୋଷ ହାଡ଼ବାଇ ପୂଜା ଆମେ ଛୋଟ ଜାତି ଏମିତି ଅନେକ କିଛି ।

ସମୟ ଆଉ ଜୁଆର କାହାକୁ ଅପେକ୍ଷା କରେ ଯେ ସମୟ ସାଥିରେ ବୁଢାଟା ଆରପାରିକୁ ଚାଲିଗଲା । ଯାହା କିଛି କାମ ଦାମ କରି ରଖିଥିଲା ସେଥିରେ ଭଉଣୀଟାକୁ ବାହାଦେଲା । ସହରକୁ ଆସି ମୂଲ ଲାଗୁଥିଲା । ସେଠି ଗୋଟେ ଝିଅକୁ ଭଲପାଇ ବାହା ହେଇଛି । ଏବେ ସିଏ ଗୁପଚୁପ ବେପାରରେ ଭଲ ଲାଭ ହଉଛି ଶୁଣି ରାଜଧାନୀରେ ଗୁପଚୁପ ବେପାର କଲାଣି । ସେଠି କିଛି ବର୍ଷ ରହିଲା ପରେ ଅନେକ ଲୋକ ତାର ଚିହ୍ନା ହୋଇଗଲେଣି । ତାଙ୍କ ବସ୍ତି ପାଖ କଲୋନି କୁ ଜଣେ ଜ୍ୟୋତିଷ ଆସନ୍ତି ତାଙ୍କୁ ଯାଇ ସବୁ କଥା କହିଲା । ଜ୍ୟୋତିଷ କହିଲେ ହଉ ସଂଧ୍ୟାରେ ମନ୍ଦିର ପଛପଟକୁ ଟିକେ ଭଲ ଚାଖେଣା ଆଉ ଭଲ କମ୍ପାନୀର ନାଲି ପାଣି ଟିକେ ନେଇକି ଆସ ।

ସେଇଆ ହେଲା ରାତି ଗଡୁଥାଏ ଚିକେନ୍ କସା ଚାଖେଣା ସାଥିରେ ମଦ ବୋତଲ ଶେଷ ହେଲା ପରେ ଦୁହେଁ ନିଶାରେ ବିଜୁ କାନ୍ଦି କାନ୍ଦି ତା ଗାଁ ଘର ପରିବାର ଆଉ ବାସ୍ତୁ ଦୋଷ କଥା କହୁଥାଏ । ଏପଟେ ଜ୍ୟୋତିଷ ଠୋ ଠୋ ହୋଇ ହସୁଥାନ୍ତି । ଦେଖ ବିଜୁ ସେସବୁ ମୁଁ କିଛି ଜାଣିନି ମୁଁ ବ୍ରାହ୍ମଣ ନାହାକ ଜ୍ୟୋତିଷ ମହାପାତ୍ର ପୂଜକ କିଛି ନୁହଁ । ମୋ ଘର ଯାଜପୁର ଘରେ ଭାଇମାନେ ଟିକେ ଭଲ ପାଠ ପଢୁଥିଲେ ଆଉ ତା ସାଙ୍ଗକୁ ଆମର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଟା ଥିଲା ଦୁଇଭାଇ ଚାକିରୀ ପାଇଗଲେ । ମୋ ହାତରେ ପାଠ ସାଠ କିଛି ହେଲାନି । ପଞ୍ଚମ ଯାଏ ପଢ଼ିଲି । ପେଟ ପାଇଁ ଚାଲି ଆସିଲି କଟକ କେତେଦିନ ଏଇ ପିଠିରେ ଆଳୁ ଅଖା ବୋହିଛି ଜଳଖିଆ ଦୋକାନରେ ବାସନ ମାଜିଛି ।  ତାପରେ ପାରିପାର୍ଶିକ ଅବସ୍ଥା ଦେଖି ଭୁବନେଶ୍ୱର ଆସିଲି ଘର ଭଡା ନେଇ ରହିଲି । ସକାଳ ହେଲେ ନିତ୍ୟକର୍ମ ସାରି ପଇତାଟାଏ କାନ୍ଧରେ ପକେଇ ଚିତା ଚଇତନ କାଟି ମଠା ପାଞ୍ଜି ପିନ୍ଧି ଢାଳ ଘଣ୍ଟି ଧରି ବାହାରିଗଲି ରାଜଧାନୀର ଏ ଗଳିର ସେ ଗଳିକୁ । ଫୁଲ ପାଣି ଛିଞ୍ଚିଲି ଧୂପ ବୁଲେଇଲି ସଞ୍ଜ ବେଳକୁ ୫୦୦ କି ୭୦୦ ହେଇଗଲା । ଧିରେ ଧିରେ ଲୋକ ଚିହ୍ନିଲେ ମୁଁ ଜଗା ନାଏକରୁ ଜଗୁ ନନା ହେଇଗଲି । ଲୋକ ମନ୍ଦିର ଧରେଇ ଦେଲେ ପୂଜା ଆସିଲା ଜାତକ ଆସିଲେ ବାସ୍ତୁ ଦେଖିବାକୁ ଲୋକ ଡାକିଲେ ପ୍ରଥମେ ପ୍ରଥମେ ମନାକଲି ତାପରେ ଏଇ ପୁରୁଣା ବସଷ୍ଟାଣ୍ଡ ଆଉ ରାମ ମନ୍ଦିର କଲ୍ପନା ବୁଲି ବୁଲି ଗୁଡାଏ ପୂଜା ବହି ବାସ୍ତୁ ଜ୍ୟୋତିଷ ବହି ଆଣି ପଢ଼ିଲି ।

ପାଖ ମନ୍ଦିରର ଗୋସେଇଁକୁ ମଠା ଦିହଳ ଦେଇ କୁଶ ବଟୁ ପଇତା ଗଣ୍ଠି ଅସାଢୁଆ ସୂତା ଆଉ ଗ୍ରହ ମଣ୍ଡଳଟା ଶିଖିଗଲି । ସେବେଠୁ ଏଇ ପାଞ୍ଚବର୍ଷ ଭିତରେ ସାଇକେଲ ପରେ ଦି ଚକିଆ ଗାଡି ଆଉ ରାଜଧାନୀରେ ଘର ଖଣ୍ଡେ ସ୍ତ୍ରୀ ପିଲା ପାଖରେ ସବୁତ ଆନନ୍ଦ । ସେଇଠୁ ବିଜୁ ମୁଣ୍ଡରେ ବୁଦ୍ଧି ପଶିଲା ସେଇ ରାତିରେ ସବୁ ବେଡିଙ୍ଗ ପତର ବାନ୍ଧି ବିଜୁ ଚାଲିଲା କଟକ ସେଠି ତାକୁ କେହି ଚିହ୍ନିବେନି ସେ ଲୋକ ପଞ୍ଚମ ପଢି ଏତେ କଥା କଲା ମୁଁ ତ ଦଶମ ପାସ କରିଛି  ।

ବିଜୁ ସକାଳୁ ଚାଲିଲା ସେଇ ପଇତା ଚନ୍ଦନ ତିଳକ ମଠା ଢାଳ ଘଣ୍ଟି ବ୍ୟାଗ ଏ ଦୋକାନରୁ ସେ ଦୋକାନ ଏ ବସରୁ ସେ ବସ । ବାଦାମ ବାଡ଼ି ରିଙ୍ଗ ରୋଡ଼ ମହାନଦୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିହାର ଯୋଉଥାଏ ଚାଲି ପାରିଲା ୧୨ ବାଜିଲେ ଅଟୋରେ ଘରକୁ ଫେରେ । ପୁଣି ସଞ୍ଜ ୬ ରୁ ୮ ଧୂପ କାଠି ମେଞ୍ଚେ ଲଗେଇ ସବୁ ଦୋକାନ ଗାଡ଼ିରେ ଧୂପ ବୁଲେଇଲା । ପ୍ରଥମେ ପ୍ରଥମେ ତ ୨୦୦ କି ୩୦୦ ହେଲା ହେଲେ ଏବେ ମାସେ ଦିମାସ ଭିତରେ କାରବାର ବଢିଛି ସକାଳ ସଞ୍ଜ ହେଇଦିନେ ଦିନେ ହଜାରେ ଟପିଯାଉଛି । ତା ସାଙ୍ଗକୁ ମନ୍ଦିର କର୍ମ କର୍ମାଣି ମଲା ମୂର୍ତ୍ତିକିଆ ଭୋଜି ଗାଡିପୂଜା ପର୍ବ ଏମିତି କେତେ କଣ । ଘରେ ତ ଜାଗା ନାହିଁ ମଠା ଲୁଗା ଗାମୁଛା ନଡ଼ିଆରେ ଭର୍ତ୍ତି । କଟକରେ କୋଉ ବହି ଅଭାବ ତା ସାଙ୍ଗକୁ ମୋବାଇଲରେ କୋଉ ତଥ୍ୟ ନାହିଁ ।

ଦଶ ବର୍ଷ ପରେ ମଦନପୁର ଗାଁର ବିଜୁ ସାମଲ ଏବେ କଟକର ବଡ଼ ଜ୍ୟୋତିର୍ବିଦ ଅମୁକ ସମୁକ ଢମୁକ ଉପାଧି ପ୍ରାପ୍ତ ଜ୍ୟୋତିର୍ବିଦ ଡ଼ଃ ବିଜୟା ନନ୍ଦ । ସାମଲଟା କଟି ଯାଇଛି ଯାହା ପାଖରେ ଦୁଇ ଚାରିଟା ଦାମି ମୋବାଇଲ କମ୍ପ୍ୟୁଟର ପ୍ରିଣ୍ଟର ସ୍କାନର ଚରିଚକିଆ କାର ଦୋ ମହଲା କୋଠା ଦାମି ଜାମା ପଟା ପୁଅ ଝିଅଙ୍କର ଇଂରାଜୀ ମିଡିୟମ ପ୍ରାଇଭେଟ ସ୍କୁଲ । ପାଖରେ ପଇସା ଦିଆ ମାଳ ମାଳ ମାନ ପତ୍ର ଡିଗ୍ରୀ ଆଉ କୋଡ଼ିଏ କି ପଚିଶ ହଜାର ଦିଆ ଜ୍ୟୋତିଷ ଆପ୍ । ତା ସାଙ୍ଗକୁ ମାଳି ରତ୍ନ ପଥର ରୁଦ୍ରାକ୍ଷ ବ୍ୟବସାୟ । ଆଉ ସେ ମୂଲ ଲାଗିବା ଗୁପଚୁପ ବିକିବା ମନ୍ଦିର ପୂଜା ସବୁ ବନ୍ଦ । ହଁ ଚଣ୍ଡୀ ଅଭିଷେକ ଭ୍ଲଗ୍ ନିର୍ଦ୍ଦେଶ ଦେଲେ ବ୍ରାହ୍ମଣ ସବୁ କରନ୍ତି ବାବୁ ଖାଲି କାରରେ ଯାଇ ପୂଜା ଦେଖି କାରରେ ଫେରିଲା ବେଳକୁ ୫୦୦୦ ନିଅନ୍ତି ଯାହା ।

ଏବେ ନେତାଠୁ ଅଭିନେତା ରାଜନେତାଠୁ ଜନତା ସମସ୍ତେ କର୍ମ ଉପରେ ନୁହଁ ସେଇ ଭାଗ୍ୟ ଜ୍ୟୋତିଷ ବାସ୍ତୁ ଉପରେ ବେସି ବିଶ୍ୱାସ କରନ୍ତି । ସକାଳୁ ଟିଭି ଖୋଲିଲେ ରାଶି ଫଳ ବାସ୍ତୁ ଦୋଷ ଆଉ ତାର ପ୍ରତିକାର ଏହାକୁ ନେଇ ସବୁ ଟିଭି ଚ୍ୟାନେଲ ରେଡ଼ିଓ ଆଉ ୟୁଟୁବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚ୍ୟାନେଲ ଭିତରେ ଯେମିତି ଗୋଟେ ଗୋଡ଼ାଗଡ଼ି ଖେଳ ଚାଲିଛି ସତରେ । ଯଦି କୋଉ ଚ୍ୟାନେଲରେ ଜଣେ ରାଶିଫଳ ପାଠ କରୁଥିବା ବ୍ୟକ୍ତି କହିଦେବେ ସକାଳୁ କୁକୁର ମୁତକୁ ଘର ସାରା ଛିଞ୍ଚିବାକୁ ତେବେ ସକାଳୁ ସମସ୍ତେ କୁକୁରର ସେଇ ଜାଗା ତଳେ ଗିନା ତାଟିଆ ଧରି ଠିଆ ହୋଇଯାଇଥିବେ ସତରେ ଏମିତି ଘଟଣା ତ ଟି ଆର ପି ଆଣେ ।

କି ମାଷ୍ଟର କି ଡାକ୍ତର ପ୍ରଫେସର ଏବେ ଟିଭି ମୋବାଇଲ ଦେଖି ଘରୁ ବାହାରିଲା ବେଳକୁ ମୁଣ୍ଡ ଚାରିକର ଲେମ୍ବୁ ବୁଲେଇ ଯାଉଛନ୍ତି ଆଉ ହଁ ସେଇ ଲେମ୍ବୁ ଯଦି ତିନି ଛକରେ ନପଡ଼ି ପାରିଲା ଭାରି ମନ ଦୁଃଖ ।

ଏବେ ଜ୍ୟୋତିର୍ବିଦ ବାସ୍ତୁର୍ବିଦ ଡ଼ଃ ବିଜୟାନନ୍ଦ ଭଲ ଭଲ ଟିଭି ଚ୍ୟାନେଲରେ ଆସିଲେଣି ତାଙ୍କ ଘରେ ସେ ଲାପଟପରେ ଜାତକ ଦେଖି ଭବିଷ୍ୟତ କୁହନ୍ତି ସମସ୍ୟା ଆଉ ତାର ସମାଧାନର ସୂତ୍ର କୁହନ୍ତି

ଅବଶ୍ୟ ଏଥି ପାଇଁ ସେ ପ୍ରତି ଜାତକ ପିଛା ପାଞ୍ଚ ହଜାର ଟଙ୍କା ନିଅନ୍ତି ।

ଆଉ ତାଙ୍କୁ ଭେଟିବା ପାଇଁ ପୂର୍ବଦିନରୁ ହଜାରେ ଟଙ୍କା ଅନଲାଇନରେ ପଠେଇ ବୁକିଙ୍ଗ କରିବାକୁ ପଡେ । ଆଉ ବାସ୍ତୁ ଭିଜିଟରେ ଗଲେ ୧୦ ହଜାର ପରେ ।

ଏବେ ବିଜୁ ସାମଲ (ଜ୍ୟୋତିର୍ବିଦ ବାସ୍ତୁର୍ବିଦ ହସ୍ତରେଖା ବିଶେଷଜ୍ଞ ଦେବୀ ସାଧକ ଡ଼ଃ ବିଜୟା ନନ୍ଦ) ତାଙ୍କ ମଦନ ପୁର ଗାଁରେ ନିଜ ପୁରୁଣା ଘର ଭାଙ୍ଗି ନୂଆ ତିନି ମହଲା ଘର କରିଛନ୍ତି । ସେ ତ ସହରରେ ରୁହନ୍ତି ମାଧିଆ ଏଠି ଘର ଜଗେ ବଗିଚାରେ ପାଣି ଦିଏ ଆକୁଆରୀୟମରେ ମାଛଙ୍କ ଯତ୍ନ ନିଏ । ଆଂଜ୍ଞା ମଝିରେ ମଝିରେ ସମୟ ମିଳିଲେ ଗାଁ ଘର ଆଡେ ଆସନ୍ତି ।

ଏବେଦିନେ ଟିଭିରେ ଚିହ୍ନା ଆଜ୍ଞାଙ୍କର କାର୍ଯ୍ୟକ୍ରମ ଦେଖୁଥିଲା ବେଳେ ଆଉ ଗୋଟେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ବାଦ କାର୍ଯ୍ୟକ୍ରମରେ ସେଇ ମହାତ୍ମାଙ୍କର ଠକେଇ ଖବର ବାଜୁଥିଲା । ପୁରୋହିତଙ୍କ ଇଞ୍ଜିନିୟର ନାତି ଟୋକାଟା କହିଲା ଜେଜେମା ଏଇ ଜ୍ୟୋତିଷଙ୍କୁ ଟିକେ ଡାକିବା ଟିକେ ପ୍ଲାନିଂ ଦିଅନ୍ତେ ଏଇ ଆମ ରସୁଲଗଡ଼ ଜାଗାରେ ଘର କରିବା ପାଇଁ କାଳେ କୋଉଠି ବାସ୍ତୁ ଦୋଷ ରହିଯିବ । ଜେଜେମା ଆଖି ବଡ଼ ବଡ଼ କରି ନାତିକୁ ଅନେଇ କହିଲେ ତମ ଘର ତମ ଇଚ୍ଛା ତମେ ଯାହା କରୁଛ କର ମୁଁ ବା ଆଉ କେତେଟା ଦିନ ବଞ୍ଚିବି ଯେ ସେଠାରେ ଯାଇ ରହିବି ।

ସିଦ୍ଧେଶ୍ୱର ତ୍ରିପାଠୀ

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଉଇଲ



ସୁନନ୍ଦା ମହାନ୍ତି

ନବୀନ ବାବୁଙ୍କର ଦୁଇ ପୁଅ । ବଡ଼ ପୁଅକୁ ଖୁବ ଭଲ ପାଆନ୍ତି ନବୀନ ବାବୁ କାରଣ ସେ ପିଲାଦିନୁ ମନଦେଇ ଭଲ ପଢେ ଓ ଯାହା ପାଠ ସବୁ ମନେରଖେ । ସାନପୁଅ କିନ୍ତୁ ପାଠ ପଢ଼େନାହିଁ । ଦୁହେଁ ବଡ଼ ହୋଇ ଚାକିରୀ ବିବାହ ଆଦି କରିବା ପରେ ବିପତ୍ନୀକ ହୋଇଗଲେ ନବୀନ ବାବୁ । ଗାଁରେ ସାନପୁଅ ବୋହୁ ତାଙ୍କୁ ବହୁ ସେବା ଯତ୍ନ କରି ରଖିଥିବା ବେଳେ ନବୀନ ବାବୁ ବଡପୁଅକୁ ଦେଖିବାକୁ ହୁଅନ୍ତି । ଦିନେ କାଳେ ଗାଁକୁ ଆସୁନଥିବା କି ବାପାଙ୍କ ପାଇଁ କେବେ କିଛି ସହାୟତା କରୁନଥିବା ବଡପୁଅ କହେ ବାପାଙ୍କ ପେନସନ ଅଛି ଚଳିବାରେ ଅସୁବିଧା କଣ ? ? ନବୀନବାବୁଙ୍କ ମନକଥା ସାନପୁଅ ବୋହୁ ବୁଝି ବାପା ଦେଉଥିବା କିଛି ପେନସନ ନିଜ ଖର୍ଚ୍ଚରେ ନଲଗାଇ, ରଖିଥିବା ସେହି ଟଙ୍କାରେ ବାପାଙ୍କୁ ବାଙ୍ଗାଲୋର ଛାଡିଥିଲେ । ସାନପୁଅ ଗାଁରେ ଦୋକାନଟିଏ ଦେଇ ଘର ସମ୍ଭାଳେ ।

ମାସେ ଗୋଟେ ପୁରିନି ବାପା ଆସି ଗାଁରେ ହାଜର । ପୁଣି କେବେ ଭାଇକୁ ଦେଖିବାକୁ ମନହେଲେ କହିବ ବାପା, ମୁଁ ଯିବା ବନ୍ଦୋବସ୍ତ କରିଦେବି କହେ ସାନପୁଅ କିନ୍ତୁ ତା ପରଠୁ କେବେ ବି, ବାପା ବାଙ୍ଗାଲୋର ଯିବା କଥା ମୁହଁ ଖୋଲି ନକହିଲେ ମଧ୍ୟ ପୁଅକୁ ଦେଖିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଚାହିଁ ରୁହନ୍ତି । ଟେଲିଫୋନ ବାଜିଲେ ସୁକାନ୍ତ ଫୋନ କରୁଥିବ କହି ଦଉଡିଯାଆନ୍ତି, ହେଲେ କେବେ ଆସିବା ଦୂରର କଥା ସୁକାନ୍ତର ଫୋନ ଆସେନାହିଁ କି ସେ ଆସେନାହିଁ । ସାନପୁଅ ବୋହୁ ସବୁ ବୁଝନ୍ତି । ଅଧିକ ଯତ୍ନ ଓ ସେବା କରୁଥାନ୍ତି କିନ୍ତୁ ବାପା ମୋ ସୁକାନ୍ତକୁ ସେଠି ପଇସା ଅଣ୍ଟୁନଥିବ କହି ପେନସନର ବଡ଼ ଭାଗ ପ୍ରତିମାସରେ ବଡପୁଅକୁ ଦେଇପଠାନ୍ତି । ଅଳ୍ପ କିଛି ଯାହା ସାନ ପୁଅକୁ ଦିଅନ୍ତି ସେ ସେସବୁକୁ ପୋଷ୍ଟ ଅଫିସରେ ବାପାଙ୍କ ନାମରେ ଖାତା ଖୋଲି ରଖିଥାଏ ।

ନବୀନ ବାବୁଙ୍କ ଦେହ ଖରାପ ହେଲା । କେତେ ଖୋଜିଲେ ସୁକାନ୍ତକୁ । କାମ ଥିବାରୁ ଆସିପାରୁନଥିବ କହି ନିଜେ ବୁଝିଯାଉଥିଲେ । ସାନପୁଅ ତା ସାଧ୍ୟମତେ ବାପାଙ୍କୁ ଡାକ୍ତର ଦେଖାଇ ଯେତେ ଯାହା କଲେ ମଧ୍ୟ ବାପା ଚାଲିଗଲେ ଠିକ ଦଶହରା ପରେ ପରେ,ମାଆ ଦୁର୍ଗାଙ୍କ ଭସାଣୀ ଦିନ । ତଥାପି ସୁକାନ୍ତ ଆସିଲା ନାହିଁ । ସାନପୁଅ ବସନ୍ତ ସବୁକିଛି ଗାଁରେ, କ୍ରିୟାକର୍ମ କଲା । ବାପାଙ୍କ ଦଶ ଦିନ ଖବର କାଗଜରେ ବାହାରିଥାଏ, ସୁକାନ୍ତ ବାବୁଙ୍କ ପିତୃବିୟୋଗ ଶିରୋନାମା । ତାହା ଦେଖି ବସନ୍ତକୁ କିଏ କହିଲା ତୁ ନବୀନ ବାବୁଙ୍କ ପାଳିତ ପୁଅ ନା ଧର୍ମ ପୁଅ ନା ସାବତ ପୁଅ, ତୋ ନାମ ତ ନାହିଁ ଏଥିରେ ! ଯିଏ ଯାହା କହୁ ବସନ୍ତ କିଛି ନକହି ସେ ପେପର ଖଣ୍ଡକ ବାପାଙ୍କ ପକେଟରେ ରଖିବା ବେଳକୁ ପକେଟରୁ କଣ ଗୋଟେ କାଗଜ ଖସିପଡ଼ିଲା । ସେଇଟା ଉଇଲ ଥିଲା । ନବୀନ ବାବୁଙ୍କର ସମସ୍ତ ସ୍ଥାବର ଅସ୍ଥାବର ଘର ଜମି ସେ, ସାନପୁଅ ବସନ୍ତ ନାମରେ କରିଦେଇଥିଲେ ତା ସହ ଗୋଟେ ଚିଠିରେ ଲେଖିଥିଲେ ବସନ୍ତରେ ତୋ ଭଳି ପୁଅ ମତେ ସବୁବେଳେ ମିଳୁ କିନ୍ତୁ ମୋ ଭଳି ପିତା ତତେ କେବେ ନମିଳୁ । ଚିଠି ପଢି କଇଁ କଇଁ କାନ୍ଦୁଥିଲା ବସନ୍ତ ।

ଉଇଲଟିକୁ ଧରି ଭାଇ ପାଖକୁ ଯିବାକୁ ବସିଥିଲା । ଓକିଲ ପରାମର୍ଶ କରି ଭାଇକୁ ଅଧା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପତ୍ତିର ଭାଗ ଦେଇଦେବାକୁ କିନ୍ତୁ ଉଇଲରେ ସ୍ୱଷ୍ଟ ଥିଲା ଯେ ଏସବୁ କେବଳ ବସନ୍ତ ଓ ତା ପିଲାମାନଙ୍କର । ଏଥିରେ ସୁକାନ୍ତର କିଛି ଦାବି କରିବାର ନାହିଁ । ତଥାପି ଯାଇଥିଲା ବସନ୍ତ ଭାଇ ସୁକାନ୍ତ ପାଖକୁ କିନ୍ତୁ ସେଠାରୁ ଅପମାନିତ ହୋଇ ଫେରିବା ପରେ ଗ୍ରାମର ମୁଖିଆ ମାନେ ତାକୁ ପ୍ରବୋଧନା ଦେଇ କହିଥିଲେ ନବୀନ ବାବୁ ଆମକୁ ସବୁ କହିଛନ୍ତି । ବାଙ୍ଗାଲୋର ରହଣୀ କାଳରେ ପୁଅ ବୋହୁଙ୍କର ଅମାନୁଷିକ ବ୍ୟବହାରରେ ଅତିଷ୍ଠ ହେବା କଥା ତତେ ସିନା କହିନାଁହାନ୍ତି, ଆମେ ସେସବୁ ଜାଣୁ । ସୁକାନ୍ତ ପାଠ ପଢ଼ିଲେ କଣ ହେବ, ମଣିଷପଣିଆ ନଥିଲେ ପାଠ ଶାଠର ମୂଲ୍ୟ ନାହିଁ । ତେଣୁ ତୁ ବ୍ୟସ୍ତ ହୁଅନା ବସନ୍ତ । କିଏ କହିଲା ତୁ ପାଳିତ ବା ପୋଷ୍ୟ କି ସାବତ ସନ୍ତାନ ? ? ତୁହିଁ ବାପା ନବୀନଙ୍କ ଗେଲ୍ହା ପୁଅ ବୋଲି ଏ ଉଇଲ୍ କହୁଛି ଯାହା ନବୀନବାବୁ କହିନପାରି ଅଙ୍ଗେ ଲିଭେଇଥିବାର ପ୍ରମାଣ ଏ ଉଇଲ ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନମ ଭୂଇଁ



ଶିବ ନାରାୟଣ
ଦାଶ

ସହରୁ ଦୂର ମୋ ପଲ୍ଲୀ ଗାଁ ସୁନ୍ଦର ଦିଶେ ମୋତେ,
ଛବିଳ ତା'ର ସବୁଜ ଶୋଭା କି ମନ ଲୋଭା ସତେ ।
ଚାରି ପାରୁଶେ ଧାନର କ୍ଷେତ ତା ପାଖେ ତ୍ରଳ ବନ,
ଆମ୍ବ, ପଣସ ବହଳ ତୋଟା ପଡିଆ ସାନ ସାନ ।

କିଆ ଗହନ, ପୋଖରୀ ହୁଡ଼ା, ଶମଶାନ ତା ପାଶେ,
କିଟିକିଟିଆ ଅନ୍ଧାରେ ତହିଁ ଡାହାଣୀ ନିଆଁ ଦିଶେ ।
କୁହାଏ ପେଚା, ରାବଇ କାଉ, ବାଇଆ ଗାଏ ଗୀତ,
କପୋତୀ ଡାକେ- "ମାଣ ପୁରିଲା ଉଠୁରେ ପୁତ" ।

କୁକୁଡ଼ା ଡାକେ ସକାଳ ହୁଏ ଗୁହାଳେ ହମ୍ବା ରଡ଼ି,
ସକାଳ ଖରା ପଡିଲେ କେତେ ପକ୍ଷୀ ଯାଆନ୍ତି ଉଡି ।
ମୁଣ୍ଡରେ ଠେକା ଲଙ୍ଗଳ କନ୍ଧେ କ୍ଷେତରେ ଚଷା ଭାଇ,
ଖଟଇ କରି ରକତ ପାଣି ଏହି ଦୁନିଆ ପାଇଁ ।

ଅମଳ ଆସେ ଦୁନିଆ ହସେ ପୁରେନା ଚଷା ପେଟ,
ଭୋକ ଉପାସେ କାଟଇ ଦିନ ହୁଅଇ ଛଟପଟ ।
ଗେଲ ବସର, ଧୂଳି ଧୂସର କେତେ ଲଙ୍ଗଳା ଛୁଆ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଆଁ ଦାଣ୍ଡରେ ଖେଳନ୍ତି ଖେଳ ମାରନ୍ତି କୁଦା ଡିଆଁ ।

ଦିଅଁ ବେଢାରେ ବଉଳ ଛାଇ ଶୀତଳ ଲାଗେ ଅତି,
ଲୋକ ଗହଳ ହୁଅଇ ତହିଁ କି ଦିନ ଅବା ରାତି ।
ଗଂଗ ଶିଉଳି ଫୁଟଇ ଯେବେ ଝରାଇ ଭାର ଭାର,
ପିଲାଏ ବସି କରନ୍ତି କେତେ ଠାକୁର ପାଇଁ ହାର ।

ମୁକୁତା ବୁଢ଼ୀ ପାରେନା ଦେଖି ବାରଇ ପାଟି ଯାର,
କହେ "ରେ ପୁଅ ଆସିଲୁ କେବେ ଦେଖାତ ନାହିଁ ତୋର" ।
ପିଣ୍ଡାରେ ବସି ପିଲା ବେଳର କଥା କହନ୍ତି ଅଜା,
ଶୀତ ସକାଳ ବାସୀ ପଖାଳ ଖରା ପୁଇଁବା ମଜା ।


ବାର ମାସର ତେର ପରବ ଘରେ ପଡଇ ଝୋଟି,
ଦୋଳ ପୁନିଅଁ, ରଜ ପରବେ କେତେ ଯେ ପରିପାଟୀ ।
ପିଠା ପଣାରେ ଭାସଇ ଘର ଖିରି, ଆରିସା, ପୁରି,
ଆମ୍ବିଳ ସାଥେ ହୁଅଇ କେତେ ରକମ ତରକାରୀ ।

ସୂରୁଜ ବୁଢ଼େ ଦୂର ପାହାଡ଼େ ସଞ୍ଜ ଆସେ ନଇଁ,
ବିଲ ବଣରୁ ଫେରି ଆସନ୍ତି ପଲକୁ ପଲ ଗାଈ ।
ଗାଆଁର କେତେ ମଧୁର କଥା ପଡ଼ଇ ମୋର ମନେ,
ଜନମ ଭୂଇଁ ସରଗୁ ବଡ ଭୁଲିକି ପାରେ ଦିନେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୧)

ସହରଠୁଁ ବହୁଦୂରେ ସୁଶୋଭିତ ସବୁଜ ପୃଥିବୀ,
ଦିଗମ୍ବରୀ ଦିଗ୍ବଳୟ ତଳେ
ସୁକୋମଳ ଶ୍ୟାମଳିମା ଶେଯେ
ମେଲାଇ ଶୋଇଛି ତା'ର ସୁବିପୁଳ ଛାତି,
ଗୋହିରି ଗହନ ପାଟ,
ଗାଁ ମୁଣ୍ଡ ଆମ୍ବ ତୋଟା,
ଧ୍ୟାନମଗ୍ନ ସ୍ଥିତପ୍ରଜ୍ଞ ବୁଢା ବରଗଛ,
ଡେଙ୍ଗା ଡେଙ୍ଗା ତାଳ ବନବୀଥି,
କିଆବଣ, କଣ୍ଟା ବୁଦାମାଳ,
ପ୍ରଲମ୍ବିତ ସାରିସାରି ସୁନା ଧାନକ୍ଷେତ;
ଲଜ୍ଜାବତୀ ଋତୁମତୀ ଗୁଣ୍ଠିତା ପ୍ରକୃତି ।

ପଶ୍ଚିମରେ ଗାଁ ଶମଶାନ, ନିର୍ବିକାର ଉଲ୍ଲଂଗ ଉତ୍ତାନ,
ଉଜୁଡା ଜୀବନ ଠେକି, ଫାଙ୍କା ଝଂକା, କଳସୀ, ମାଠିଆ,
ଶୂନ୍ୟର ସ୍ୱରୂପ ଏଥି ମଣିଷ ଖପୁରୀ ଅସ୍ଥି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତାଗ୍ନିର ଦାଉ ଦାଉ ଲେଲିହାନ ଶିଖା,

ସେପାଖରେ ପୂର୍ବଦିଗୁ ଗାଁର ଗରଭୁ

ଜୀବନର ସୂର୍ଯ୍ୟ ଉଠେ ଉଇଁ,

ଉଦୟ ଉଲ୍ଲାସେ ପୁଣି ଜୀଇଁଉଠେ ସୁପ୍ତ କର୍ମଭୂଇଁ;

ହୃଦୟରେ ପ୍ରେମ ପ୍ରୀତି ଲେଖା ଦିଏ ଦେଖା ।

ଏ ପାଖେ ଜନମ ପୁଣି ସେପାଖେ ମରଣ,

ମଝିରେ ଜୀବନ ଜ୍ୟୋତିଃ ବିଭାସିତ ଅମ୍ଳାନ କିରଣ !

ଯା' କୋଳରେ ଝରିପଡ଼େ ପରାଣର ଦିଆନିଆ ପ୍ରୀତି,

ମୃତ୍ୟୁମୁଖୀ ଜୀବନର ଅମୃତ ପ୍ରତୀତି,

ଅତି ଆପଣାର ମୋର ସେହି ଜନପଦ,

କୋଳରେ ଧରିଛି ତା'ର ନିରଳସ ଜୀବନ ସଂପଦ ।

ସମ୍ମୋହିତ ହୁଏ ପ୍ରାଣ ସୁମରି ତା' ନାଁ,

ପବିତ୍ର ଜନମଭୂଇଁ ସେହି ମୋର ଗାଁ ।

ଜନମିଥିଲି ମୁଁ ସେହି ମହାତୀର୍ଥ ମାଟିର ମନ୍ଦିରେ

ଛାତିରେ ତା' ପାଦ ଦେଇ ଶିଖିଥିଲି ଚାଲି,

ବଢ଼ିଥିଲି ଘାଣ୍ଟିହୋଇ ମଳମୂତ୍ର ଲୁହ ସିଙ୍ଘାଣିରେ

ଶୈଶବର ଅକପଟ ଅଲିଅଳ ବାଳ-ଭଗବାନ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଜୀବନ ପରିପୂର୍ଣ୍ଣ କରି
ଅବାରିତ ପଡୁଥିଲା ଅବିରତ ଝରି
ମାଆର ମମତା-ମଧୁ ଅମୃତ ସମାନ ।
କହି ଶିଖିଥିଲି ତହିଁ ପ୍ରଥମ ମୋ' ଦରଟି ବଚନ ।
ପବିତ୍ର ବିଭୁତି ତା'ର ଦାଣ୍ଡ ଧୂଳି ବୋଳି ହୋଇ ସୁବର୍ଣ୍ଣ ସକାଳେ,
ଅବା କେବେ ରଂଜରଂଜ ମୁହଁସଞ୍ଜ ବେଳେ
ଖେଳୁଥିଲି ଧୂଳିଘର ଗାଁଦାଣ୍ଡେ ସାଙ୍ଗସାଥି ମେଳେ,
ବାପମାଆ ଛୁଆପିଲା ବନ୍ଧୁ ପରିଜନ ଭେଇ
ସଂସାରର ବାଳଲୀଳା ମୁଗ୍ଧ କୁତୂହଳେ !

ମନେପଡେ ସେ ବିଲୋଳ ବାଲ୍ୟକାଳ
ଜୀବନର ଆଦ୍ୟ ପୂତ ଅମୃତ ଲଗନ,
ଗାଁ ଚାଟଶାଳୀ ଘରେ ଆଖିରେ ପ୍ରଚକ୍ଷୁ ଦେଇ
ପଢ଼ାଉଥିଲେ ଯେ ପାଠ ଆଦିଗୁରୁ ବୁଢା ଅବଧାନ,
ଅକ୍ଷର ଲେଖିବା ଆଗୁ ମାଟିରେ ମୁଣ୍ଡୁଳା କାଟି
କହୁଥିଲେ ଚିହ୍ନ ଆଗେ ବ୍ରହ୍ମା ବିଷ୍ଣୁ ମହେଶ୍ୱର,
କ୍ଷରଦେହେ ଆକାରିତ ଅକ୍ଷର ପୁରୁଷ,
ତ୍ରୟୀରୂପେ ବିରାଜିତ ସତ୍ୟ ସନାତନ ।
ସେ ଶୋଭନ ଆଦିମର ପ୍ରଜ୍ଞା ପ୍ରବଚନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ବି ଦେଖାଏ ବାଟ,

ଆଜି ବି ଶୁଣାଏ ବାଣୀ,

ଜୀବନର ଲକ୍ଷ ପଥେ ହେବା ପାଇଁ ଆତ୍ମାରେ ମଗନ ।

ମୋ ସ୍ମୃତିର ଅତଳରୁ ଥରେ ଥରେ ମୁଣ୍ଡ ଟେକି ଉଠେ

ଅଭିନବ କୈଶୋରର ନବଘନ ଖେଳୁଆଡ଼ ରୂପ,

ମାଆର ଅଂଚଳ ଢଙ୍କା ନବୀନ କିଶୋର,

ତରତର ଜୀବନର ଥରଥର ଦୀପ !

ମନେପଡେ ପୁଣି ମୋର

ଫୁଲଫୁଟା ସଞ୍ଜ ସକାଳରେ

ସ୍ୱପ୍ନର ସୁରଭି ବିଞ୍ଚି କେତେ ପୁଣି ଧାଉଁଥିଲି

ଫୁଲବନେ, କେବେ ପୁଣି ଶୋଇଯାଉଥିଲି

ମୁଗ୍ଧ ମନେ ଯୌବନର ସ୍ନାୟୁ କମ୍ପନରେ,

କେତେ ଖୋଜି ପାଇବାର ପୁଲକ ବିସ୍ମୟେ,

କେତେ ମଧୁଆଶା କେତେ ରଙ୍ଗା ସପନରେ ।

ଫୁଲର ଯୌବନ ଗନ୍ଧେ ଫୁଲି ଫୁଲି

ଗଜରା ଯୌବନ ନିଦୁ କେବେ ପୁଣି ଉଠୁଥିଲି ଚେଇଁ,

ପଲ୍ଲବିତ ପଲ୍ଲି ଉପବନେ ଯେବେ

ସୁମଧୁର କଳ କଲ୍ଲୋଳରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଂଜି ଉଠୁଥିଲା ଧୀରେ ଜୀବନର କମ୍ର ସାହାନାୟୀ ।

ଆଉ ପୁଣି ମନେପଡେ ମୋର,

ପଲ୍ଲି କିଶୋରୀର ଦେହ-ଘନ-ଅରଣ୍ୟରେ

ସୁଢଳ ପୀରତିଫୁଲ ଫୁଟୁଥିଲା ଯେବେ

ମହକାଇ ଆମ ଗାଁ କିଶୋରର ମନ,

ଲୋଟୁଥିଲା ସରମରେ ଯଦି କେହି

ଲାଜକୁଳୀ ଅନୂଢ଼ା କିଶୋରୀ

ଦେଖି ତା'ର ଅସଜଡ଼ା ଅଙ୍ଗର ବସନ,

ଶିହରଣ ଆବେଗରେ ସମ୍ମୋହିତ,

କଳକଳ ଛଳଛଳ ହୋଇ ଉତ୍ତରଳ ତେବେ

ହସୁଥିଲା ଆମ ଗାଁ ଯୌବନ ସକାଳ,

ଆଖିରେ ଆଖିଏ ରାଗ ଅଭିମାନ ଧରି,

ଗଣ୍ଡମଣ୍ଡଳରେ ଭରି ସୁଶୋଭନ ପାଟଳ ପରାଗ,

(ମଧୁର ଅଧର କରି ଥରଥର ବିଧୁର ପରାଣେ)

ପୁଷ୍ପିତ୍ର କିଶୋରୀ ନେତ୍ର ହେଉଥିଲା ଅଶ୍ରୁ ଢଳଢଳ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ଦେଖାଉନି ଜହ୍ନ



ବାସନ୍ତୀ ଲତା
ଜେନା

ଶୁକ୍ଳ ପକ୍ଷ ଜହ୍ନ ଭାରି ତ ସୁନ୍ଦର
ଅନ୍ଧାରେ ଆଲୋକ ଦିଏ
ନୀଳ ଆକାଶରେ ଜହ୍ନ ହସୁ ଥାଏ
ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।୧।

ଆଜିର ଦୁନିଆ ଭାରି ଚିକିମିକି
ଗାଁ ହେଉ କି ସହର
ବିଜୁଳି ଆଲୁଅ ବାଦକ ସାଜଇ
ଜହ୍ନ ଲୁଚେ ନିଜ ଘର ।୨।

ଅନ୍ଧାର ରାତିଟା ଦିନ ପରି ଲାଗେ
କର୍ମ ଜୀବି ମାଆ ମୋର
ସକାଳରୁ ଯାଇ ସନ୍ଧ୍ୟାରେ ଫେରାଇ
କ୍ଳାନ୍ତ ଶରୀର ତାହାର । ୩।

ଚାହା କପେ ପିଇ ପାଠ ସେ ପଢ଼ାଏ
ସାଜି ଶିକ୍ଷୟିତ୍ରୀ ମୋର
ଶ୍ରେଣୀରେ ପ୍ରଥମ କିପରି ହେବି ମୁଁ
ଏହି ଚିନ୍ତା ନିତି ତାର ।୪।

ଘର ବାହାରରେ ବିଜୁଳି ଆଲୁଅ
ଜହ୍ନକୁ ଦେଖି ପାରୁନି
ମା' ଦେଖାଉନି ଜହ୍ନ ମାମୁଁ ମୋତେ
କୋଳରେ ଗେଲ୍ଲ କରୁନି ।୫।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋବାଇଲି ଧରି ହ୍ୱାଟ୍‌ସଅପ ଦେଖଇ
ଖବର କିବା ଆସିଛି
ଜହ୍ନ ମାମୁଁ ଗୀତ ନନା ବୟା ଗୀତ
ମା' ଯେ ଭୁଲି ଯାଇଛି ।୬।

ଜେଜେମା ରହିଲେ ଗାଆଁରେ ମୋହର
ଆମେ ରହିଲୁ ସହରେ
ଜେଜେମା କାହାଣୀ ଜୋଛନା ରାତିରେ
ଶୁଭୁ ନାହିଁ ଅଗଣାରେ ।୭।

ଆ ଜହ୍ନ ମାମୁଁ ହେ ଶରଦ ଶଶୀ
ମୋ କୁନି ପାଖକୁ ଆ
ତା' ସାଥିରେ ଦଣ୍ଡେ ଖେଳିବୁରେ ବସି
ଲୁଚକାଳି ଖେଳୁ ଥାଆ ।୮।

ଜହ୍ନ ମାମୁଁ ଅଛି ଦୂର ଆକାଶରେ
ପୂର୍ବର ଆଦର ନାହିଁ
ପିଲାକୁ କାଖେଇ ଜହ୍ନକୁ ଦେଖାଇ
ମା ' ଗୀତ ଗାଉ ନାହିଁ ।୯।

ଆଧୁନିକ ଯୁଗ ସମୟ କା' ପାଖେ
ମା ଜହ୍ନ ଦେଖାଇବ
ଘୋଡା ପରି ଦୌଡ଼ ଧନ ସଞ୍ଚିବାକୁ
ବଡ଼ ଲୋକି ବୁଲାଇବ ।୧୦।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠିର ଦୁଃଖ



ନିତ୍ୟ ରଞ୍ଜନ ନନ୍ଦ

ଇନ୍‌ଲ୍ୟାଣ୍ଡଲେଟର କିମ୍ବା ପୋଷ୍ଟକାର୍ଡ
ଅଥବା 'ଲଫାପା' ହେଉ,
ଏସବୁକୁ ଆମେ ଅତି ସରାଗରେ
ଚିଠି ବୋଲି କିନ୍ତୁ କହୁ ।
ଦୂର ବିଦେଶୀଆ ବନ୍ଧୁ ବେଭାରର
ମାଧ୍ୟମିଟି ଥିଲା ଚିଠି,
ଲାଗୁଥିଲା ସତେ ବରଷାକୁ ଯେହ୍ନେ
ଚାହିଁଥାଏ ଚାତକଟି ।
କେଉଁ ପୁରାତନ ପୁରାଣ ଯୁଗରୁ
ଚିଠିର ଚଳପ୍ରଚଳ,
ସେତେବେଳେ କିନ୍ତୁ ଚିଟାଉ ନାଆଁଟି
ଥିଲା ଏହି ଚିଠିଟିର ।

କେଉଁ ଯୁବରାଜ ପ୍ରେମଚିଠି କେଉଁ
ରାଜକୁମାରୀକୁ ଦିଏ,
ପାରା ଡାକବାଲା ଭୂମିକା ନିଭାଏ
ଏ କଥା ବି ଶୁଣାଯାଏ ।
ଚିଠି ଆସିବାର ଅପେକ୍ଷାର ମଜା
ଆଉ କେଉଁଥିରେ ନାହିଁ,
ଭଲ ପାଇବାର ଅକୁହା କଥାକୁ
ଚିଠି ପରା ଦିଏ କହି ।
ପ୍ରଥମ ପ୍ରେମର ଗୋଟିଏ ମାଧ୍ୟମ
କେବଳ ଥିଲା ଏ ଚିଠି,
ଆଜିକାଲି କିନ୍ତୁ ମୋବାଇଲ୍ ପ୍ରେମ
ଯାଏ ସିନା ପାଣିଫାଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଇକେଲ୍ ଚଢ଼ି ଡାକବାଲା ଡାକେ
ମନରେ ଉତ୍ସାହ ଆସେ,
କାଳେ ପ୍ରିୟତମ ଚିଠି ଦେଇଥିବେ
ପ୍ରିୟା ମନେ ମନେ ହସେ ।
ଚିଠି ଲେଖା ଢଗ ଢମାଳି ସାଇରି
ଦେଉଥିଲା ଭାରି ମଜା,
ଆଜି ସ୍ମୃତି ହୋଇ ରହିଗଲା ଯାହା
ସ୍ମାର୍ଟ ଫୋନ୍ ହେଲା ରଜା ।
ଲୁଚି ଲୁଚି ଚିଠି ପଢ଼ା ଅନୁଭୂତି
ଚାହିଁଲେ ଭୁଲି ହୁଏନି,
ଭଲ ପାଇବାର ପ୍ରସ୍ତାବକୁ ଚିଠି
ଅନୁମୋଦନ କରଇ ।
ବିଦେଶରୁ ଥାଇ ପୁଅ ଚିଠି ଦେଲେ
ବାପା ମାଆ ବ୍ୟସ୍ତ ହୋଇ,
ପଢୁଆ ପିଲାଙ୍କୁ ନେହୁରା ହୁଅନ୍ତି
ଚିଠିଟା ପଢ଼ିବା ପାଇଁ ।

ଗ୍ରିଟିଂସ୍ ରାକ୍ଷୀ ଦିଆ ହେଉଥିଲା
ପୁଣି ଚିଠି ମାଧ୍ୟମରେ,
ଆଜି କିନ୍ତୁ ଚିଠି ବାକ୍ସ ଖୋଲିଦେଲେ
ପାର୍ସଲ କେଇଟା ମିଳେ ।
ଅନ୍‌ଲାଇନରେ କିଣାବିକା ଆଜି
ମଦରୁ ଦୁଧ ପର୍ଯ୍ୟନ୍ତ,
ଡାକବାଲା ଭାଇ ଆଉ ଦିଶୁନାହିଁ
ଶୁଭୁନି ଆଉ ତା' ଡାକ ।
ଅତ୍ୟନ୍ତ ବିଶ୍ୱସ୍ତ ସଂସ୍ଥା ଏହି ପୋଷ୍ଟ
ଅଫିସ ଆମର ଥିଲା,
ଆଜି କିନ୍ତୁ ଦେଖ ପବନକୁ ବିକି
କମ୍ପାନୀ ଆଗେଇ ଗଲା ।
ଫୋର୍‌ଜିଫାଇଭ୍‌ଜି ଇଣ୍ଟରନେଟ ଆଜି
ସଭିଙ୍କୁ କଲାଣି ବାଇ,
ଜନ୍ମ ହେଲା ଛୁଆ ମୋବାଇଲ ଦେଖି
ନ କାନ୍ଦି ଖେଳୁଛି ଭାଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆପଣଙ୍କ ଚିଠି କାର୍ଯ୍ୟକ୍ରମ ଆଉ
ରେଡ଼ିଓରୁ ଶୁଭୁନାହିଁ,
ରେଡ଼ିଓ ବି ଡାକ ଚିଠି ପତ୍ର ଭଳି
ଆଜି ବି ଗଲା ଦୂରେଇ ।
ଚିଠି ଯୁଗ ଆଜି ଚାଲି ତ ଗଲାଣି
ତେଣୁ ଚିଠି ଦୁଃଖ କରେ,
ସ୍ମାର୍ଟ୍ ଫୋନ୍ ଆଜି ସାରା ଦୁନିଆଁକୁ
ରଖିଛି ହାତ ମୁଠାରେ ।
ଟେଲିଗ୍ରାମ, ଟେଲିଭିଜନ, କ୍ୟାମେରା
ଟେପ୍ ରେକର୍ଡ କି ଘଡ଼ି,
ଏକା ସ୍ମାର୍ଟ୍ ଫୋନ୍ ଏହାଙ୍କ ଭୂମିକା
ଅବିଳମ୍ବେ ଦିଏ କରି ।
ଦେଖାଯାଉ ପୁଣି ଆଗକୁ କ'ଣ
ଆଉ କିଏ ସୃଷ୍ଟି ହେବ,
ସମୟ ଇଙ୍ଗିତେ ମଣିଷ ତାହାକୁ
ହସି ଆପଣେଇ ନେବ ।

ନିତ୍ୟ ରଞ୍ଜନ ନନ୍ଦ
ଡି ଏଲ୍ ଏ -୧୨, ଭି ଏସ୍ ଏସ ନଗର, ଭୁବନେଶ୍ୱର
ମୋ - ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନ ଚେତନା



ଅମୃତନାରାୟଣ
ଶତପଥୀ

ସ୍ୱାଧୀନ ଭାବନା, ସ୍ୱାଧୀନ ଚେତନା, ସ୍ୱାଧୀନତା ମନ୍ତ୍ର ନେଇ,
୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ଥିଲା ପାଇ ।(୧)

ଇଂରେଜ ଶୋଷଣ,କଷଣରୁ ମୁକ୍ତି ପାଇଲା ଯେ ଏହି ଦିନ,
ଅବଶୋଷ ଯାହା ରହିଗଲା ଏତିକି ହୋଇଯାଇ ବିଭାଜନ ।(୨)

କେତେ ଯେ ସହିଦ କେତେ ଦେଶପ୍ରେମୀ ପୁଣି ସେ ବୀରତ୍ୱ ଗାଥା,
ମନ ମସ୍ତିଷ୍କରେ ଉଦଭାସିତ ହୁଏ, ଥାଏ ଯେ ସ୍ୱାଧୀନ ଚେତା ।(୩)

ଅହିଂସା, ଅସହଯୋଗ, ଆଇନଅମାନ୍ୟ ହୋଇ ଯେ ଆନ୍ଦୋଳନ,
ଆହୁରି କେତେ ପ୍ରକାରେ ଚାଲିଲା ସ୍ୱାଧୀନତାର ସଂଗ୍ରାମ ।(୪)

ନିଷ୍ଠୁର ଶୋଷକ ଶୋଷଣରୁ ମୁକ୍ତି ପାଇଲା ଏହି ଦିନ ଦେଶ,
ତ୍ରିରଙ୍ଗା ଉଡାଇ ସ୍ୱାଧୀନତା ପାଳନେ ବଢିଲା ଦେଶର ଯଶ ।(୫)

ସେହି ଦିବସକୁ ପ୍ରତିବର୍ଷ ଆମେ ପାଳୁ ସ୍ୱାଧୀନତାର ଦିବସ,
ମନ ମଧ୍ୟେ ରଖି ସ୍ୱାଧୀନ ଚେତନା, ସ୍ୱାଧୀନ ଭାରତବର୍ଷ ।(୬)

ମନେ ପକାଉ ସେ ତ୍ୟାଗ ସମର୍ପଣ ପୁଣି ଆହେ ବଳୀଦାନ,
ମହାପୁରୁଷଙ୍କ ମହାନତା ଯାହା କରିଲା ଦେଶ ସ୍ୱାଧୀନ ।(୭)

ସ୍ୱାଧୀନତା ସ୍ୱାଦ ଆସ୍ୱାଦନ ପାଇଁ ଲୋଡା ସ୍ୱାଧୀନ ଚେତନା,
ମନ ମଧ୍ୟେ ରଖି ଐକ୍ୟ, ଅଖଣ୍ଡତା, ଗଣତନ୍ତ୍ରାଦି ଭାବନା ।(୮)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଧୀନତା ପାଇଁ ହୋଇଥିବା ସେହି ରକ୍ତିମ ପୁଣି ସଂଘର୍ଷ,

ସବୁ ସ୍ୱାଧୀନତା ସଂଗ୍ରାମୀ ଅଟନ୍ତି ଜଣେ ଜଣେ ମହାପୁରୁଷ ।(୯)

ତାଙ୍କର ପଦାଙ୍କ ଅନୁସରଣ କରି ସ୍ୱାଧୀନତା ଦିବସେ ଏହି,

ଦେଶପ୍ରେମୀ ସିଏ ହୃଦୟେ ସ୍ୱାଧୀନ ଚେତନାଟି ଥାଏ ରହି ।(୧୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଚିହ୍ନା ନାରୀ



ପ୍ରଶାନ୍ତ ବ୍ରହ୍ମା

ନୀଳ ପାହାଡ଼ ସବୁଜ ବନ ବୁଲୁଥାଏ ସେ ମଧୁର କଣ୍ଠରେ ଗୀତ ଗାଇ
ଯାଉଥାଏ ମୁଁ ସେହି ବାଟେ ମନ ମୋର ହୁଏ ତାକୁ ଦେଖିବା ପାଇଁ ।

ଯାଉଥାଏ ମୁଁ ଯେତେ ଦୂର ଦୂରେଇ ଦୂରେଇ ଯାଏ ସେ ସେତେ ଦୂର
ମନର ଉତ୍କଣ୍ଠା ବଢ଼ିଯାଏ ଧିରେ ଧିରେ ଦେଖିବା ପାଇଁ ମୁହଁ ତାର ।

ଦୂରରେ ରହି ପଚାରି ବୁଝେ ନାଁ ଟି ତାର ଉତ୍ତର ନ ଦିଏ କେବେ ସେହି
ତଥାପି ତାର ସେହି କଣ୍ଠ କାହିଁ କେଜାଣି କରିଦିଏ ମୋତେ ବାଇ ।

ଫର ଫର ହୋଇ ଉଡେ ପଣତ କାନି ହେଲେ ଧରା ସେ ନ ଦେଲା
ଚାହୁଁ ଚାହୁଁ ଆସିଲା ସଞ୍ଜ ତଥାପି ଅପେକ୍ଷା ମୋର ନ ଗଲା ।

ଯେତେ ଚାହିଁଲେ ଜାଣି ହେଲା ନାହିଁ କିଏ ସେ ଅଦ୍ଭୁତ ନାରୀ
ଆଖି ପିଛୁଳା କେ ଲୁଚି ଯାଏ ସେହି ଛାତି ଭିତରେ ଯାଏ ଥରି ।

ପଲାଶପୁର, ଖୋର୍ଦ୍ଧା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାନି



ବିନୟାନନ୍ଦ
ବସ୍ତ୍ରସ୍ୟ

ମାଆର ପଣତ
ନୀଳାଚଳ ନେତ
ମାନବୀ ରୂପରେ ଦେବୀ,
ସେ ପଣତ ତଳ
ଅକ୍ଷୟ କବଚ
ତାର କି ଉପମା ଦେବି ?

ସେ ପଣତ କାନି ପାରିଦେଇ ଯେବେ
ଗୋଡ଼ ପରେ ଗୋଡ଼ ଥୋଇ,
ପାନ ଭାଙ୍ଗୁଥାଏ
ନନାଙ୍କ ପାଇଁକି
ସ୍କୁଲ ବେଳ ଗଲେ ହୋଇ ।

ସେଇ କାନିରେ ସେ ପୋଛିଦେଉଥାଏ
କେତେ ଝାଳ ନାଳ ଦେହୁ,
ସେ କାନିର ବାସ
ଚମ୍ପା ଚନ୍ଦନର
ଅତର ସମ କି କାହୁଁ ?

ସେଇ କାନି ଧରି
ତତଲା କରେଇ
ହାଣ୍ଡି ଦେଉଥାଏ ଟେକି,
ଆଖିରେ ପଡିଲେ
ଗୁଣ୍ଡ କି ମଇଳା
ଆଫା କରିଦିଏ ସେକି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କାନିରେ ବାନ୍ଧି ଆଠଣା ଚାରଣା
ବୁଟ ଚଣା କିଣିଦିଏ,
ସେ କାନିରେ ବନ୍ଧା
ଘରର ଅମାର
ଚାବିକାଠି ଝୁଲୁଥାଏ ।

ସେଇ କାନି ଧରି
ଠିଆ ହେବା ଶିଖି
ଚାଲିଲି ମୁଁଯେତେବେଳେ,
କେତେ ପଡା ଉଠା କୋଳିଆ ସଂକୁଳା
ମୁହଁରୁ ତା ହସ ଝରେ ।

ଖସିନି କେବେ ତା
ପଣତ କାନିଟା
ମୁଣ୍ଡରୁ କଦବା କେବେ,
ମାନ୍ୟ ଜନ ଦେଖି ସଣ୍ଟଣାରେ ମୁହଁ
ଘୋଡାଇ ଦିଏ ସେ ଯେବେ ।

ଲାଗେ ସତେ ଅବା
ସ୍ୱର୍ଗରୁ ଓହ୍ଲାଇ
ଆସିଲେ କି ଅନ୍ନପୂର୍ଣ୍ଣା,
ତା ମଥାର ସିନ୍ଥି
ସିନ୍ଦୁର ଝଟକ
ସତେକି ଦେବୀ ଅପର୍ଣ୍ଣା ।

ପାନଖିଆ ହସ
ଖିଲି ଖିଲି ତାର
ସତେ କି ଆକାଶ ତାରା,
ତା କାନି ପଣତ ନାନାବାୟା ଗୀତ
ଟାଣିଆଣେ ନିଦ ସାରା ।

ଯେତେ ଯାହା କହ
ବୋଉ ପରି କିଏ
ହୋଇ ବି ପାରିବ ନାହିଁ,
ଆଜିର ବୋଉଙ୍କ
ସେ ପଣତ କାନି
କେଉଁଠାରେ ଦିଶୁନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିପା ଚିପି ଜିନ

ପୋଷାକ ଭିତରେ

କାନି ତ ରହିଲା ନାହିଁ,

ସେବେଳର ବୋଉ

ଏ ବେଳର ମମି

ସମାନ ହେବେ ବା କାହିଁ ?

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମୃତାଘାତ



ସିଦ୍ଧେଶ୍ୱର ତ୍ରିପାଠୀ

ତାର ଦ୍ୱିତୀୟା ଚାନ୍ଦର ଓଠ ଧାରେ
ମୁଁ ଯେ ଆପେ ଭିଜିଯାଏ ଧିରେଧିରେ
ସେତ କଦମ୍ବ ବନର  ମିଠା ରସ
ନିଶା ଘାରେ ଦିନୁ ଦିନ ମାସ ମାସ  ।

ସିଏ ସୁର ତାଳ ଲୟ ତରଙ୍ଗିଣୀ
ମନ ଅଧିର ହୁଏତା  ଗୀତ ଶୁଣି
କେବେ ହାତ ପାହାନ୍ତାରେ  ଧରା ଦିଏ
କେବେ ବିରହ ନିଆଁରେ ଜାଳୁ ଥାଏ  ।

ମଧୁ ଝରେ କେବେ ସତେ ସପନରେ
ତାର ଦ୍ୱିତୀୟା ଚାନ୍ଦର ଓଠଧାରେ  ।

ସେଇ ନିଆରା ସେ ବେନି ନୟନକୁ
ଖାଲି ଥରେ ମନଭରି ଦେଖିବାକୁ
ଖୋଲିବାକୁ ଆଖି ଆଇନାକୁ
ରୋକି ପାରେ କିଏ ଏ ଇଚ୍ଛାକୁ

ଅମୃତ ମିଳେ ସେ ଆଘାତରେ
ତାର ଦ୍ୱିତୀୟା ଚାନ୍ଦର ଓଠ ଧାରେ  ।

ଖୋର୍ଦ୍ଧା, ୭୦୦୮୩୧୯୫୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରିରଙ୍ଗା



ନୀଳମଣି ଚାନ୍ଦ

ଯେଉଁ ପତାକାଟି ଫରଫର ଉଡ଼େ
ତା ନାଆଁ ତ୍ରିରଙ୍ଗା ଆପେ ମନେ ପଡ଼େ
କହେ ଭାରତର କଥା
ଥିଲେ ପାଶେ  ଦେଶପ୍ରୀତି ଭାବ ଜାଗେ
ନୋଇଁଦିଏ ମୁହିଁ ମଥା ।

ୟୁନିଅନ ଜ୍ୟାକ ବଦଳରେ ସିଏ
ସେ ଦିନ ଉଡ଼ିଲା ଗରବରେ ଯିଏ
ସ୍ୱାଧୀନ ଭାରତ ପାଇଁ
ସେ ଦିନୁ ସେ ଆମ ଜାତୀୟ ପତାକା
କୁହ କିଏ ଜାଣେ ନାଇଁ ।

ନାରଙ୍ଗୀ, ଧଳା ଓ ସବୁଜ ତା ରଙ୍ଗ
ଲଭିଛି ଅଶୋକ ଚକ୍ର ତାର ସଙ୍ଗ
ଚବିଶ ଅରକୁ ଧରି
ସିଏ ଧର୍ମଚକ୍ର ପ୍ରଗତିର କଥା
କହେ ବର୍ଷବର୍ଷ ଧରି ।

ନାରଙ୍ଗୀଟି ପରା ସାହସ, ବୀରତ୍ୱ
ଧଳାଟି ସୂଚାଏ  ଶାନ୍ତି ଆଉ ସତ୍ୟ
ତା' ସବୁଜ ରଙ୍ଗ  ସିନା
ଭ୍ରାତୃତ୍ୱ ପ୍ରତୀକ ବହନ କରଇ
କହିଦିଏ ହସି ମୀନା ।

ସେ ଆମ ଗରବ ଆମ ସ୍ୱାଭିମାନ
ଶୀର୍ଷରେ ଦିଏ ମୁଁ  ସଦା ତାକୁ ସ୍ଥାନ
ଛୁଇଁକି ଶପଥ ନେବି
ଅକ୍ଷୁର୍ଣ୍ଣ ରଖିବି ଗରିମା ଯେ ତା'ର
ସହିଦ ପଛକେ ହେବି ।

ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶା ବୈତରଣୀ



ନିରଞ୍ଜନ ସାହୁ

ଆଶା ଅସୁମାରୀ  ସପନ ଅନେକ
ମନରେ ବାନ୍ଧଇ ବସା
ପୂରଣ ହୋଇବା କାଠିକର ପାଠ
ନ କରିଲେ ଲୋକହସା   ।

ଅଢେଇ ଦିନିଆ ମଣିଷ ଜୀବନ
ପାଣି ଫୋଟକାଟେ ସମ
ନିଶ୍ୱାସକୁ ଏଠି ଭରସା ନାହିଁ ହେ
ବାଟ ଜଗିଅଛି ଯମ
ତଥାପି  ମନରେ ଚାଲିଥାଏ ନିତି
କେତେକେତେ ଅଙ୍କକଷା   ।

ବାତାବରଣରେ ଅବିଶ୍ୱାସ ବାୟୁ
ବହୁଥାଏ ଘନଘନ
ବୟସ ଯେତିକି ବଢ଼ିବଢି ଯାଏ
ମନ ହୁଏ ଛନଛନ
ବାରବାଟୀ ବିଲ ଚଷିବାକୁ ଇଚ୍ଛା
ନୁହେଁ କିନ୍ତୁ ମୁହିଁ ଚଷା   ।

ଇଚ୍ଛା ନ ଥିଲେ ବି କରିବାକୁ ହୁଏ
ବାଧ୍ୟରେ ଅନେକ କାମ
କାମ ନ କରିଲେ ସଂସାର ମଧ୍ୟରେ
ହୋଇଯିବ ବଦନାମ
ଡରିମରି ଏଠି କାମ କରାଯାଏ
ଅନିଚ୍ଛାରେ ଖେଳେ ପଶା   ।

ଦାଣ୍ଡରେ ମୁହଁକୁ ଟେକି ଚାଲିବାକୁ
ଅନେକ ପ୍ରଚେଷ୍ଟା ଜାରି
ଅବଶ ଶରୀର କ୍ଳାନ୍ତ ମନ ନେଇ
ମୁଣ୍ଡ ହେଉଥାଏ ଭାରି
ପାଦକୁ ଘୋଷାଡ଼ି ଚାଲିବାକୁ ହେବ
ପଡୁ ପଛେ ଶନିଦଶା   ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୃଙ୍ଖଳା



କୀର୍ତ୍ତନ ସାହୁ

ଦେଖିବ ତ ଦେଖ ପିମ୍ପୁଡିକୁ
ଧାଡ଼ିରେ ଚାଲିବାରେ
ତାର ଶୃଙ୍ଖଳା ଭାବକୁ
ତାର ସହଯୋଗିତାକୁ
ତାର ଏକାଗ୍ରତାକୁ

ଦେଖିବ ତ ଦେଖ ଉଇକୁ
ହୁଙ୍କା ଗଢିବାରେ
ତାର ଶୃଙ୍ଖଳା ଭାବକୁ
କାମ କରିବାର ମନୋବୃତ୍ତିକୁ
ମିଳିମିଶି ଚାଲିବାର
ମାନସିକତାକୁ
କାର୍ଯ୍ୟକ୍ଷେତ୍ରରେ ସକ୍ରିୟ
ଆଚରଣକୁ

ଦେଖିବ ତ ଦେଖ ପକ୍ଷୀକୁ
ତାର ବସା ଗଢ଼ଣରେ
ଏକନିଷ୍ଠ ଭାବକୁ
କାର୍ଯ୍ୟରେ ତାର କାରୀଗରିତାକୁ
ଖାଦ୍ୟ ଖୋଜି ଆଣି
ନିଜ ଶାବକକୁ ଖୁଆଇବାର
ମନୋଭାବକୁ
ତାର ଶୃଙ୍ଖଳିତ
ଜୀବନ ଜିଇଁବାକୁ

ଦେଖିବ ତ ଦେଖ
ନିଜର ଅସ୍ଥିରତାକୁ
ନିଜର ଅପାରଗତାକୁ
ନିଜର ନିଷ୍କ୍ରିୟତାକୁ
କାର୍ଯ୍ୟକ୍ଷେତ୍ରରୁ ପଳାୟନ
କରିବାର ଦୁର୍ବଳ ମନୋବୃତ୍ତିକୁ
ଅସଫଳତାକୁ ଗ୍ରହଣ
କରିନେବାର ମାନସିକତାକୁ ।

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର ।
ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୌହ ଦାନବ



ସ୍ମୃତିରଞ୍ଜନ ବାରିକ

କଳା ଅନ୍ଧାରର    କରାଳ ବକ୍ଷରେ
ରେଳର ଗର୍ଭରେ ଯାତ୍ରୀ
ଚିର ମସିଣାରେ    ଶୋଇଗଲା ଆଜି
ବାଲେଶ୍‌ୱର ଭୂମି ରାତ୍ରି ।.......୧

ସପନ ରାଇଜ    ଆନନ୍ଦେ ଦେଖଇ
ଘରବାହୁଡାର ନିଶା
ଲୌହ ଦାନବର    ପୁତନା ଗର୍ଭରେ
ମିଶିଗଲା ସବୁ ଆଶା ।........୨

ନିରବେ ଚାଲଇ    ଶାନ୍ତ ବି ପଡଇ
ଥୁକ୍ ଥୁକ୍ ଶୀତ ବାସ୍ନା
ଅଚିନ୍ତା ଶେଯରେ    ମୃତ୍ୟୁ ଶୋଇଯାଏ
ରେଳଡବା ଦିଏ ଚିହ୍ନା ।.....୩

ରାମ,ହରି,ଶ୍ୟାମ    ପ୍ରେମର ବି ସ୍ନେହ
ମାଆର ରୁକୁଣା ପୁଅ
ଭଗିନୀର ଭାଇ    ପିତାର ଲଉଡି
ମମତାରେ ପ୍ରିୟ ଶୁଅ ।......୪

ଅନ୍ଧର ବାଡିଟା    ରକତେ ଭାସଇ
ଏକୋଇର ବଳା ବିଶି
ନିଶାର ନିଶିରେ    ଗ୍ରାସଇ ଦାନବ
ବାଲେଶ୍ୱର ରାତ୍ରେ ମିଶି ।.......୫

ରୁଧିରେ ଭିଜଇ    ପଣତ କାନିଟା
ରାକ୍ଷୀ ବନ୍ଧା କଟା ହାତ
ଲହୁରେ ହସଇ    ଲୌହ ଦାନବଟା
ମାଆର ଲୁହରେ ନେତ୍ର ।......୬

ଏତେ ନିରିଦୟ    କୁଠାର ନିଷ୍ଠୁର
ହୋଇବି ପାରହୁଁ ପ୍ରଭୁ
ନବ ବିବାହିତା    ସଂସାର ଭରଷା
କେମିତି ଛଡ଼ାଇ ନେଉ ।......୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରକତ ଶେଯରେ ଚିରର ନିଦ୍ରାରେ
ଖାଲି ଶବ ଖାଲି ଶବ
ନିସ୍ତବ୍ଧ ଭୂଇଁ ଟି ବିକଟ ଚିତ୍କାରେ
ପ୍ରକମ୍ପିତ ଦିଏ ରାବ ।......୮
ବକ୍ଷ ଥରା ଚିତ୍ର ଆକୁଳ କ୍ରନ୍ଦନ
ମଧ୍ୟରାତ୍ରେ ଶୁଣେ କିଏ ?
ପ୍ରଭାତ ଧରଇ ଛ'ଖଣ୍ଡ ବାଉଁଶ
ବିଲୀନ ଅଗ୍ନିରେ ସିଏ ।.....୯
ମା'କୋଳେ ଦେଖେ ମୃତ୍ୟୁର ତାଣ୍ଡବ
ମରଣକୁ କରି ସାଥି
ଆନନ୍ଦେ ବିଚରେ ରୁଧିର ରଂଗରେ
ଲୌହ ଦାନବର ପୋଥି ।.....୧୦

ଗ୍ରାମ:-ଅନୁପଲା,
ଜିଲ୍ଲା:- ଜଗତସିଂହପୁର,

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କେଁ କଟର



କୁନା ସେଠୀ

ଆକାଶ ରେ
କଳା ମେଘକୁ ଦେଖି
ବେଙ୍ଗୁଲି କରିଲା ରଡି
ବେଙ୍ଗ ଦୁରେ ଥାଇ
ବେଙ୍ଗୁଲିକୁ ଦେଖି
ମାରିଲା ଗୋଟିଏ ହାଇ ।
ଫଙ୍କ ଫଙ୍କ ହୋଇ
ମାଛ ଡେଇଁ ଗଲା
ଗୋଳିଆ ପାଣିରେ ଫସି
ମାଛ କୁ ଦେଖିଣ
ବେଙ୍ଗୁଲି କହିଲା
କେଁ କଟର ହସି ହସି ।

ଧଣ୍ଡ ଟିଏ ତହିଁ
ସର ସର ହୋଇ
ଚାଲିଗଲା ଭିତରକୁ
ଭୟ ରେ ବେଙ୍ଗୁଲି
ବେଙ୍ଗକୁ ଡାକିଲା
ଚାଲି ଆସ ନିକଟକୁ ।
ବିଜୁଳି ଚମକେ
ମେଘ ବରଷିଲା
ହସିଲା ବେଙ୍ଗକୁ ଦେଖି
ଡରୁଆ ମରୁଆ
ବେଙ୍ଗୁଲି ନାନୀ ହୋ
ସାହସ ପାରୁନୁ ରଖି ।

ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରି ଝରି ଆସେ



ଶିବ ପ୍ରସାଦ ଚାନ୍ଦ

ଝରି ଝରି ଆସେ   ସରୁ ଝରଣା ଟି
କେତେ ବନ, ବିଲ ପାହାଡ଼ ଡେଇଁ
କୁଲୁକୁଲୁ ହୋଇ   କି ଗୀତ ଗାଉଛି
ସବୁରି ପରାଣ ଯାଉଛି ଛୁଇଁ ।

କେଡେ ନିରିମଳ   ତା' ର ମିଠାଜଳ
ସତେ କି ବହୁଛି ଅମୃତ ଝର
ଧନୀ ରୁ ଗରିବ   ଜାତି ରୁ ଅଜାତି
ଉଚ୍ଚ, ନୀଚ ଭେଦ ନାହିଁତାହାର ।

ହେଉ କଣ୍ଟକିତ  ଅବା ଶିଳା ଶେଯ
ସହୁଅଛି କହ କେତେ କଷଣ
ଜୀବ ଜଗତ ର   ଦୁଃଖ ହରିବାକୁ
ସତେ କି ଜୀବନେ କରିଛି ପଣ ।

ସରୁ ଝରଣା ରୁ   ନଦୀ ଟିଏ ହୋଇ
ସାଗର ଗରଭେ ମିଶିବା ପାଇଁ
ଜଗତ ର ହିତେ   ସହୁଛି କଷଣ
ସେ ପାଇଁ ତା'ମନେ ଶୋଚନା ନାହିଁ ।


ତା' ଠାରୁ ଶିଖିଲି   ଜିଇଁବା ର କଳା
ଜୀବନ ନୁହଁଇ ତଳପ ଶେଯ
ସାଧନା ର ପଥେ   ଲକ୍ଷ୍ୟ ରଖିଥିଲେ
ଜୀବନ ଜିଇଁବା ହୁଏ ସହଜ ।

ପୁରୁଣିଆଁ   କେନ୍ଦୁଝର
ସଂପର୍କ __୯୪୩୮୧୬୦୫୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯନ୍ତ୍ରଣା



ନିହାରିକା ରଥ

ତୁମେ ଦେଇଥିବା ସମସ୍ତ ଯନ୍ତ୍ରଣା କୁ

ସାଇତି ରଖିଛି,,

ପଞ୍ଜରା ସିନ୍ଦୁକ ଭିତରେ

ସହଜରେ ଚୋରି ହୋଇପାରିବନି,,

ତୁମେ ଦେଇଥିବା ସମସ୍ତ ପ୍ରେମକୁ

ବାନ୍ଧି ରଖିଛି, ହୃଦୟ ଧମନୀରେ

ମୋ ରକ୍ତ ସହ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନା ପୁଅ ମୋର ହୋଇବୁ



ବିକାଶ କୁମାର ହୋତା

ସିପୁ କହେ ବୋଉ ଖେଳିବାକୁ ଯିବି
ବାଜିଲାଣି ପରା ଚାରିଟା
ବୋଉ କହେ ଧନ ଖାଇଦେଇ ଯାଆ
ଭଜା ସହ ଘିଅ ପରଟା ।।(୧)

ଅତି ସରାଗରେ କରିଛି ତୋ ପାଇଁ
ଖାଇଦେବୁ ମୋର ଧନଟା
ଖାଇକି ଖେଳିଲେ ଅଳସ ହୋବୁନି
ସତେଜ ଲାଗିବ ମନଟା ।।(୨)

ସିପୁ କହେ ବୋଉ ମନା କର କାହିଁ
ଟିକେ ଖେଳିଯିବା ପାଇଁକି
ବହିରେ ପଢ଼ିଛୁ ଦେହ ପାଇଁ ଖେଳ
ସଦା ଭଲ ଜଣା ନାହିଁକି ।।(୩)

ଗୁରୁଜୀ ବୁଝାଇ କୁହନ୍ତି ସଭିଙ୍କୁ
ଖେଳ ଦେହ ପାଇଁ ବଢ଼ିଆ
ପିଲାମାନେ ସୁସ୍ଥ ସବଳ ହୁଅନ୍ତି
ନ ଖେଳିଲେ ବଡ଼ ଅଡୁଆ ।।(୪)

ହସି ହସି ବୋଉ କୁହନ୍ତି ଧନରେ
ତୋ ଆଗୁ ଏ କଥା ଜାଣିଛି
ସେଥିପାଇଁ ପରା ବଜାରକୁ ଯାଇ
ବ୍ୟାଟ୍ ବଲ୍ କିଣି ଆଣିଛି ।।(୫)

ଖେଳିବାଟା ପରା ଦେହ ପାଇଁ ହିତ
ଖେଳକୁ ମୋ ମନା ନାହିଁଟି
ପାଠ ବେଳେ ପାଠ ପଢ଼ିଲେ ପଢ଼ିବୁ
ପାଠ ରେ ତୁ ମନ ଦେଇଟି ।।(୬)

ଅଳସୁଆ ଜମା ହେବୁ ନାହିଁ ଧନ
ସମୟରେ ସବୁ କରିବୁ
ଭଲକାମ କରି ନାମ ତୁ ରଖିବୁ
ସୁନା ପୁଅ ମୋର ହୋଇବୁ ।।(୭)

ଦକ୍ଷିଣକାଳୀ ରୋଡ଼, ଢେଙ୍କାନାଳ,
୭୦୦୮୯୨୮୭୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରିଚୟ ଅଭିନୟ



ତାରା ପ୍ରସାଦ ଜେନା

ତୁମ ସହରକୁ ଆସିଥିଲି ଦିନେ
ପରିଚୟ ପାଇଥିଲି
ସେଇ ପରିଚୟ ଅଭିନୟ ବୋଲି
ବହୁ ପରେ ଜାଣିଥିଲି
. ତୁମ ସହରକୁ ଆସିଥିଲି ଦିନେ . ! ୦ !

କଥା କଅଁଳକୁ ଭାବ ବଢ଼ି ଯାହା
ଲୋକହସା ଧରେ ବାଟ
ଭଲ ଦରବକୁ କିଣାକିଣି ଭୁଲି
ମିଛ ମାୟା କରେ ହାଟ,
ଦୁନିଆକୁ ଠିକ୍ ବୁଝି ପାରିଲିନି
ନିଜେ ଠକି ହୋଇଥିଲି
. ତୁମ ସହରକୁ ଆସିଥିଲି ଦିନେ . ! ୨ !

ମୁହଁ ଦେଖିବାରେ ଚିହ୍ନି ପାରିବାଟା
କଳା ମୋତେ ଜଣାନାହିଁ
ସେଥିପାଇଁ ପରା ହାରିବାର ଭୟ
ଘାରୁଅଛି ବେଶି କାହିଁ,
ଭଲ ପାଖେ ମନ୍ଦ ହିସାବରେ ମୋର
ଭୁଲ୍ ଭାଲ ହୋଇଥିଲି
. ତୁମ ସହରକୁ ଆସିଥିଲି ଦିନେ . ! ୨ !

ଲୁହ ଆଉ ମୋହ ସବୁ ଛାଡ଼ିଛୁଡ଼ି
ସମୟକୁ ଦିଏ ଦୋଷ
ବୟସର ଏଇ ଆଗଚଲା ପଣ
ଭାବ ଲାଗେ ସତେ ବିଷ,
ନିଜ ପରିଚୟ ନିଜେ ଖୋଜିବାରେ
ଖେଳଘର ଭାବୁଥିଲି
. ତୁମ ସହରକୁ ଆସିଥିଲି ଦିନେ . ! ୩ !

ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬,
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାର୍ଘ୍ୟ



ମନୋରଞ୍ଜନ ସୁରୁଜାଳ

ଏ ଆଖି ଆଗରେ ନାଚେ ପଲକରେ
ଆହା କି ସୁନ୍ଦର ଛବି,
ସବୁଠି ରହିଛି କାହିଁ ନ ଦିଶୁଛି
ଧରିପାରେ ଅନୁଭବୀ ।

ସିକ୍ତ କରି ଧରା କୈବଲ୍ୟ ପାଶରା
ଯହିଁ ମଧୁ ଝର ଝରେ,
କୋଣ ଅନୁକୋଣ ଜଡ଼ ବା ଚେତନ
ମରମରେ ଅନୁସରେ ।

ବନ ପରବତ ସବୁଜିମା ଖେତ
ରଙ୍ଗ ବେରଙ୍ଗର ଫୁଲ,
ଫୁଲ ତନୁ ମନ ଭ୍ରମର ଗୁଞ୍ଜନ
କାନନେ ଲତା ଗହଳ ।

ହାତ ଗଢ଼ା ତା'ର ସଚର ଅଚର
କୀଟ ଠାରୁ ବ୍ରହ୍ମ ଯାଏ,
ସବୁ କରୁଥାଇ ଚିହ୍ନା ନ ପଡଇ
ବୁଝିଛି ତାହାକୁ କିଏ ?

ମେଘର ଆକାଶ ବଣରେ ପଳାଶ
ପୂର୍ଣ୍ଣିମାରେ ତୋଫା ରାତି,
ଧରି ରଙ୍ଗ ତୂଳୀ ଖେଳି ଲୁଚକାଳି
ଲେଖୁଛି ଜୀବନ ଗୀତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଞ୍ଚିବାକୁ ଯେତେ ଦରକାର ମତେ
ଯାଚି ଦେଇଛି ଆବର,
ଅଯାଚିତ ହୋଇ କିଛି ଏଠି ନାହିଁ
ଜାଣିଲି ମରତ ପୁର !

ମୁଁ ଯାହାକୁ ଦେଲି ଡେଙ୍ଗରା ପିଟିଲି
ସତରେ ସବୁ ମୋହରି,
ଯାହା ମୋର ନୁହେଁ କାହିଁ ମୋର କୁହେଁ
ଯିବି କି ସଙ୍ଗତେ ଧରି ?

ମହାର୍ଘ୍ୟ ତାହାରି ମୁଁ ସିନା ବଇରୀ
ଭୁଲିଛି ତା ଦିଆ ଧନ,
ଜଗତ କରତା ସିଏ ମାତା ପିତା
ଦେଇଛି ଅମୂଲ୍ୟ ଦାନ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଞ୍ଚାମୃତ



ଗୁପ୍ତେଶ୍ୱର ଚାନ୍ଦ

ପଞ୍ଚଭୁତେ ଗଢ଼ା ଏ ଶରୀର ପାଇଁ
ଈଶ୍ୱର ଦେଇ ଆଶିଷ ।
ରେ ଅବୁଝା ମନ ଏ ନିର୍ମଳ ଜ୍ଞାନ
ହୃଦରେ ରଖ ବିଶ୍ୱାସ । ।୧

ଜୀବ ହିତେ ହରି ଏ ବିଶ୍ୱ ବିହାରୀ
ସୃଷ୍ଟି କରି ପଞ୍ଚାମୃତ ।
ମଣିଷ ଜୀବନ ସରସ ସୁନ୍ଦର
ହିତେ କଲ୍ୟାଣ ସାଧିତ । ।୨

ପ୍ରଥମ ଅମୃତ ଏ ଧରା ବୁକୁରେ
ସେନେହ ମୟୀ ଜନନୀ ।
ଦ୍ୱିତୀୟ ଅମୃତ ଜନ୍ମ ଦାତା ପିତା
ଚିତ୍ତେ ଘେନ ଏ ଅବନୀ । ।୩

ତୃତୀୟ ପୀୟୁଷ ସୁହୃଦ ସକଳ
ସମସ୍ୟାର ସମାଧାନ ।
ଚତୁର୍ଥରେ ମନ ଗୁରୁ ଆପଣାର
ସାକ୍ଷାତ ସୁଧା ସମାନ । ।୪

ପଞ୍ଚମ ପର୍ଯ୍ୟାୟେ ଅନ୍ତିମ ଅମୃତ
ତୁଲ୍ୟ ତୋ ସହ ଧର୍ମିଣୀ ।
ମିଳନ ବିରହ ଉଭୟ ବେଳାରେ
ରୁଚିର ମଧୁ ରାଗିଣୀ । ।୫

ଗ୍ରାମ/ପୋଷ୍ଟ-ସମାସିଂହା;
ଜିଲ୍ଲା - ଝାରସୁଗୁଡା;
ମୋ.ନଂ:-୭୬୮୩୮୪୧୦.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଝିଅ



ଅଲେଖ ମେହେର

ତୋର ସୁମିଷ୍ଟ ବଚନ
କାକପୁଷ୍ଟ ପ୍ରୀତି ସ୍ୱନ,
ମୁରୁକି ହସରେ ଝରେ ସୁରଭି ପ୍ରସୂନ ।

ମୋ'ଅଗଣା ପୁରି ଉଠେ ,
ବସ୍ତ୍ର ଦେଶ ଫୁଲିଉଠେ ,
ବାଜିଲେ ପାଉଁଜିର ମଧୁର ତାନ ।

ଲାଗୁ ମତେ ପରୀ କନ୍ୟା
ସ୍ନେହ ମମତା ର ବନ୍ୟା
ବେନିରୋଧେ ଶତଦଳ,
ବିଲୋକିଲେ ତୋ'ଲପନ
ଭାବି କହେ ଏଇ ମନ
ପାଇଛି ଜୀବନ ମୂଲ ।

ଉଷାକାଳ ର ପବନ,
ସରଘାପନ୍ତି ଗୁଞ୍ଜନ,
ଶିତୁଆ ସକାଳର ମିଠା ତପନ ।

ବଡ ହେଇ ଯିବୁ ଚାଲି
ମମତାର ଦୀପ ଜାଳି
ଝୁରିବ ମୋ' ପିତୃପ୍ରାଣ,
ଦୁଇ କୂଳ ହିତ ଦେଖି
ନାଗସମ୍ଭବକୁ ମାଖି
ସୁଝିବୁ ଆଉ କା'ଋଣ ।

ଦୁହିତା ସ୍ନେହ ଚନ୍ଦନ,
ବାପା ମାଁ ଆଖି ଅଞ୍ଜନ ।
ଅପରାଜିତା ସୃଷ୍ଟିର ଶ୍ରେଷ୍ଠ ଦାନ ।

ସୋହେଲା ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଏ କହେ ଆମେ ସ୍ୱାଧୀନ ?



ସତ୍ୟ ନାରାୟଣ ସାହୁ

ସ୍ୱାଧୀନ ବୋଲି କି ବୃଥା ଚୁଗୁଲି
କିଏ କହେ ଆମେ ସ୍ୱାଧୀନ ବୋଲି ?
ସବୁଠି ସମାଜେ ଅଶାନ୍ତି ବୃଦ୍ଧି
ପାଏ ଦିନୁ ଦିନ କେ ପାଳେ ବିଧି ।
ଶୋଷଣ ପେଷଣ ଦୁର୍ନୀତି ଗ୍ରସ୍ତ
ସମାଜେ ସଭିଏଁ ସବୁଠି ତ୍ରସ୍ତ ।
ନିତି ସବୁ ଠାରେ ନୀରିହ ପୀଡା
ଦୁଷ୍ଟ, ଖଳ, ଖଣ୍ଟ ଦିଅନ୍ତି ବ୍ରୀଡା ।
କିଳା ପୋତା ନୀତି ଆଜି ସବୁଠି
କିଳା ପୋତି ପୋତି ଉପର ଉଠି ।
ଦେଉଥାନ୍ତି ପର ପରାଣେ ଜ୍ୱାଳା
ଦରିଦ୍ର ନିଷ୍ପାପ ମୁଣ୍ଡରେ ବୋଳା ।

ହୁଏ ସବୁ ଓଠା ପଣସ ଖାଇ
ପରର ଗୁଣ ଦୋଷ ତୁଣ୍ଡରେ ଗାଇ ।
କାଳୀ ବୋଳି ଦ୍ୟନ୍ତି ପର ମୁହଁରେ
ଜଳୁଥାନ୍ତି ଜନେ ନିତି ଈର୍ଷାରେ ।
ଘୃଣା ଲୋଭ ମୋହ ଭୟ ଭ୍ରାନ୍ତିରେ
ଆକ୍ରୋଶ, ଆକ୍ଷେପ କରି ଅପରେ ।
ଦେଉଥାନ୍ତି ପୀଡା ଯେ ଦୂର୍ବିସହ
ପରମନ୍ଦ ବୁଦ୍ଧିରେ ଅହରହ ।
ମଣିଷ ଜୀବନ କଟେ ଯେଉଁଠି
ସ୍ୱାଧୀନତା ଭାବ କାହିଁ ସେଇଠି ?
ଅତ୍ୟାଚାରୀ ଜନ ପାଏ ସମ୍ମାନ
ଦୁଷ୍ଟ ପାପିଷ୍ଠଙ୍କ ଏ କ୍ରୀଡା ସ୍ଥାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଦ ଜୁଆ, ବେଶ୍ୟା ପୂଜନେ ରତ
ତାହାଙ୍କ ସେବାରେ ଅନବରତ ।
ଲୁଣ୍ଠନ କରନ୍ତି ଧନ ଓ ଜନ
ବିପର୍ଯ୍ୟସ୍ତ ହୁଏ ଜନ ଜୀବନ ।
ଖଳ ଖଣ୍ଡ ମାତାଲଏ ଏଠାରେ
ରତ ରହି ଥାନ୍ତି ଭ୍ରଷ୍ଟ ଆଚାରେ ।
ସ୍ୱାଧୀନତା କଥା କିଏ ପଚାରେ
ନୀତି ଗଢ଼ା ହୁଏ ନିଜ ଇଚ୍ଛାରେ ।
ଛୋଟ ବଡ ସବୁ କାମରେ ଲାଞ୍ଚ
ସ୍ୱାର୍ଥ ପ୍ରତାରଣା କଳାରେ ହାତ ।
ଚିକ୍କଣ କରନ୍ତି ଆଜି ସଭିଏଁ
ଦରିଦ୍ର ଆପଣା ସର୍ତ୍ତା ହରାଏ ।
ତେଲିଆ ମୁଣ୍ଡରେ ବୋଳନ୍ତି ତେଲ
ଚୋର ଓ ପୋଲିସି ହୁଅନ୍ତି ଗେଲ ।

ଡାକୁ, ଦାଦା, ଦାଗି ଓ ଦାଗଦିଆ
ଫିସାତ, ପାଜିଙ୍କ କଳି କଜିଆ ।
ହଟ୍ଟ ଗୋଳ, ପିଟା ମରା ସବୁଠି
ଖଣ୍ଡା, କାତି ଆଉ ଭୁଜାଲି ଲାଠି ।
ଦିନ ରାତି ନିତି ନିତି ଚାଲିଛି
ଅବାଧ ଭାବରେ ମୁଣ୍ଡ ଫାଟୁଚି ।
ଗୁଳି ମାଡ଼ ହୁଏ ନିର୍ବାଚନରେ
ଭୋଟ ଉଠେ ଯହିଁ ମଦ ନୋଟରେ ।
ଖଟି ଖିଆ ଠାରୁ ନିଅନ୍ତି ବଟି
ଲୁଟି ଲୁଟି ତୋଳି ଥାଆନ୍ତି କୋଠି ।
ଅଳସୁଆଙ୍କ ବାରବାଟୀ ଚାଷ
ଜାଲି ଓ ଭେଜାଲି ଯେ ଅହର୍ଣ୍ଣିଶ ।
ବଢ଼ି ଚାଲିଥାଏ ଯେଉଁ ଦେଶରେ
ସ୍ୱାଧୀନ ବୋଲି କି କେ କହିପାରେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୂଳ ଠାରୁ ଚୂଳ ଯହିଁ ଦୁର୍ନୀତି
ବଢ଼ି ଚାଲିଥାଏ ନିଇତି ନିତି ।
ଚୋରୀ, ଧରଷଣ, ହତ୍ୟାକାଣ୍ଡରେ
ସାହିଠୁ ନଗର ଭୟରେ ଥରେ ।
ଘଟି ଚାଲେ ଦିନ ଦ୍ୱିପ୍ରହରରେ
ଲଣ୍ଡ ଭଣ୍ଡ ଜନେ ଭାଣ୍ଡ ଗହଳେ ।
ପୋଲିସ ସହିତ ସାଲିସ ହୋଇ
ଲାଞ୍ଚ ଓ ଇଲିସି ତାହାକୁ ଖୋଇ ।
ଦାଦା, ଦାଗୀମାନେ ଭୁଲାଇ ଦେଇ
ଦୁର୍ନୀତିକୁ ନେଉଥାନ୍ତି ବଢ଼ାଇ ।
ଖୁଆଡ ଖାନାରେ କଇଦୀ ରହି
ଖାସି, ଭାଙ୍ଗ, ଗଞ୍ଜା ଥାଆନ୍ତି ଖାଇ ।
ଭ୍ରୁଣ ହତ୍ୟା, ନିତି ବଢେ ସବୁଠି
ପଶୁ ପକ୍ଷୀ କେହି ତ୍ରାହି ନ ପାନ୍ତି ।

ସ୍ୱେଛା ଚାରିତାରେ ଚାଲେ ଶାସନ
ନ୍ୟାୟ, ବିଧି, ନୀତି, ନିୟମ ଶୂନ୍ୟ ।
ଭଦ୍ର ମୁଖା ନାଇ ସ୍ୱାର୍ଥ ର ପାଇଁ
ଦୁର୍ବଳ ଙ୍କୁ ପଶୁ ପରି ଲଗାଇ ।
କୂଟ କପଟ ରଚି ଯେଉଁ ଠି
ନିଜ ସ୍ୱାର୍ଥ ପାଇଁ ଗଢାନ୍ତି ନୀତି ।
କିଏ କହେ ଆମେ ସ୍ୱାଧୀନ ବୋଲି
ସୁଖ ଓ ଶାନ୍ତି ରେ ପାରୁଛୁ ଚାଲି ।

ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ କହେ ଆମେ ସ୍ୱାଧୀନ ?



ସ୍ୱାଗତିକା ସାହୁ

ମୁକ୍ତିର ବାର୍ତ୍ତା ବିଛାଏ ଜନ ମାନସରେ
ସ୍ୱାଧୀନତାର ବହଳ ଆସ୍ତରଣ
ଏଇ ଶାନ୍ତି ତପୋବନ ତପସ୍ୟା ଭୂମିରେ
ଯାହାର ଦାନେ ଏ ରକ୍ତବିନ୍ଦୁ ଆଚ୍ଛାଦିତ
ଥାଉ ପଛେ ପ୍ରଚ୍ଛଦ ପଟରେ
ସେଇ ଇତିହାସର କାରୁଣ୍ୟ ଦୃଶ୍ୟରାଜି
ପୁରୁଣା କ୍ଷତରୁ ରକ୍ତ ଝରିଥାଏ ଆଜିବି
ସ୍ୱାଧୀନତା ଆମର ନାର୍ଯ୍ୟ ଦାବି
ସ୍ୱାଧୀନ ସକାଳର କଅଁଳ ଓଠରେ
ବିତିଛି ଅନେକ ବର୍ଷ... ! ! !

ଏବେ ପ୍ରକୃତିସ୍ଥ ଏଠି ଏ ମାଟି ସନ୍ତାନ
ଜାତି ଭେଦ ପରା କିଛି ନାହିଁ ଏଠି
ସତ୍ୟ, ଶାନ୍ତି, ଦୟା, କ୍ଷମା ଚାରିପୁତ୍ର ତା
ସପ୍ତ ଐଶ୍ୱର୍ଯ୍ୟର ପୁରବୀ ସେ
କିନ୍ତୁ କାହିଁ ନିଷ୍ଠା ମାନବବାଦ ପାଇଁ
କିଏ କହେ ଆମେ ସ୍ୱାଧୀନ ବୋଲି ?
ପ୍ରଶ୍ନବାଚୀଟିଏ ସାମ୍ପ୍ରତିକ ସ୍ଥିତିରେ
ସ୍ୱାଧୀନତାର ଔଜ୍ଜ୍ୱଲ୍ୟତାକୁ ଦୋହଲାଇ
ଦିଏ....
ପେଟ ପାଇଁ ବିକେ ଶରୀର, ଛୁଆ
ଗରିବର ଭୋକ ନିଆଁର ଦିକ୍ ଦିକ୍ ଝୋଲରେ
ଧିମେଇ ଯାଇଛି ତା ସଂଜ୍ଞା ଟା
ସ୍ୱାଧୀନ ଝରଟା ଆଜି ଧିରସ୍ରୋତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୋଜନା ଉପରେ ଯୋଜନା

ସ୍ୱପ୍ନ, ସଂସ୍କୃତି,ସଂସ୍କାର ଚୁଲି ମୁହାଁ ସବୁ

ପିଲା ଠୁ ବୁଢା ନିର୍ଯ୍ୟାତନାର ଶିକାର

ଉବୁଟୁବୁ ଦହଗଞ୍ଜ ଜୀବନ କାଳ

ଦିନ ଦ୍ୱୀ ପହରେ ଦୁଷ୍କର୍ମ

ଭୋଟ ହାତେଇ ବାକୁ ସଂରକ୍ଷଣ ନୀତି

ଦେଶ ପ୍ରେମ ନାମେ ଆତ୍ମସାତ

ଚାଷୀକୂଳ ଖୋଜେ ଆତ୍ମହତ୍ୟାର ପଥ

କନ୍ୟା ଭୃଣ ହତ୍ୟା...

ପାପୀ ହୁଏ ଶ୍ରେଷ୍ଠ, ସମ୍ମାନାନୀୟ

କାଇଁ ଦରାଣ୍ଡି ହୁଏ ମୁକ୍ତିର ଆନନ୍ଦ

ଝାଉଁଳି ପଡିଛି ପ୍ରତି ହୃଦ କନ୍ଦର

ବଦଳିଛି ଦେଶ ପ୍ରେମର ନିଶା

ତା ବର୍ଣ୍ଣମୟ ଛବିଟା ଏବେ ଅଶାନ୍ତ

ଯେଉଁଠି ଶିକ୍ଷା ଦୀକ୍ଷା ଉପେକ୍ଷିତ

ସତିତ୍ୱର ଶ୍ୱେତବସ୍ତ୍ରରେ ଆଚ୍ଛାଦିତ ନାରୀ

ଲାଗିଛି ଲାଲ ରଙ୍ଗର କଳଙ୍କ ଛିଟା

ଯନ୍ତ୍ରଣାରେ ଛଟପଟ ରୋଗୀ..

କିନ୍ତୁ ସ୍ୱାସ୍ଥ୍ୟବାନ ଏ ମାନବ ଜାତି

ଛଳନା ଦୁର୍ନୀତିକୁ ଘଣ୍ଟ ଘୋଡାଇ

ସ୍ୱାଧୀନେ ବୁଲୁଛି କୁଶଳୀ ମଣିଷ

ବିବର୍ତ୍ତିତ ବିଶ୍ୱାସକୁ ନେଇ

ଏବେ ସ୍ୱପ୍ନ ମାନ ଅପେକ୍ଷାରତ

ଶୋଇ ଯାଇଥିବା ଦୁବ ଘାସ

ପୁଣି କଅଁଳି,ପୂର୍ବଠୁ ଦିଶିବ

ଅଧିକ ସତେଜ ସବୁଜ ତ ??

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଏ କହେ ଆମେ ସ୍ୱାଧୀନ ?



ସଂତୋଷିନୀ ଦାଶ

କେତେ ଖୁସି ମନେ ପାଳୁଅଛୁ ଆମେ
ଆମ ସ୍ୱାଧୀନତା ଦିବସ
ସ୍ୱାଧୀନ ଏ ଦେଶ ସ୍ୱାଧୀନ ଏ ଜାତି
ସ୍ୱାଧୀନ ଆମ ଏ ଭାରତ

କେତେ ପ୍ରଶ୍ନବାଚୀ ମନେ ଉଙ୍କିମାରେ
ସତରେ କି ଆମେ ସ୍ୱାଧୀନ ?
ଦିନ ଦି ପହରେ ସ୍ୱାଧୀନ ଭାବରେ
କରି ପାରୁଛୁ କି ବିଚରଣ

ଦୁର୍ବୃତ୍ତ ମାନଙ୍କ ଆକ୍ରମଣ ଠାରୁ
ରହି ପାରିଛୁ କି ସୁରକ୍ଷିତ ?
ସ୍ୱାଧୀନ ଦେଶରେ ପରାଧୀନ ଆମେ
ଏବେ ବି ନଗଡ଼ା ବୁଭୁକ୍ଷିତ

ଖାଦ୍ୟ ପାଣି ବିନା ଶିଶୁ ସ୍ୱାସ୍ଥ୍ୟହୀନା
ରୋଗରେ ହେଉଛି ସନ୍ତୁଳିତ
କେତେ ଖୁସି ମନେ ପାଳୁଅଛୁ ଆମେ
ଆମ ସ୍ୱାଧୀନତା ଦିବସ

ଦେଖିଥିବା ସ୍ୱପ୍ନ ଆମ ରାମରାଜ୍ୟ
ହୋଇ ପାରିଛି କି ପୂରଣ
ରାମଙ୍କ ରାଜୁତି ଦେଖାନାହିଁ ଏଠି
ଦିଶୁଛନ୍ତି ଖାଲି ରାବଣ

ଗରିବ ମୁହଁରେ ଆହାର ଦେବାକୁ
ଯୋଜନା ଉପରେ ଯୋଜନା
ଗରିବ ପାଖରେ ଅଳପ ପହଞ୍ଚେ
ବାକି ସବୁ ବାଟ ମାରଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଷ୍ପାପ କଳିକା ଶିଶୁକନ୍ୟା ଟିଏ
ସୁରକ୍ଷିତ ନୁହେଁ ଯେଉଁଠି
ସ୍ୱାଧୀନ ଦିବସ ପାଳନ ତାତ୍ପର୍ଯ୍ୟ
ହଜିଯାଏ ଆଉ କେଉଁଠି

ଯୁଗ ବଦଳିଛି ଶିକ୍ଷିତା ହୋଇଛି
ନାରୀ ଆଜି ପ୍ରତିଷ୍ଠିତ
ତଥାପି ବି ନର ରାକ୍ଷସ କବଳୁ
ନୁହେଁ ସିଏ ସୁରକ୍ଷିତ

ଯେଉଁଦିନ ନର ସମାଜ ନାରୀକୁ
ଦେଇ ଶିଖିବ ସମ୍ମାନ
ସେହିଦିନ ନାରୀ ହେବ ନର ସରି
ଦେଶ ହୋଇବ ସ୍ୱାଧୀନ

ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ କହେ ଆମେ ସ୍ୱାଧୀନ ?



ଅରୁନ୍ଧତୀ ଲେଙ୍କା

ସ୍ୱାଧୀନ ବୋଲି ଆମେ ଗର୍ବ କରୁ ସିନା
ଆମେ କଣ ସତେ ସ୍ୱାଧୀନ
ଆମ ଦେଶ ନାରୀ ସୁରକ୍ଷିତ ନୁହେଁ
ସବୁ ଏଠି ପରାଧୀନ ।।

ଚାକିରୀ ପାଇଁ ସବୁ ବିଦେଶ ଯାଆନ୍ତି
ଖଟନ୍ତି ସେଠି ଦାଦନ
ଆଖିର ଲୁହକୁ ଓଠରେ ପିଅନ୍ତି
ଏହି କଣ ଆମେ ସ୍ୱାଧୀନ ।।

ପେଟ ପୋଷିବାକୁ ମା ବିକେ ଛୁଆ
ଛାତିରେ ରଖି ପଥର
ତା ଅନ୍ତର କଥା କିଏ ସେ ବୁଝିବ
ପିଏ ସେ ସବୁ ଜହର ।।

ପ୍ରତି ମୁହୂର୍ତ୍ତରେ ହତ୍ୟା ବଳାତ୍କାର
କୁତ୍ସିତ ଖଳ ଘଟଣା
ରାମରାଜ୍ୟ ଆଜି ଜଳି ପୋଡ଼ି ଯାଏ
ମରିଯାଏ ସମ୍ଭାବନା ।।

ଭାରତ ସେଦିନ ସ୍ୱାଧୀନ ହୋଇବ
ଯେବେ ହେବ ସମ ଭାବ
ଲିଙ୍ଗ, ଜାତି, ବର୍ଣ୍ଣ, ବର୍ଗ ନିର୍ବିଶେଷେ
ସବୁଠି ଏକତା ହେବ ।।

ସବୁଠି ଶୁଭିବ ଭାରତ ମାଆର
ଜୟ ଜୟ ପ୍ରତିଧ୍ୱନୀ
ସମସ୍ତେ ଚଳିବେ ଭାଇ,ଭାଇ ହୋଇ
ଭେଦ ଭାବ ରହିବନି ।।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତରେ କି ଆମେ ସ୍ୱାଧୀନ ?



ସଂଯୁକ୍ତା ସାହୁ

ପଚସ୍ତରୀ ବର୍ଷରେ ପଦାର୍ପଣ
ଆମ ସ୍ୱାଧୀନ ଭାରତ ଦେଶ,
ତ୍ରିରଙ୍ଗା ପତାକା ଉଡୁଛି ଆଜି
ସବୁରି ମନରେ ଭରି ହରଷ ।

ସବୁତ ଭରିଛି ଏଇ ଆମ ଦେଶେ
ଗର୍ବରେ ଫୁଲାଇ ଗାଉ ଗାଥା,
ସତରେ କଣ ସ୍ୱାଧୀନ ହୋଇଛି
ଆମରି ଏହି ଭାରତ ମାତା ।

ଜନ ଗଣ ମନ ଗାଇ ଗାଇ
ଆମେ ଚିତ୍କାର କରୁଥାଉ,
କୁହରେ ଆମ ଭାରତ ବାସୀଇ
ମାଆକୁ ସନମାନ ଦେଉ ।

ଭାଷଣରେ ଖାଲି ଜାଗରଣ ବାର୍ତ୍ତା
ସବୁ ଖାଲି ମିଛ ବାହାନା ,
ଘରେ ଘରେ ପୁରେ ପୁରେ ଆଜି
ଅନ୍ୟାୟ ଅସତ୍ୟ ବାନ୍ଧିଛି ଦାନା ।

ଦୁର୍ବଳ ଉପରେ ସବଳର ଦାଉ
ଭାଇ ଭାଇ ଶତ୍ରୁ ପାଲଟୁଛି ,
ନାରୀ ଜାତି ଆଜି ସଂକଟରେ
ଆତ୍ମା ତାର ଆଜି ବିଳପୁଛି ।

ଥରେ ଭାବିଲ ଦେଖି ଆମ
ଦେଶ କଣ ଆଜି ସ୍ୱାଧୀନ,
ଭାରତମାତା ଆଜି କ୍ରନ୍ଦନ ରତ
ଲାଂଛିତ ହେଉଛି ପ୍ରତି କ୍ଷଣ ।

ରାହାମା, ଜଗତସିଂହପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଧୀନତା ଦିବସ



ବନ୍ଦନା ମହାପାତ୍ର


ସ୍ୱାଗତଂ ସ୍ୱାଗତଂ ବନ୍ଦେ ସ୍ୱାଧୀନତା
ଆଣିଛ କିଶୁଭ ବାର୍ତ୍ତା
ରୋମଂଥନ କରେ ସ୍ୱାଧୀନତା ଦିନେ
ଭାରତମାତା ର ଗାଥା ।
ଭୁଲି ଯାଇଅଛୁସ୍ମୃତି ଇତିହାସ
ଭାରତ ସ୍ୱାଧୀନ ପାଇଁ
ଟଳି ପଡ଼ିଥିଲେ କେତେ କେତେ ବୀର
ଚାବୁକ ଗୁଳି କୁ ଖାଇ ।
ସ୍ୱାଧୀନ ହୋଇବ ବିଦେଶୀ ହଟିବ
ରାମ ରାଜ୍ୟ ଗାନ୍ଧୀ ଭାବ
ସତେ କଣ ଆମେ ସ୍ୱାଧୀନହୋଇଛେ
ନିଜେ ହିଁ ପ୍ରଶ୍ନ କରିବ ।.
ତ୍ରିରଙ୍ଗା ଉଡିଲା ସ୍ୱାଧୀନ ଆନନ୍ଦେ
ଦେଶ ମାତୃକା ର ଗୀତ
ଗଗନେ ପବନେଜୟ ଜୟ ଜୟ
ଜାତୀୟତା ନିନାଦିତ ।

କହିବ କି କିଏ ମୁଁ ସ୍ୱାଧୀନ ବୋଲି
ଏଠି ତ ରାବଣ ରାଜ
ଦୁର୍ନୀତି ଅନୀତି ଧର୍ଷଣହତ୍ୟା ରେ
କରନ୍ତି ସର୍ବେ ମଉଜ ।
ନାରୀଟିଏ ଆଜି ସୁରକ୍ଷା ପାଏନି
ଜୀବନ ଟା ବିପର୍ଯ୍ୟ
ଧର୍ମ ଲୁଚିଗଲା ଅଧର୍ମ ପେଢ଼ିରେ
ମଥା ପିଟି କାନ୍ଦେ ନ୍ୟାୟ ।
ଗରିବ ପାଏନା ମୁଠାଏ ଭାତ ତ
ଧନିଙ୍କ ମୁଣ୍ଡରେ ଧନ
ଧଳା, କଳା ଖାକୀ ରକ୍ଷକ ବକ୍ଷକ
ଏକତା ର ଭାବ ଛିନ୍ନ ।
ପ୍ରଣାମ କରୁଛି ସ୍ୱାଧୀନତା ପାଦେ
ସୁପ୍ତ ହେଉ ସର୍ବ ହୃଦ
ବିଶ୍ୱଭାତୃ ଭାବ ଜାତୀୟତା ଉଦ୍ରେକ
ଶାନ୍ତି ଜାହ୍ନବି ଆନନ୍ଦ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷାର ଅଭିମାନ



ଜ୍ୟୋତ୍ସ୍ନାମୟୀ ସାହୁ

ସତରେ ଶ୍ୟାମ,
ତୁମକୁ ଅପେକ୍ଷା କଲାବେଳେ,
ତୁମ ବିରହର ଶୂନ୍ୟସ୍ଥାନ ଯେ ଏତେ ଯନ୍ତ୍ରଣା ସିକ୍ତ,
ତାହାକୁ ମୋ ଛଡା ଆଉ କିଏବା କହି ପାରିବ ?

ତୁମେ ହୋଇ ପାର ଈଶ୍ୱର,
ମହା ଊର୍ଦ୍ଧ ରେ ତୁମର ଚେତନା,
କିନ୍ତୁ, ଫେରାଇ ପାରିବ କି ତୁମେ,
ରାଧା  ପାଇଥିବା ସମସ୍ତ କଳଙ୍କର କାଳିମା...

କିନ୍ତୁ, ତୁମକୁ ପାଇବା ପରେ
ମୋ ଆତ୍ମାର ଅଭିଷେକରେ, ମହା ଅନୁଭବରେ
ସେ ଶ୍ରେଷ୍ଠ ଅପେକ୍ଷାର ଅନ୍ତ
କିପରି ଘଟେ
ସେକଥା କ'ଣ କହିହୁଏ ? ?

କେବଳ ମୁଁ ହିଁ ଜାଣେ, ତୁମ ପ୍ରେମର ମହା ସମୁଦ୍ରରେ
କେତେ ଅମୃତ ଅଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ କିନ୍ତୁ ଆଙ୍କୁଛି ମୁଁ,
ଯମୁନା ର ବାଲିଶଯ୍ୟାରେ
ତୁମ ଆଲିଙ୍ଗନର ଚିତ୍ରପଟ ।
ତୁମ ବିରହ ବିଚ୍ଛେଦର ଶାଶ୍ୱତ ସୁଖକୁ
ମନେ ପକାଇବା ପାଇଁ ।

ପ୍ରିୟବର,
ଅନ୍ତ ଘଟୁ ମୋ ଜୀବନରୁ
ତୁମପାଇଁ ତିତିକ୍ଷା,
ତପସ୍ୟା ଓ ସବୁ ଜନ୍ମର ଇଚ୍ଛା,
ଯୁଗ ଯୁଗ ଧରି ଅତୁଟ ରହିଥାଉ,
ମୋର ତୁମପ୍ରତି ଏ ପ୍ରେମାସିକ୍ତ ଭାବ
ଏପରି ମୋତେ ବାରମ୍ବାର ଶୂନ୍ୟ କରି,
ପୁଣି ପୂର୍ଣ୍ଣ କରି ବାର ମୋହରେ ମୁଁ
ଦେହାତିତ ହୋଇ ଯାଏ ।

ହେ ପୂର୍ଣ୍ଣ ଦେହି....
ବ୍ୟାପ୍ତ ରୁ ପରିବ୍ୟାପ୍ତ ହୁଅ,
ରସ ରୁ ରସ ସିକ୍ତ ହୁଅ,
ନୁଆ ରୂପରେ ଆବିର୍ଭୂତ ହୁଅ,
ମୋ ନିଷ୍ପ୍ରଭ କାୟାକଳ୍ପ କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ୍ୟାସ ଦିଅ ।

ହେ କୃଷ୍ଣ,

ତୁମକୁ ଭାବିଦେଲେ,ମୋ

ହୃତ୍ କମ୍ପନ ବଢିଯାଏ,

ଛାତିରେ ମୋ ଭାବର ଜୁଆର ଉଠେ

ବିସ୍ମିତ କରେ ମୋତେ ତୁମର ସେ ନୀଳମେଘି ଆଲିଙ୍ଗନ ର ମହ୍ଲାର..

ହେ ବାଂଶୁରୀବାଲା

ତୁମ ବିଛେଦର ଆଘାତ ମୋ ହୃଦୟରେ ଯେତେ ଗଭିର କ୍ଷତ ସୃଷ୍ଟି କଲେବି...

ଏ ବ୍ୟଥିତ ହୃଦୟ କେବଳ

ତୁମରି ସତ୍ତାକୁ ଖୋଜିବ...

ଆଉ ମୋ ଦୃଷ୍ଟି କେବଳ ତୁମରି ଦିବ୍ୟ ଛବିକୁ ହିଁ ଦେଖିବ....

ମୋ ପ୍ରାଣ ପକ୍ଷୀ ଆଜି ବି

ଗାଉଛି ତବ ଅପେକ୍ଷା ରେ ଅଭିମାନେ... କୃଷ୍ଣ, କୃଷ୍ଣ, କୃଷ୍ଣ.......

ଫେରିଆସ ପ୍ରଭୁ,କରିଛି ଅପେକ୍ଷା..

ତୁମ ରାଧେ ଡାକରେ ମୁଁ

ହେଉଥାଏ ପଲ୍ଲବିତା...


ଜୟ ଶ୍ରୀକୃଷ୍ଣ

ଟିଲୋ ବନ୍ଧ, ଭଦ୍ରକ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସହରଟା ଶୋଇଗଲା ପରେ



ଅଜୀତ କୁମାର ପାଢ଼ୀ

ଗ୍ରାମରୁ ସହର ହୋଇଛି
କେଉଁ ଶତାବ୍ଦୀ ତେଇଁ
ଆଜି ମାୟା ନଗରୀ ତୁମେ
ମୁମ୍ବାଇ ସହର ।
ଦିନ ରାତ୍ରୀ ଜଣା ନାହିଁ
ତଥାପି ମଧ୍ୟ ରାତ୍ରେ
ଶୋଇପଡ଼େ ସହର ।
ଅନ୍ଧେରୀ ତୁମେ ଅନ୍ଧାର ଭିତରେ
ଶୋଇପଡ ଚାଦର ବେଢାରେ ।

ତୁମେ "ଜୁହୁ" ସମୁଦ୍ର ବେଢ଼ାରେ
ସମୁଦ୍ର ଅମାବାସ୍ୟାର ଗର୍ଜନେ
ଅତାଲ ଢେଉର ଗର୍ଜନ
ଅଟ୍ଟାଳିକାର ଝାପସା ଆଲୁଅ
ଭିତରେ ମିଲେ କିଛି ଚିହ୍ନ !
ଆଭିଜାତ୍ୟର ମଣିଷ ଗାଉନ ବସ୍ତ୍ରରେ ।

କିଛି ଫୁସ ଫୁସ ଶବ୍ଦରେ
ବାରଙ୍ଗନାର ସମୟର ଅବଧି ଭିତରେ
କରୁଥିଲେ ନୃତ୍ୟ
ଓ ଓ କି ନୃତ୍ୟ ମାତାଲଙ୍କ
ବିଅର ବୋତଲରେ ଅର୍ଦ୍ଧ ରାତ୍ର
ଯାଆନ୍ତି ବାହୁଡ଼ି ନିଜ ପୁର ।
ଶୋଇପଡ଼େ ସହରଟି ନିଶାଅର୍ଦ୍ଧରେ
ନିଶାର୍ଦ୍ଧରେ ।

ନିଶାର୍ଦ୍ଧରେ ଜାଗିଉଠେ
ଧର୍ମ ଦ୍ରୋହି ସେମାନେ
ଚଲାନ୍ତି ଅଫିମ ନିଶାର ଡାକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରଟି ଶୋଇପଡ଼ିଲା ପରେ ।

ଚେଇଁ ଉଠେ ଡ୍ରଗ୍ ମାଫିଆ

ଚେଇଁ ଉଠେ ମାଫିଆ ସ୍ଲୋଗାନ

ନିସ୍ତବ୍ଧ ସମୟ ନିସ୍ତବ୍ଧ ସହର

ଶୋଇପଡ଼େ ସହରଟି

ରାତ୍ରି ଉର୍ଦ୍ଧରେ ।

କିଛି ବୁଲା କୁକୁରଙ୍କ ଭିଡ଼

କିଛି ଗାଇ ଗୋରୁ

ଖାଉଛନ୍ତି ପଲିଥିନ

ଏବଂ ପୁରୁଣା କାଗଜ

ଅଫିସରୁ ଫିଙ୍ଗିଥିବା ନଥିପତ୍ର

ନିସ୍ତବ୍ଧ ଚିଁ ଚିଁ ଶବ୍ଦ

ଶୁଶୁ ଶବ୍ଦ ଏ ସି ରେଫ୍ରିଜେଟରର ଶବ୍ଦରେ

ହୁଇଶୀଳ ହୁଇଶୀଳ ଶବ୍ଦ

ପ୍ରହରୀ ଜଗିଛନ୍ତି ସହର କୁ ।

ସହର ଟି ଶୋଇଗଲା ପରେ

ଚାଦର ବେଢ଼ାରେ ସହରଟି

ଶୁନ ଶାନ ରାଜାରାସ୍ତା

ଶୋଇପଡ଼େ ଉଦ୍ୟାନ

ଶୋଇପଡ଼େ "ସାଧନା"

ଝାଉଁଲେଇ ଯାଏ ଗୋଲାପ

ଝାଉଁଲେଇ ଯାଏ ଗୋଲାପୀ

ସବୁ ରଙ୍ଗ ଯାଉଁ ଲାଇ ଯାଏ

ଶୋଇଗଲା ପରେ ।

ସହର ଟି ଶୋଇପଡ଼େ

ଅଭୁଲା ସ୍ମୃତି ଲେଖନୀର

ସହର ଟି ଶୋଇଯାଏ ।

ଗ୍ରାମ - ମହୁଲଭଟା ( କୋମନା )


ଜିଲ୍ଲା - ନୂଆପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସହରଟା ଶୋଇଗଲା ପରେ



କୁମୁଦିନୀ ପତି

ସହରଟା ଶୋଇଗଲା ପରେ

ଯେତେବେଳେ ଚାରିଆଡେ

ଶୂନଶାନ, ନୀରବ, ନିସ୍ତବ୍ଧ ହୋଇଯାଏ, ସେତେବେଳେ

ବୁଲା କୁକୁରର ଭୋ ଭୋ ଶବ୍ଦରେ

ଛାତିରେ ଛନକା ପଶିଯାଏ ।

କାହିଁ କିଛି ଅଘଟଣ ଘଟୁନାହିଁତ ?

କାହା ଘରେ ଚୋର ପଶି ବନ୍ଧୁକ

ଦେଖାଇ ସର୍ବସ୍ୱ ଲୁଟି ନେଇ ପଳାତକ ସାଜୁ ନାହାନ୍ତିତ ?

କାମୁକ ପୁରୁଷ ଦେହର କ୍ଷୁଧା

ମେଣ୍ଟାଇବା ପାଇଁ କୁଆଁରୀ କନ୍ୟା

ପାଖରେ ତାର ହିତାହିତ ଜ୍ଞାନ

ଭୁଲି ତାକୁ ଖୀନଭୀନ କରି

ପକାଉ ନାହିଁତ ?

ବାରଙ୍ଗନା ମାନେ ନିଜକୁ

ସୁସଜ୍ଜିତ କରି ନିଜକୁ କାହା ପାଖେ

ସମର୍ପି ଦେବାକୁ ସନ୍ତୁଷ୍ଟ ନୟନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପେକ୍ଷା କରି ନାହାନ୍ତି ତ ?

କାହାରି ମନରେ କଣ ଏଇ ଭାବନା

ଆସୁ ନାହିଁଯେ, ଏ ସହରଟା ଶୋଇଗଲା ପରେ,ପୁଣି ଉଠିବ,

ତା ଜୀବନରେ ନୂତନ

ସୂର୍ଯ୍ୟୋଦୟ ହେବ ।

ମଣିଷ ମନରୁ କାମନା,ବାସନା, ହିଂସା, ଦ୍ୱେଷ, ଇର୍ଷା ଦୂର କରିଦେଇ

ଶାନ୍ତି ମୈତ୍ରୀ ଓ ପ୍ରୀତିର ବୀଜ ବପନ କରି

ଗାନ୍ଧିଜୀଙ୍କ ରାମରାଜ୍ୟକୁ ସଫଳ କରିବାରେ ସହାୟକ ହେବ ।

ଠାକୁରମୁଣ୍ଡା, ମୟୁରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାର୍ଗିଲ୍ ଶହୀଦ ସଲାମ



ଗୀତାଞ୍ଜଳୀ ଭୂୟାଁ

ଭାରତ ମାତାର ଦୁର୍ଜୟ ଯବାନ
ମାତୃଭୂମି ଲାଗି ଆତ୍ମ ବଳିଦାନ
ଡାକେ ମାଟି ମାଆ ଶହୀଦ ସନ୍ତାନ
ଫେରିଆସ ବାରେ କୋଳ ହେଉ ପୂର୍ଣ୍ଣ ।

ବିଗତ ଚବିଶି ବର୍ଷ ସେହି ଦିନ
କାର୍ଗିଲ କମ୍ପିତ କମାଣ ଗର୍ଜନ
ବୀରଦର୍ପେ ଦଳି ଅରି ପାକିସ୍ଥାନ
ରଖିଥିଲ ଯଶ ଜାତୀୟ କେତନ ।

ଝୁରେ  ଦେଶ ଝୁରୁଛନ୍ତି ଜନଗଣ
ହରାଇ ପାଞ୍ଚଶହ ସତେଇଶି ସୈନ୍ୟ
ଧନ୍ୟ ତୁମେ ସୁଝିଦେଲ ମାତୃ ଋଣ
ତ୍ରିରଙ୍ଗା ମଣ୍ଡିତ ମର ଅପଘନ ।

ପ୍ରଥମ ଶହୀଦ ଯୁଦ୍ଧର ଆହ୍ୱାନ
ଗୋପୀନାଥ ମହାରଣା କରି ରଣ
ଚଳାଉଥିଲେ ସେ ସୈନ୍ୟବାହୀ ଯାନ
ଅରାତି ଗୁଳିରେ ଦେଇଦେଲେ ପ୍ରାଣ ।

ଜନାର୍ଦ୍ଦନପୁର ଗ୍ରାମରେ ସେ ଜନ୍ମ
ସାଲେପୁର ନିକଟରେ ଅବସ୍ଥାନ
ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧୀନ
ତେଇଶି ବର୍ଷରେ ହୋଇଲେ ନିଧନ ।

ପୁତ୍ର ବିୟୋଗରେ ଝୁରି ରାତି ଦିନ
ଅକାଳରେ ପିତାଙ୍କ ମୃତ୍ୟୁ ବରଣ
କାନ୍ଦି କାନ୍ଦି ମାଆ ଦୃଷ୍ଟିଶକ୍ତି ହୀନ
କେତେ ପରିବାର ଜୀବନ ଉଚ୍ଛନ୍ନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ସୀମାନ୍ତେ ଜାଗ୍ରତ ଯବାନ
ମାତୃ ରକ୍ଷା ଲାଗି ମାରଣ ମରଣ
ଟେକାର ଜବାବ ଶିଳା ପ୍ରତିଦାନ
ବଇରୀ ସଂହାର  ଆମରଣ ପଣ ।

ମୋ ଦେଶ ଜନନୀ ସର୍ବଦା ମହାନ
ବୀର ପ୍ରସବିନୀ ବିଶ୍ୱେ ବଳୀୟାନ
କୋଟି ପ୍ରଣିପାତ ଶହୀଦ ଯବାନ
ପୁନର୍ବାର ଜନ୍ମ କର ହେ ଗ୍ରହଣ ।

ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ,
ସରସ୍ୱତୀ ବିଦ୍ୟାମନ୍ଦିର
ସାଲେପୁର, କଟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଅତିଥି ଦେବୋଭବଃ



ରଞ୍ଜିତା ରାଉଳ

ଦୁଇ ଅକ୍ଷରରେ ମିଛ,ମୋହ,ମାୟା
କ୍ରୋଧ, ଗର୍ବ, ଅହଂ ଭାବ
ତିନି ଅକ୍ଷରରେ ସଂସାର ଜଞ୍ଜାଳ
ଜୀବନର ଏଇ ନାବ ।।

ସୃଷ୍ଟି କର୍ତ୍ତା ବ୍ରହ୍ମା ପାଳନ ଯେ ବିଷ୍ଣୁ
ସଂହାର ର କର୍ତ୍ତା ଶିବ
ଗଢି ଦେଇଛନ୍ତି ମାନବ ଜୀବନ
ଅତିଥି ସେ ଦେବୋ ଭବଃ ।।

ଅତିଥି ହୋଇଣ ଏଇ ସଂସାରରେ
ରହିଥିବା ଯେତେ ଦିନ
ସେବା ଧର୍ମ କରି ଜୀବନ ତେଜିବା
ପ୍ରଫୁଲ୍ଲିତ କରି ମନ ।।

ଭାବି ଥରେ ଦେଖ ଏଇ ଦୂନିଆକୁ
କାହିଁକି ତମେ ଆସିଛ
କିଏ ବା ଆଣିଛି କାହିଁକି ଆଣିଛି
ତୁମେ କ'ଣ କରୁଅଛ ।।

ଉଚ୍ଚ ନୀଚ ଭାବ ରଖିବନି କେବେ
ଏହା ସବୁ ବିଭୁ ଦାନ
ସଂସାରର ସ୍ରଷ୍ଟା ସୃଷ୍ଟି କରିଛନ୍ତି
ମଣିଷ ଭାଗ୍ୟ ଲିଖନ ।।

ସତ୍ ଚିନ୍ତା କର୍ମ ଅହିଂସା ହିଁ ଧର୍ମ
ମହାନତା ଚଲାପଥ
ହିଂସା ପରାୟଣ ଦୁଃଖର କାରଣ
ଧ୍ୱଂସାମୁଖୀ ପରାଜିତ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋଭ ହିଁ ପାପର ବାପ ହୋଇଥାଏ
ଶେଷେ କର୍ମ ଫଳ ମିଳେ
ଲୋଭ ଠାରୁ ସଦା ଦୂରେଇ ରହିବ
ନିଜ ବିଚାରର ବଳେ ।।

ନିଜ କର୍ମ ଫଳ ନିଜ ହସ୍ତେ ଅଛି
ଭାଗ୍ୟକୁ ଦିଅନା ଦୋଷ
କର୍ମ ଦ୍ୱାରା ସୃଷ୍ଟି କପାଳ ଲିଖନ
ମିଳିବ ନିଶ୍ଚେ ଅବଶ୍ୟ ।।

ଧୈର୍ଯ୍ୟ ଠାରୁ ବଡ ମୀତ କେହି ନାହିଁ
ପ୍ରେରଣା ସେ ଦେଇଥାଏ
କଷ୍ଟ ଓ ଯନ୍ତ୍ରଣା ଗୁରୁ ଟିଏ ସାଜି
ଶିକ୍ଷା ଦେଇ ଚାଲିଯାଏ ।।

ମୁଁ ଏବଂ ମୋର ଏହି ଦୁଇ ଶବ୍ଦ
ଅଟେ ଭାରି ଭୟାନକ
ମୂଲ୍ୟହୀନ ଏଇ ଶବ୍ଦ ଗଢୁଥିଲେ
ଆସେ ଦୁଖ ଆଉ ଶୋକ ।।

ସ୍ୱାର୍ଥ ପାଇଁ କେବେ ସମ୍ପର୍କ ଗଢନି
ସମ୍ପର୍କର ମୂଲ୍ୟ ବୁଝ
ଅଦରକାରୀ ସେ କାହାକୁ ଭାବନି
ଅହଂ କାର ଏଠି ତେଜ ।।

ଶୂନ୍ୟ ହାତେ ଆସି ଶୂନ୍ୟ ହାତେ ଯିବ
କିଛି ନେଇଯିବ ନାହିଁ
ମାଟିର ମଣିଷ ମାଟିରେ ମିଶିବି
ସତ୍ୟତା ଏହା ଅଟଇ ।।

ଗୀତି ଗୌରବ ରଞ୍ଜିତା ରାଉଳ*
ଗ୍ରା/ପୋ- ଖିଣ୍ଡା, ଥାନା -ବନ୍ତଲା
ଜିଲ୍ଲା - ଅନୁଗୋଳ
ଭ୍ରାମ୍ୟଭାଷ -୮୫୯୮୮୦୯୫୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାଏରେ କଲିଯୁଗ ମଣିଷ



ବର୍ଷାରାଣୀ ମହାମଲ୍ଲିକ

ହାଏରେ କଲିଯୁଗ ମଣିଷ
କରମ ଧରମ ଭୁଲିଲୁ,
ଭଲ ବାଟ ଥାଇ ଜାଣି ଜାଣି ତୁହି
ଅବାଟ ଗ୍ରହଣ କରିଲୁ ।।

ଆଉ କାହା ମନେ ଦୁଃଖ ଟିକେ ଦେଇ
କଂସରାଜା ପରି ହସିଲୁ,
ସାହାଯ୍ୟ କରିବା ଦୂରରେ ରହିଲା
ଅସୁବିଧାରେ ପକାଇଲୁ ।।

ତୋ ଭିତରେ କାହିଁ ମାନବିକତା
ତୁଚ୍ଛାରେ ମାନବ ହୋଇଲୁ
ମାନବର ଗୁଣ ଛାଡିଦେଇ ତୁହିଁ
ଦାନବ ରୂପ କୁ ବରିଲୁ ।

ବାପା ମାଁ ଆଜି ପର ତୋହ ଠାରେ
ପର କଥାରେ ତୁ ଭାଷୁ,
ଅନ୍ୟ ଠାରେ ତୋରା ଥାଏ ସଦା ଈର୍ଷା
ଦୁଃଖ ରେ ଅନ୍ୟର ହସୁ ।।

କଲି କରିବାକୁ ସଦା ଆଗଭର
ହାଏରେ କଲି ଯୁଗମଣିଷ,
ଉତ୍ପାତ ତୋର ବଢ଼ି ତ ଚାଲୁଛି
ଦେଖାଉ କେଡ଼େ ସାହାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରୀକୁ ସମ୍ମାନ କରୁ ନାହିଁ ତୁହି

ଭାବୁ ତାହାକୁ ତୁ ବସ୍ତୁ,

କାମ ପଡିଲେ ତା ସାହଚର୍ଯ୍ୟ ଲୋଡୁ

ଭାରି ଚାଳକ ତୁ କିନ୍ତୁ ।

ଛୋଟ କାମ କୁ ତୁ କରିବା ପାଇଁ କି

କରୁଥାଉ କେତେ ଲାଜ,

ଚୋରି ଡକାୟତ ତୋ ପାଇଁ ଭଲ କାମ

ଭାବୁ ତାହାକୁ ସହଜ । ।

ସମ୍ପର୍କ କୁ ତୁହି ତୁଛ ଭାବୁ ସଦା

ସମ୍ପତ୍ତି ରେ କରୁ ଲୋଭ,

ଧନ୍ୟ ରେ ଧନ୍ୟ ରେ କଳିଯୁଗ ମଣିଷ

ତୁହି ତ ଭାରି ଅଜବ ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିତାପାରୀ



ସଞ୍ଜୟ ଖେମୁଣ୍ଡୁ

ମୋ ପ୍ରିୟ ଗାଁ ଚିତାପାରୀ
ଯାହାକୁ ନା ଜାଣିଛି ଏ ରାଜ୍ୟ ନା ଏ ଦେଶ ନା ଏ ବିଶ୍ୱ
ହେଲେ ମୋ ହୃଦୟର ପ୍ରତିଟି ସ୍ପନ୍ଦନ ଜୟଗାନ କରେ ଯାର ଗୁଣ
ସେହି ଗାଁଟି ମୋ ମାଆ ସଦୃଶ୍ୟ

ଯାହାର ପ୍ରବେଶ ପଥ ସାମ୍ନାରେ ରହିଛି
ଛୋଟ ପ୍ରାଥମିକ ବିଦ୍ୟାଳୟ,
ଯାହା ସେହି ସମୟର ବକୁଳବନ
ବିଦ୍ୟାଳୟ ସଙ୍ଗେ ତୁଳନୀୟ
ଯାହାର ପ୍ରଧାନ ଶିକ୍ଷକ (ବିଜୟ କୁମାର ପାଢ଼ୀ)
ଗାନ୍ଧୀ, ଗୋପବନ୍ଧୁଙ୍କ ସହିତ ସମକକ୍ଷ

ସ୍ନେହପ୍ରେମ,ଭଲପାଇବା ଓ ଦୟାକ୍ଷମା ଭଳି
ଐଶ୍ୱରୀୟ ଗୁଣରେ ସେ ଗୁଣବାନ
ପ୍ରତ୍ୟେକ ଛାତ୍ରକୁ ମଣିଷ ପରି ମଣିଷ କରିବାରେ
ସମର୍ପିତ ତାଙ୍କର ସମଗ୍ର ଜୀବନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଗାଁରେ ଏବେ ମଧ୍ୟ ବଞ୍ଚି ରହିଛି ମାନବିକତା

ତୁମେ ଯଦି ସାହାଯ୍ୟ ଲାଗି ପାତିଦେବ ହାତ

ଦେଖିବ ଗାଁଟି କେମିତି ଆଗେଇ ଆସିବ ସାହାଯ୍ୟ ନିମିତ୍ତ

ଆଜି ମଧ୍ୟ ଏଠି କୁଣିଆ (ଅତିଥି)କୁ ମଣନ୍ତି ଦେବତା ସମାନ

ଉପକାରୀ ମଣିଷର ଏଠି ଆଜୀବନ କରାହୁଏ ଯଶ ଗାନ

ଏଠି ବାସକରନ୍ତି ବିଭିନ୍ନ ଜାତି ଉପଜାତିର ଲୋକେ

କିନ୍ତୁ ସମସ୍ତେ ଏଠି ଏକତା ରଜ୍ଜୁରେ ବନ୍ଧା,

ଗାଁର ମଙ୍ଗଳ ପାଇଁ ଜାତିଭେଦ ଭୁଲି ସଭିଏଁ ଭିଡନ୍ତି ଅଣ୍ଟା

ଆଜି ମଧ୍ୟ ଏଠି ବଞ୍ଚି ରହିଛି 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା'

ସରଳ ନିରୀହ ନିଷ୍କପଟ ଜୀବନ ଶୈଳୀ ଏଠି ସଭିଙ୍କୁ କରେ ଆନମନା

ମୁଣ୍ଡଝାଳ ତୁଣ୍ଡେ ମାରି ସେମାନେ ଫଳାନ୍ତି ମୁକ୍ତାର ଫସଲ

ହେଲେ ତାଙ୍କର ପେଟ ଭରିଦିଏ କେବଳ ମୁଠାଏ ଦାନା

ସକାଳ ସୂର୍ଯ୍ୟର ସୁନେଲି କିରଣ ଏମାନଙ୍କ ହୃଦୟେ ଭେଟିଦିଏ

ଲକ୍ଷ୍ୟହୀନ ଜୀବନର ସନ୍ଧାନ

ଆଉ ଏମାନଙ୍କ ଆଖିରେ ବୋଳିଦିଏ ସ୍ୱପ୍ନହୀନ ନିଦର ଫଲ୍ଗୁ

ରାତିର ତୋଫାଗୋରା ଜହ୍ନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଗାଁରେ ମୁଁ ଜନ୍ମିଛି

ଏଇ ଗାଁରୁ ଦିନେ ଉଠିବ ମୋର କୋକେଇ

ଯେତେଦିନ ଥିବି ଏ ସଂସାରେ

ନିଜକୁ ଧନ୍ୟ ମଣୁଥିବି ଏହାର ନାମକୁ ଗାଇ

ପୁରୁଣାଚିତାପରୀ, ମାଲକାନଗିରି


ଫୋନ : ୭୮୫୪୦୧୦୫୧୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ମାଆ ଦକ୍ଷିଣକାଳୀ



ନଳିନୀ ଦାଶ

ଦକ୍ଷିଣକାଳୀଲୋ ତୋର ଶ୍ରୀଚରଣେ
କରଇ କୋଟି ପ୍ରଣତୀ
କେଉଁ ଅପରାଧେ ମୋ ଦୁଃଖ ନଶୁଣ
ଆରତେ ଡାକୁଛି ନିତି ।
ତୋ ଦିବ୍ୟଦର୍ଶନେ ଆଖିଜଳେ ଲୁହରେ
ଧୁଅନ୍ତି ଚରଣ ଦୁଇ
ଶରଧା ସୁମନେ ମାଳା ଗୁନ୍ଥିଦେଇ
ଗଳାରେ ଦେବି ଲମ୍ବାଇ ।
ଭକତି ଚିତ୍ତରେ ନୈବେଦ୍ୟ ବାଢ଼ିବି
କରିବି ମାଆଲୋ ଅଳି
ଭଜନ ଜଣାଣ ଗାଇବି ମନ୍ଦିରେ
ମାଆଲୋ ଦକ୍ଷିଣକାଳୀ ।
ଭକ୍ତି ଭରା ହୃଦେ ତୋସେବାରେ ମାଆ
ନିଜକୁ କରିବି ବ୍ରତୀ
ସମର୍ପଣ ଥାଳି ଭରିଦେବୁ ମାଆ
ଉଡିବ ତୋହର ଖ୍ୟାତି ।
ତୋ ପଣା ଯାତ୍ରାରେ ତୋର ସନ୍ନିକଟେ
ହୁଅଇ ଜନଗହଳି
ଶହ ଶହ ଭକ୍ତ ତୋର ଶ୍ରୀଚରଣେ
ଢାଳନ୍ତି ଘିଅ ଦିପାଳୀ ।
ତୋର ଭକ୍ତ ଜଣେ ଦୀପ ଜାଳୁ ଜାଳୁ
ନିଜେ ଯାଇଥିଲା ଜଳି
ତୋ ଅଙ୍ଗ ବସନ ଦେଇଥିଲୁ ମାଆ
ବିପଦକୁ ଦେଲୁ ଟାଳି ।
ଦର୍ପଦଳିନୀ ଗୋ ଦୁଷ୍ଟ ବିନାଶିନୀ
ଛିନ୍ନମସ୍ତା ମହାକାଳୀ
ସଙ୍ଗେ ଧରିବୁଲୁ ଚଣ୍ଡୀ ଚାମୁଣ୍ଡା
ଗଳାରେ ନୃମୁଣ୍ଡମାଳୀ ।
ଶକ୍ତିମୟୀ ଗୋ ନିଶାରାତ୍ରେ ବୁଲୁ
ଭୈରବୀ ରୂପକୁ ଧରି
ପାପ ତାପ କ୍ଷୟ କରିବୁ ମାଆଲୋ
ପାପୀଙ୍କୁ ଦେବୁ ସଂହାରି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୭୩୭୭୦୯୪୨୪୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବୁଲା କୁକୁରର ଆତ୍ମକାହାଣୀ



ବିଜୟ କେତନ ଚୌଧୁରୀ

ମୁଁ ବୁଲା କୁକୁର, ନାହିଁ ଘର ଦ୍ୱାର
ନାହିଁ ପରିଚୟ ମୋର ।
କେବେ ଆସିଥିଲି ଏ ଧରା ଉପର
କିଏ ଅଟେ ବାପା ମୋର ??
କେଉଁ ସନ୍ତ ସନ୍ତିଆ ନର୍ଦମା ପାଶେ
ଜନ୍ମ ଦେଇଥିଲା ମାଆ ।
ବଢ଼ିଥିଲି କୋଉ ପରିତ୍ୟକ୍ତ ଘରେ
ମାଆ ଖାଲି ଥିଲା ସାହା ॥
ମା କ୍ଷୀର ପିଇ ବଢ଼ୁ ବଢ଼ୁ ମୁଁହି
ମା ଛାଡିଗଲା ଚାଲି ।
ବାର ବୁଲା ହୋଇ ଦିନ କାଟୁଥିଲି
ଆ'ଘର ତା'ଘର ବୁଲି ॥

ମୋ ପରି ଆହୁରି ଯେତେ ବଂଚିଥିଲେ
କିଛି ଗଲେ ଚକା ତଳେ ।
ଆଉ କିଛି ମଲେ ମୁନିସିପାଲ୍ଟିର
ବିଷ ମିଶା ଖାଦ୍ୟ ବଳେ ॥
ଭାଗ୍ୟ ଟାଣ ଥିଲା ବଂଚିଗଲି ମୁଁହି
ବଂଚୁଛି ଅଇଁଠା ଖାଇ ।
ଯେଉଁ ଦିନ କିଛି ନ ମିଳଇ ଖାଦ୍ୟ
ଶୁଏ ନଳା ପାଣି ପିଇ ॥
ବାଳୁଙ୍ଗା ଟୋକାଏ ପଥର ଫିଙ୍ଗିକି
କଷ୍ଟ ଦେଇଥାନ୍ତି ଭାରି ।
ସେ କଷ୍ଟରେ ଯେବେ ବିକଳେ ବୋବାଏ
ନାଚିଥାନ୍ତି ତାଳି ମାରି ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରାତ ଭ୍ରମଣରେ ଆସି କିଛି ଲୋକ
ଦିଅନ୍ତି ବିସ୍କୁଟ, ରୁଟି ।
କିଛି ଲୋକ ଘୃଣା ଚକ୍ଷୁରେ ଦେଖନ୍ତି
ଘଉଡ଼ାନ୍ତି ପିଟି ପିଟି ॥
ଆ'ଘର ତା'ଘର ଅଇଁଠା ଖାଇକି
ବଢ଼ି ମୁଁ ଗଲିଣି ଏବେ ।
ଆଉ ତିନି ଚାରି ଅଣ୍ଡିରା କୁକୁର
ପଛ ନ ଛାଡନ୍ତି କେବେ ॥
ବଜ଼ାର ଓ ହାଟ ଅବା ରାସ୍ତା ଘାଟ
କିଛି ସେ ମାନନ୍ତି ନାହିଁ ।
ବେଳ ଅବେଳରେ ମୋ ସାଙ୍ଗେ ମିଶନ୍ତି
ପ୍ରେମ ସେ କରିବା ପାଇଁ ॥

ଆମ ରତି ଦେଖି ବାଳୁଙ୍ଗା ଟୋକାଏ
ଅପଶବ୍ଦ କହି କହି ।
ଗୋଡେଇ ଗୋଡେଇ ପିଟନ୍ତି ଆମକୁ
ମନ ଶାନ୍ତି ହେବା ପାଇଁ ॥
ଆହୁରି ବି କିଛି ବାଳୁଙ୍ଗା ମିଶିକି
ଲାଞ୍ଜରେ ବାନ୍ଧନ୍ତି ବାଣ ।
ନିଆଁଟା ଲଗାଇ ଛାଡିଦ୍ୟନ୍ତି ମୋତେ
ବାହାରିଯାଏ ମୋ ପ୍ରାଣ ॥
ବୁଲା କୁକୁର ମୁଁ ଅତି ହୀନିମାନି
କଷ୍ଟ ସହେ ପ୍ରତି କ୍ଷଣ ।
ପ୍ରଭୁ ହେ ତୁମକୁ ଗୁହାରୀ କରୁଛି
ନେଇ ଯାଅ ଏ ଜୀବନ ॥

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟା ରାଗିଗଲେ



ଜୟନ୍ତ କୁମାର ମଲ୍ଲିକ

ପ୍ରିୟା ରାଗିଗଲେ ଓଠରୁ ତାହାର
ଝରେନାହିଁ ମଧୁ ହସତ
ମନଟା ତାହାର ଫିକା ଫିକା ଲାଗେ
ସତେକି କଦଳୀ କସତ ।

ବେଣୀଟା ତାହାର ଖୋଲା ପଡ଼ିଲାଣି
ଗୋଲାପି ଗୋଲାପି ବାସୁନି
ଯେତେ ବୁଝାଇଲେ ଅବୁଝା ହୋଇ ସେ
ପାଖକୁ ମୋହର ଆସୁନି ।

ଦାମୀ ଶାଢ଼ୀ ଦେଲେ ମୁହଁ ମୋଡ଼ିଦେଇ
ଘର କଣଟାକୁ ଛାଟୁଛି
ପୁରୁଣା ଚିଠିକୁ ଗୋଟି ଗୋଟି କରି
କଇଁଚିରେ ତାକୁ କାଟୁଛି ।

ପାଖକୁ ଯାଇକି ଓଠକୁ ଛୁଇଁଲେ
ଛିଞ୍ଚାଡ଼ି ଦେଉଛି ହାତକୁ
ରାନ୍ଧିବାଢି ଦେଇ କିଛି କହୁନାହିଁ
ଖାଉନାହିଁ ଜମା ଭାତକୁ ।

କେମିତି ତା'ରାଗ ଶାନ୍ତ ମୁଁ କରିବି
ଭାବିଭାବି ମୁଣ୍ଡ ବିଗିଡ଼େ
ସେ ନରହିଲେ ଲାଗେ ବିଷ ପରି
ନୟନରୁ ଲୁହ ନିଗିଡ଼େ ।

ଶୂରଡିହ,ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ;-୯୪୩୭୮ ୬୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିର୍ଯାତିତାର ଆର୍ତ୍ତନାଦ



ପଙ୍କଜ କୁମାର
ମଙ୍ଗଳ

ତ୍ୟାଗର ଦେବୀ ସେ ସ୍ନେହମୟୀ ପୁଣି ସୃଜନର ପ୍ରତିମୂର୍ତ୍ତି,
ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର ଯାର ତାଙ୍କ ସହ ଘଟେ ଏମିତି ।
ବୀରତ୍ୱର କି ପରିଚୟ ଏହି ଯେ ଅବଳାର ବସ୍ତ୍ର ହରେ,
ଏମିତି ଧର୍ମ ନଥିବ ଧରାରେ ଯେ ଏ କର୍ମକୁ ସ୍ୱୀକାର କରେ ।
ନାରୀ ବନ୍ଦନୀୟା, ନାରୀ ପୂଜନୀୟା, ନାରୀଙ୍କ ସମ୍ମାନ ପାଇଁ,
ଯେଉଁ ଦେଶ ମାନ୍ୟ ବିଶ୍ୱେ ଆଜି ନାରୀ ଡାକେ ତ୍ରାହି ତ୍ରାହି ।

ମାଆ ବୋଲି ପୂଜା ଯେ ଦେଶ ପାଉଛି ଯଦି ସେଠାରେ ଏ ଉଦାହରଣ,
କଉଁଠି ସମ୍ମାନ ଲଭିବୁ ଆମେ ସୁରକ୍ଷିତ କଉଁ ସ୍ଥାନ ।
ଯେଉଁ ସଂସ୍କୃତିରେ ରାଜସଭା ଦିନେ ପ୍ରୟାସ କରି ଏମନ୍ତ,
ବିଫଳ ହୋଇବି ଦଣ୍ଡ ସ୍ୱରୂପ ସାମ୍ନା କରିଥିଲା ମହା ଭାରତ ।
କେଉଁ ଦଣ୍ଡ ମିଳିବ ଦୂର୍ଯ୍ୟୋଧନ ମାନସିକତାକୁ,
କିଏ ଫେରାଇବ ପୀଡ଼ିତାର ସମ୍ମାନକୁ ?

ସାମର୍ଥ୍ୟ ଯଦି ନାହିଁ ସମ୍ମାନ ଦେବାକୁ କାହିଁକି ଏ ବୃଥା ନାରା ଦିଅ,
ସ୍ୱାଧୀନ ହୋଇବି ସୁରକ୍ଷିତ ନୁହଁ କେବେ ଆଉ ଦେବ କୁହ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୟସର ତାରତମ୍ୟ, ଦିନରାତି ଅବା ଯେ ବସ୍ତ୍ର ଆମେ ପରିଧାନ କରୁ,

ବିକୃତ ମନାର ଲୋଲୁପ ଦୃଷ୍ଟିରୁ କେବେ ବର୍ତି ନପାରୁ ।

ଜାତି ଧର୍ମ ନାମେ ଅତ୍ୟାଚାର କର ନିଜ ଘରେ ବି ମହିଳା ଅଛନ୍ତି,

ନିର୍ବସ୍ତ୍ର ହେଲେ ଆମେ ଆମ ପ୍ରତିସମ ହୋଇ ସେମାନେ କେମିତି ଉଲଗ୍ନ ନୁହନ୍ତି ?

ଯେ ସଭ୍ୟ ସମାଜ ସମ୍ମାନ ଦେଇ ଜାଣିନି ସେ କେମିତି ବିକଶିତ,

ପ୍ରତିବାଦ ନାମରେ ଆମେ ଅତ୍ୟାଚାର ସହୁ ଆଉ କେବେ ହେବୁ ସୁରକ୍ଷିତ ?

ଲୋଡ଼ା ନାହିଁ ଆଉ ସର୍ବଶ୍ରେଷ୍ଠ ସ୍ଥାନ ଯଦି ଦୁଷ୍କର୍ମ ପରେ କରୁଛ,

ଭରସା ଉଠିଲାଣି ପୁରୁଷ ସମାଜରୁ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛ ।

ନିଜ ସୁରକ୍ଷା ପାଇଁ ଧରିବାକୁ ହେବ ନିଜ ହାତରେ ଆୟୁଧ,

ସହିଲେ ପଡ଼ିବନି ଅତ୍ୟାଚାର ଯବନିକା କରିବାକୁ ହେବ ବିରୋଧ ।

ବଡ଼ପାହି, ଭୋଗରାଇ, ବାଲେଶ୍ବର

ଫୋନ-୭୭୪୯୯୩୬୭୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂର୍ଯ୍ୟମୁଖୀ



ଅନୁପମା ବିଶ୍ୱାଳ

ମନ ଦେଇଦେଲା ସୂରୁଜମୁଖୀଟି
ଦେଖି ସ୍ୱର୍ଣ୍ଣାଭ ରବିକୁ
ଅପଲକ ନେତ୍ରେ ଅନାଇ ରହିଲା
ଦେଖି ଅପୂର୍ବ ଶୋଭାକୁ ।।୧।।

କାୟକ୍ଳେଶ ଭୁଲି ସର୍ବଦା ଚେଷ୍ଟିତ
ତାଙ୍କ ଜ୍ୟୋତି ପାଇବାକୁ
ନୟନେ ନୟନ ମିଶାଇଥାଏ ସେ
ପ୍ରେମଛିଟା ଲଭିବାକୁ ।।୨।।

ଅଣଦେଖା ହେଲା ଛାର କୁସୁମ ଟି
ରବି ମନ କମଳକୁ
ସୁଭଗା କମଳ ଆହ୍ଲାଦିତ ହୋଇ
ପିଇଲା ପୂତ ରଶ୍ମିକୁ ।।୩।।

ପତ୍ନୀ ଅଧିକାର ଲାଭ କରି ସିଏ
ବିକଶିଲା ଲାବଣ୍ୟକୁ
ସେପଟେ ଅଭାଗା ମଉଳା ମୁଖରେ
ଘୃଣା କରେ ଆପଣାକୁ ।।୪।।

ଅଲୋଡ଼ା ହେଇଲା ତା' ରୂପ ବାସନା
କହିବ ଅବା କାହାକୁ
ରାତ୍ରି ଅବସାନେ ମେଲି ପାଖୁଡ଼ାକୁ
ପୁଣି ଚାହେଁ ତା ପ୍ରିୟ କୁ ।।୫।।

ଶିକ୍ଷୟିତ୍ରୀ
ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜରା ନିବାସ



ଶିଶିର କୁମାର
ପଣ୍ଡା

ଯାହାକୁ ଦୁନିଆଁ ଦେଖେଇବା ପାଇଁ
ଖୋଲିଥିଲୁ ନୂଆ ବାଟ
ସେଇ ପୁଅ ଆଜି ମାଆଲୋ ତୋ ଲାଗି
ଘରେ ବସାଉଛି ହାଟ ।

ଯାହାର ମୁହଁରେ ଭଲମନ୍ଦ ଦେଇ
ଖୁସି ହେଉଥିଲୁ ଆଗେ
ସେଇ ପୁଅ ଆଜି ଭାରିଯା କଥାରେ
ତୋଅରି ମରଣ ମାଗେ ।

ଯାହା ହାତଧରି ଦୁନିଆଁ ଦାଣ୍ଡରେ
ଚାଲି ଶିଖେଇଲୁ ତୁହି
ସେଇ ପୁଅ ଆଜି ପଦୁଟେ କଥାରେ
ଦୁଲୁକେଇ ଦିଏ ଭୂଇଁ ।

ଯାହାକୁ କୋଳରେ ଶୋଇ ଦେଉଥିଲୁ
ଘୋଡ଼େଇ ପଣତ କାନୀ
ସେଇ ପୁଅ ଆଜି ତୋ ସୁଖ ସୁବିଧା
ଟିକିଏ ବି ଦେଖିଲାନି ।

ଯେଉଁ ଛୁଆପାଇଁ ଭାବୁଥିଲୁ ଦିନେ
ସରଗ ମିଳିଛି ମତେ
ସେଇ ଆଜିପୁଣି ରଖେଇଲା ଆଣି
ଜରା ନିବାସରେ ତତେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ସୁନନ୍ଦା ମହାନ୍ତି

ସମସ୍ତ ରୌଦ୍ରକୁ ନୀଳକଣ୍ଠ ପରି ପିଇ
ସବୁଜ ରଙ୍ଗର ଟାଟୁ ଦେହସାରା କରି
କିଏ ତୁ ଝିପି ଝିପି ଓଦା ମାଟିରେ
ରିମ ଝିମ ପାଉଁଜି ସ୍ୱରେ
ତନୁ ମନ ଓଦା କରୁ ଭିଜା ମାଟି ବାସ୍ନାରେ
ତୁ ଷୋଡଶୀ ବାଦଲ ରାଜା ଝିଅ
ଆକାଶ ଉଆସ କରି ଡାକୁଥିଲା ରହ
ଧରାରେ ଉଷସୀ କେତକୀରେ ଦୁଇଟୋପା
ଉଷ୍ମ ଲୁହ କାହା ପାଇଁ କହ
ତୁ ପିଆସୀ ଚାତକୀ ପାଇଁ
ମୟୁର ପ୍ରେମ ହଳାହଳ ବିଷ ପିଇ ଦେଇ
ନାଚୁଛି ଛମ ଛମ ଛମ
ବେଙ୍ଗ ପଚାରେ ବେଙ୍ଗୁଲିକୁ ଏ ଅମୃତ ବାରି
କାହିଁ କରୁଛି ଏତେ ସରି
ବିଜ୍ଞାନ ଓ ବିଜ୍ଞାନୀ ଭିତରେ ପାଣିର ଜୁଆର ଭଟ୍ଟା
ଆମ ପାଇଁ ଆଉ କି ଦରକାରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ ପ୍ରଶ୍ନ ଏତେ ଉତ୍ତର ଭିତରେ

ବର୍ଷା କହେ ମେଘ ଭାରି ସୁକୁମାରୀ

ଗେଲବସରରେ ମୌସୁମୀ

ବାଡ଼ୁଅ ପାଣି ଗାଧେଇ ବର୍ଷା

ନବବଧୂ ମେଘ ଚାହେଁ ସାଧବବୋହୁକୁ

ଶିଖେଇବ ଘରକରଣା ହାତେ ମାପି ଚାଲିବାକୁ

ନଚେତ ପ୍ରଳୟ ବାଆ ବତାସ ସୁନାମୀକୁ

କିଏ ରୋକିବ !

ସେହି ବର୍ଷା ଯାହାର ଅନେକ ନାମ ଗୁଣ

ଧର୍ମ କିନ୍ତୁ ଏକଦମ ଏକାନ୍ତ ବେଉଷଣ.

ସାକ୍ଷୀଗୋପାଳ

ପୁରୀ, ୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ବୀର ଯବାନ



ଦିନେଶ୍ ମେହେର

ହେ ବୀର ଯବାନ

ଜାଣିଛି,

ଆପଣାର ମଣିଷକୁ

ପାଖରେ ନପାଇବାର ଦୁଃଖ !

ଆତ୍ମା ଥରି ଉଠିଲେ

କି ମୃତ୍ୟୁ ସାମ୍ନାକୁ ଧାଇଁ ଆସିଲେ ବି

ତମେ ଅନ୍ତର ଭିତରେ ବୋଧେ

ଢେର୍ ମନେ ପକେଇ ଥାଅ

ଆପଣାର ଆତ୍ମୀୟ ଙ୍କୁ,

ହେଲେ ଦେଶସେବା ରେ ଯେ

ତୁମେ ରତ;

ତେଣୁ ତୁମେ ସବୁବେଳେ ସ୍ଥିତପ୍ରଜ୍ଞ !

ଜାଣିଛ,

ଦୁନିଆ ସାରା ଏବେ ଅନେକ ପ୍ରହେଳିକା,

ଏଠି ସେଠି ସବୁଠି ଗୋଲକ ଧନ୍ଦା,

ସବୁଠି କେବଳ ଅର୍ଥନୀତି

ପୁଣି

ପାଦେ ପାଦେ ରାଜନୀତି !

ତୁମେ ଯେ

ଏଇ ହୋ ହାଲ୍ଲା ରୁ ଦୂରେ ବହୁ ଦୂରେ

ଯାଇ ଏକ ନିର୍ଜନ ସୀମାନ୍ତରେ

ଚେଇଁ ରହିଛ,

ସାରା ଟା ଦିନ,

ସାରା ଟା ରାତି,

ହୁଏତ,

ଏବେ ତୁମ ସାମ୍ନାରେ ନଥାଇ ପାରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ପ୍ରିୟତମାର ହସ ହସ ମୁହଁ,

ଅବା

ତୁମ ମାମତାମୟୀ ମାଁର

ଶୁଭ୍ର ପଣତ କାନି,

ତଥାପି ତୁମେ ଆଦୋରି ରଖିଛ

କିଛିଟା ସ୍ମୃତି,

କିଛିଟା ସ୍ମାରକ,

ଯାକୁ ନେଇ ତୁମେ ପଣ କରି ସାରିଛ

ସୀମାନ୍ତର ବିଜନତାରେ,

ନିଜକୁ ସମର୍ପି ଦେଇଛ,

ଦେଶସେବାରେ !

ପଳାସ, କଳାହାଣ୍ଡି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଫିରେ ଜୀବନ



ଆଶୁତୋଷ ମେହେର

ଆମ କଲେଜ ପଢାବେଳେ

ଭାରି ନିଆରା ଥିଲା,

ସାଙ୍ଗସାଥୀ ମେଳରେ

କଲେଜ କ୍ୟାଣ୍ଟିନରେ, କି ଅବା

କଲେଜ ଆଗ ବିହାରୀ ହୋଟେଲରେ

ଗରମା ଗରମ କଫି ପିଇବାର ମଜା !!

କଫି ର ମିଠା ପଣରେ

ମପାଯାଉଥିଲା

ମନ ଭିତର ର ଯୁବସୁଲଭ

ଅପରିପକ୍ୱ ପ୍ରେମ କାହାଣୀ ।

କଲେଜ ସାଙ୍ଗ ନିତାଇ

କୁଆଡେ ପ୍ରେମକରୁଥିଲା ଅପର୍ଣ୍ଣା କୁ

ହେଲେ କିଏ କାହାକୁ କହିପାରୁନଥିଲେ !!

ସେ ପ୍ରେମ ଖାଲି ଘୋଳି ହୋଇଯାଉଥିଲା

ଓଠରେ କଫିର ମିଠା ମିଠା ସ୍ୱାଦ ସାଥୀରେ !!

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଅପର୍ଣ୍ଣା ବାହାସାହା ହୋଇ ବମ୍ବେ ରେ ,

ଆଉ

ନିତାଇ ର ପିଲା ଛୁଆଙ୍କ ସହ ଅଭାବୀ ଜୀବନ ଗାଁ ମାଟିରେ ! !

କଫିରୁ ଉଠୁଥିବା ବାମ୍ପ ଭିତରେ

ଅନେକ ସ୍ୱପ୍ନ ଦେଖାଯାଉଥିଲା...

ନବ ଦେଖୁଥିଲା ବଡ ବ୍ୟବସାୟୀ ହେବ,

ସବ୍ୟ ଭାବୁଥିଲା ବଡ ଇଂଜିନିୟର ହେବ,

ଗାରିମା ଦେଖୁଥିଲା ସେ ଡାକ୍ତରାଣୀ ହେବ,

ଭାବଗ୍ରାହୀ ଭାବୁଥିଲା ବ୍ୟାଙ୍କର ହେବ,

ମାନବ ଦେଖୁଥିଲା ଆଇ ଏ ଏସ୍ ର ସ୍ୱପ୍ନ

ଆହୁରି କିଏ ଆହୁରି କଣ ସବୁ ! !

ଆଜି ସେମାନେ ସବୁ

କିଏ କୁଆଡେ ଛିନ୍ ଛତ୍ର ଜୀବନ ରାହାରେ,

କିଛି ଅମଣିଷ ହୋଇ ବଞ୍ଚିଛନ୍ତି ତ

ବାକି ସବୁ ମଣିଷ ପଣିଆର ଦୋଛକିରେ

ଏବେ ଘାରି ହେଉଛନ୍ତି ଜୀବନ ସହ  ! !

ଆଜି ବି ସେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେଜଛକର କଫି ହାଉସରେ

ମିଠାପଣ ଖୋଜା ଚାଲିଛି

ଓ

କଫିରୁ ଉଠୁଥିବା ଧୂଆଁରେ

ନୂଆଁନୂଆଁ ସ୍ୱପ୍ନ ଖୋଜା ଚାଲିଛି !!

୫୪ ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪

ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମସ୍ତେ କରିବା ଚାଷ



ହରେରାମ ପଣ୍ଡା

ଜେଜେ ଯାଇଥିଲେ ଝୁମ୍ପୁରୀ ହାଟକୁ
ପରିବା ଆଣିବା ପାଇଁ,
ହାଟରୁ ଫେରିକି ବସିଗଲେ ତଳେ
କପାଳରେ ହାତ ଦେଇ ।
ବେଏଗ ତଳିରେ ପଡ଼ିଛି ପରିବା
ଗୋଟେ ଦିନକୁ ନିଅଣ୍ଟ ,
କହନ୍ତି " ଏଥିରେ ମୋ ଛୁଆପିଲାଙ୍କ
କେମିତି ପୂରିବ ପେଟ ?
ନିଆଁ ତ ଲାଗିଛି ପରିବା ବଜାରେ
ଛୁଇଁବାକୁ ଲାଗେ ଡର ,
ଶହେରୁ ତଳକୁ କିଛି ବି ମିଳୁନି
କେମିତି ଚଳିବ ଘର ?
ପୋଟଳ ଦର ତ ଶହେ ପାଖାପାଖି
ବିଲାତି ଶହେ କୋଡ଼ିଏ ,
ଭେଣ୍ଡି , ଜହ୍ନି,ଖଡା , ଏତେ ମହରଗ
ତାକୁ ବା କିଏ ପଚାରେ ? "
ଜେଜେମା କହନ୍ତି "କେହି ଆଜିକାଲି
ପରିବା କଲେନି ଚାଷ ,
ନିକମା ହେବାର ଫଳ ତ ଭୋଗୁଛ
ଦେଉଛ କାହାର ଦୋଷ ?
ଏତେ ବଡ଼ ବାଡି ପଡିଆ ପଡିଛି
ପରିବା ଯଦି କରନ୍ତ ,
ନିଜେ ଖାଇପିଇ ପଡିଶାଙ୍କୁ ଦେଇ
ବଜାରେ ନେଇ ବିକନ୍ତ ।"
ଜେଜେମାଆ କଥା ମନକୁ ପାଇଲା
ସଭିଏଁ କଲୁ ବିଚାର ,
ରଖିବୁନି ଆମ ଜମିକୁ ପଡିଆ
ଚାଷ କରିବୁ ଏଥର ।
ଅଣ୍ଟାରେ ଗାମୁଛା ଭିଡ଼ିଦେଇ ଜେଜେ
କହିଲେ ," ପିଲାଏ ଆସ ,
ଅଳସୁଆ ହୋଇ ଘରେ ନ ବସିକି
ସମସ୍ତେ କରିବା ଚାଷ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାସ୍ତବିକ ସୁଖ



ଭବାନୀ ଶଙ୍କର ଦାଶ

ସୁଖ ଟିକିଏ ପାଇବା ପାଇଁ ,
ଭ୍ରମରେ ବୁଲି ବାହାରିଲି
ସୁଖ ଟିକିଏ ବଦଳେ ମୁଁହି ,
ଦୁଃଖ ଅସରେ ପାଇଲି ।
କିଣି ଆଣିବି ସୁଖ ବୋଲି,
ସାରିଦେଲି ସମସ୍ତ ସମ୍ପଦ
ହଜିଲା ସମ୍ପଦ ଭରିଦେଲା,
ଆଜି ମନେ ମୁଠାଏ ବିଷାଦ ।
ନୂତନ ଦେଶେ ବିହଙ୍ଗକୁ,
ଦେଖି ମନେ ଲୋଭ ଭରୁଅଛି
ସେଭଳି ଶାନ୍ତି ପାଇବା ପାଇଁ ,
ଆଜି ସହରେ ଘୁରି ବୁଲୁଅଛି ।
କସ୍ତୁରୀ ମୃଗ ମନନେଇ ମୁହିଁ,
ଆଜି ବନେ ଘୁରି ବୁଲୁଥିଲି
ଅନ୍ୟର ସେବା ମଧ୍ୟେ ମୁହିଁ,
ନିଜସୁଖ ଆଜି ଖୋଜିଣ ପାଇଲି ।

ଠିକଣା-ଗୌରାଦେଇପୁର, କୋଦଳା,
ଗଞ୍ଜାମ, ଓଡ଼ିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପାପ ପଞ୍ଜୁରୀରେ ପୂଣ୍ୟ ଶାରୀ



ଅଜିତ କୁମାର ରାଉତ

ରାଗ:- ବଙ୍ଗଳା ଶ୍ରୀ

ମନୁଷ୍ୟ କୁ ଦେଖ କିପରି ତା କର୍ମ
ରଖିଛି ପାପ ପଞ୍ଜୁରୀ
ନିରୀହ ଶାରୀ କୁ ରଖିଛି ବନ୍ଧନେ
ପାଉ ଅଛି ଖୁସି ଭାରୀ !!

ଏ ଡାଳ ସେ ଡାଳ ଉଡ଼ିବା ର ପକ୍ଷୀ
ସୁମଧୁର ତାର ରାବ
ରହିଛି ବନ୍ଧନେ ପଞ୍ଜରୀ ଭିତରେ
କଷ୍ଟ ଓ ଯନ୍ତ୍ରଣା ଭାବ !!

ତଥାପି ଗାଉଛି କୃଷ୍ଣ ରାମ ରାମ
ଗାଉ ଅଛି ଶିବ ଶିବ
ରହି ପଞ୍ଜୁରୀରେ ପୁନ୍ୟ କରୁଅଛି
ପ୍ରଭୁ ପ୍ରତି ଭକ୍ତି ଭାବ !!

ଶାରୀ କରୁ ଅଛି ଈଶ୍ୱର ଭକତି
ଅର୍ଜୁ ଅଛି ପୁନ୍ୟ ନିତି
ଅଜ୍ଞାନୀ ମାନବ ରଖିଛି ବନ୍ଦୀରେ
ପାପ ଅର୍ଜୁ ଅଛି ଅତି !!

ଜ୍ଞାନୀ ହୋଇ କରେ ଅଜ୍ଞାନୀ କାର୍ଯ୍ୟକୁ
ପକ୍ଷୀ ଚିନ୍ତା କରେ ନାହିଁ
ଏପରି ବନ୍ଧନେ ଯଦି ସେ ରୁହନ୍ତା
ନାହିଁ ଚିନ୍ତା ତାର କାହିଁ !!

ଉଡ଼ନ୍ତା ପକ୍ଷୀକୁ ବନ୍ଧନେ ରଖିଛି
କିପରି ମନୁଷ୍ୟ ଜାତି
ଧର୍ମ କର୍ମ ନାହଁ ଜଡ଼ିତ ସ୍ୱାର୍ଥରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗର୍ବ ଅହଙ୍କାର ଅତି  ! !

ହୀନ ମଣୁ ଥାଏ ଜୀବ ପଶୁ ପକ୍ଷୀ
ଧିକ୍କାର ମନୁଷ୍ୟ କର୍ମ
ସମଭାବ ପ୍ରୀତି ଅଟେ ଦରକାର
ଯହିଁରେ ମାନବ ଧର୍ମ  ! !

ଆସ ଆସ ବନ୍ଧୁ ଛାଡି ଦିଅ ଶାରୀ
ଉଡ଼ନ୍ତା ପକ୍ଷୀ ଟି ପରା,
ନିଜ ଖୁସି ପାଇଁ ନ ରଖ ଗୃହରେ
ଉଡୁ ଗଛ ଗଛ ସାରା  ! !

ଗାଁ କଳାବାଡିଆ
ଟେଲିଫୋନ ନମ୍ବର:- ୬୨୦୫୩୪୩୫୬୯
ସଭାପତି, ଉତ୍କଳ ସମ୍ମିଳନୀ, ଷଢ଼େଇକଳା,
ଖରସୁଆଁ ଜିଲ୍ଲାର ରାଜନଗର ବ୍ଲକ ଶାଖା,  ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଥଚ ସମୟ



ସଞ୍ଜୀବ କୁମାର ଦାସ

ସମୟ ଭରପୁର, ମାତ୍ର,
ପହଂଚିବା ଆଗେ ଇପ୍ସିତ ଥାନରେ  ଅଟକି ଯାଉଛ ଆଉ
କହୁଚ:ଟାଣି ଓଟାରି ରଖିଛି କିଏ ଅବା ପଛରୁ
ବଢି ହେଉନି ଯିବାକୁ ଆଗକୁ, ଆହୁରି ଆଗକୁ  !
ସମୟ ସାରଣୀ ଭିତରେ ବେଗି ବେଗି ଯିବା ହେଉନି ସମ୍ଭବ
ଯେତେ ମାପିଚୁପି ବଢ଼ାଇଲେ ପାଦ ।
ଯାହା ଭଲ ସବୁ ତୁମେ କହୁଥିଲ, କରୁଥିଲ
ଗୋଟିଏ ସୋପାନରୁ ପହଂଚି ଅନ୍ୟତ୍ର
ଦେଇ ସଂକେତ କିଂଚିତ : ଯାହା ମୁଁ କରିଛି ସବୁ ବିଚାରି ଉତ୍ତମ ।
ହେଲେ ସମ୍ପର୍କର କିଛି ଖିଅ ଏବେ ବିଛାଡ଼ି ପଡିଛି ଏଣେତେଣେ ।
ଯାହା ସବୁ ତୁମେ ଭାବୁଥିଲ, କହୁଥିଲ ନ ହୋଇ ଭାବପ୍ରବଣ :
ମୋ ବିଚାରରେ ଏସବୁ ତ ଖାପ ଖାଇ ଯାଉଛନ୍ତି ;ସଭିଏଁ ଆପଣାଉଛନ୍ତି ।
ଏବେ କିନ୍ତୁ ସବୁ ଓଲଟ ପାଲଟ, ଦେଖିଲେ ନିରିଖେଇ ସବୁ ଅବା ଯେସନ
ଜଳ ଆବର୍ତ୍ତରେ ଘୋର ନିକ୍ଷେପିତ  !
ଦେଖ , ଯାଇପାରୁଛ ଯଦି ଏଡି ସବୁ ସଂଘାତ ମୁହୂର୍ତ୍ତ  !
କାରଣ ,ତୁମ ପାଇଁ ସମୟ ଭରପୁର .....

ମର୍କତ ନଗର
କଟକ - ୭୫୩୦୧୪
ମୋ :୭୩୭୧୭୧୯୦୦୫
sanjibdas1356 @gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନୁଆ ଠାକୁର



ବିଜୟ କୁମାର ସାହୁ

ଷାଠିଏ ପଉଟି ଖିଆ ହେ ମୋ କଳାସାମନ୍ତ

ପତିତ ଉଦ୍ଧାର ପାଇଁ ହେ ତୁମ ଗୁଣ୍ଡିଚା ଯାତ ॥ ୧

ପରଂବ୍ରହ୍ମ ହୋଇ ଦେଖାଉ ତୁ ମନୁଷ୍ୟ ଧର୍ମ

ମାନବୀୟ ଲୀଳା କରୁଛୁ ଦାରୁବ୍ରହ୍ମ ହୋଇଣ ॥ ୨

ସମଗ୍ର ବିଶ୍ୱର ନାୟକ ହେ ବିଶ୍ୱ ସମ୍ରାଟ

ନିର୍ଲିପ୍ତ ନିର୍ବାଣ ହୋଇ ତୁ ଚେତନାରେ ଉଦ୍ରେକ ॥ ୩

ତୁ ଅଛୁ ବୋଲି ଜଗତ ହୁଏ ଚଳଚଞ୍ଚଳ

ଦୁଃଖୀ ଅରକ୍ଷୀତଙ୍କ ଦୁଃଖ ତୁ କରୁ ଦୂରୀଭୂତ ॥ ୪

ଶାନ୍ତି ମୈତ୍ରୀ ପ୍ରୀତି ଗାଥା କରୁ ତୁହି ପ୍ରଚାର

ତୋ ପରି ଦରଦୀ ବନ୍ଧୁ ଜଗତେ ଆଉ କେ ହେବ ॥ ୫

ଦାତା ପଣିଆରେ ତୋ ସରି କେହି ନାହିଁ ସମର୍ଥ

ତୁମ ଦର୍ଶନ ପାଇଁ ସମର୍ପଣ ଭାବ ଉଚିତ ॥ ୬

ଜାତି ବର୍ଣ୍ଣ ଧର୍ମ ଭାଷା କିଛି ନ ଦେଖ ତୁମେ

କପଟତାହୀନ ମଣିଷ ଏକା ତୁମକୁ ପାଏ ॥ ୭

ଭୌତିକ ପ୍ରେମରେ ତୋତେ କେହି ପାଇନାହାଁନ୍ତି

ଶ୍ରୀରାଧା ପାଇଥିଲା ତୋତେ ଦେଇଣ ପ୍ରେମଭକ୍ତି ॥ ୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୀରା ପ୍ରେମେ ହଜିଯାଇଥିଲୁ ସେ ଦିନ କୃଷ୍ଣ

ଦେବଦାସୀ ନାଚ ଦେଖି ତୁ ହେଉ ଭାବବିହ୍ୱଳ ॥ ୯

ତୁମେ ଅଟ ସ୍ୱୟଂ ସଂପୂର୍ଣ୍ଣ ଜୀବନ୍ତ ଠାକୁର

ମୁଁ ଛାର ମଣିଷ ନାହିଁ ମୋଠାରେ ଭକ୍ତି ବିବେକ ॥ ୧୦

ତୁମ ଲୀଳା ବର୍ଣ୍ଣିବାରେ କାହାର ବା ଶକତି

ଲୀଳାମୟ ଜଗନ୍ନାଥ ସମସ୍ତଙ୍କ ଘଟବାସୀ ॥ ୧୧

ମନୁଆ ଠାକୁର ମନ ମୋ ନିଅ ଜଗନ୍ନାଥ

ଚେତନାରେ ଭରି ଦିଅ ଭକ୍ତି ମୋ ହୃଦ ସ୍ପନ୍ଦନ ॥ ୧୨

ବିଜିଗୋଳ

ମୋ – ୮୭୭୩୧୪୮୭୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ବରଷା ରାଣୀ



ପ୍ରଣତୀ ପଣ୍ଡା

ନରମି ଯାଇଛି ସୂର୍ଯ୍ୟଙ୍କ ପ୍ରତାପ
ସନ୍ତର୍ପଣେ  ନବଘନ ରାଜତ୍ୱ ,
ମନ୍ଦେ ମନ୍ଦେ ମୃଦୁ ପାଦେ ଆବିର୍ଭୁତ
ଆଷାଢ଼ ଶ୍ରାବଣ କରେ ସ୍ୱାଗତ ।

କମ୍ପେ ଘନ ଘୋର ଗର୍ଜନେ ମେଦିନୀ
ମୂଷଳ ଧାରାରେ ବର୍ଷା ଢ଼ାଳଇ ,
ସବୁଜିମା କ୍ଷେତ୍ରେ ଶୋହେ ବସୁମାତା
ରୌଦ୍ର ତାପ ଧରା ଶାନ୍ତି ଲଭଇ ।

ଛବିଳ ବର୍ଣ୍ଣାଢ଼୍ୟ  ରଙ୍ଗେ ରୂପରେଖ
ଦିଶଇ ଧରଣୀ ସବୁଜ ରଙ୍ଗ ,
ଫୁଲ , ଫଳ ଭରା  ଶୋଭେ ବସୁନ୍ଧରା
ଖୁସି ମନେ ଗୀତ ଗାଉଛି ବେଙ୍ଗ ।

ମାଟି ମାଆଟିର ଭିଜିଲା ଛାତିରେ
ଆଡେଇ ଆଢ଼େଇ ଫସଲ ହସେ ,
ପୂରୁବ ଦିଗରେ ପାହାଡ଼ ଉହାଡେ
ଇନ୍ଦ୍ରଧନୁ ରଙ୍ଗ ସୁନ୍ଦର ଦିଶେ ।

ପଶୁ ଠାରୁ ପକ୍ଷୀ ସଭିଙ୍କ ମନରେ
ଖୁସିର ଲହରୀ ଲାଗି ଗଲାଣି,
କେକୀ ପୁଚ୍ଛ ଟେକି ଅତି ଆନନ୍ଦରେ
ବାରିଦକୁ ଦେଖି ନାଚି ଗଲାଣି ।

ଖେଳନ୍ତି  ସରସୀ ଜଳେ ହଂସରାଳି
କ୍ଷଣେ କ୍ଷଣେ ଚିତ୍ତ ଯାଅଇ ଛୁଇଁ,
କବି ଓ ଭାବୁକ ହୁଏ ଆତ୍ମହରା
ଦେଖି ବର୍ଷା କାଳ ରୂପର ଛଇ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷେତବାଡ଼ି ଶୁଭେ କୋଳାହଳମୟ
ଆନନ୍ଦ ଆଣଇ ବରଷା କାଳ ,
କ୍ଷଣିକରେ ତପ୍ତ  ହୁଅଇ ଶୀତଳ
ଭାବୁକର ଚିତ୍ତ ହୁଏ ବ୍ୟାକୁଳ  ।

ଧୋବ ଫର ଫର ଅଳସ ବାଦଲ
ନଭେ ସୌଦାମିନୀ ଝଟକେ କ୍ଷଣେ ,
ଅମୃତର ଜଳ ବରଷି ବରଷା
ହରଷ ଓଜାଡ଼ି ଦିଏ ଏ ,ମନେ ।

ପୃଥିବୀ ଆମର ବରଷା ଆସିଲେ
ଅଧିକ ସୁନ୍ଦର ଲାଗେ ଯେମିତି ,
ଜଳ ବହୁଳର ଉଗ୍ର ପ୍ରବାହରେ
ଏ, ମାନବ ଜାତି କାନ୍ଦେ ସେମିତି ।

ବରଷା ହସାଏ ବରଷା କନ୍ଦାଏ
କଳାମେଘୀ ଶାଢ଼ୀ ଓଢଣା ଟାଣି ,
ବାରିଦ ଅଇରି ବଇରୀ ବିହାରୀ
ତଥାପି ସୁନ୍ଦର ବରଷାରାଣୀ ।

ଟଙ୍କପାଣି, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୪୭୪୬୧୯୭୬୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଏକା ଏକା ଲାଗୁଛି



ସୁଶୀଲ କୁମାର ଛଟୋଇ

ଏବେ ଭାରି ଏକା ଏକା ଲାଗୁଛି
ଦିନ ହେଉ କି ରାତି ସବୁ ଏକା ଏକା ବିତୁଛି (୧)
ଆସିଛି ଦୂର ଜାଗା କୁ ଚାକିରୀ କରି
ଦିନ ରାତି ସବୁ ଲାଗୁଛି ଖାଁ ଖାଁ ପରି (୨)
ଭଡ଼ା ଘରେ ଏକା ଏକା ବନ୍ଦୀ ଟିଏ ପରି ଚଳୁଛି
ବେଳେ ବେଳେ ରାତି ହେଲେ ଲୁହରେ ତକିଆ ଭିଜୁଛି (୩)
ଦିନରାତି କେମିତି ବିତୁଛି ମୁଁ ଏକା ଜାଣିଛି
ଆଜି କାଲି ଘର କଥା ଭାରି ମନେ ପଡୁଛି (୪)
ହୋଲି, ରଜ, ଦଶହରା ସବୁ ଆସୁଛି ଯାଉଛି
ଭଡ଼ା ଘରେ ସବୁ ପର୍ବ ପର୍ବାଣୀ ଏକା ଏକା କଟୁଛି (୫)
ହଁ ଏବେ ଭାରି ଏକା ଏକା ଲାଗୁଛି
ଦିନ ହେଉ କି ରାତି ସବୁ ଏକା ଏକା ବିତୁଛି (୬)

ଡାକ ସେବକ, ବଲାଙ୍ଗିର ମୁଖ୍ୟ ଡାକଘର, ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୂତର ଭବିଷ୍ୟତ



ବିଶ୍ୱ ରଞ୍ଜନ
ମହାନ୍ତି

ବଡ ହେଲେ ମୁଁ ଭୁତ ହେବି କହିଲା ମୋର ସାଙ୍ଗ
ଏମିତି କଣ କହୁଛୁ ଖାଇଛୁ କିରେ ଭାଙ୍ଗ ।

ଭୁତ ତ ଅଶରୀରି ତାର ନାହିଁ କାୟା
ସମସ୍ତେ ମଲେ ଭୁତ ହୁଅନ୍ତି, ହେଲୁ କିରେ ବାୟା ।

ହେଲେ ତୁ ଜାଣିବୁ ଭଲେ ଭୁତ ଜୀବନ କେତେ କଷ୍ଟ
କେହି ଦେଖି ନ ପାରିବେ ଭଜୁଥିବୁ ତୋ ଇଷ୍ଟ ।

ଅଛିତ ଶରୀର , ଦେଖିନୁକି ବିକ୍ରମଦିତ୍ୟଙ୍କ ଭୁତ
ବେତାଳ ରହେ ଏକ ଶବରେ ସ୍ମଶାନରେ ସ୍ଥିତ ।

ଛାଡ, ତୁ କଣ ବିଶ୍ୱାସ କରୁ କାହାଣୀ ଭୁତ ପ୍ରେତର
ଅନ୍ତର୍ଦ୍ୱନ୍ଦରେ ପଡ଼ିଗଲି କି ଦେବି ଉତ୍ତର ଏହାର ।

ବୁଦ୍ଧିଆଣି ଜାଲ ରୁ ପଠାଇଲା ବିଭିନ୍ନ ଭାଷାର କିଛି ପ୍ରବନ୍ଧ
ମୃତ୍ୟୁ ପରର ରହସ୍ୟ ଉନ୍ମୋଚନ ପାଇଁ ଦେଲା ତର୍କ ।ତ୍ମକ ନିବନ୍ଧ ।

ତର୍ଜମା କରାଗଲା ମୃତ୍ୟୁ ପରେ କିହେବ ଆତ୍ମାର
ସମ୍ପର୍କ ଜଣାପଡେନା ମଲା ପରେ କିଏ କାହାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତରେ କଣ ଭୁତ ଅଛି ପଚାରିଲି ନିଜକୁ
ବୈଜ୍ଞାନିକ ବିଶ୍ଳେଷଣ କରି ସତ୍ୟାସତ୍ୟକୁ ।

ଅତୃପ୍ତ ଆତ୍ମାହିଁ ଭୁତ ହୋଇପାରେ ବୋଲି କଲି ଯୁକ୍ତି
ଭୁତ କାହିଁକି ହେବାକୁ ପଡିବ ପାଇଗଲେ ମୁକ୍ତି ।

କାହିଁକି ତାହାର ଆଭାସ ନାହିଁ, ପଚାରିଲି ମୁଁ
କହିଲା ଯେବେ ଦେଖିବୁ ତାକୁ ବାପାକୁ ଡାକିବୁ ମାମୁଁ ।

ତା ଉପରେ କେତେ ଗଳ୍ପ କେତେ କବିତା ଲେଖା
ବିଭିନ୍ନ ଭାଷାରେ ତା ସମ୍ବନ୍ଧେ କେତେ ଚଳଚ୍ଚିତ୍ର ଦେଖା ।

ବହୁତ ତୋର ଅତୀତ ତା ପାଇଁ ବିତିଛି କେତେ ଋତୁ
ମୃତ୍ୟୁ ପର ଜ୍ଞାନ ପାଇଁ ଲୋଡ଼ା ତୋର ମୃତ୍ୟୁ ।

ଭୁତ ଉଦ୍ୟୋଗ ବହୁ ଅଭେଦ୍ୟ ତା ଡର ଅଛି ସତ
ବେଶୀ ତର୍ଜମା କରନା ହେବ ଅନ୍ଧକାର ଭୁତର ଭବିଷ୍ୟତ ।

ଚାର୍ଟର୍ଡ଼୍ ଏକାଉଣ୍ଟାଣ୍ଟ, କ୍ୱାର୍ଟର୍ ନଂ : ୫ଆର୍୫
ଓୟୁଏଟି କଲୋନୀ, ୟୁନିଟ୍ ୮, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଣିପୁର ବର୍ବରତା



ଦଣ୍ଡାସି ପ୍ରଧାନ

"ଯତ୍ର ନାର୍ଯସ୍ତୁ ପୂଜ୍ୟନ୍ତେ, ରମନ୍ତି ତତ୍ର ଦେବତା"
ମୋ ମାଟିର ମହାର୍ଘ, ସନାତନୀ ସଂସ୍କୃତିର ମନ୍ତ୍ର ।
ଏଇଥି ପାଇଁ ପୃଥିବୀରେ ମୋର ସ୍ୱତନ୍ତ୍ର ପରିଚୟ ।
କିନ୍ତୁ ଆଜି ମୁଁ ମଣିଷ ନା ପଶୁ
ନିଜକୁ ଚିହ୍ନିତ କରିପାରେ ନାହିଁ ।
ଲଜ୍ଜାହୀନ ନଗ୍ନତାର ବିଚିତ୍ର ଉଚ୍ଚାଟନ
ଉଦ୍ଭଟ ଦୃଶ୍ୟ ପଟ,
ଔଦ୍ଧତ୍ୟର ବିକାର ଗ୍ରସ୍ତ କଳଙ୍କ ।
ମଣିପୁର ରାଜ ରାସ୍ତାରେ, ଦିବାଲୋକରେ
ଦୁଃଶାସନ ମାନଙ୍କର ଚରମ ତାଣ୍ଡବରେ
ଆଶ୍ଚର୍ଯ୍ୟ ଚକିତ ପୃଥ୍ୱୀ ।
ଶତାବ୍ଦୀ ଶତାବ୍ଦୀକୁ କଳୁଷିତ କଲା ଇତିହାସ ।
ଚରମ ବେଦନାର ସାଂସ୍କୃତିକ ପ୍ରଦୂଷିତ ବିଷାଦ ।
ମନ ପ୍ରାଣ ହୃଦୟକୁ ବିଦାରିତ କରି
ଧିକ୍କାରୁଛି ମୋର ସତ୍ତ-ଚିତ୍ତ ଚେତନ ପୌରୁଷକୁ ।
ନାରୀ ଓ ମାତୃତ୍ୱ ଆଜି ହିଂସ୍ରକ ମାନଙ୍କ ହସ୍ତରେ
ବିଭତ୍ସ ବିବସ୍ତ୍ର ବଜାରର ଖିଆଲୀ ପୁତ୍ତଳିକା ।
ଧିକ ମୋର ଶିକ୍ଷା, ସଂସ୍କାର, ବିଜ୍ଞାନ -

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାନବିକ ତତ୍ତ୍ୱ, ଦର୍ଶନ ସିଦ୍ଧାନ୍ତ ତଥାକଥିତ

ଭୌତିକ ବିକଶିତ ସଭ୍ୟତାର ପ୍ରଗତିକୁ ।

ନୀଚ ଅଶ୍ଳୀଳ ନିକୃଷ୍ଟ ମାନସିକତା ଅଭାବ ଭାବନାର ଭୋକ

ଆଜି ରସାତଳଗାମୀ ଅନୁକ୍ଷଣ ।

ମୋ ଭିତରର ପାଶବିକ ଅତ୍ୟାଚାର ବର୍ବରତା ,

ବିବେକକୁ ହନନ କରି ଦଂଶନ କରୁଛି ଆତ୍ମ ସତ୍ତା ପର୍ଯ୍ୟନ୍ତ । ।

ମୁଁ ଆଜି ଏତେ ତଳକୁ ଖସିଯାଇଛି ଯେ,

ଆଉ ଏକ କୁରୁକ୍ଷେତ୍ର ଯୁଦ୍ଧ ବିଭୀଷିକାର

ବାଞ୍ଛନୀୟତାକୁ, ଅସ୍ୱୀକାର କରିହୁଏ ନାହିଁ ।

ସାଂସ୍କୃତିକ ପ୍ରଦୂଷଣର

ସାଂପ୍ରତିକ ଉଦଣ୍ଡ ଉଗ୍ରବାଦ

ଧୃତରାଷ୍ଟ୍ରଙ୍କ ଦରବାରରେ---

ମାନେ ନାହି ମର୍ଯ୍ୟାଦାର ସରହଦ ।

ସୁସଭ୍ୟ ସମାଜରେ ଏତାଦୃଶ୍ୟ କଳୁଷିତ କଳଙ୍କ ,

ଅତିକ୍ରମିତ ହୁଏ ଊର୍ଦ୍ଧ୍ୱଶ୍ୱାସୀ ଶରଭେଦୀ ସ୍ପନ୍ଦନରେ ।

ମାନବିକ ବିକର୍ମ, ଆଶ୍ଚର୍ଯ୍ୟର ତାର୍କିକ ନିର୍ବିବାଦ ସିଦ୍ଧାନ୍ତରେ ,

ମୁଁ ଆଜି ସନ୍ଦିହାନ ଆଧ୍ୟାତ୍ମିକ ଅଭିବ୍ୟକ୍ତକୁ ନେଇ ।

କି ଉତ୍ତର ଦେବି ମୋର

ଉତ୍ତର ଦାୟାଦମାନଙ୍କୁ !!

ଲଜ୍ଜା ! ଲଜ୍ଜା !! ଲଜ୍ଜା !!!

ସାର୍ବଭୌମତ୍ୱ ନ୍ୟାୟବନ୍ତ ନିକିତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ହୁଏତ ଫାସି ଦେଇ ପାରେ –

କିନ୍ତୁ ପିଡ଼ୀତାମାନଙ୍କ ପୀଡା ମୂଲ୍ୟ କିଛି ନାହିଁ ?

କିଏ କରିବ ଲାଜ ର ଭରଣା ??

ବ୍ୟଥିତ-'ଆର୍ତ୍ତ ଚିତ୍କାର' ବିଷ୍ଣୁଲୋକ ପର୍ଯ୍ୟନ୍ତ ଚହଲାଇ ଦେଲାଣି ।

ମହା ଭାରତର ବିଭୀଷିକା ଭିତରେ---

ଯୁଗ ଯୁଗ ର ଶାଶ୍ୱତ ସତ୍ତାଙ୍କ ମୁଖ ନିଃସୃତ ବାଣି /ବାଣୀ ---

ପ୍ରତ୍ୟାବର୍ତ୍ତନ ର ଗାଇଲାଣି ----

"ଯଦା ଯଦି ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ

ଅଭ୍ୟୁତଥାନମ୍ ଅଧର୍ମସ୍ୟ ତଦାତ୍ମନମ୍ ସୃଜାମ୍ୟହମ୍ ।

ପରିତ୍ରାଣାୟ ସାଧୁନାମ୍ ବିନାଶାୟ ଚ ଦୁଷ୍କୃତାମ୍

ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ।"

ଧର୍ମ ସଂସ୍ଥାପନ ନିମିତ୍ତ ପରମ ସତ୍ତାଙ୍କ ସୁନିଶ୍ଚିତ ଅଭ୍ୟୁଦୟ,

ପୁଣି ବାଜିଲାଣି ଶଙ୍ଖ ପଞ୍ଚଜନ୍ୟ,

ବିଦାରିତ ଧରିତ୍ରୀ ବକ୍ଷ ଲଭିବ ଆଶ୍ୱସ୍ତ _

ମୋ ବର୍ବରତାର ବିନାଶ ନିଶ୍ଚିତ ।

ଜାତି-ଧର୍ମ-ବର୍ଣ୍ଣ-ଲିଙ୍ଗ ନିର୍ବିଶେଷ

ବୁଦ୍ଧ ସୁଦ୍ଧିବର୍ଗ ଜାଗି ଉଠ ଜାଗି ଉଠ ।।

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,

ପାତ୍ରପୁର, ଗଞ୍ଜାମ । ଭ୍ରାମ୍ୟଭାଷ : ୦୮୭୬୦୨୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅସହ୍ୟ ନିଦାଘ



ପ୍ରହ୍ଲାଦ ସାହୁ

ପରିବେଶ କରି ଧ୍ୱଂସ
ପ୍ରକୃତିକୁ କଲେ ନଷ୍ଟ;
ସେହି ପ୍ରକୃତିର କୋପେ
ଗ୍ରାସେ ଅସହ୍ୟ ନିଦାଘ । ।

ଚାରିଆଡେ ମାଫିଆଙ୍କ
ମାତିଛି କପଟ ଖେଳ;
ନିଃଶେଷ ହେବାର ବେଳ
ଘୋଟୁଅଛି କାଳୁ କାଳ । ।

ଜଙ୍ଗଲ ଜଳ ଜମିନ
ରୌଦ୍ରତାପେ ଅସହାୟ;
ଗୁଣ୍ଡା ଗର୍ଦ୍ଦି କରି ନର
ଭୋଗୁଅଛି ଏ ନିଦାଘ । ।

ଅସହିଷ୍ଣୁ ମଣିଷଟା
ସ୍ୱାର୍ଥ ଲାଗି ହଟହଟା;
ପାଲଟିଛି ଅସୁର ସେ
କର୍ମଫଳ ଭୋଗେ ଏକା । ।

ଥିଲେ କିଛି ପୂଣ୍ୟ କର୍ମ
ଏ ଜନ୍ମେ ନହେଲେ ଭୋଗ;
ଆରଜନ୍ମରେ ଭୋଗିବ
ମିଛେ କାହିଁ ଏତେ ଗର୍ବ । ।

ମଣିଷର କଲା କର୍ମ
ନିଦାଘେ ଲଭେ ଜ୍ୱଳନ;
ଅତିରୁ ଇତି ଲକ୍ଷଣ
ଛଟ ପଟ ହୁଏ ପ୍ରାଣ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡହଳ ବିକଳ ସର୍ବେ
ଅଗ୍ନି ଯେ ବର୍ଷୁଛି ବନେ;
ଜଳ ସ୍ଥଳ ବନ କାନ୍ଦେ
ସହୁଛି ପ୍ରାଣ ନିଦାଘେ ।।

ମଣିଷ ହାତରେ ସୃଷ୍ଟି
ଉତ୍ତାପରେ ହତଶିରୀ ;
ଗଛ ପତ୍ର ସବୁ କାଟି
ନିଦାଘକୁ ମରେ ଡରି ।।

ଆଉ ନାହିଁ ସବୁଜିମା
ଚାରିଆଡେ ହାହାକାର;
ଧୂସର ସାଜିଛି ଭୂମା
ଉତ୍ତପ୍ତର ଲୁହ ଧାର ।।

ଚାରିଆଡେ ଅଗ୍ନିବର୍ଷା
ଅଂଶୁଘାତେ ପ୍ରାଣ ଯାଏ;
ଏବେଠୁ ସତର୍କ ହୁଅ
ବଞ୍ଚିବାର ଆଶା ଥିଲେ ।।

ନଦ ନଦୀ ସବୁ ସୁଷ୍କ
କାଳ ବୈଶାଖୀର ବେଳ;
ଛତା ଜୋତା ପାଣି ରଖ
ପ୍ରଭୁ ନାମ ତୁଣ୍ଡେ ଧର ।।

ତରୁ ଲତା ପତ୍ର ମୂର୍ଚ୍ଛା
ଗ୍ରୀଷମର ପ୍ରବାହରେ;
ତ୍ରାହା ତ୍ରାହି ସର୍ବ ମୁଖେ
କୃପାକର ପ୍ରଭୁ ଅକିଞ୍ଚନେ ।।

ଚିଫ୍ ଏଡିଟର, ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ
ମୋ – ୮୧୨୮୬୪୪୨୭୭, ୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖବର



ମନୋରଞ୍ଜନ
ବିଷୋୟୀ

କଣ କହିବି ନିଜ ଖବର
ତୁମେ କଣ ଶୁଣିପାରିବ
ଛାତି ଭିତରେ କୁହୁଳୁଥିବା
ନିଆଁର କାହାଣୀ ମୋର ?
କେଉଁଠି ଆରମ୍ଭ କରିବି
ନିଜ ଖବର ?
ଅନିଶ୍ଚିତ ଭବିଷ୍ୟତ ନେଇ
ଆରମ୍ଭ ହୋଇଥାଏ ଦିନ ମୋର ।
ସଂସାରର ଭିଡ଼ ବଗିଚାରୁ
ଚେର ସହ ଉପୁଡି ପଡ଼ିଥିବା
ବୃକ୍ଷ ସଦୃଶ ଏବେ ଅବସ୍ଥା ମୋର ।
ଦୁଃଖ ପରେ ଦୁଃଖ
ଦୂର୍ଘଟଣା ପରେ ଦୂର୍ଘଟଣା
ଘଟିଛି ମୋ ଜୀବନରେ ବାରମ୍ବାର ।
ମୋ ମଥାରେ ଲାଗିଛି ଏବେ
ଭାଗ୍ୟହୀନର ମୋହର ।
ମାରନ୍ତି ଲୋକେ
କେତେ ଯେ କଥାର
ଟେକା ପଥର ।
ଆଉ ମୋ ଭାଗ୍ୟକୁ ନେଇ ଗଢ଼ନ୍ତି
କେତେ ଯେ କାହାଣୀ ଚାଞ୍ଚଲ୍ୟକର ।
ତଥାପି ଜୀବନ ଯୁଦ୍ଧରେ ହାରିନଯାଇ
ଚାଲିଛି ସଂଗ୍ରାମ ମୋର ।
ଆଶା କିନ୍ତୁ ଏ ସଂଗ୍ରାମ ଶେଷରେ
ରଚିବି ମୋ ଜୀବନ କାହାଣୀ
ସଫଳତାର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍: ୮୮୯୫୦୪୦୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକୁହା କଥା



ତନୁଜା ଦାସ

ଇଚ୍ଛା ହୁଏ,

ହସରେ ମୋ ଲେଖି ଦେବି

ତା ଖୁସିର କାହାଣୀ,

ତା ବିନା ବଞ୍ଚିବି ପୁଣି

କେମିତି ପାରୁନି ଜାଣି । ।

ଆଙ୍କିଛି ମୁଁ ଛବି ତାର

ମୋ ହୃଦୟ କାଗଜେ

କେମିତି ପୋଛିବି ତାକୁ

ଏ ଯାଏ ନ ପାରେ ଜାଣି । ।

ଇଚ୍ଛା ହୁଏ ତା ସ୍ମୃତିକୁ

ରଖିବି ସାଇତି

ବଞ୍ଚିଯିବି କିଛି ଦିନ

ଆଉ କିଛି ରାତି । ।

ଦେଖିବାକୁ ସବୁଦିନେ

ତା ମିଠା ଅଝଟ

ଲାଞ୍ଚ ଦେଇ ସମୟର

ରୋକିଦେବି ବାଟ । ।

ମନ କୁହେ, ଦେବି ତାକୁ

ମୋ ବାକି ଆୟୁଷ

ଫୁଲଟିଏ ହୋଇ ଫୁଟାଇବି

ତା ଓଠରେ ହସ । ।

ତା ପାଇଁ କି କାଟି ଦେବି

ମୋ ବାକି ଜୀବନ

ପୁରା କରିବି ମୁଁ

ତା ସବୁ ସପନ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

(୭)

 କପଟ୍ କଲେ ସିନ୍ଧୁସୁତା କହେଲେ ସୁରଜ୍ ଦେବ
ତପତ୍ କରି ଡହ ଡହ ବାଏଲ୍ ତତେଇ ଦେବ ।
ଚାଲି ଯେନ୍ତା ନାଇଁ ପାରନ୍ ରାମ ଦଇତାରି
ବାର ବଛର୍ ସାଏପ୍ ଟା ମୋର୍ ଆସୁଛେ ନ ପୁରି ।
କହତେ କହତେ ଠାଏ ଠାଏ ଠୁକି ଦେଲା ଖରା
ତପତ୍ ବାଟେଚାଲିନାଇଁପାରନ୍ କ୍ଷୀର ଚୋରା ।
ରହ ରହ ଦାଦା ବୋଲି ପଛେ ଡାକୁଥିଲେ
ନାଇଁ ସୁନି ବଲ୍ ରାମ ଧାଇଁ ଚାଲୁଥିଲେ ।
ପହଁଚିଲେ ମହାମୟୀ ର୍ ସିଂ ଦୁଆରେ ଯାଇ
ଡାକିଦେଲେ ସୁନି କରି ଦାସୀଆଏଲେ ଧାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କହୁଛେ ଆଗୋ ସହି କଂଗାଲ୍ ଗୁଟେଇଟା
ଫେର୍ ବି ଦେଖ ଦେହେ ତାର ହେଇଛେମୁଟା ସୁଟା,
ଏନ୍ତା ଗୁଟେ ଥିଲା ଯେ ସେ ଘରୁ ଖେଦଲା ଲଖି କେ
କୁହାକୁହି ହେଲେ ସଭେ ଆସି ବଲିଆ ର୍ ପାଖେ ।
ବେକେ ତାଙ୍କର୍ ହାତ ରଖି ଖେଦି ଦେଲେ ଭଟେ
ଡରେ ଫିରିଲେ ବଳରାମ ହରି ଭେଟଲେ ବାଟେ ।
ଯଉଁ ରେ ଭାଇ ଫିରି ଯଉଁ କହେଲେ ନିଲାମର
ଦାସୀ ମାନେ ଖେଦି ଦେଉଛନ୍ ନାଇଁ ଯଉଁ ଇ ଘର ।
ହରି କହେଲେ କେନ୍ତା କରି ରଖମା ଆମର୍ ଜୀବନ୍
ନାଇଁ ଖାଇବାର୍ ହେତେ ଦିନୁ ମୁଠେ ହେଲେ ଅରନ୍ ।
ଫେର୍ ଥରେ ଯଉଁ ସେନେ ମାଗ୍ ମା ବିନ୍ତି ହେଇ
ବଲିଆ ବୋଲେ ଆଗେ ଥିବୁ ପଛେ ଥିମି ମୁଁଇ ।
ଏନ୍ତା କହି ସିଂ ଦୁଆରେ ପହଁଚିଲେ ଫେର୍ ଥରେ
ସାମ ଯଜୁର୍ବେଦ ପାଠ କଲେ ଉଁଚା ସୁରେ ।
ସଂସାର୍ ସାରା ଚପଲି ଗଲା ଶବଦ୍ ଗହ ଗହ
ନିସ୍ତରିଲି ନିସ୍ତରିଲି ଆହେ ଦୟା ମୟ !
ପଲଙଂକ୍ ଠାନୁ ଲଖି ଦେଲେ ଜୁରି ଦୁଇ ହାତ
ସରି ଗଲା ପ୍ରଭୁ ହେ ମୋର୍ କୁଟି କୁଟି ପାପ ।
ଯା ଲୋ ଦାସୀ ଯା ପଚରା  କାଁ ବଲୁଛନ୍ ବାମହନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହେବୁ ନାଇଁ କଡା କଥା ଯେନ୍ତା ନାଇଁ ଫିରନ୍ ।

ଦାସୀ କହେଲା ହେମାନେ ତ ଖାନା ମାଗୁଛନ୍ ମା

ଲଖି କହେଲେ ପଚରା ତୁଇ ଯା ଲୋ ଦାସୀ ଯା ।

ବାମହନ୍ ହେଇ ଚଣ୍ଡାଲ୍ ଘରେ କେନ୍ତା ଖାଏବ ଭାତ୍

ଆମର୍ ଛିଆଁଖାଏଲେ ପରେ ଯିବା ତାକର୍ ଜାଏ ତ୍ ।

ଦାସୀ ର୍ ଥାନୁ ସୁନି ଇ କଥା କହେଲେ ହଲଧର

ଚଉଲ୍ ଦେଲ୍ ନୂଆଁହାଁଡ଼ି ର୍ ବେବସ୍ଥା ଟେ କର ।

ରାନ୍ଧି କରି ଖାଇ ନେମୁ ଆମେ ଦୁଇ ଭାଇ

ଇ କଥା କେ ମାତା ଆଗେ କହେଲା ଦାସୀ ଯାଇ ।

ଉସତ୍ ମନେ ଲଖିମି ଦେଲେ ରନ୍ଧା ଦରବ୍ ଖଞ୍ଜି

ବଡି ସାରୁ କଦଲି ଛେନା ଦାଏଲ୍ ଶାଗ ଭାଜି ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମଲ୍‌ପୁରୀ ଦିନ୍



ଦେବାର୍ଚ୍ଚନ
ମେହେର

ଆସରେ ଭାଇ, ଦଦା,
କକା, ବବା କରମା ପାଳନ୍,
ବର୍ଷକେ ଥରେ ଆସିଛେ
ସମ୍ବଲପୁରୀ ଦିନ୍ ।।

ଅଗଷଟ୍ ମାସର୍ ପହେଲା ତାରିଖ୍
ଆସିଛେ ଆମର୍ ସମ୍ବଲପୁରୀର୍ ଦିନ୍,
ଆସ ଇ ଦିବସ୍ କେ ସଭେଁ ଗୁଟେ ଠାନେ
ଏକ ହେଇଁ କରି କରମା ପାଳନ୍ ।।

କହେମା, ଲେଖ୍'ମା, ନାଚମା, ଗାଏମା, ପିନ୍ଧମା
ଆମର୍ ସମ୍ବଲପୁରୀ ବୁଲିଥି,
ଆମର ଭାଷା ସମ୍ବଲପୁରୀଥି ଯେନ୍ ମୋହନି ଅଛେ
ନି ମିଳେ ଆର୍ କେନ୍'ସିଥି ।।

ନିଜର ମାଆ ମାଟିର୍ ଲାଗି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜ୍ କେ ସମର୍ପି ଦେମା,

ଯେତେ ଦିନ୍ ବଞ୍ଚି ଥିବାର୍ ତକ୍

ନିଜର ଜନମ୍ ମାଟିର ଗୁଣ ଗାଉ ଥିମା । ।

ମାଁ ଗୋ ସମଲେଇ ତର ପଣତ୍ କାନିଥି

ଢ଼ାପି ରଖିଛୁ ସାରା ସଂସାର୍ କେ,

ପଶ୍ଚିମ୍ ଓଡ଼ିଶାର୍ ଇଷ୍ଟ ଦେବୀ ଆଉ ତୁଇ

ଜୟ୍ ଜୟ୍ ମାଁ ଗୋ ସମଲେଇ ତର୍ ନୁ ବଡ଼ ନିନ୍ ଆଉ କେ । ।

ଗ୍ରାମ - ବାପୁଜୀନଗର

ଜିଲ୍ଲା - ବୌଦ୍ଧ

ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝି...



ସୁନୀଲ କୁମାର
ଅଗସ୍ତି

ଝି" ଜନମ୍
ମାଁ'ବୁଆର୍ ମୁଡେଁ ଚଡକ୍,
ଉପର୍ ଛରଲେନ୍ ମନ୍ ଦଗ୍ ଦଗା
ଭିତରେ ଅବଗା ଛଟ୍ ପଟ୍,,
ପୁଓ ଧନ୍ ଆଏ
ମାଁ' ବୁଆର୍ ଗରବ୍,
ଇ'ଫାଲେ ସମିଆଁର୍ ଡାକେ
ଝି' ହେସି ପରହର୍,,
ଝି' ବଟା
ମାଁ' ବୁଆର୍ ଛାତିଫଟା
ସରଲା ଖେଲ୍ ଝି'ର୍

କେନ୍ ଦେଖସି
ମାଁ'ବୁଆର୍ ଗୁଲଗୁଲା,,
ସରଲା ଦିନ୍
ଧରଲିଁ ଖଟିଆ,
ପୁଓ ଧନ୍ ସୁନ୍ଦରୀ ସଙ୍ଗେ
ମନ୍ ଡାକୁଛେ  ଧାଁଇଁ  ଆଏବା ,
କାହିଁର୍ ଟା' ଛୁଟା ଫସ୍
ଭଲଗା ଝି' ପାଖେ ଅଁତରେ ଥିଲା,,
ମରନ୍ ଉତାରୁ ପାଏନ୍ ଥୁପେ  ମିଲ' ଲା

ଟିଟିଲାଗଡି, ବୁଡିଆ ମେମ୍

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବଚିବାର୍ କଲା



ବର୍ଷାରାଣୀ
ମହାମଲ୍ଲିକ

ଜୀବନ୍ ଜିଇଁବାର୍ କଲା ଶିଖି ନେବାର୍ କେ ହେସି

ଦୁନିଆଁର୍ ରଙ୍ଗ୍ ମଚାଁନ୍ ନ ଚଢବାର୍ ଆଘୋନୁ

ଜାନିନେବାର୍ ହେସି ନିଜର୍ ଅଭିନୟ ଭଙ୍ଗୀ...

ନେହେତ ଲୋକହସାଁ ହେବାର୍ ପଡସି ଘାଏକେ,

ସହି ରହି କରି ହର୍ମିସା ଚାଲବାର୍ ପଡସି

ହଁ ବଚିବାର୍ କଲା ଶିଖି ନେବାର୍ କେ ପଡସି

ଘାଏ ନିଜକେ ଶିଖବାର୍ ପଡସି ତ,

ଘାଏ ଘାଏ ସ୍ଥିତି ଆର୍ ସମିଆ ଶିଖେଇ ନେସି ।

ରଗରଗା ନିଆଁ କେ ବି ମାଡି କରି ଚାଲବାର୍ ପଡସି

ଲୁହର୍ ନଏଦରେ ବି ପହରିବାର୍ ପଡସି...

ଦୁନିଆ ଭିତରେ ଘର୍ କରିଥିଲେ

ପଥର୍ ପଡଲେ ସହି ପରେ..

ଆର୍ ଜୀବନ୍ ଥିଲେ,

ବଚିବାର୍ କଲା ବି ଶିଖି ନେବାର୍ କେ ହେସି ।

ଜିଲ୍ଲା :ବରଗଡ଼

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱାଧୀନତା ସଂଗ୍ରାମର ପିତାମହ : ତିଳକ



ଅକ୍ଷୟ କୁମାର ରାଉତ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞା ପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶ ପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୂରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ (ବାଲ୍)ଗଙ୍ଗାଧର ତିଳକ ପୂଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଈଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ରଙ୍କ ଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁଙ୍କରି ନିବନ୍ଧ ମାଳାକୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା । ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇ ପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ । ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ  ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ । ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ । ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣ୍ଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ । ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟ ମାନଙ୍କ  ସହିତ  ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ  ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ରେ ମରାଠୀ  ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଥିଲେ । ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଲକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଲକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଲକ ପସନ୍ଦ କରୁନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଲକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁର୍ନବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଲକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତିଗର୍ବର ସହିତ ପ୍ରଚାର କରୁଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପରିବର୍ତ୍ତନକୁ ତିଲକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଲକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଲକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଲକ ଅଂଶଗ୍ରହଣ କରି ମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡରୁଲ୍' ନୀତି ଯୋଗୁଁ ବମ୍ବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା । ତିଲକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଶୂଳ ହେଲେ । ସାର୍ ତିରୋଲ୍ 'ଇଣ୍ଡିଆନ୍ ଅନ୍ରେଷ୍ଟି' ନାମକ ପୁସ୍ତକରେ ତିଲକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭଗ୍ୟଜନକ ତିଲକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ରେ ତିଲକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟର ଫେଲୋ ମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ । ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଲକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା । ତିଲକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା । ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଲକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସରୁ ଏକ ରାତ୍ରିଭୋଜନ ସାରି ତିଲକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତ୍ତମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣ୍ଟ ଆୟବଟକୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦାଣ୍ଡ ପାଇଥିଲେ ତିଲକ ର୍ନିଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତାମାନେ ଆପତି ଉଠାଇଲେ । ସଂସଦ ଉଇଲିୟମ୍ ହଣ୍ଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲରୁ ମୁକ୍ତ ହେଲେ । ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସ୍ୱୀକୃତି ଲାଭ କଲେ । ପୁନା ଜେଲରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି ‘ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍ ପ୍ରକାଶିତ କରିଥିଲେ ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା । ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଲକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ । ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ । ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧୀନ ହେବ । କଲିକତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଂଖଳା ଆରମ୍ଭ ହୋଇଗଲା । ବିଶୃଂଖଳା ଚରମ ସିମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ । ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ । ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

୧୯୦୮ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ । କେଶରୀ ପତ୍ରିକାରେ "ଦେଶ୍କା ଦୁର୍ଭାଗ୍ୟ" ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ । ହାଇକୋଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଶ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନର ମାଣ୍ଡାଲେ ଜେଲ୍ଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାଇଣ୍ଡମ୍ୟାନ୍, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦ ପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଲକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍ସିଲରେ ତିଲକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ । ଆବେଦନ ନାମଞ୍ଜୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ x ୧୨ଫୁଟକାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ । କୁଲକର୍ଣ୍ଣି ଅସୁସ୍ଥ ହେଲେ ତିଲକ ତାଙ୍କ ସେବା କରିଥିଲେ । ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣା ମୂଳକ କୃତି "ଦି ଓରିୟନ" ଥିଲା । ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧ୍ୟକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଲକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା ।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ଼ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଞ୍ଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରକାରକୁ ସମର୍ଥନ ଜଣାଇଲେ । ତିଲକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦ୍ଦେଙ୍କ ଅଧ୍ୟକ୍ଷତାରେ ' ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଲକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧ୍ୟମରେ ତିଲକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ । ନେହରୁ ତିଲକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଲକ ଗ୍ରହଣ କରିଥିଲେ ତିଲକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଣ୍ଟେଗୁଁ ଚେମ୍ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନକୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣ୍ଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍ସଫୋର୍ଡ଼ ବଡ଼ଲାଟ ଭାବରେ ତିଲକ ଓ ହୋମରୁଲ୍ ଲିଗ୍ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣ୍ଟେଗୁ-ଚେମ୍ସ ଫୋର୍ଡ଼

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତିର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନରେଷ୍ଟ' ପୁସ୍ତକ ରଚେୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ । ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି ।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁତ୍ୱପୂର୍ଣ୍ଣ ଥିଲା । ତିଲକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଲକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଲକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମି

ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତସିଂହପୁର

ମୋ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗଙ୍ଗାଧର ଓ କୃଷକ ସଙ୍ଗୀତ



କିରନ୍ ସ୍ୱାଇଁ

ପ୍ରକୃତିର କ୍ଷୁଦ୍ର ଖଦ୍ୟୋତଠାରୁ ବୃହତ୍ ସୂର୍ଯ୍ୟ-ଚନ୍ଦ୍ର-ତାରା; ତ୍ୟାଗ, ପବିତ୍ରତା, ଉତ୍ସର୍ଗ ଓ ନୈତିକତାର ମୂର୍ତ୍ତିମୟୀ ସୀତା ଶକୁନ୍ତଳା ଆଦି ଚରିତ୍ର ତଥା ସମଗ୍ର ଉତ୍କଳୀୟ ଓ ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଦର୍ଶ – ଏ ସମସ୍ତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ଚିରକାଳ ଜାଜ୍ଜ୍ୱଲ୍ୟମାନ । ନୈସର୍ଗିକ ପ୍ରକୃତିର ଅମୃତ ଓ ମାନବିକ ପ୍ରକୃତିର ଉପାଦାନରେ ଗଙ୍ଗାଧରଙ୍କ ସାହିତ୍ୟ ସର୍ବଦା ରୁଚିସମ୍ପନ୍ନ । ଗଙ୍ଗାଧରଙ୍କ ଜନ୍ମ ହୁଏ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଅବିଭକ୍ତ ସମ୍ବଲପୁର ଜିଲ୍ଲା ବରପାଲିର ଏକ ତନ୍ତୀ ପରିବାରରେ । ପିତା ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀ । କବିଙ୍କର ଆବିର୍ଭାବ ସମୟ ଶ୍ରାବଣ ପୂର୍ଣ୍ଣିମା ହୋଇଥିବା ବେଳେ ତିରୋଭାବ ସମୟ ୧୯୨୪ ଅପ୍ରେଲ ୪ ଚୈତ୍ର ଅମାବାସ୍ୟା । ଆଗମନ ବେଳେ ସେ ନିଜ ପରିବାର ସହ ସମଗ୍ର ମହୀକୁ ଆନନ୍ଦାଲୋକରେ ହସାଇଥିଲେ; କିନ୍ତୁ ପ୍ରତିଗମନ ବେଳେ ସମସ୍ତଙ୍କୁ ଅନ୍ଧକାରମୟ ବିଷାଦ ତିମିରରେ ଛାଡ଼ି ଚାଲିଗଲେ । ହେଲେ ତାଙ୍କର ବିଶାଳ ସାହିତ୍ୟ ସୃଷ୍ଟିରେ ସେ ଛାଡ଼ିଦେଇଗଲେ ନୈତିକତାର ପଥ, ପ୍ରକୃତିର ଅକୁହା ଭାଷା ଓ ଆଦର୍ଶର ସୁନୀଳ ସରୋବର – ଯେଉଁଥିରେ ଅବଗାହନ କଲେ ଘଟେ ମଣିଷ ଚରିତ୍ରର ସତ୍ ପରିବର୍ତ୍ତନ । ରସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରତ୍ନାକର, ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, କୀଚକ-ବଧ, ଅଯୋଧ୍ୟା ଦୃଶ୍ୟ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ ପ୍ରଭୃତି କାବ୍ୟ ସହ ଅହଲ୍ୟା ସ୍ତବ, ମହିମା, କବିତା-କଲ୍ଲୋଳ, ଅର୍ଘ୍ୟଥାଳୀ, କବିତା ମାଳା, କୃଷକ-ସଙ୍ଗୀତ ପରି କ୍ଷୁଦ୍ର କବିତା ସଂକଳନ ତାଙ୍କର କବିତ୍ୱର ସ୍ୱାକ୍ଷର । ଏହାବ୍ୟତୀତ ଅନେକ ଉତ୍କୃଷ୍ଟ ଗଦ୍ୟ ରଚନାବଳୀର ମଧ୍ୟ ସେ ସାର୍ଥକ ସ୍ରଷ୍ଟା ।

ବୋଡ଼ାସମ୍ବର ଜମିଦାରଙ୍କ ପ୍ରେରଣାରେ ଗଙ୍ଗାଧର କୃଷି ସମ୍ବନ୍ଧରେ ଅନେକଗୁଡ଼ିଏ କବିତା ଲେଖିଥିଲେ । କୃଷକ ସମାଜର ଉନ୍ନତି ନ ହେଲେ ଜାତିର ଉନ୍ନତି ଅସମ୍ଭବ, ଏହା ହୃଦୟଙ୍ଗମ କରି କବି ଏହି କବିତାଗୁଡ଼ିକ ଲେଖିଥିଲେ । ଏଗୁଡ଼ିକ 'କୃଷକ ସଙ୍ଗୀତ' ରୂପେ ୧୯୨୧ ମସିହାରେ ପ୍ରକାଶିତ ହୋଇଥିଲା । ପୁସ୍ତକଟି ବୋଡାସମ୍ବରର ରାଜା ଲାଲ ରାଜେନ୍ଦ୍ର ସିଂହ ବରିହାଙ୍କୁ ଉତ୍ସର୍ଗ ହୋଇଥିଲା । 'କୃଷକ-ସଙ୍ଗୀତ' ସଂକଳନରେ ଅନ୍ନର ମହିମା, କୃଷିର ଗୌରବ, କୃଷକର ଆତ୍ମକଥା, ଆଖୁଚାଷ, ଭୂମିବିଭାଗ, ଧାନଚାଷ, ଚଣା, ମୁଗଫଳୀ, ଓଲ, ଝାଞ୍ଜିଡା ବା ଦେବଧାନ୍ୟ, ହରିଣ ଗହମ, ଜେରୁ ସାଲେମ୍ ଆର୍ଟିଚୋକ୍, କନ୍ଦମୂଳ, ଉଲି ବା ପିଆଜ, ବାଇଗଣ, ଲଙ୍କାମରିଚ, ଆଳୁ, କୋବି, ପଟୋଲ, କଦଳୀ, ଲତାଫଳ, ଧନିଆ ଆଦି, ମୁଗ, ବ୍ରୀହିଆଦି, ଗହମ, ସାରୁଆଦି, କାଉଁରିଆ, ଛଣ, କପା, ପାନ, ଉଦ୍ଭିଦ ରୋଗର ପ୍ରତିକାର, ଗୋ-ରକ୍ଷଣ ଭଳି କୃଷକ ଗୀତ ସବୁ ରହିଛି ।

କୃଷି ହେଉଛି ସଭ୍ୟତାର ମୂଳ । ସମସ୍ତ ଜୀବିକାଠାରୁ ମଧ୍ୟରେ କୃଷି ଶ୍ରେଷ୍ଠ । କାରଣ କୃଷି ହିଁ ଏକମାତ୍ର ଜୀବିକା ଯାହା ମଣିଷକୁ ଅନ୍ନ ଉତ୍ପନ୍ନ କରି ଯୋଗାଏ, ମଣିଷର ପାଳନ ପୋଷଣ କରେ । ସାଂପ୍ରତିକ ସମୟରେ କୃଷି ଅବହେଳିତ, କୃଷକ ଅବହେଳିତ । କୃଷି ବିନା ଏ ସଭ୍ୟତା, ଭବ୍ୟତା ସବୁ କ୍ଷଣିକ ମାତ୍ର । ବିନା କୃଷି ବିନା ଅନ୍ନରେ ମାନବ ଅନାହାରରେ କଲବଲ ହିଁ ହେବ । ତେଣୁ 'କୃଷିର ଗୌରବ' କବିତାରେ କବି କୃଷି କର୍ମର ଗୌରବ ପ୍ରକାଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି କହିଛନ୍ତି –

"ଘୃଣା କୃଷିକର୍ମକୁ ନ କରରେ ଭାଇ,

ଯା'ର ଖାଇ ଜୀବନ, ତାର ଗୁଣ ଗାଇ

କୃଷି କଲେ ଉନ୍ନତ ସକଳ ଉନ୍ନତି

କୃଷି ବିନା ନା କନ୍ଥା ନା ପନ୍ଥା କାହିଁ ବା ଅନ୍ୟ ଗତି ହେ" ।

'କୃଷକର ଆତ୍ମକଥା' କବିତାରେ କୃଷି କର୍ମର ପ୍ରାରମ୍ଭ ଯଥା – ରାତି ପାହିବା ଆଗରୁ ଗୋରୁ ଚରାଇ ନେବା, କୃଷକ ଘରଣୀ ଗୁହାଳକୁ ପରିଷ୍କାର କରିବା, ଗୋରୁ ଗାଈମାନଙ୍କ ଯତ୍ନ ନେବା, କୁଣ୍ଡା ତୋରାଣି ଆଦି ଖାଦ୍ୟ ପେୟ ଦେବା, ପୁନଶ୍ଚ କୃଷି କର୍ମରେ ଲାଗି ଭୂମି ଚଷିବା, ବୀଜ ରୋପଣ, ଜଳ ସେଚନ, ବାରମାସ ଖେତରେ ଅକ୍ଲାନ୍ତ ପରିଶ୍ରମ କରିବା ପ୍ରଭୃତି ବିଷୟକୁ କବି ଅବିକଳ ରୂପେ ଚିତ୍ରିତ କରିଛନ୍ତି । ଅନ୍ନ ବିନା ଶରୀର ରକ୍ଷଣ ଅସମ୍ଭବ, ଅନ୍ନ ହିଁ ପୃଥିବୀର ମୂଳାଧାର । ଅନ୍ନର ମହିମା ପ୍ରଖ୍ୟାପନ କରି ମଣିଷକୁ ଅନ୍ନର ମହତ୍ତ୍ୱ ଓ ସଦ୍ ବ୍ୟବହାର ସଂପର୍କରେ ମଧ୍ୟ କବି ଅବଗତ କରାଇଛନ୍ତି –

"ଅନ୍ନ ଘେନି ରହିଛି ଅଖିଳ ସଂସାର

ଅନ୍ନ ବିନା ଜଗତେ ଉଠେ ହାହାକାର

ଅନ୍ନ ଘେନି ପୃଥିବୀ ସ୍ୱରଗ ସମାନ

ଅନ୍ନ ବିନା ପୃଥିବୀ ସତେତ ହୁଅନ୍ତା ଶମଶାନ ହେ" । (ଅନ୍ନର ମହିମା)

ଗଙ୍ଗାଧର କହିଛନ୍ତି ମଣିଷ ଭିକ୍ଷା ମାଗିବା ଅପେକ୍ଷା ନିଜେ କୃଷି କର୍ମ କରି ନିଜ ଜୀବନକୁ ସମୃଦ୍ଧ କରିବା ଆବଶ୍ୟକ । ଗୋତି ଖଟିବାଠାରୁ ମଧ୍ୟ ଭିଖାରି ଶତଗୁଣରେ ହୀନ । ଭିକ୍ଷା କେବେ ଉଚ୍ଚ ଜାତିର ଚିହ୍ନ ନୁହେଁ, ଉଚ୍ଚ ସିଏ ଯାହାର ଉଚ୍ଚ ଜ୍ଞାନ ଥାଏ । ଏଣୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରିଶ୍ରମ କଦାପି ନୀଚ କାର୍ଯ୍ୟ ନୁହେଁ । ଶ୍ରମ କଲେ ମାନବ କଦାପି ସାନ ହୋଇଯିବ ନାହିଁ । ଏଣୁ ଗଙ୍ଗାଧର ଉକ୍ତ କବିତାରେ କହିଛନ୍ତି –

"ବିନା ଶ୍ରମେ ଯେ ଅନ୍ନ କରଇ ଆହାର
ପଶୁଠାରୁ ନିକୃଷ୍ଟ ଜୀବନ ତାହାର
ପାଇଅଛୁ ଉତ୍ତମ ଅବୟବମାନ
ଭିକ୍ଷା କରି ମାନବ କାହିଁକି ହେଉଛୁ ହୀନମାନ ହେ" । (କୃଷିର ଗୌରବ)

'ଭୂମି ବିଭାଗ' ଶୀର୍ଷକ କବିତାରେ ନାନା ଶ୍ରେଣୀର ଭୂମିର ଉପକାର ଓ ଅପକାରର ସୂଚନା ରହିଛି । ଆଞ୍ଚଳିକ ଭାଷାରେ କବି ଚାରି ପ୍ରକାର ଭୂମିର ସୂଚନା ଦେଇଛନ୍ତି, ଯଥା- ପ୍ରଥମ ଶ୍ରେଣୀରେ ବାହାଳ, ଦ୍ୱିତୀୟରେ ବେରଣା, ତୃତୀୟରେ ମାଳ ଓ ଚତୁର୍ଥରେ ଆଟ । ପୁଣି ଭୂମି ମଧ୍ୟରେ ଛୋଟ ଛୋଟ ବରଛା ବା ଖାରୀ କଥା ଉଲ୍ଲେଖନୀୟ । ଏ ଛୋଟ ଜମିକୁ ମଧ୍ୟ ଯତ୍ନ କଲେ ବିଶେଷ ଫଳ ମିଳିଥାଏ । ଗଙ୍ଗାଧର ସର୍ବଦା ବାହ୍ୟ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ଚିତ୍ରଣରେ ସିଦ୍ଧହସ୍ତ । ଚାରି ପ୍ରକାର ଜମି ସହିତ ସେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ରଙ୍କୁ ତୁଳନା କରିଛନ୍ତି; କିନ୍ତୁ କବିଙ୍କ କହିବାନୁସାରେ ଏମାନେ ନିଜ ଜାତି ଅନୁସାରେ ଉଚ୍ଚ ନୀଚ ନୁହନ୍ତି । ବ୍ରାହ୍ମଣ ପାଖରେ ଦିବ୍ୟ ଜ୍ଞାନ ନ ଥିଲେ ସେ ଉତ୍ତମ ବେଦପାଠ ନ କଲେ ସେ ଶୂଦ୍ର ଆଉ ଶୂଦ୍ର ମଧ୍ୟ ନିଜ କର୍ମଲବ୍ଧେ ବ୍ରାହ୍ମଣ ହୋଇପାରେ । କି ଭୂମି କି ମାନବ ସମସ୍ତେ ସମାନ, ଉତ୍ତମ, ମଧ୍ୟମ, ଅବା ଅଧମ ଯତ୍ନ ବଳରେ ସମସ୍ତେ ଭଲ ହୋଇଥାନ୍ତି ଓ ଯତ୍ନ ବିହୀନେ ଉତ୍ତମ ମଧ୍ୟ ମନ୍ଦ ଫଳ ଦିଏ ।

ଗଙ୍ଗାଧର 'କୃଷକ-ସଙ୍ଗୀତ'ରେ ସଂକଳିତ ଅନେକ କବିତାରେ ଚାଷ କରିବାର ବିଧି, କୃଷି ପ୍ରଣାଳୀ, ବିଭିନ୍ନ ଉତ୍ପାଦ୍ୟ ଫସଲ, ଫସଲର ଉପଯୋଗୀତା, ଫସଲର ରକ୍ଷଣାବେକ୍ଷଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କରେ ଅନେକ ତଥ୍ୟକୁ ମଧ୍ୟ କବିତାଗୁଡ଼ିକ ମଧ୍ୟରେ ରୂପାୟିତ କରିଛନ୍ତି । ଆଖୁ ଚାଷ, ଧାନ ଚାଷ ପ୍ରଭୃତି ଅର୍ଥକାରୀ ଫସଲ ସଂପର୍କରେ ଢେର୍ ଉପଦେଶାବଳୀ ବର୍ଣ୍ଣିତ । ଜଗତରେ ସମୟ ହେଉଛି ଅମୂଲ୍ୟ, ଦୁର୍ଲ୍ଲଭ । ଏଣୁ କୃଷକକୁ ଅବହେଳା ନହୋଇ ସମୟକୁ ଜଗି ଜୟଲାଭ କରିବା ପାଇଁ କବି କହିଛନ୍ତି । ମୁଗଫଳୀ, ଚଣା, ବିରି, ଗହମ, ମୁଗ ଆଦି ଶସ୍ୟଜାତୀୟ ଫସଲ, ଆଳୁ, ପଟୋଲ, ବାଇଗଣ, ଲଙ୍କାମରିଚ, କୋବି ଆଦି ପନିପରିବା ସହିତ କଦଳୀ ଚାଷ, ସାରୁ ଆଦି କନ୍ଦମୂଳ, କାଉଁରିଆ, କପା, ଛଣ, ପାନ ପ୍ରଭୃତି ନାନବିଧ ଫସଲର ଉଲ୍ଲେଖନୀୟ ବର୍ଣ୍ଣନା ରହିଛି 'କୃଷକ-ସଙ୍ଗୀତ'ରେ । ଉଦାହରଣ ସ୍ୱରୂପ –

"ଲମ୍ବ ପ୍ରସ୍ଥ ଗଭୀର ଦୁଇ ଦୁଇ ହାତ
କୁଟା ହେବ ଜଳାଇ ଆଗେ ଖୋଳି ଗାତ
ଆଠ ହାତ ଅନ୍ତରେ ରୋପିଲେ କଦଳୀ
ଗଛ ବଢ଼ି ସତ୍ୱର ବେଗେ ଥାଏ ଫଳି
କଲେ ଜ୍ୟେଷ୍ଠ ଶେଷ ବା ଆଷାଢ଼େ ରୋପଣ
ପତ୍ର ମେଲି ଉଠଇଉଠି ଲଭଇ ବର୍ଷଣ
ପୁଣି ତାହା ମୂଳରୁ ଗଜଆମଆନ ଉଠି
କେଣ୍ଡା କେଣ୍ଡା ସୁଫଳ ଦେବାରେ କରନ୍ତି ନାହିଁ ତ୍ରୁଟି ହେ" । (କଦଳୀ)

ଗଙ୍ଗାଧର କେବଳ ଫସଲ ସମ୍ପର୍କରେ ବିବିଧ ବର୍ଣ୍ଣନା କରିନାହାନ୍ତି ପୁନଶ୍ଚ ସେ ଉଦ୍ଭିଦ ରୋଗର ପ୍ରତିକାର ସଂପର୍କରେ ମଧ୍ୟ ଚର୍ଚ୍ଚା କରିଛନ୍ତି । ଏହା ସହିତ 'ଗୋ-ରକ୍ଷଣ' କବିତାରେ ବଳଦ, ଗାଇ, ମହିଷ ଆଦିଙ୍କ ପ୍ରୟୋଜନୀୟତାକୁ ସେ ଦର୍ଶାଇଛନ୍ତି । ନାନା ପ୍ରକାର ପୋକ, କୀଟ ପତଙ୍ଗର ପ୍ରତିକାର କଥା ସେ କହିଛନ୍ତି, ଯଥା –

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ଦଳ ଦଳ ପତଙ୍ଗ କ୍ଷେତ୍ରରେ ବିଚରି

ଗଛ ପତ୍ର ଫଳକୁ ଦେଇଥାନ୍ତି ଚରି

ସ୍ଥାନେ ସ୍ଥାନେ ଖେତର ସନ୍ଧ୍ୟାରେ ଅନଳ

ଜାଳିଦେଲେ ମରନ୍ତି ଯହିଁରେ ଝସାଇ ଅନର୍ଗଳ ହେ" । (ଉଦ୍ଭିଦ ରୋଗର ପ୍ରତିକାର)

ଗଙ୍ଗାଧର 'କୃଷକ-ସଙ୍ଗୀତ'ର ଭୂମିକାରେ ଲେଖିଛନ୍ତି - "କୃଷକମାନଙ୍କୁ ଉପରକୁ ନ ଉଠାଇଲେ ସମାଜ ଉନ୍ନତ ହୋଇପାରିବ ନାହିଁ ବୋଲି ବହୁଦର୍ଶୀ ବିଦ୍ୱାନ୍ ମାନେ କହିଥାନ୍ତି । ସେମାନଙ୍କୁ ସରଳ ସୁଗମ ମାର୍ଗରେ ଉପରକୁ ଉଠାଇବା ନିମନ୍ତେ ତାଙ୍କ ନିଜ ଗୀତରେ ତାଙ୍କୁ ଉତ୍ସାହିତ କରିବା ଗୋଟିଏ ସହଜ ଉପାୟ, ଯଦ୍ଦ୍ୱାରା ସେମାନେ ଗୀତ ଗାଇ ହିତ ଓ ଆମୋଦଲାଭ କରିପାରିବେ ଏବଂ ସେମାନଙ୍କର ଅସଭ୍ୟତା-କଳଙ୍କ ଦୂର ହେବ । ଏପରି ରଚନାରେ ବୋଡ଼ାସମ୍ବର ଧରାଧୀଶ୍ୱର ରାୟ ବାହାଦୂର ଶ୍ରୀମାନ୍ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟଙ୍କର ସକୌତୁହଳ ଆଗ୍ରହ ଜାତ ହେବାରୁ ତଦୀୟ ଆଦେଶ ଓ ଉପଦେଶାନୁସାରେ କୃଷି ବିଷୟ ଅବଲମ୍ବନ କରି ବିବିଧ ପତ୍ର, ପୁସ୍ତକ ଓ ଅଭିଜ୍ଞ ବ୍ୟକ୍ତିମାନଙ୍କ ଅଭିମତ ସାହାଯ୍ୟରେ ଏହି 'କୃଷକ-ସଙ୍ଗୀତ' ରଚିତ ହୋଇଅଛି । ସମସ୍ତ ପ୍ରକାର କୃଷିର ନିୟମ ପରିଷ୍କାର ରୂପେ ପଦ୍ୟରେ ପ୍ରକାଶ କରିବା ଅତିକଠିନ ; ଏହି ହେତୁରୁ ଯଥାସମ୍ଭବ ସ୍ଥୂଳ ଭାବରେ ଲେଖାଯାଇଅଛି" । ବର୍ଣ୍ଣନାରେ, ଭାଷାରେ, ପଦଲାଳିତ୍ୟରେ, ଜ୍ଞାନର ପ୍ରଗାଢ଼ତାରେ ଓ ଆଞ୍ଚଳିକ ଶବ୍ଦ, ଭାଷା ତଥା ଭାବର ଯଥାର୍ଥ 'କୃଷକ-ସଙ୍ଗୀତ' ହୋଇଛି ପରିପୁଷ୍ଟ । 'କୁଶାରି', 'ବରଛା', 'ଖାରୀ', 'ଆଟ', 'ଭଲି', 'ଝୁନୁଙ୍ଗା', 'କରା' ପ୍ରଭୃତି ସମ୍ବଲପୁରୀ/ କୋଶଳୀ ଆଞ୍ଚଳିକ ଶବ୍ଦର ପ୍ରୟୋଗରେ ଏହା ଆହୁରି ସୁହୃଦ୍ୟ ମନେ ହୁଏ । ଚାଷର ନାନା ପ୍ରଣାଳୀ ଓ ଫସଲର ବର୍ଣ୍ଣନା ସହିତ କବିଙ୍କ ପଦ ଲାଳିତ୍ୟ ମଧ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆକର୍ଷଣୀୟ । ଯଥା –

"ଭଲ ମାଟି ଭିତରେ ହେଲେ ମୁଗଫଳୀ

ସେରେ ବୀଜ ଷାଠିଏ ସେରୁ ଯିବ ବଳି

ଅବରଷା ସମୟରେ କରିବ ଏ ଚାଷ

ଫଳ ତାର ଆଦାୟ କରିବା ଲଗାଇ ତିନି ମାସ ହେ" । (ମୁଗଫଳୀ)

ପ୍ରକୃତରେ ଗଙ୍ଗାଧର ଏ କବିତାଗୁଡ଼ିକରେ ପାଲଟି ଯାଇଛନ୍ତି କୃଷକ କବି । କୃଷକର ଓ କୃଷିର ଜୀବନଗାଥାକୁ ସେ ଅତି ପାଖରୁ ପରଖି ନିରେଖି ତାକୁ ଉପସ୍ଥାପନ କରିଛନ୍ତି । ଅନ୍ନର ମହିମାଠାରୁ ଆରମ୍ଭ କରି, କୃଷିର ଗୌରବ, କୃଷକର ଆତ୍ମକଥା, ଭୂମି ବିଭାଗ, ବିବିଧ ଫସଲ ଚାଷ, ଉଦ୍ଭିଦ ରୋଗର ପ୍ରତିକାର, ଗୋ-ରକ୍ଷଣ ପ୍ରଭୃତି କୃଷକ ଓ କୃଷି ସମ୍ବଳିତ ସମସ୍ତ ଉପାଦାନ ଗଙ୍ଗାଧରଙ୍କ ଉକ୍ତ କବିତାମାନ ସମୃଦ୍ଧ । ମଣିଷ ସେକାଳେ ବନରେ ବୁଲୁଥିଲା, କଞ୍ଚା ମାଂସ ଖାଉଥିଲା, ବୃକ୍ଷର ବକଳ ପତର ପିନ୍ଧୁଥିଲା, ଶୁଖିଲା କାଠ ଦହି ଶୀତ ବାତରେ ବଞ୍ଚୁଥିଲା; କିନ୍ତୁ କୃଷି ହିଁ ମଣିଷକୁ ପ୍ରଥମେ ଦିବ୍ୟ ଅନ୍ନ ଦାନ କଲା, ବସ୍ତ୍ର ଉପାଦାନ ଦେଲା, କୃଷି ପାଇଁ ମାନବ ଘର ତିଆରି କଲା ଓ ସଭ୍ୟ ବେଶରେ ରହିଲା । ଏଣୁ କୃଷିକୁ ସଭ୍ୟତାର ଚୂଳ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କୃଷି ବିନା ପ୍ରାଣ ନାହିଁ, କୃଷିକୁ ଘେନି ସମସ୍ତେ ନୃପତି ଆଉ କୃଷି ଘେନି ସଭ୍ୟ, କୃଷି ବଳେ ଆୟୁ ଓ କୃଷି ବଳେ ସମ୍ପଦ । ଭାବରେ ଓ ଭାଷାରେ ଗଙ୍ଗାଧରଙ୍କ ଲେଖନୀ ସର୍ବଦା ଗୋଟେ ନୂଆଁ ଭଙ୍ଗୀରେ ପ୍ରକାଶିତ । କୃଷିକୁ ନେଇ ଗଙ୍ଗାଧରଙ୍କ ହୃଦୟର ବାର୍ତ୍ତା ଏହି କବିତାଗୁଡ଼ିକରେ ରୂପାୟିତ । ଏଣୁ 'କୃଷକ-ସଙ୍ଗୀତ'ର ସମସ୍ତ କବିତା ଚିରକାଳ ଅମର, ଉପାଦେୟ ଓ ଦିଗଦର୍ଶନକାରୀ ।

ବହିଆପଦର, ବରପାଲି, ଜିଲ୍ଲା- ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଶାନ୍ତ ମଣିପୁର



ସଞ୍ଜୀବ କୁମାର ଦାସ

ମଣିପୁର ଘଟଣା ସମଗ୍ର ବିଶ୍ୱକୁ ସ୍ତମ୍ଭୀଭୂତ କରିଛି । ଏଥିରେ ନାହିଁ ଦ୍ୱିମତ । ବିବଶ ମଣିପୁରର କ୍ଳେଶ ଅପରିମିତ । ବାଟ ଖୋଜୁଛି, ପାଉ ନାହିଁ । ଦେଶବାସୀଙ୍କ ପାଖରେ ପ୍ରଶ୍ନ, ଶାସନରେ ଏ ପ୍ରକାର ବ୍ୟତିକ୍ରମ ହେଲା କିପରି ? ଅବିଶ୍ୱସନୀୟ ଘଟଣାବଳୀ ରାଜ୍ୟଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟିକରି ରାଜ୍ୟବାସୀ ତଥା ସମଗ୍ର ଭାରତବାସୀଙ୍କ ଆକ୍ରୋଶର ଶିକାର ହୋଇଛି ଏହି ରାଜ୍ୟ । ଗତ ମଇ ୪ ତାରିଖରେ ଘଟିଥିବା ଅତ୍ୟନ୍ତ ଅପମାନବୋଧକ ଘଟଣାଟିକୁ ଦୀର୍ଘ ସାଢେ ତିନିମାସ ଅନ୍ତରାଳରେ ଜୁଲାଇ ମାସ ୨୦ ତାରିଖରେ ଏକ ଭିଡ଼ିଓ ଜରିଆରେ ପ୍ରଘଟ କରିବା ଅନେକଙ୍କୁ ଆଚମ୍ବିତ କରିବା ସ୍ୱାଭାବିକ । ବିଳମ୍ବ ପଛର କାରଣଟିକୁ ଖୋଜିଲେ ଜଣାଯାଏ ଯେ ପ୍ରକୃତରେ ମଇ ୩ ତାରିଖରେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏକ ଗୁଜବକୁ ଆଧାର କରି ପରଦିନ କଥିତ ଲଜ୍ଜାଜନକ ନିର୍ବସ୍ତ୍ର ଘଟଣା ଘଟିଥିଲା । ସମ୍ବେଦନଶୀଳ ଘଟଣାକୁ ଗଣମାଧ୍ୟମରେ ପ୍ରସାର ନ କରାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଇଣ୍ଟରନେଟ ସେବାକୁ ସାମୟିକ ଭାବେ ବନ୍ଦ ରଖିଥିଲେ । ଫଳସ୍ୱରୂପ, ମଇ ଚାରି ତାରିଖ ଘଟଣା ସର୍ବ ସମ୍ମୁଖକୁ ଆସିବା ସମ୍ଭବ ହୋଇ ନଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିକଟରେ ମଣିପୁରର କାଙ୍ଗପୋକପିଠାରେ ଦୁଇ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ଉଲଗ୍ନ କରି ବିଚ ରାସ୍ତାରେ ପରେଡ କରାଯାଇଥିବା ଭିଡିଓ ପ୍ରଘଟ ହୋଇଛି ଯାହା ସଭ୍ୟ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ କେବଳ ଯେ ଆଲୋଡିତ କରିଛି ତାହା ନୁହେଁ; ଏହା ଭାରତୀୟ ସଂସ୍କୃତିକୁ ନେଇ ଗର୍ବ କରୁଥିବା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି । ଘଟଣାଟି ଲଜ୍ଜାର ସବୁ ସୀମା ସରହଦକୁ ପାର କରିଯାଇଛି । ରାଜ୍ୟ, ଦେଶ ଏବଂ ସର୍ବୋପରି ସମଗ୍ର ବିଶ୍ୱରେ ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଚର୍ଚ୍ଚା ଗୋଟିଏ ପ୍ରଶ୍ନକୁ ବାରମ୍ବାର ଚିତ୍ରିତ କରୁଛି ଏକବିଂଶ ଶତାବ୍ଦୀର ବିକଶିତ ମାନବ ସଭ୍ୟତା ଏହି ବର୍ବରୋଚିତ ଘଟଣାଟିକୁ ଇତିହାସ ପୃଷ୍ଠାରେ କେମିତି ଲିପିବଦ୍ଧ କରିବ  !

ତେବେ ବିଳମ୍ବରେ ପ୍ରଘଟ ହୋଇଥିବା ଭିଡିଓର ଉତ୍ସ ଏବଂ ତଜ୍ଜନିତ ବାଦ ବିବାଦ ଆମ ରାଜନୀତି ପୃଷ୍ଠଭୂମିରେ ଭିନ୍ନ ଭିନ୍ନ ମୋଡ଼ ନେବ, ଏ କଥା କହିବା ନିଃଷ୍ପ୍ରୟୋଜନ । ଏତାଦୃଶ କଳଙ୍କିତ ଅଧ୍ୟାୟ ଆଗାମୀ ପିଢ଼ିକୁ ଯେଉଁ ସନ୍ଦେଶ ପ୍ରଦାନ କରିବ ତାହା ଅକ୍ଳେଶରେ ଅନୁମେୟ । ତେବେ ପୂର୍ବରୁ ଏମିତି ନାରକୀୟ ଘଟଣା ଘଟିନାହିଁ ବୋଲି କହିବା ସତ୍ୟର ଅପଳାପ ହେବ । ଅତୀତରେ ୧୯୮୦ ମସିହାରେ ଉତ୍ତର ପ୍ରଦେଶରେ ଘଟିଥିବା ଏହିପରି ଏକ ଲଜ୍ଜାଜନକ ଓ ସମ୍ବେଦନଶୀଳ ଘଟଣାରେ ଜଣେ ସାଧାରଣ ମହିଳା ମାୟା ତ୍ୟାଗୀଙ୍କୁ ଯେପରି ଭାବେ ନିର୍ଯାତନା ଭୋଗିବାକୁ ପଡିଥିଲା ତାହା ଏବେ ବି ଭାରତୀୟଙ୍କ ମାନସ ପଟରେ ଉଜ୍ଜୀବିତ । ଏତଦବ୍ୟତୀତ ବର୍ତ୍ତମାନ ଆମ ଦେଶର କେତେକ ରାଜ୍ୟରେ ଅଶାଳୀନ ବ୍ୟବହାରର ଶିକାର ହୋଇ ମହିଳାମାନଙ୍କୁ ଏହିଭଳି ଦୁର୍ବିସହ ଅବସ୍ଥା ଦେଇ ଗତି କରିବାକୁ ପଡୁଛି । ଏତାଦୃଶ ଲଜ୍ଜାଜନକ ପରିସ୍ଥିତକୁ ଟାଳିବାକୁ ହେବ । ପ୍ରଚଳିତ ନିୟମ କାନୁନମଧ୍ୟରେ ଦୋଷୀମାନଙ୍କୁ ଉଚିତ ଦଣ୍ଡବିଧାନ କରାଯାଇ ନିର୍ଯ୍ୟାତିତ ମହିଳାଙ୍କୁ ନ୍ୟାୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଦାନ ନିମନ୍ତେ ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ଏକାଠି ହେବାକୁ ପଡିବ । ଏଠାରେ ରାଜନୈତିକ ବୟାନବାଜିର ସ୍ଥାନ ନାହିଁ । ହେଲେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଅଧିକ ମନେ ହୁଏ । ଭିଡିଓ ପ୍ରଘଟ ହେବା ପରେ ପରେ ପ୍ରଧାନମନ୍ତ୍ରୀଙ୍କ ସାମୟିକ ନୀରବତା ଏବଂ ପରେ ସ୍ୱଳ୍ପ ବୟାନ ସ୍ଥିତିର ଗମ୍ଭୀରତାକୁ ଆହୁରି ଜଟିଳ କରି ଦେଇଛି । ବିରୋଧୀଦଳ ଗୁଡିକ ଏହା ଉପରେ ସଂସଦ ଭିତରେ ବିସ୍ତୃତ ଆଲୋଚନା କରିବାକୁ ଦାବି କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ସେମାନଙ୍କ ଉପରେ ନକାରାତ୍ମକ ମନ୍ତବ୍ୟ ଅନ୍ୟ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିଛି । ଅନ୍ୟ ପଟରେ ଗୃହମନ୍ତ୍ରୀ ଘଟଣା ଉପରେ ଚର୍ଚ୍ଚା କରିବାକୁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହୁଛନ୍ତି । ତେବେ କୌତୁହଳର ବିଷୟ ହେଉଛି ନିଜ ନିଜର ଜିଦରେ ଅଟଳ ରହି ସରକାର ଏବଂ ବିରୋଧୀ ଦଳମାନେ ଯେଉଁ ଆଭିମୁଖ୍ୟ ବ୍ୟକ୍ତ କରୁଛନ୍ତି ତାକୁ ଜନସାଧାରଣ ଠିକ ଭାବରେ ଗ୍ରହଣ କରିପାରୁ ନାହାନ୍ତି । ତତ୍କାଳ ପଦକ୍ଷେପ ସ୍ୱରୂପ ପ୍ରଶାସନ କିଛି ଅଭିଯୁକ୍ତଙ୍କୁ ଗିରଫ କରିସାରିଛି । ଜନ ଆକ୍ରୋଶର ପ୍ରାବଲ୍ୟରେ ମୁଖ୍ୟ ଅଭିଯୁକ୍ତର ଗୃହଦାହ ଦୁର୍ବଳ ଶାସନର ଆଉ ଏକ ପ୍ରତିଛବି । ବିରୋଧୀ ଦଳଙ୍କ ଏକ ପ୍ରତିନିଧି ମଣ୍ଡଳ ଏହାମଧ୍ୟରେ ହିଂସାଗ୍ରସ୍ତ ଅଂଚଳ ପରିଦର୍ଶନ କରିଛନ୍ତି ମଧ୍ୟ । ସମସ୍ତଙ୍କର ରାୟ ଗୋଟିଏ, ଦୋଷୀଙ୍କୁ କଠୋର ଶାସ୍ତି ମିଳୁ । କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ମଧ୍ୟ ସ୍ୱଷ୍ଟ । ତେବେ କାର୍ଯ୍ୟପନ୍ଥା ବିଳମ୍ବ ହେଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କ୍ଷୋଭ ପ୍ରକାଶ କରି କହିଛନ୍ତି ଯଦି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି,ତେବେ କୋର୍ଟ ନିଜ ଆଡୁ ହସ୍ତକ୍ଷେପ କରିବାକୁ ବାଧ୍ୟ ହେବେ । ଏସବୁ ଭିତରେ ବିଦେଶୀ ଶକ୍ତିଙ୍କ ପରୋକ୍ଷ ସମ୍ପୃକ୍ତି ରହିଥିବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି ।

ମୂଳ ପ୍ରସଙ୍ଗଟିକୁ ମଣିପୁରର ସାମ୍ପ୍ରତିକ ପରିସ୍ଥିତି ଓ ଘଟଣାବଳୀ ପରିପ୍ରେକ୍ଷୀରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋଚନା କରିବା ପ୍ରାସଙ୍ଗିକ ମନେ ହୁଏ । ସେଥିପାଇଁ ଏହି ପ୍ରଦେଶ ବିଷୟରେ ସମ୍ୟକ ଧାରଣା ଦେବାର ଆବଶ୍ୟକତା ରହିଛି । ସ୍ୱାଧୀନତା ସମୟରେ ମଣିପୁର ସାମ୍ରାଜ୍ୟ ନାମରେ ଥିବା ଏହି ଭୂଖଣ୍ଡ ୧୯୪୯ ମସିହାରେ ସ୍ୱାଧୀନ ଭାରତର ଅଂଶୀଦାର ହୋଇ ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରଶାସିତ ଅଂଚଳଭାବେ ୧୯୫୬ରେ ଯୋଗ ଦେଇଥିଲା ଏବଂ ୧୯୭୨ ମସିହା ପର୍ଯ୍ୟନ୍ତ ଏହାର ସ୍ଥିତି ଅପରିବର୍ତ୍ତିତ ରହିଥିଲା । ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଏହି ପ୍ରଦେଶଟି ୧୯୭୨ ମସିହାରେ କେନ୍ଦ୍ରଶାସିତ ଅଂଚଳ ପାହ୍ୟାରୁ ୧୯ତମ ରାଜ୍ୟ ଭାବେ ମାନ୍ୟତା ପାଇଥିଲା । ପ୍ରାୟ ୩୩ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ଏହି ରାଜ୍ୟ ଜନସଂଖ୍ୟା ଆଧାରରେ ଦେଶର ୨୩ତମ ପ୍ରଦେଶ ଭାବେ ପରିଗଣିତ । ଲୋକ ସଂଖ୍ୟାର ୩୦ ଭାଗ ସହରାଂଚଳରେ ବାସ କରୁଥିବା ବେଳେ ଅବଶିଷ୍ଟ ସିଂହ ଭାଗ ଗ୍ରାମାଞ୍ଚଳର ଅଧିବାସୀ । ଲିଙ୍ଗ ଅନୁପାତକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏଠାରେ ପ୍ରତି ୧୦୦୦ ଜଣ ପୁରୁଷଙ୍କ ତୁଳନାରେ ୯୮୫ ଜଣ ମହିଳା ବାସ କରନ୍ତି । ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାଜ୍ୟର ସାକ୍ଷରତା ହାର ୭୭ ପ୍ରତିଶତ ଏବଂ ଜାତୀୟ ସ୍ତରରେ ଏହାର ସ୍ଥାନ ୧୮ରେ ରହିଛି । ଷୋଳଟି ଜିଲା ଥିବା ଏହି ରାଜ୍ୟରେ ୨ଟି ଲୋକସଭା ଆସନ, ୧ଟି ରାଜ୍ୟସଭା ଆସନ ରହିଥିବା ବେଳେ ଏକ ସଦନୀୟ ବିଧାନସଭାର ସିଟ ସଂଖ୍ୟା ୬୦ ।

ଏହି ପ୍ରଦେଶର ଭାଷା ଓ ଲିପି ହେଉଛି ମୈତେଇ । ଏଠାରେ ବିଜେପି ଶାସିତ ମନ୍ତ୍ରିମଣ୍ଡଳର ମୁଖ୍ୟ ହେଉଛନ୍ତି ଚଉଦ ବର୍ଷଧରି ସୀମା ସୁରକ୍ଷା ବଳରେ କାର୍ଯ୍ୟ କରି ରାଜନୀତିକୁ ଆସିଥିବା ଜଣେ ସେନା ଅଧିକାରୀ ନଙ୍ଗଥୋମବମ ବୀରେନ ସିଂ । ସନ ୨୦୦୨ ମସିହାରୁ ରାଜନୀତିରେ ପାଦ ଥାପିଥିବା ଏହି ରାଜନେତାଂକ ରାଜ୍ୟ ଶାସନରେ ଢେର ଅଭିଜ୍ଞତା ରହିଛି, ମାତ୍ର କଥିତ ଘଟଣାରେ ତାଙ୍କର କାର୍ଯ୍ୟକଳାପକୁ ନେଇ ଲୋକେ ସନ୍ଦିହାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏବଂ ସେହି କାରଣରୁ ସେ ରାଜ୍ୟବାସୀଙ୍କ ଆସ୍ଥା ହରାଇଥିବା ପରିପ୍ରେକ୍ଷୀରେ ଇସ୍ତଫା ଦେବାକୁ ଦାବି ହେଉଛି । ଏହାର କାରଣ ସ୍ୱରୂପ କୁହାଯାଉଛି ଯେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏତେ ଦୁର୍ବଳ ଯେ ଗଣଦୁଷ୍କର୍ମର ଶିକାର ହୋଇଥିବା ଜଣୈକ ମହିଳା ପୀଡ଼ିତାଙ୍କ ସ୍ୱାମୀ ଜଣେ ଆସାମ ରେଜିମେଣ୍ଟର ଅବସରପ୍ରାପ୍ତ ସେନା ଯବାନ ଯିଏ କାର୍ଗିଲ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । ସୁବେଦାର ଭାବରେ କାର୍ଯ୍ୟ କରିଥିବା ସେହି ଯବାନ ଦୁଃଖର ସହ କୁହନ୍ତି, 'ମୁଁ କାର୍ଗିଲ ଯୁଦ୍ଧରେ ଦେଶପାଇଁ ଲଢ଼ିଲି ଏବଂ ଭାରତୀୟ ଶାନ୍ତି ରକ୍ଷାକରି ବାହିନୀରେ ଭାଗ ନେଇ ଶ୍ରୀଲଙ୍କାରେ ଲଢ଼ିଚି, ମାତ୍ର ଅନ୍ୟକୁ ସୁରକ୍ଷା ଦେଇ ମୁଁ ଏବେ ନିଜ ପରିବାର, ପତ୍ନୀ ଓ ଅନ୍ୟ ଗ୍ରାମବାସୀଙ୍କୁ ସୁରକ୍ଷା ଦେଇପାରିଲି ନାହିଁ । ଏହା ମୋତେ ଅନେକ ପୀଡା ଦେଇଛି' କହି ସେ ଖୁବ ଭାଙ୍ଗି ପଡିଛନ୍ତି । ଏହାବାଦ, ଦୁଇ ମହିଳାଙ୍କ ପ୍ରତି ହୋଇଥିବା ବର୍ବର କାଣ୍ଡର ସ୍ଥାନ ସେହି ପୁଲିସ ଷ୍ଟେସନ ଠାରୁ ମାତ୍ର ୧ କିଲୋମଟର ଦୂରରେ ଅବସ୍ଥିତ ଯାହାକୁ ୨୦୨୦ ମସିହାରେ କେନ୍ଦ୍ର ସରକାର ସର୍ବଶ୍ରେଷ୍ଠ ପୁଲିସ ଷ୍ଟେସନର ମାନ୍ୟତା ଦେଇ ପୁରସ୍କୃତ କରିଥିଲେ ।

କୁକି - ଜୋ ସମ୍ପ୍ରଦାୟ ଏବଂ ମୈତେଇଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ବିଛିନ୍ନତାବାଦ ଆଡକୁ ମୁହାଁଉଛି । ରାଜ୍ୟରେ ପ୍ରାୟ ୫୩ ପ୍ରତିଶତ ହିନ୍ଦୁ ମୈତେଇ ସମ୍ପ୍ରଦାୟ ସ୍ୱଳ୍ପ ସ୍ଥାନରେ ରହୁଥିବାବେଳେ ୪୦ ପ୍ରତିଶତ କୁକି ଓ ନାଗା ଆଦିବାସୀ ଅଧିକ ଅଂଚଳରେ ବସବାସ କରୁଛନ୍ତି । ଏଠାରେ ଧାର୍ମିକ ବିଦ୍ୱେଷ ସହିତ ନିଜ ନିଜର ଆଧିପତ୍ୟ ବିସ୍ତାର ଲାଗି ଚେଷ୍ଟିତ ଦୁଇ ଗୋଷ୍ଠୀଙ୍କ ପ୍ରୟାସ ଯୋଗୁଁ ଅନେକ ଦିନ ଧରି ସଂଘର୍ଷ ବଳବତ୍ତର ରହିଛି । ମଣିପୁରର ଦୁଃଖ ଲାଘବ ପାଇଁ ଏକ ସରକାରର ଆବଶ୍ୟକତା ରହିଛି ଯିଏ ଏଠାରେ ସୁଶାସନ ଦେଇ ପାରିବ । ଏଥକୁ ମୁଖ୍ୟମନ୍ତ୍ରୀ ମହୋଦୟ, ଗୃହମନ୍ତ୍ରୀ ଏବଂ ସର୍ବୋପରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୋକପ୍ରିୟ ପ୍ରଧାନମନ୍ତ୍ରୀ ପ୍ରାଥମିକତା ଦେଲେ ଜଳୁଥିବା ମଣିପୁର ଶାନ୍ତ ହେବା ସଂଗେ ସଂଗେ ଦେଶବାସୀ ଆସ୍ୱସ୍ତି ନେବେ ।  ଅନ୍ୟ ବିକଳ୍ପ ସ୍ୱରୂପ ରାଜ୍ୟରେ ଆଉ ଜଣେ ମୁଖ୍ୟଙ୍କ ନିଯୁକ୍ତି ସମ୍ଭବତଃ ପରିସ୍ଥିତିକୁ କିଛି ସଂଜୀବନୀ ପ୍ରଦାନ କରିପାରେ । କେନ୍ଦ୍ର ସରକାର ଏହି ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରିଛନ୍ତି । ତଦନ୍ତ ରିପୋର୍ଟ ଯଥାଶୀଘ୍ର ଉପସ୍ଥାପିତ ହେଲେ ଉପଯୁକ୍ତ ପଦକ୍ଷେପ ନିଆଯାଇ ମଣିପୁରରେ ପୂର୍ବ ସ୍ତିତି ଫେରେଇ ଆଣିବା ସମ୍ଭବ ହେବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । ଅତ୍ୟନ୍ତ ଖୁସିର କଥା, ନିକଟରେ ବିରୋଧୀ ଦଳଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ମହୋଦୟ ସଦନରେ ନିଜର ମନ୍ତବ୍ୟ ରଖି ମଣିପୁରରେ 'ଶାନ୍ତିର ସୂର୍ଯ୍ୟ ଉଇଁବ' ର ଯେଉଁ ଦୃଢ ପ୍ରତିଶ୍ରୁତିର ବାର୍ତ୍ତା ଦେଇଛନ୍ତି ତାହା ନିଶ୍ଚିତ ଭାବେ ଦୀର୍ଘ ଦିନ ଧରି ଲାଗିରହିଥିବା ଅଶାନ୍ତ ବାତାବରଣକୁ ପ୍ରତିହତ କରିବ । ଏଥିରେ ସବୁ ଦେଶବାସୀ ଆଶ୍ୱସ୍ତ ହେବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କୃତ୍ରିମ ବୁଦ୍ଧିମତା



ଚନ୍ଦନ କୁମାର ଜେନା

ବୁଦ୍ଧିମତା କଣ ? ବୁଦ୍ଧିମତା ହେଉଛି ଏକ ବିଶେଷ ଗୁଣ; ଯାହାର କି ବ୍ୟବସାୟ କରାଯାଇ ପାରିବନି କି ଚୋରି କରାଯାଇ ପାରିବ ନାହିଁ, ଯାହାକୁ କି ହ୍ରାସ କରାଯାଇ ପାରିବ ନାହିଁ କି ବହୁଗୁଣିତ କରାଯାଇ ପାରିବ ନାହିଁ । ଅର୍ଥାତ୍ ବୁଦ୍ଧି ହେଉଛି ଏକ ଜନ୍ମ ପ୍ରାପ୍ତ ଶସ୍ତ୍ର ଯାହା ବଳରେ ସମସ୍ତ ଜାଗତିକ ବସ୍ତୁକୁ ହାସଲ କରି ହେବ । ଉଦାହରଣ ସ୍ୱରୂପ ସମ୍ରାଟ ଆକବର ନିଜର ବୁଦ୍ଧି ବଳରେ ମାତ୍ର ତେର ବର୍ଷ ବୟସରୁ ରାଜ୍ୟ ଭାର ସମ୍ଭାଳି ଭାରତ ବର୍ଷ ର ଏକ ମହାନ ରାଜା ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ ।

ସାମ୍ପ୍ରତିକ ସମାଜରେ କୃତ୍ରିମ ବୁଦ୍ଧିମତା ବୈଷୟିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଅୟମ୍ ଆରମ୍ଭ କରିଛି । ମାତ୍ର, ବାସ୍ତବରେ କଣ ଏ କୃତ୍ରିମ ବୁଦ୍ଧିମତା ? କୃତ୍ରିମ ବୁଦ୍ଧିମତା ହେଉଛି ମଣିଷର କିମ୍ବା ପଶୁ ମାନଙ୍କର ବୁଦ୍ଧି ସ୍ଥାନରେ ମେସିନ୍ ବା ସଫ୍ଟୱେୟାର୍ ର ବୁଦ୍ଧି । ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଯେ ଆଗାମୀ କିଛି ଦଶନ୍ଧି ମଧ୍ୟରେ ମେସିନ୍ ମଣିଷ ର ସ୍ଥାନ ନେବ ।

"ଭିମସ୍ୟାପି ରଣେ ଭଙ୍ଗ, ମୁନି ଋଷି ମତିଭ୍ରମ "- ଶ୍ରୀମଦ୍ ଭଗବତର ଶ୍ଲୋକ । ଅର୍ଥାତ୍, ଭୀମ ଭଳି ମହାନ୍ ଗଦାଧରୀ ବି ଯୁଦ୍ଧରେ ହାରିଯାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ ଅଖଣ୍ଡ ବ୍ରହ୍ମଚର୍ଯ୍ୟଧାରୀ ମୁନି ଋଷିଙ୍କର ବି ବେଳେବେଳେ ମନସ୍ଥିର ହୋଇପାରେ ନାହିଁ । ବାସ୍ତବରେ ମନୁଷ୍ୟ ଭୁଲ୍ କରିବା ସ୍ୱାଭାବିକ । ମାତ୍ର ମନୁଷ୍ୟର ଏହି ଭୁଲରେ ବିରାମ ତଥା ପୂର୍ଣ୍ଣଚ୍ଛେଦ ଲଗାଇପାରିବ କୃତ୍ରିମ ବୁଦ୍ଧିମତା । ତାହା ସରଳ ବୀଜଗଣିତ, ପରିମିତି, ତ୍ରିକୋଣମିତି ହେଉ ଅଥବା ଜଟିଳ କମ୍ପ୍ୟୁଟର ଭାଷା, କୋଡ଼ିଂକୁ ବୁଝିବା ହେଉ କୃତ୍ରିମ ବୁଦ୍ଧିମତା ଏସବୁକୁ ସ୍ୱଳ୍ପ କ୍ଷଣ ମଧ୍ୟରେ ନିର୍ଭୁଲ ଭାବେ କରିପାରିବ । ବଡ଼ ବଡ଼ ଶିଳ୍ପରେ ଗୋଟିଏ ଗୋଟିଏ ଛୋଟ ମନୁଷ୍ୟକୃତ ଭୁଲ୍ ମାଲିକଙ୍କର କୋଟି କୋଟି ଟଙ୍କାର କ୍ଷତି କରିଦିଏ, ମାତ୍ର କୃତ୍ରିମ ବୁଦ୍ଧିମତା ଠାରୁ ଏହା କେବେବି ଆଶା କରାଯିବ ନାହିଁ ।

ଉଦାହରଣ ସ୍ୱରୂପ ନିକଟ ଅତୀତରେ ଏକ ଘରୋଇ ମେଡ଼ିସିନ୍ କାରଖାନାରେ ଷ୍ଟିକରିଂ ଜନିତ ସମସ୍ୟା ପାଇଁ କମ୍ପାନୀ ମାଲିକଙ୍କୁ ୧୦୦ କୋଟିର କ୍ଷତି ସହିବାକୁ ପଡ଼ିଥିଲା ।

ଆହୁରିମଧ୍ୟ ତାହା ବୈଷୟିକ ବିଜ୍ଞାନ ହେଉ ଅଥବା ଚିକିତ୍ସା ବିଜ୍ଞାନ; ଯେଉଁ କାର୍ଯ୍ୟକୁ ବହୁ ବିଜ୍ଞାନୀ ଘଣ୍ଟା ଘଣ୍ଟାର ପରୀକ୍ଷଣ ଆଉ ପରିଶ୍ରମ ପରେ କରିପାରୁଥିଲେ ତାକୁ ଆଜି କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ଏକ ସାଧାରଣ ଲୋକ କ୍ଷଣକ ମଧ୍ୟରେ କରିପାରୁଛି । ଉଦାହରଣସ୍ୱରୂପ ଅପରାଧ ସ୍ଥଳୀରୁ ମିଳିଥିବା ସାମ୍ପଲ ହେଉ ଅବା ପିତା ମାତା ଚିହ୍ନଟ ପ୍ରଣାଳୀରେ ହେଉ କୃତ୍ରିମ ବୁଦ୍ଧିମତା କିଛି କ୍ଷଣ ମଧ୍ୟରେ DNA Finger printing ମାଧ୍ୟମରେ ଫଳାଫଳ ଦେଖାଇଦେବ । କଣ ଏହା ମନୁଷ୍ୟ ସଫଳତା ଦିଗରେ ଆଉ ଏକ ପଦକ୍ଷେପ ନୁହଁକି ?

ଆହୁରିମଧ୍ୟ ପାଣିପାଗ ବିଜ୍ଞାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଦୃଶ୍ୟମାନ ସଫଳତା ଯୋଗୁଁ ପାଣିପାଗ ବିଭାଗ ଘୂର୍ଣିବାତ୍ୟା, ଝଡ଼ର ବହୁ ସମୟ ଆଗରୁ ଜନ ସାଧାରଣ ତଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରଙ୍କୁ ସୂଚନା ଦେଇପାରୁଚି । ଭୂବିଜ୍ଞାନ କ୍ଷେତ୍ରରେ ଏହା ଜଳ ଠୁଁ ଆରମ୍ଭ କରି ହୀରା ପୁଣି ଆଦିମାନବଙ୍କର ଭୂତଳ ଅବସ୍ଥିତିକୁ ମଧ୍ୟ ଅତିସହଜରେ ଜଣାଇଦେଉଛି, ଖାଲି ସେତିକି ନୁହଁ ଭୂକମ୍ପର ମଧ୍ୟ ଶୀଘ୍ରାନୁମାନ କରିପାରୁଛି ।

ତଥାବି ମନୁଷ୍ୟର ଉଚ୍ଚାଭିଳାଶ ଏଇଠି ସରିନି, ଅନ୍ତରୀକ୍ଷ ଅନୁସନ୍ଧାନ କ୍ଷେତ୍ରରେ ମଧ୍ୟ ବୈଜ୍ଞାନିକମାନଙ୍କୁ ନ ପଠାଇ କୃତ୍ରିମବୁଦ୍ଧିମତା ସମ୍ପନ୍ନ ଯନ୍ତ୍ର ମାନବକୁ ଛଡାଯାଉଛି । ଏହା ନିଶ୍ଚୟ ବୈଜ୍ଞାନିକଙ୍କର ବହୁମୂଲ୍ୟ ଜୀବନକୁ ସଙ୍କଟରୁ ଉଦ୍ଧାର କରୁଛି । ଏହା ବ୍ୟତୀତ ରକେଟ୍ ଉତକ୍ଷେପଣ, କ୍ଷେପଣାସ୍ତ୍ର ଉତକ୍ଷେପଣରେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି । ଉଦାହରଣ ପାଇଁ ନିକଟରେ ଭାରତ ଦ୍ୱାରା ଉତ୍‌କ୍ଷେପିତ ଚନ୍ଦ୍ରୟାନ -୩ ର ରୋଭର୍ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇ ଚନ୍ଦ୍ରପୃଷ୍ଠରେ ପରୀକ୍ଷଣ କରିବ ।

ଏତେସବୁ ସଫଳତା ପରେ ମନେ ହୁଏ ଯେପରି, ଆଜିର ସମାଜରେ କୃତ୍ରିମ ବିଜ୍ଞାନ ନିହାତି ଭାବେ ଏକ ଗଭୀର ଛାପ ଛାଡ଼ିଛି । ମାତ୍ର ଭାବିଲେ ଏତେସବୁ ଉପକାର କରୁଥିବା ମାନବକୃତ ଏହି ଯନ୍ତ୍ର ମାନବ ଦିନେ ଯନ୍ତ୍ର ମାନବ ସାଜି ମାନବ ସମାଜର ବିଲୟର କାରଣ ସାଜିବନି ତ ! କୃତ୍ରିମ ବୁଦ୍ଧିମତା କ୍ଷେତ୍ରର ଜଣେ ବିଶିଷ୍ଟ ବୈଜ୍ଞାନିକ କହିଛନ୍ତି କି "ଏହା ଦିନେ ମନୁଷ୍ୟ ସମାଜର ବିଲୟର କାରଣ ସାଜିବ" । Space Xର ମାଲିକ Elon Muskଙ୍କ ଭାଷାରେ - "କୃତ୍ରିମ ବୁଦ୍ଧିମତା ଜନିତ ବିଭୀଷିକା ପରମାଣୁ ବୋମା ପ୍ରୟୋଗର କ୍ଷୟ କ୍ଷତି ଠୁଁ ଅଧିକ ହେବ ।" ଏହାର ଏକ ଉଦାହରଣ ହେଉଛି ତେଲୁଗୁ ଚଳଚିତ୍ର " RRR" ।

ଥରେ ଭାବିଲେ ମାନବ ଠାରେ ସିନା ମାନବିକତା, ନୈତିକତା, ଭାବାବେଗ ଆଦି ଗୁଣ ଅନ୍ତର୍ନିହିତ, ତାହା କଣ ଯନ୍ତ୍ରମାନବ ଠାରେ ମଧ୍ୟ ଉପଲବ୍ଧ କି ? କୃତ୍ରିମ ବୁଦ୍ଧିସମ୍ପନ୍ନ ଯନ୍ତ୍ର ମାନବଟିଏ ହୋଇପାରେ କାମକୁ ସରଳରେ ଆଉ ସ୍ୱଳ୍ପ ସମୟରେ ସଠିକ୍ ଭାବେ କରିଦେବ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ସେ କଣ ଚିନ୍ତା କରିବ ? ମାନବ ସମାଜ ପ୍ରତି ହଉ ଅଥବା ପରିବେଶ ପ୍ରତି ଏହାର କଣ ପ୍ରଭାବ ରହୁଛି ।

ସେହିଭଳି ସମସ୍ତ କ୍ଷେତ୍ରରେ ଯଦି କୃତ୍ରିମ ବୁଦ୍ଧିମତା ମନୁଷ୍ୟମାନଙ୍କୁ ଅପସାରିତ କରିବ ତାହେଲେ ମନୁଷ୍ୟ ମାନେ ନିଜ ଜୀବିକା ହରେଇ ବସିବେନି କି । ଏହି କିଛିଦିନ ହେବ ଖବର ଆସିଥିଲା କି ଓଡ଼ିଶାର ଏକ ଘରୋଇ ଖବର ପ୍ରସାରଣ ମାଧ୍ୟମରେ , ନୂଆ ରୂପରେ ଯନ୍ତ୍ର ମାନବ ସାମ୍ବାଦିକା (ଲିସା)କୁ ସମ୍ବାଦ ପଢ଼ିବାର ଦାୟିତ୍ୱ ମିଳିଛି । ନିଶ୍ଚିତ ଏହାକୁ ଅନ୍ୟ ଗଣମାଧ୍ୟମ ମାନେ ଅନୁକରଣ କରିବେ । ନିହାତି ଏହା ସାମ୍ବାଦିକ ସମାଜ ଆଉ ତାଙ୍କ ପରିବାର ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି ।

ଖାଲି ଏତିକି ନୁହଁ; କୃତ୍ରିମ ବୁଦ୍ଧିମତା ନକଲି ଭିଡ଼ିଓ, ଫଟୋକୁ ଅତି କମ୍ ସମୟ ମଧ୍ୟରେ ପ୍ରସ୍ତୁତ କରି ଦେଉଚି, ଯାହାକୁ କରିବା ପାଇଁ ଜଣେ ଦକ୍ଷ ବ୍ୟକ୍ତିକୁ ଘଣ୍ଟା ଘଣ୍ଟାର ସମୟ ଲାଗିଥିଲା । ସହଜରେ ବୁଝିବାକୁ ଗଲେ ଏହା ଅପରାଧକୁ ବହୁଗୁଣିତ କରିବାରେ ସହାୟକ ହେଉଛି । ନିକଟ ଅତୀତରେ ଆମେରିକାର ପୂର୍ବତନ ରାଷ୍ଟ୍ରପତିଙ୍କର ଏକ ନକଲି ଭିଡ଼ିଓ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତେଣୁ ଏହା ଆମ ପାଇଁ ଏକ ସତର୍କ ଘଣ୍ଟି ନିଶ୍ଚିତ, କାରଣ ଆନ୍ତର୍ଜାତୀୟ କ୍ଷେତ୍ରରେ ଏସବୁ ପାଇଁ ବହୁତ୍ ବଡ଼ ମୂଲ୍ୟଦେବାକୁ ପଡ଼େ । ଚିନ୍ତା କଲେ ଟିକିଏ, ଯଦି ଏପରି କିଛି ଘଟଣା ଆମ ଦେଶର ନେତାଙ୍କ ସହ ଘଟେ, ତେବେ ଦେଶର ଐକ୍ୟ ପ୍ରତି ଏହାର କଣ ପ୍ରଭାବ ରହିବ ।

ଉତ୍ପାଦନ କ୍ଷେତ୍ରରେ ମଧ୍ୟ ବିକାଶଶୀଳ ଦେଶମାନେ ସିନା ଏହି କୃତ୍ରିମ ବୁଦ୍ଧିମତାର ସଠିକ୍ ଉପକାରିତା ନେଇ ପାରିବେ ଆଉ ଅଧିକ ବିକାଶଶୀଳ ହେବେ, ହେଲେ କ୍ଷୁଦ୍ର, ଗରିବିଗ୍ରସ୍ଥ ଦେଶ ବହୁ ପଛରେ ରହିଯିବେ । ଉଦାହରଣ ସ୍ୱରୁପ ଶ୍ରୀଲଙ୍କା ପରି ଦେଶ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଯାହାର ବିଦେଶୀ ବିନିମୟ ଦିନକୁ ଦିନ କମି ଚାଲିଛି ସେ ଦେଶ ତ ବହୁତ୍ ପଛରେ ରହିଯିବ । ନିଶ୍ଚୟ ଏକ ସାମାଜିକ ଅସମାନତା ନିଶ୍ଚୟ ଦେଖାଯିବ ।

ମୁଦ୍ରାର ଦୁଇ ପାର୍ଶ୍ୱ ପରି ପ୍ରତ୍ୟେକ ଜାଗତିକ ବସ୍ତୁର ଉପକାରିତା ଏବଂ ଅପକାରିତା ପରସ୍ପର ପରିପୂରକ । ଏଥିପାଇଁ ସରକାର, ମିଳିତ ଜାତିସଂଘ ଏମାନେ ଆଗକୁ ଆସି କଠୋର ନିୟମ କରିବା ଉଚିତ୍, ଯେପରି ଏହାର ଦୁରୁପଯୋଗକୁ ଯଥାସମ୍ଭବ ହ୍ରାସ କରାଯାଇ ପାରିବ । ତେଣୁ ଯଦି ଆମେ ସମସ୍ତ କ୍ଷେତ୍ରରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା କରିପାରିବା; ବିଜ୍ଞାନର ଏହି ପଦକ୍ଷେପ ଟି ପ୍ରଗତି ଆଡକୁ ଆଉ ଏକ ପାଦ ହେବ ।

-ଚନ୍ଦନ କୁମାର୍ ଜେନା

-ଫାର୍ମାସୀରେ ସ୍ନାତକ( ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଯୌତୁକ ଏକ ସାମାଜିକ ବ୍ୟାଧି



ସୌମ୍ୟରଞ୍ଜନ ପାଢ଼ୀ

"ଦୁହିତା ଦୁଇ କୁଳକୁ ହିତା" ଏହି ଉଦ୍ଧୃତାଶଟି ଆମେ ପିଲା ଦିନରୁ ଶୁଣି ଆସିଛନ୍ତି । ଦୁହିତାର ଅର୍ଥ ହେଉଛି ଯିଏ ଦୁଇ କୁଳର ମହତ୍ତ୍ୱ ରଖେ ତାକୁ ଆମେ ଦୁହିତା କୁହନ୍ତି । ଝିଅଟିଏ ଜନ୍ମ ହୋଇ ଅବିବାହିତ ଯାଏ ନିଜ ବାପଘରର ବିକାଶର ସହାୟକ ହୋଇଥାଏ ଏବଂ ବିବାହ ପରେ ଯେବେ ଶାଶୁଘରକୁ ଯାଏ ସେଠି ମଧ୍ୟ ସେ ତାର ଶାଶୁଘରର ଉନ୍ନତି ଦିଗରେ ଧ୍ୟାନ ଦେଇ ଏଥିରେ ସହଯୋଗର ହାତ ବଢାଏ । ଏଣୁ ଝିଅଟିଏ ଜନ୍ମ ନେଲେ ଓଡ଼ିଆ ଘରର ଲକ୍ଷ୍ମୀ ଘରକୁ ଆଗମନ କରନ୍ତି ବୋଲି ବିଶ୍ୱାସ ରହିଛି । ହେଲେ ଥରେ ଚିନ୍ତା କରନ୍ତୁ ପକେଟରେ ଥିବା କଲମ ଯଦି କିଏ ମାଗେ, ଆମେ ଦେବାକୁ କୁଣ୍ଠାବୋଧ କରୁ କିନ୍ତୁ କେବେ ଭାବିଛନ୍ତି ଗୋଟେ ବାପା ମା ନିଜ ଝିଅଟିକୁ ଛୋଟରୁ ବଡ କଲା ପରେ ନିଜ ହୃଦୟର ଖଣ୍ଡକୁ ଅନ୍ୟ ହାତରେ ଟେକି ଦିଅନ୍ତି । କିନ୍ତୁ ଦୁନିଆର ଏମିତି କିଛି ଲୋକ ଅଛନ୍ତି, ଏମିତି ମୂଲ୍ୟବାନ ଜିନିଷ ନେଲାପରେ ବି ସମ୍ପତ୍ତି ମାଗନ୍ତି ଯାହାକୁ ଆମେ ଖାଣ୍ଟି ଓଡିଆରେ ଯୌତୁକ କୁହନ୍ତି ।

ଯୌତୁକର ଏହି ପ୍ରଥା ପ୍ରାଚୀନ କାଳରୁ ରହିଆସିଛି ବିଶେଷକରି ଭାରତର ହିନ୍ଦୁ ସମାଜର ବିବାହ ପ୍ରଥା ଯୌତୁକ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଛି । ଝିଅଟିଏ ବାହା ଦେଲେ କନ୍ୟାର ପିତା ବରକୁ ଅର୍ଥ, ଯାନ, ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଦେଇଥାନ୍ତି । କନ୍ୟାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟ ଚଳଣି ପାଇଁ କଂସା ବାସନ, ଲୁଗାପଟା ଉପକରଣ ବାପଘରୁ ଦିଆଯାଏ । ଏ ସମସ୍ତ ଯୌତୁକ ରୂପେ ମଧ୍ୟ ଅଭିହିତ । ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ତାଙ୍କୁ କିଛି ଉପହାର ମଧ୍ୟ ଦେଇଥାନ୍ତି । ଯୌତୁକର ପରିମାଣ ଯେ ପର୍ଯ୍ୟନ୍ତ କନ୍ୟା ପିତାର ଶକ୍ତି ଓ ଇଚ୍ଛା ଉପରେ ନିର୍ଭର ଥିଲା ସେ ପର୍ଯ୍ୟନ୍ତ ଠିକ୍ ଥିଲା ଅଧୁନା ଆଧୁନିକ ସମାଜରେ ବରପକ୍ଷଙ୍କ ଯୌତୁକ ଦାବି ଅନେକ ସମସ୍ୟା ସୃଷ୍ଟି କରୁଛି ।

ଆଜିର ଲୋଭାସକ୍ତ ବରପିତା ନିଜର ପୁଅକୁ ବିବାହ ବଜାରରେ ନିଲାମ କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ଅନେକ ସମୟରେ ଏମିତିକି କଥାଛଳରେ ବି କୁହାଯାଏ ଆପଣ ଯାହାଦେବେ ଆପଣଙ୍କ ଝିଅକୁ ଦେବେ ଆମକୁ ବା କଣ ଦେଉଛନ୍ତି । ଅଳଙ୍କାର ଦେଲେ ସେ ପିନ୍ଧିବ ଆଉ ଆସବାବପତ୍ର ଦେଲେ ନିତ୍ୟ ବ୍ୟବହାରରେ ଲଗାଇବ । ଲୋଭୀ ପିତାମାତା ମାନେ ନିଜର ସନ୍ତାନର ଯୋଗ୍ୟତା ମାପ କାଠି କରି କନ୍ୟାପିତାକୁ ଶୋଷଣ କରୁଛନ୍ତି । ଯେଉଁ ଜିନିଷ ଆମେ ଶ୍ରଦ୍ଧାରେ ଦାନ କରୁଥିଲେ ତାହାକୁ ଆଜି ଆମେ ବାଧ୍ୟବାଧକତାରେ ଦେଉଛନ୍ତି । ବରପକ୍ଷର ସର୍ବଗ୍ରାସୀ କ୍ଷୁଧା ଯଜ୍ଞରେ କନ୍ୟାପକ୍ଷ ନିରୀହ ଶିଶୁପରି ବଳି ପଡୁଛନ୍ତି । ଏମିତିକି ଗରିବ ପିତାଟିଏ ନିଜର ସମସ୍ତ ସଞ୍ଚିତ ଅର୍ଥକୁ ଝିଅ ବାହାଘରର ସମର୍ପିତ ଦେବା ପରେ ମଧ୍ୟ କେଉଁଠି ନା କେଉଁଠି ପରବର୍ତ୍ତୀ ମୂହୁର୍ତ୍ତରେ ଯୌତୁକ ପାଇଁ ନବବଧୂକୁ ମାନସିକ ଓ ଶାରିରୀକ ଭାବରେ ହଇରାଣ କରାଯିବାର ନଜିର୍ ଆସୁଛି ।

ଏମିତିକି ଯଦି ଲକ୍ଷ୍ୟ କରାଯାଏ ଯୌତୁକ ଏକ ସଂକ୍ରାମକ ରୋଗ ଭଳି ଜଣଙ୍କଠୁ ଅନ୍ୟ ଜଣଙ୍କ ପାଖକୁ ବ୍ୟାପିଯାଏ । ଏଇ ଯେମିତି ପଡୋଶୀ ବା ଅନ୍ୟ କେଉଁ ସଂପର୍କୀୟ ବାହାଘରର ଯଦି କେହି ଯୌତୁକ ଦ୍ୱାରା ବିପୁଳ ଅର୍ଥ ଲାଭ କରନ୍ତି ତେବେ ଇଚ୍ଛା ହୁଏକି ଆମେ ମଧ୍ୟ ଆମ ପୁଅ ବାହଘରରେ ଯୌତୁକ ପାଇଁ ଲୋଭାନ୍ୱିତ ହୋଇ ଅଧିକ ଅର୍ଥ ଦାବି କରିବା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ ଏକ କ୍ଷେତ୍ରରେ ଏମିତି ବି ସମାଜର କିଛି ଲୋକଙ୍କ ଚିନ୍ତାଧାରା ଅଛି ଯଦି ଆମେ ଝିଅ ବାହାଘରରେ ଯୌତୁକ ଦେଇ ବାହାଘର କରିଛୁ ତାହେଲେ ଆମେ ଆମ ପୁଅ ବାହାଘରରେ ଯୌତୁକ ଆଣିବୁ ନାହିଁ କେମିତି ! ହେଲେ ସେମାନେ ଥରେ ଚିନ୍ତା କରନ୍ତି ନାହିଁ ଯଦି ମୁଁ ମୋ ଝିଅ ବାହାଘର କରି ଋଣଗ୍ରସ୍ତ ହୋଇଛି ତେବେ ଅନ୍ୟ ଜଣଙ୍କୁ ଋଣଗ୍ରସ୍ତ କରିବି କାହିଁକି । ଅବଶ୍ୟ ମୋତେ ଦେଉଥିବା ଯୌତୁକ ଟଙ୍କା ରେ ହୁଏତ ସେ ବାହଘରର ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ କରି ଆବଶ୍ୟକତାକୁ ସଂପାଦନ କରିପାରିବେ ।

ଆଜିର ଶିକ୍ଷିତ ସମାଜରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏଭଳି କୌଣସି ପରିବର୍ତ୍ତନ ନଥିବା ଭଳି ମନେହେଉନି । ବିଶେଷକରି ବରପାତ୍ରର ଶିକ୍ଷାଗତ ଯୋଗ୍ୟତା, ଚାକିରୀ, ଧନ ସଂମ୍ପତ୍ତିକୁ ନେଇ ଯୌତୁକର ମୂଲ୍ୟ ବାହାର କରାଯାଉଛି । ସଂପ୍ରତି ପରିସ୍ଥିତିରେ ଶିକ୍ଷିତ ଯୁବଗୋଷ୍ଠୀ ମାନଙ୍କର ଏପରି କାର୍ଯ୍ୟ ଯେତିକି ବିସ୍ମିତକର ସେତିକି ମଧ୍ୟ ପରିତାପର ବିଷୟ୍ । ଏଭଳି ପରିସ୍ଥିତିରେ କେଉଁଠି କନ୍ୟାପିତା ଋଣଗ୍ରସ୍ତ ହେଉଛି ତ ଅନ୍ୟ କେଉଁଠି ଅସମର୍ଥ ହୋଇ ବାହାଘରରେ ପୂର୍ଣ୍ଣଛେଦ ପଡୁଛି । ଏହି ପରିପ୍ରେକ୍ଷୀରେ କେବଳ ଏତିକି କୁହାଯାଇପାରେ ଆମେ ନେଉଥିବା ଯୌତୁକରେ କଣ ସାରାଜୀବନ ଆମ ପରିବାରର ପ୍ରତିପୋଷଣ ସମ୍ଭବ କି ! ଯଦି ନା ତେବେ ଏପରି କୁସଂସ୍କାରକୁ ଆପଣାଇ ନିନ୍ଦିତ ହେବାର କି ପ୍ରୟୋଜନ ।

ଯଦିଓ ଏହା ସବୁଆଡେ ହୁଏନି, ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ ବିନା ଯୌତୁକରେ ମଧ୍ୟ ବାହାଘର ହେବାର ନଜିର ରହିଛି । ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ମଧ୍ୟରେ ମଧ୍ୟ ସୁସଂପର୍କ ରହୁଛି ଯାହାକି ସମାଜ ପାଇଁ ଏକ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିପ୍ରତି ସମସ୍ତଙ୍କର ସହଯୋଗ ଦରକାର । ସର୍ବୋପରି ନାରୀଶିକ୍ଷାକୁ ସର୍ବାଗ୍ରେ ରଖିଲେ ହିଁ ଯୌତୁକ ଦୂରୀକରଣ କ୍ଷେତ୍ରରେ ବୈପ୍ଳବିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରିବର୍ତ୍ତନ ସମ୍ଭବ । ପରିଶେଷରେ ଏତିକି କୁହାଯାଇପାରେ ନିଜ ଝିଅକୁ ପଢାନ୍ତୁ, ବଢାନ୍ତୁ, ଆତ୍ମନିର୍ଭରଶୀଳ କରାନ୍ତୁ ।

୧୯୬୧ ମସିହାରେ ଯୌତୁକ ବିରୁଦ୍ଧ ଆଇନ୍ ପ୍ରଣୟନ କରାଗଲା ପୁନଶ୍ଚ ୧୯୮୪ ମସିହାରେ ଏହାକୁ ସଂଶୋଧନ କରାଯାଇ କଡାକଡି କରାଗଲା ତଥାପି ଯୌତୁକର କାଳ କବଳରୁ ବାହାରି ପାରୁନି ନବବଧୂଟିଏ । ଖବରକାଗଜରେ ଯୌତୁକ ଜନିତ ସମସ୍ୟା ପ୍ରତିଦିନ ଶିରୋନାମା ପାଲଟୁଛି ।

ଯୌତୁକ ଭାରତୀୟ ସମାଜ ପାଇଁ ଏକ ଅଭିଶାପ । କେବଳ ଯେ ଆଇନ୍ ପ୍ରଣୟନ କରିଦେବା କିମ୍ବା ଉଲ୍ଲଘଂନକାରୀଙ୍କୁ ଦଣ୍ଡିତ କରିବାଦ୍ୱାରା ଯେ ଏହାର ସମାଧାନ ହେବ ତାହା ନୁହେଁ ବରଂ ଏଥିପାଇଁ ସାମାଜିକ ଜନଜାଗରଣ ଆବଶ୍ୟକ । ସମସ୍ତଙ୍କର ଆନ୍ତରିକ ସହଯୋଗ ଓ ହୃଦୟର ପରିବର୍ତ୍ତନ ଦ୍ୱାରା ଆମେ ଯୌତୁକ ରୂପକ ବ୍ୟାଧିକୁ ଦେଶରୁ ଲୋପ କରିପାରିବା ଏଦିଗରେ ସରକାରୀ ତଥା ବେସରକାରୀ ସ୍ତରରେ ଉଦ୍ୟମ ରହିବା ଜରୁରୀ । ନାରୀ କେବଳ ପୁରୁଷର ନମ୍ର ସହଚରୀ ନୁହେଁ ବରଂ ସେ ଜନନୀ, ଭଗନୀ, ଜାୟା ଓ ପ୍ରାଣପ୍ରିୟା ଜୀବନସଂଙ୍ଗୀନି ତା'ର ସହଯୋଗ ବିନା ପୁରୁଷର ଜୀବନ ଅମଡ଼ା ବାଟର ବାଟୋଇ ପରି । ଏହି ଭଳି ମାନବିକ ଚେତନାର ଅଗ୍ରଗତି ହେଲେ ତେବେ ଯାଇଁ ଆମ ଆର୍ଯ୍ୟଭୂମି ଭାରତବର୍ଷରେ ଯୌତୁକ ଭଳି ଏକ କୁତ୍ସିତ ପ୍ରଥା ଲୋପ ପାଇ ଶାନ୍ତି ଓ ପବିତ୍ରତା ବିରାଜମାନ କରିବ ।

ବିଲବାମନବିନ୍ଧା, ସାହାପୁର,
ପିରହାଟ ବଜାର, ତିହିଡି, ଭଦ୍ରକ,
୭୫୬୧୩୧, ମୋ-୬୩୭୦୫୫୮୦୦୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାକ୍ଷୀପୂର୍ଣ୍ଣିମାର ବିବର୍ତ୍ତନ



ବିରଞ୍ଚି ନାରାୟଣ ମିଶ୍ର

ଆମର ଯେତେ ସବୁ ପର୍ବପର୍ବାଣୀ ପାଳନ ହେଉଛି, ସେ ସେତେବେଳେ ବାହାରିଥିଲା ତାହା ଏକ ମହାନ୍ ଉଦ୍ଦେଶ୍ୟରେ ହୋଇଥିଲା । ଏହାକୁ ମୁନିଋଷି ମାନେ ବାହାର କରିଥିଲେ । ସାଧାରଣ ଲୋକମାନେ ଏହାର ଗଭୀର ତତ୍ତ୍ୱ ବୁଝିବାକୁ ଅକ୍ଷମ ଥିବାରୁ ସେଥିପାଇଁ ସେମାନେ ଏହାକୁ ଗୋଟିଏ ପ୍ରଥା ମାଧ୍ୟମରେ ଥୋଇଥିଲେ । ସେଇ ପ୍ରଥାକୁ ଯେ ଧୀରେ ଧୀରେ ପାଳନ କରିବ ତେବେ ସେ ଅନୁଭବ ସ୍ତରକୁ ଯାଇପାରିବ ଆଉ ଜ୍ଞାନ ବି ପାଇପାରିବ । ଏଇଟା ହିଁ ହେଉଛି ଲକ୍ଷ୍ୟ । ସେଇ ଲକ୍ଷ୍ୟଟିକୁ ଆଜିକାଲି ବହୁତ୍ କମ ଜଣ ପାଳନ କରୁଛନ୍ତି ଯାହା ଜଣା ପଡୁନାହିଁ । ଏବେ ଯାହା ପାଳନ କରାଯାଉଛି ତାହା ମୌଳିକ ପର୍ବ ଠାରୁ ବହୁତ୍ ଦୂରରେ । ଯେଉଁ ଜିନିଷ ଯେତେବେଳେ ବାହାରିଥାଏ ତାହା ସେଇ ସମୟ ପାଇଁ ହିଁ ବାହାରି ଥାଏ । କିନ୍ତୁ ତା ଯେତିକି ପୁରୁଣା ହୋଇଚାଲେ ମଣିଷ ପୁଣି ଆଉ ଏକ ନୂଆ ଉପଚାର ବାହାର କରେ କିଛି ପୁରୁଣା ଉପଚାରକୁ ମିଶାଇ । ଯାହା ସମୟ ସମୟ ଅନୁସାରେ ପରିବର୍ତ୍ତନ ହୁଏ । ମନେ କର ସେ ସମୟରେ ମୁନିଋଷିମାନେ ବାଘଛାଲ ଉପରେ ବସି ତପସ୍ୟା କରୁଥିଲେ । ଏବେ ଯଦି ତା କରିବେ ଜେଲ ଯିବାର ସମ୍ଭାବନା ଅଧିକ । ତେଣୁ ଯେଉଁ ସମୟ ପାଇଁ ଯେଉଁ ଉପଚାର ଦରକାର ତାହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେଇ ସମୟ୍ ପାଇଁ ଆସିଥାଏ । ତାହା କିଛି ସମୟ୍ ପାଇଁ ଆସିଥାଏ । ତାପରେ ଆମେ ତାକୁ ନୂଆ ରୂପ ଦେଉ । ବର୍ତ୍ତମାନ ସବୁଠୁ ବଡ କଥା ହେଲା ଏବେ ଆମ ପାଖରେ ଉପଚାରର କିଛି ମୂଲ୍ୟ ନାହି । ଯେଉଁମାନେ ଭିତରୁ ପ୍ରେରଣା ପାଇଲେ ସେଇ ପ୍ରେରଣାକୁ ରୂପ ଦେଇ ଆମେ ଭଗବାନଙ୍କ ସହ ଯୋଡ଼ି ହୋଇପାରୁ । ଯେମିତି ଆପଣ ଆପଣଙ୍କ ପୁଅ ପାଇଁ ମାର୍କେଟ ଯାଇଛନ୍ତି ସେଠି ଶୁଣା ଶୁଣି କରି କଣ ଜିନିଷ ଆଣିବେ ? ପୁଅକୁ କୋଉଟା ଭଲ ଲାଗିବ ତା ଆପଣ ଜାଣିଛନ୍ତି ତେଣୁ ଆପଣ ତାକୁ ହିଁ ଆଣିବେ । ସେମିତି ଆପଣ ଭଗବାନଙ୍କୁ ଭଲ ପାଉଛନ୍ତି ତାଙ୍କୁ ଦେବା ପାଇଁ ଯାହା ସେ ଭଲ ପାଉଛନ୍ତି ତାକୁ ଘରକୁ ନେବାର ଅନ୍ୟନାମ ହେଲା ଉପଚାର । ବାକି ସମସ୍ତ ଉପଚାର କେବଳ ବାହ୍ୟ ଜିନିଷକୁ ପରିପ୍ରକାଶ କରେ । ଖାଲି ଉପଚାରର କିଛି ଅର୍ଥ ନାହିଁ । ଏବେ ସଂସାରରେ ଯାହା ଚାଲିଛି ଖାଲି ଉପଚାର ଚାଲିଛି । ଖାଲି ଉପଚାର ଚାଲିଛି । ସେଥିରେ ବିକୃତି ଆସିଲାଣି । କାରଣ ପର୍ବପର୍ବାଣୀର ସମୟ୍ ଚାଲି ଯାଇଛି । ଯୋଉ ଜିନିଷର ସମୟ୍ ଚାଲିଯାଏ ସେଥିରେ ବିକୃତି ଆସିଯାଏ । ତେଣୁ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭିତରୁ ବାହାରକୁ ପ୍ରକାଶ କରିବା । ଭିତରୁ ଯୋଉ ଭାବ ବାହାରି ଆସେ ତାହା ଆମେ ଈଶ୍ୱରଙ୍କ ପାଖେ ପ୍ରକାଶ କରିବା ଆବଶ୍ୟକ । ଗପ ଟିଏ କହୁଚି । ଜଣେ ଅନାଥ ପିଲାଟିଏ ଗୋଟିଏ ସର୍କସରେ ରହି ଅନେକ କଳା ପ୍ରଦର୍ଶନ କରେ । ସର୍କସ ମାଲିକଙ୍କର ଦୁର୍ଦ୍ଦିନ ଆସିବାରୁ ସେ ତାଙ୍କ ସର୍କସ ପାର୍ଟି ବନ୍ଦ କରିଦେଲେ । ପିଲାଟି ଦୁଃଖରେ ଭାଙ୍ଗି ପଡ଼ିଲା । ଦିନେ ସେ ଜଙ୍ଗଲ ଭିତରକୁ ଅନ୍ୟମନସ୍କ ହୋଇ ଚାଲିଗଲା । କିଛିବାଟ ଯିବା ପରେ ସେ ଏକ ଦେବୀ ମନ୍ଦିର ଦେଖି ମନ୍ଦିରର ପୂଜାରୀଙ୍କୁ ଭେଟି ତାର ସବୁ କଥା କହିଲା । ପୂଜାରୀ ବହୁତ୍ ଖୁସି ହୋଇ କହିଲେ ମୁଁ ବି ଗୋଟେ ପିଲା ଖୋଜୁଥିଲି । ତୁ ଏଠି ସବୁଦିନ ମନ୍ଦିର ଚାରିପାଖ ସଫା କରିବୁ ଓ ପଣ୍ଡିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାନେ ଆସି ପୂଜା ସାରି ଗଲାପରେ ଭିତର ମନ୍ଦିରକୁ ସଫା କରିବୁ । ତୋର ଏହା ସବୁଦିନ କାମ । ଏଇଠି ରହିବୁ ଓ ଖିଆପିଆ କରିବୁ । ପିଲାଟି ଖୁସି ହୋଇ ତାର କାମ ଖୁସିରେ କଲା । କିଛି ଦିନ ପରେ ସେ ଦେବୀ ମାଙ୍କୁ କହିଲା ମାଆ ଏ ପଣ୍ଡିତମାନେ ତୋ ଆଗରେ କଣ ସବୁ ପଢୁଛନ୍ତି ମୁଁ କିଛି ବୁଝି ପାରୁନି କିନ୍ତୁ ମୋର ଇଚ୍ଛା ହେଉଛି ମୁଁ ଜାଣିଥିବା କଳା କୌଶଳ ତୋତେ ଦେଖାଇବା ପାଇଁ । ଏକଥା କହି ପଣ୍ଡିତମାନେ ଯିବା ପରେ ସେ ସର୍କସରେ ଜାଣିଥିବା ଖେଳ ମାଆଙ୍କ ଆଗରେ ଦେଖାଇଲା । ହଠାତ୍ ଦେବୀ ମାଆ ତା ଆଗରେ ପ୍ରକାଶ ହୋଇ କହିଲେ ତୁ ଆଉ ମୋତେ ତୋର ଖେଳ ଦେଖା ମୋତେ ବହୁତ ଭଲ ଲାଗୁଚି । ପିଲାଟି ଯାହା ସବୁ ଜାଣିଥିଲା ସବୁ ଦେଖାଇଲା । ଏଣେ ପିଲାଟିର ଡେରି ଦେଖି ପୂଜକ ତାକୁ ଖୋଜିବାକୁ ମନ୍ଦିର ଭିତରେ ଆସି ଦେଖନ୍ତି ଯେ ମାଆ ବିଜେ ହୋଇଛନ୍ତି ଟୋକା ତାଙ୍କୁ ଖେଳ ଦେଖାଉଛି । ପୂଜକଙ୍କ ଆଖିରୁ ଲୁହ ବୋହିବାକୁ ଲାଗିଲା । ସେ କହିଲେ ମୁଁ ୪୦ ବର୍ଷ ଦେବୀ ମା'ଙ୍କୁ ପୂଜା କରି ଯାହା ପାଇ ନଥିଲି ତୁ ଦିନ କେଇଟାରେ ପାଇଗଲୁ । ପିଲାଟି ସରଳ ହୃଦୟରେ ମାଙ୍କୁ କହିଥିଲା ଯେଉଁଥିରେ ଭାଷା କିଛି ନଥିଲା । ଏମାନଙ୍କର ପାଣ୍ଡିତ୍ୟ କିଛି କାମ ହିଁ କରୁ ନଥିଲା । କାରଣ ସେମାନଙ୍କର ହୃଦୟ ନାହିଁ । ପାଣ୍ଡିତ୍ୟର ମୂଲ୍ୟ ଅଛି କିନ୍ତୁ ପାଣ୍ଡିତ୍ୟ ପଛରେ ତାଙ୍କର ହୃଦୟ ନାହିଁ । ତେଣୁ ତା ମୂଲ୍ୟହୀନ । ଏବେ ପ୍ରତ୍ୟେକ ପୂଜା ପାର୍ବଣରେ ଆମର ପାଣ୍ଡିତ୍ୟ ଅଛି ସିନା ହୃଦୟ ନାହିଁ । କେବଳ ଏହା ଭୟରେ କରୁଛନ୍ତି ବା ଲୋଭରେ କରୁଛନ୍ତି । କିଛି ପାଇବା ଆଶାରେ । ସେମାନେ ଭାବୁଛନ୍ତି ଏହା ନକଲେ କାଳେ ଭଗବାନ ରାଗିବେ । ସମାଜ ବି କଣ କହିବ । ଏସବୁ ଜିନିଷକୁ ଆଧାର କରି ଆଜିର ପର୍ବ ପର୍ବାଣୀ ପାଳିତ ହେଉଛି । ଯାହାର କିଛି ମୂଲ୍ୟ ନାହିଁ । ଆଧ୍ୟାତ୍ମିକ ସଦାସର୍ବଦା ନିତ୍ୟନୂତନ । ଆପଣା ଭିତରେ ଯେଉ ଆଧ୍ୟାତ୍ମିକ ଗୁଣ ରହିଛି ପ୍ରେମ, ଭକ୍ତି, କୃତଜ୍ଞତା ତାହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ସମୟରେ ଆପଣଙ୍କ ହୃଦୟରୁ ବାହାରିବ, ସେଇଟା ହିଁ ସେଇ ସମୟ ପାଇଁ ଉପଚାର । ଆଜିକାଲି ତ ରାକ୍ଷୀ ପୂର୍ଣ୍ଣିମାରେ ଡିମାଣ୍ଡ ହୋଇଗଲାଣି । ରାକ୍ଷୀ ଯେ ବାନ୍ଧିବ ଆପଣଙ୍କୁ ତାଙ୍କୁ ଟଙ୍କା ଦେବାକୁ ପଡିବ । ଆଜିକାଲି ସବୁ ମେକାନିକାଲ୍ ହୋଇଯାଇଛି । ମନେ ରଖିବାକୁ ପଡିବ ଯେ ମହତ୍ତ୍ୱ ସବୁଥିରେ ଅଛି ତା ଯୋଉ ସମୟରେ ବାହାରିଥିଲା ।

ବିରଞ୍ଚି ନାରାୟଣ ମିଶ୍ର

ଭୁବନେଶ୍ୱର

୯୪୩୯୦୧୧୦୬୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍



ଶ୍ରୀବତ୍ସ ନାୟକ

ବିଦ୍ୟାର୍ଥୀର ଭୂଷଣ ହେଉଛି ତାର ବିଦ୍ୟା । ଯେଉଁ ବିଦ୍ୟାକୁ ନେଇ ସେ ଗର୍ବ ଅନୁଭବ କରେ ଓ ସମାଜରେ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତି ଭାବେ ପରିଗଣିତ ହୁଏ । ବିଦ୍ୟା ରୂପକ ଧନ ନଥିଲେ ଏକ ବ୍ୟକ୍ତିକୁ ହୀନ ବୋଲି ବିବେଚନା କରାଯାଏ । ବିଦ୍ୟାହୀନ ମଣିଷଟିଏ ସବୁ କ୍ଷେତ୍ରରେ ନିନ୍ଦିତ ଓ ଅପମାନିତ ହୁଏ । ବିଦ୍ୟା ବିନା ବୁଦ୍ଧି ଓ ବିବେକ ବାଟବଣା ହୁଏ । ଏହି ମହାଧନକୁ ହାସଲ କରିବାକୁ ବିଦ୍ୟାର୍ଥୀଟିଏ ନିଜକୁ ତିଳ ତିଳ କରି ଜଳାଇ ଥାଏ । ଅନ୍ଧକୁ ବାଡିଟିଏ ସହ ହେଲା ଭଳି ବିଦ୍ୟାର୍ଥୀର ଏକ ମାତ୍ର ସାହା ଭରଷା ହେଉଛି ତାର ବିଦ୍ୟା । ଏହା ଆଲୋକର ଶିକ୍ଷା ସଦୃଶ ଯାହା କି ବିଦ୍ୟାର୍ଥୀଟିକୁ ଅନ୍ଧକାରରୁ ଆଲୋକ ଆଡ଼କୁ ବାଟ କଢ଼େଇ ନେଇଥାଏ । ବିଦ୍ୟାରୁ ନମ୍ରତା ଜାତ ହୁଏ ଓ ସହିଷ୍ଣୁତା ମିଳେ । ତେଣୁ ବାସ୍ତବିକ ବିଦ୍ୟା ହେଉଛି ବିଦ୍ୟାର୍ଥୀ ପାଇଁ ମହାଧନ ସଦୃଶ । ଏହି ମହାଧନକୁ ହାସଲ କରିବା ଏକ ହାସ୍ୟାସ୍ପଦ ଓ ରହସ୍ୟମୟ ବିଷୟ ନୁହେଁ । ଇତିହାସ ସାକ୍ଷୀ ଅଛି ଯେ ବିଦ୍ୟାର୍ଥୀମାନେ ଶିକ୍ଷା ଲାଭ କରିବା ପାଇଁ କେତେ ସଂଘର୍ଷ କରିଛନ୍ତି । ନିଜ ଗନ୍ତବ୍ୟ ପଥରେ ଅଗ୍ରସର ସମୟରେ ଅନେକ ବାଧା ବିଘ୍ନ ଆସିଛି କିନ୍ତୁ ନିଜର ଉପସ୍ଥିତ ବୁଦ୍ଧି ଜାହିର କରି ନିଷ୍ଠାପର ସାଧନା ଓ ଏକାଗ୍ରତା ମାଧ୍ୟମରେ ସମସ୍ତ ପ୍ରତିବନ୍ଧକକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୂରୀଭୂତ କରି ସ୍ୱପ୍ନକୁ ବାସ୍ତବତା ଆଡ଼କୁ ସେମାନେ ନେଇଛନ୍ତି । ନିଜର ଲକ୍ଷ୍ୟ ହାସଲ କରିବା ନିମନ୍ତେ ବିଦ୍ୟା ବୁଦ୍ଧିର ଉପଯୁକ୍ତ କୌଶଳକୁ ଅଧ୍ୟୟନ କରି ଜୀବନ ଜିଇଁବାର କଳା ଶିଖିଥାନ୍ତି ସେମାନେ । କଥାରେ ଅଛି ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚଷା ହୁଡିଲେ ବରଷେ, ବିଦ୍ୟାର୍ଥୀ ହୁଡିଲେ ସଦ କାଳେ । ଅର୍ଥାତ୍ ଏକ ବିଦ୍ୟାର୍ଥୀ ପାଇଁ ସମୟ ବହୁତ ମୂଲ୍ୟବାନ । ବିତି ଯାଇଥିବା ସମୟରେ ମୂଲ୍ୟ କେତେ ତାହା କେବଳ ବିଦ୍ୟାର୍ଥୀ ହିଁ କହିପାରେ । ଉପଯୁକ୍ତ ସମୟର ଉପଯୁକ୍ତ ବିଦ୍ୟା ହାସଲ ନକଲେ ସାରା ଜୀବନ ଦୁଃଖ, ଯନ୍ତ୍ରଣାରେ ଛଟପଟ ହେବାକୁ ପଡେ । ବିଦ୍ୟାର୍ଥୀ ମାନଙ୍କର ପାଞ୍ଚ ଲକ୍ଷଣ ବିଷୟରେ ଆଚାର୍ଯ୍ୟ ଚାଣକ୍ୟ ନିଜ ଅର୍ଥ ଶାସ୍ତ୍ରରେ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ ବିଦ୍ୟାର୍ଥୀଟି ସଫଳତା ପାଇବା ପାଇଁ ହେଲେ ଏହି ପାଞ୍ଚଟି ଲକ୍ଷଣ ନିହାତି ବିଦ୍ୟାର୍ଥୀ ପାଖରେ ଥିବା ଉଚିତ ତାହା ହେଲା "କାକ ଚେଷ୍ଟା ବକୋ ଧ୍ୟାନମ୍ ସ୍ୱାନ ନିଦ୍ରା ତଥୈବ ଚ । ଅଳ୍ପାହାରୀ ଗୃହ ତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ । ।

ବିଦ୍ୟାର୍ଥୀଙ୍କର ପ୍ରଥମ ଲକ୍ଷଣ ହେଉଛି କାକ ଚେଷ୍ଟା । କାକ ଅର୍ଥ କାଉ ଓ ଚେଷ୍ଟାର ଅର୍ଥ ହେଉଛି ପ୍ରୟାସ । ଅର୍ଥାତ କାକ ଚେଷ୍ଟା ହେଉଛି କାଉର ପ୍ରୟାସ । ତୃଷାର୍ତ୍ତ କାଉର ଜଳ ଅନ୍ୱେଷଣ ସମୟରେ ଦୃଶ୍ୟମାନ ପାତ୍ରରେ ଜଳର ସ୍ତର ନିମ୍ନ ଭାଗରେ ଥିବାରୁ ଜଳପାନ କରିବା କାଉଟି ପକ୍ଷେ ସମ୍ଭବପର ନଥିଲା । କାଉଟି କ'ଣ କରିବା ଉଚିତ୍ ଭାବିବାକୁ ଲାଗିଲା ଏବଂ ପରେ ଏକ ଉଜ୍ଜ୍ୱଳ ଧାରଣା ତା ମନକୁ ଆସିଲା । ଅନତି ଦୂରରେ କିଛି କ୍ଷୁଦ୍ର ପଥର ପଡିଥିବାର ଦେଖିଲା । ନିଜର ଥଣ୍ଟ ମାଧ୍ୟମରେ ଉକ୍ତ ପଥର ଖଣ୍ଡକୁ ସେ ପାତ୍ର ଭିତରକୁ ପକେଇବାରେ ଲାଗିଲା । ଫଳରେ ଧୀରେ ଧୀରେ ପାତ୍ରରେ ଥିବା ଜଳର ସ୍ତର ଉର୍ଦ୍ଧଗାମୀ ହେଲା । ଅକ୍ଳାନ୍ତ ପରିଶ୍ରମ ପରେ ପରିଶେଷରେ କାଉଟି ନିଜର ଥଣ୍ଟ ମାଧ୍ୟମରେ ଜଳପାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲା ଓ ନିଜର ଶୋଷ ମେଣ୍ଟାଇ ମହା ଆନନ୍ଦରେ ଉଡିଗଲା । ସେଦିନ କାଉର ଉପସ୍ଥିତି ବୁଦ୍ଧି ତାକୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲା । ଯଦି ଆମକୁ ବାସ୍ତବରେ ବାହାରେ ଥିବା ଜିନିଷ ବାହାରକୁ ଆଣିବାକୁ ପଡିବ, ତେବେ ଆମକୁ କାକ ଚେଷ୍ଟାର କିଛି ଯନ୍ତ୍ରଣାଦାୟକ ତୀକ୍ଷ୍ଣତା, କଠିନ ପରିଶ୍ରମ କରିବାକୁ ପଡିବ । ସଫଳତା କେବେ ବି କଠିନ ପରିଶ୍ରମର ଆଗରୁ ଆସେ ନାହିଁ । କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । ନିଜ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ କାର୍ଯ୍ୟରୁ ନିବୃତ ନହୋଇ ଧୈର୍ଯ୍ୟ, ପରିଶ୍ରମ ଓ ପ୍ରୟାସ ଜାରି ରହିଲେ ଗୋଟେ ବିଦ୍ୟାର୍ଥୀ ନିଶ୍ଚିତ ସଫଳତାର ସ୍ୱାଦ ଚାଖିବ । ଯେଉଁମାନେ କଠିନ ପରିଶ୍ରମ ଠାରୁ ନିଜକୁ ଦୂରେଇ ରଖନ୍ତି ସେମାନେ ଅନ୍ୟର ସଫଳତା ବିଷୟରେ ଖାଲି ଚିନ୍ତା କରନ୍ତି କିନ୍ତୁ ନିଜର ବିଫଳତା ତାଙ୍କ ପିଛା ଛାଡ଼ି ନଥାଏ । ଏହା ଦୃଢ଼ ନିଶ୍ଚିତ ଯେ ପ୍ରତ୍ୟେକ ବ୍ୟକ୍ତିର ସଫଳତା ତାର କଠିନ ପରିଶ୍ରମର ଫଳ ମାତ୍ର ।

ବିଦାର୍ଥୀଙ୍କର ଦ୍ୱିତୀୟ ଗୁଣ ହେଉଛି ବକୋ ଧ୍ୟାନମ । ଅର୍ଥାତ୍ ବଗ ଭଳି ଧ୍ୟାନ ଦେବା ଉଚିତ । ପାଣି ଭିତରୁ ମାଛକୁ ଖାଇବା ପାଇଁ ବଗଟିର ଏକା ଧ୍ୟାନ ତାର ପାଣିରେ ଥିବା ମାଛ ଉପରେ ଥାଏ । ସେମିତି ଅପେକ୍ଷା କରିଥାଏ ନିଜ ଶିକାର ଆସିଲା ପର୍ଯ୍ୟନ୍ତ । ସେହିଭଳି ଜୀବନରେ ନିଜର ଲକ୍ଷ୍ୟ ସାଧନା କରିବାପାଇଁ ହେଲେ ସ୍ଥିର ମନ ଚିତ୍ତରେ, କାୟ, ମନ ବାକ୍ୟରେ, ସୁସ୍ଥ ମସ୍ତିଷ୍କରେ ଧ୍ୟାନ ଦେବାକୁ ପଡିଥାଏ । କୌଣସି ଏକ କାର୍ଯ୍ୟ ଉପରେ ଧ୍ୟାନ ଦେଲାବେଳେ ପାରିପାର୍ଶ୍ୱିକ ସମସ୍ୟା ଦେଖାଦିଏ, ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ବେଳେବେଳେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥାଏ, ବେଳେବେଳେ ଆର୍ଥିକ ସଙ୍କଟ ମଧ୍ୟ ହୋଇପାରେ ତେଣୁ ପ୍ରତିକୂଳ ପରିସ୍ଥିତିରେରେ ବିଭ୍ରାନ୍ତି ହେବା ଉଚିତ ନୁହେଁ । ଜୀବନରେ ଅନେକ ଛୋଟ ବଡ଼ ସମସ୍ୟା ମାନ ଉପୁଜିଥାଏ ତାକୁ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ପଡ଼ିଥାଏ । ପୁରାଣ ଇତିହାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାକ୍ଷୀ ଅଛି, ଶିଷ୍ୟ ଏକଲବ୍ୟ, ଉପମନ୍ୟୁ ଓ ନଚିକେତାଙ୍କ ଉପାଖ୍ୟାନ । ବିଦ୍ୟା ସାଧନ କରିବା ପାଇଁ ଯେଉଁମାନେ ଦିନେ ନିଜର ମନକୁ ଅଟଳ କରିଦେଇଥିଲେ । ନିଜର ଜିଦଖୋର ମନୋଭାବ ହିଁ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥିଲା । ନିଜର ଲକ୍ଷ୍ୟରୁ ବିଚ୍ୟୁତି ନହୋଇ ଧୈର୍ଯ୍ୟର ସହ କାର୍ଯ୍ୟ କଲେ ବିଦ୍ୟା ସାଧନ ହୋଇପାରିବ । କେବଳ ସେତିକି ନୁହେଁ ଗୁରୁ ହିଁ ଈଶ୍ୱର ଓ ପରଂବ୍ରହ୍ମଙ୍କ ସ୍ୱରୂପ ବୋଲି ବିବେଚନା କରି ତାଙ୍କ ଚରଣରେ ଲୟ ରଖି ମନକୁ ସ୍ଥିର କରି ଏକାଗ୍ରତା ଭାବେ ବିଦ୍ୟା ଅଧ୍ୟୟନ କଲେ ସୁଫଳ ମିଳିଥାଏ । ପରିସ୍ଥିତିର ଉଷ୍ଣତା ହେଉ କି ଶିତଳତା, ଆର୍ଥିକ ସ୍ତର ସ୍ୱଚ୍ଛଳ ହେଉ କି ଦୁର୍ବଳ, ପ୍ରେମ ହେଉ କି ଘୃଣା ଏସବୁକୁ ବିଘ୍ନ ମନେ କରିବା ପରିବର୍ତ୍ତେ ଆଗକୁ ବଢିବାର ଆଧାର ବୋଲି ଭାବି ମନକୁ ସର୍ବଦା ଶାନ୍ତ ଓ ଧ୍ୟାନମଗ୍ନ କରିବା ଉଚିତ ।

ବିଦ୍ୟାର୍ଥୀଙ୍କର ତୃତୀୟ ଗୁଣ ହେଉଛି ଶ୍ୱାନ ନିଦ୍ରା ଅର୍ଥାତ କୁକୁର ଭଳି ଶୋଇବା । ସଂସାରର ଶ୍ରେଷ୍ଠ ଜୀବ ମନୁଷ୍ୟ ହୋଇପାରେ କିନ୍ତୁ ବିଶ୍ୱସ୍ତ ଜୀବ ହେଉଛି କୁକୁର । କେତେକ କ୍ଷେତ୍ରରେ ମଧ୍ୟ ପୋଷା କୁକୁରଟି ନିଜ ମାଲିକର ଜୀବନ ରକ୍ଷା କରୁଛି ତ କେଉଁଠି ନିଜେ ଜୀବନ ଦେଇଦେଉଛି । ବିଶେଷ କରି ଶୋଇବାର କଳା ଓ ମାତ୍ରାଧିକ ଘ୍ରାଣ ଶକ୍ତି ଯୋଗୁଁ ଆରକ୍ଷୀ ବିଭାଗ ଓ ସେନା ବାହିନୀରେ ମଧ୍ୟ କୁକୁରମାନେ ନିୟୋଜିତ ହେଉଛନ୍ତି । ଯଦିଓ କୁକୁରଟି ଆଖି ବନ୍ଦ କରି ବିଶ୍ରାମ ନେଇଥାଏ ତଥାପି ସେ ସତର୍କ ଥାଏ । ସାମାନ୍ୟତମ ଶବ୍ଦରେ ମଧ୍ୟ ସେ ଉଠିପଡେ । ଠିକ୍ ସେହିଭଳି ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ଆହରଣ କରିବା ପାଇଁ ହେଲେ ସତର୍କତାର ଗୁଣ ଅଭ୍ୟାସ କରିବାକୁ ପଡିବ । ଆମ ଚାରିପାଖରେ ଥିବା ଦୁନିଆ ପ୍ରତି ସତର୍କ ରହିବାରୁ ବିଦ୍ୟାର୍ଥୀ ମାନେ ବଞ୍ଚିତ ହେବା ଉଚିତ୍ ନୁହେଁ କାହିଁକି ନା ଏହି ଦୁନିଆରେ ଯେକୌଣସି ବ୍ୟକ୍ତିଠାରୁ, ବସ୍ତୁଠାରୁ, ପରିସ୍ଥିତିରୁ, ଆଖପାଖରୁ ଅନେକ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଖିବାକୁ ଅଛି ।

ବିଦ୍ୟାର୍ଥୀଙ୍କର ଚତୁର୍ଥ ଗୁଣଟି ହେଉଛି ଅଳ୍ପାହାରୀ । ସଂସ୍କୃତରେ ଆହାରର ଅର୍ଥ ହେଉଛି ଖାଦ୍ୟ ଏବଂ ଅଳ୍ପର ଅର୍ଥ କମ୍ । ଅଳ୍ପାହାରୀର ଅର୍ଥ ହେଉଛି ହେଉଛି ବିଦ୍ୟା, ଜ୍ଞାନ ଖୋଜୁଥିବା ବ୍ୟକ୍ତି କମ୍ ଖାଇବା ଉଚିତ୍ । ଅର୍ଥାତ୍ ଜିହ୍ୱା ଲାଳସା ମେଣ୍ଟାଇବା ପାଇଁ ଅଯଥା ଖାଦ୍ୟରୁ ଦୁରେଇ ରହିବା । ଇନ୍ଦ୍ରିୟ ପାଇଁ ଆହାର ନିହାତି ଜରୁରୀ । ଶ୍ରବଣ ଇନ୍ଦ୍ରିୟ କାନ ପାଇଁ ଆହାର ହେଉଛି ଧ୍ୱନି, ସଙ୍ଗୀତ ଓ ସୁମଧୁର କଥା । ଦୃଶ୍ୟ ଇନ୍ଦ୍ରିୟ ଚକ୍ଷୁର ଆହାର ହେଉଛି ମନୋରମ ଦୃଶ୍ୟ । ସ୍ପର୍ଶ ଇନ୍ଦ୍ରିୟ ଚର୍ମ ପାଇଁ ଆହାର ହେଉଛି ପରିଷ୍କାରତା । ସ୍ୱାଦ ଇନ୍ଦ୍ରିୟ ଜିହ୍ୱା ପାଇଁ ଆହାର ହେଉଛି ଶରୀର ଉପଯୋଗୀ ଖାଦ୍ୟ, ଘ୍ରାଣେନ୍ଦ୍ରୀୟ ନାକ ପାଇଁ ଆହାର ହେଉଛି ସୁସ୍ଥ ବାୟୁର ଆଘ୍ରାଣ । ଯେତେବେଳେ ବିଦାର୍ଥୀ ପାଇଁ ଅଳ୍ପାହାରୀର କଥା ଆସେ ସେତେବେଳେ ବିଦ୍ୟାର୍ଥୀଟିର ଅନୁଭବ କରିବା ଦରକାର ଯେ ଇନ୍ଦ୍ରିୟକୁ କ'ଣ ଇନପୁଟ ଦେଉଛୁ ? ଆମେ ଯାହା ଇନ୍ଦ୍ରିୟଗୁଡିକୁ ଦେଇଥାଉ ତାହା ପ୍ରକୃତରେ ଯାଇ ଆମ ମାନସିକତା ଉପରେ ଏକ ଗଭୀର ଅବିସ୍ମରଣୀୟ ପ୍ରଭାବ ପକାଇଥାଏ । ମଣିଷ ପାଖରେ ଥିବା ଚେତନାର ଇନ୍ଦ୍ରିୟ ମଣିଷକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି । ଏହାର ବିକାଶ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିଥାଏ ପଞ୍ଚଇନ୍ଦ୍ରିୟର ଆହାର ଉପରେ । ତେଣୁ ବିଦ୍ୟାର୍ଥୀମାନଙ୍କ ପକ୍ଷେ ପଞ୍ଚ ଇନ୍ଦ୍ରିୟରେ ସଂଯମତା ଆଣିବା ଅତ୍ୟନ୍ତ ଜରୁରୀ ।

ବିଦ୍ୟାର୍ଥୀର ପଞ୍ଚମ ବା ଶେଷ ଲକ୍ଷଣ ହେଉଛି ଗୃହତ୍ୟାଗୀ । ଅର୍ଥାତ୍ ଘର ପରିତ୍ୟାଗ କରିବା । ପ୍ରାଚୀନ ଆର୍ଯ୍ୟ ପରମ୍ପରାରେ ବିଦ୍ୟାର୍ଥୀମାନେ ଖୁବ୍ କମ ବୟସରେ ଘର ଛାଡ଼ି ବାନପ୍ରସ୍ଥ ତଥା ଗୁରୁକୁଳ ନାମକ ବିଦ୍ୟାଳୟରେ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଥିଲେ । କାହିଁକି ନା ଜ୍ଞାନର ଅନୁସରଣ କରିବା ପାଇଁ ହେଲେ ଘର ଛାଡ଼ିବାକୁ ପଡ଼ିଥାଏ । ଘରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଲେ ବିଦ୍ୟା ଅଧ୍ୟୟନ କରିବା ପାଇଁ ଶୈକ୍ଷିକ ବାତାବରଣ ମିଳେ ନାହିଁ । ଅନ୍ୟପକ୍ଷରେ ଦେଖିଲେ ଘରେ ଜୀବନଟି ଆରାମଦାୟକ ହୋଇଥିବାରୁ ବିଦ୍ୟାର୍ଥୀ ମାନସିକତାଟି ତାକୁ ବିଦ୍ୟାରୁ ଦୂରେଇ ରଖିଥାଏ । ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ଭିତରେ ଉପରୋକ୍ତ ପାଞ୍ଚଟି ଗୁଣର ଅଧିକାରୀ ହେବା ଉଚିତ କାହିଁକି ନା ଶିକ୍ଷା ଗ୍ରହଣ କରିବା ବା ବିଦ୍ୟା ଅଧ୍ୟୟନ କରିବା ଏକ ସାଧାରଣ କାର୍ଯ୍ୟ ନୁହେଁ ।

ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନି ମୃଦଙ୍ଗବାଦକ ବିନାୟକ



ରାମଚନ୍ଦ୍ର ପ୍ରଧାନ

ମୃଦଙ୍ଗର ତାଳେ ତାଳେ ସଭିଙ୍କୁ ଚମକାଇ ଦେଉଥିବା କୁନି ମୃଦଙ୍ଗ ବାଦକ ହେଲେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଘଟକୁରି ଗାଁ'ର ବିନାୟକ ରାଉତ । ବୟସ ମାତ୍ର ତେର । ହେଲେ ସଫଳତା ଅନେକ । ସେ ୨୦୦୯ ଡିସେମ୍ବର ୧୨ ତାରିଖରେ ଖାରିଆ ଗ୍ରାମପଞ୍ଚାୟତ ସ୍ଥିତ ଘଟକୁରି ଭଳି ଏକ ଛୋଟ ଗାଆଁରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଅମର ରାଉତ ଓ ମାତାଙ୍କ ନାମ ପୁଷ୍ପାଞ୍ଜଳି ରାଉତ । ସେ ବର୍ତ୍ତମାନ ଆସିକା କଲେଜ ଛକ ସ୍ଥିତ ସରକାରୀ ଟେକ୍ନିକାଲ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି । ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନାହିଁ । ବାପା ସୁରାଟ ସୂତାକଳରେ ଦିନ ମଜୁରିଆ କାମ କରି ଦୁଃଖେସୁଖେ ପରିବାର ପ୍ରତିପୋଷଣ କରୁଛନ୍ତି ଏବଂ ମାଆ ପୁଷ୍ପାଞ୍ଜଳି ପଞ୍ଚାୟତ ସ୍ତରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ପରିଚାଳନା କରି ଦୁଇ ପଇସା ପାଇ ପାରୁଛନ୍ତି । "ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତା'ର ପ୍ରତିଭା ପିଲାଟିବେଳୁ ବାରି ହୋଇ ପଡୁଥିଲା । ପିଲାଟି ବେଳୁ ତା'ର ସଂଗୀତ ଓ ବାଦ୍ୟଯନ୍ତ୍ର ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ସେଥିପାଇଁ ବାପା ଅମର ରାଉତ ଖାରିଆ ଗାଁର ସୁପ୍ରସିଦ୍ଧ ସଂକୀର୍ତ୍ତନ ଗୁରୁ ଲଡୁ କିଶୋର ବିଶ୍ୱାଳଙ୍କ ସହ ପରାମର୍ଶ କରି ବିନାୟକଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଆଖଡ଼ାରେ ମୃଦଙ୍ଗ ଶିକ୍ଷା ପାଇଁ ଛାଡିଦେଲେ । ସେବେଠୁ ସେ ଆଉ ପଛକୁ ଫେରି ନାହାଁନ୍ତି । ଦିନବେଳା ସ୍କୁଲ ଆଉ ସନ୍ଧ୍ୟାବେଳେ ମୃଦଙ୍ଗ ଶିକ୍ଷା । ଅବସର ସମୟରେ ସେ ପ୍ରାର୍ଥନା ଟିଭିରେ ପ୍ରସାରିତ ହେଉଥିବା 'ବାଦିପାଲ୍ଲା' ଆଉ ତରଙ୍ଗ ଟିଭିରେ ପ୍ରସାରିତ 'ଗାଁ ଆଖଡ଼ା' ଦେଖି ମୃଦଙ୍ଗ ବାଦନା ଶୈଳୀକୁ ଆହୁରି ପରିପକ୍ୱ ଓ ଶାଣିତ କରିପାରିଥିଲେ । ଆଖପାଖ ଅଂଚଳ ତଥା ବିଦ୍ୟାଳୟରେ ଆୟୋଜିତ ହେଉଥିବା ବିଭିନ୍ନ ସଂଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣ ପ୍ରତିଯୋଗିତାରେ ଭାଗ ନେଇ ଅନେକ ମେଡାଲ୍ ଓ ମାନପତ୍ର ହାତେଇଥିଲେ, ଯାହା ତାଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇଥିଲା । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ କିଛି ନୂଆଁ କରିବାର ନିଶା ବିନାୟକଙ୍କୁ ଦେଇଛି ଗୋଟିଏ ପରେ ଗୋଟେ ସଫଳତା । ଏ ଦିଗରେ ସାଙ୍ଗସାଥି ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପ୍ରେରଣା ତା'କୁ ଆଉ ଟିକିଏ ଆଗକୁ ବଢିବାର ଇନ୍ଧନ ଯୋଗାଉଛି ।

ବିନାୟକ ରାଉତ ଜଣେ ମେଧାବୀ ଛାତ୍ର । ସେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ ଅଟନ୍ତି । ପାଠପଢା ସାଙ୍ଗକୁ ଖେଳକୁଦରେ ବି ସେ ଆଗୁଆ । ସେଥିପାଇଁ ସବୁ ଶିକ୍ଷକମାନେ ତାଙ୍କୁ ଖୁବ୍ ସ୍ନେହ କରନ୍ତି । ଜଣେ ଛାତ୍ର ହିସାବରେ ସେ ଯେତିକି ସମୟ ପାଠପଢ଼ାରେ ଦେଇଥାନ୍ତି, ଠିକ୍ ସେତିକି ସମୟ ଦିଅନ୍ତି ମୃଦଙ୍ଗ ବଜାଇବାରେ । ଖାଲି ସେତିକି ନୁହେଁ ବିନାୟକ ତବଲା ବଜା ଆଉ ଗୀତ ଗାଇବାରେ ବି ରୁଚି ରଖନ୍ତି । ସେ ଭଲଭାବେ ଜାଣିଛନ୍ତି ଯେ ଜୀବନରେ ସଫଳତା ପାଇବାକୁ ହେଲେ ଆପଣାର ସାଧନାକୁ ବଳବତ୍ତର ରଖିବାକୁ ପଡିବ । ସେ କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଉପରେ ସବୁବେଳେ ଭରସା ରଖିଥାନ୍ତି । ଏହାସହ ବାପାମାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ ଏ ଦିଗରେ ତାଙ୍କୁ ଆଗକୁ ମାଡିଚାଲିବାର ସହାୟକ ହୋଇଛି । ପିଲାଟି ବେଳୁ ସେ ଆଖପାଖ ଅଂଚଳ ଓ ବିଦ୍ୟାଳୟ ସ୍ତରରେ ହେଉଥିବା ବିଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଭିଙ୍କ ଠାରୁ ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି । ବିନାୟକ ୨୦୨୨ ଅଗଷ୍ଟ ୧୫ ତାରିଖରେ ଆଜାଦି କି ଅମୃତ ମହୋତ୍ସବ ଅବସରରେ ଖାରିଆ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ପଂଚାୟତ ସ୍ତରୀୟ ପ୍ରତିଭା ଚୟନ କାର୍ଯକ୍ରମରେ ମଞ୍ଚାସିନ ଅତିଥିମାନଙ୍କ ମନ ଜିଣି ପାରିଥିଲେ । ତାପରେ ୨୦୨୨ ଅକ୍ଟୋବର ୨୫ ତାରିଖରେ ଖାରିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ-୨୦୨୨ରେ ଅଂଶ ଗ୍ରହଣ କରି ମୃଦଙ୍ଗ ବାଦନରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ପୁଣି ୨୦୨୨ ନଭେମ୍ବର ୩ ତାରିଖରେ ଆସିକା ସରକାରୀ ହରିହର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ସୁରଭି କଳା ମହୋତ୍ସବ ୨୦୨୨ରେ ବାଦ୍ୟଯନ୍ତ୍ର ପରିବେଷଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମୃଦଙ୍ଗ ବାଦନରେ ପ୍ରଥମ ହୋଇ ସ୍ଥାନୀୟ ବିଧାୟିକା ଶ୍ରୀମତୀ ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତିକିରେ ତାଙ୍କ ଯାତ୍ରା ଶେଷ ହୋଇ ନ ଥିଲା ସେ ୨୦୨୨ ନଭେମ୍ବର ୫ରେ ଛତ୍ରପୁର ଅନଶ୍ଲୋ ହାଇସ୍କୁଲ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସୁରଭି କଳା ମହୋତ୍ସବ ବାଦ୍ୟଯନ୍ତ୍ର ପରିବେଷଣ ପ୍ରତିଯୋଗିତାରେ ଭାଗ ନେଇ ସବୁ ପ୍ରତିଦ୍ୱନ୍ଦୀମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ପୁଣି ସେଇ ବର୍ଷ ବିନାୟକ ଖୋର୍ଦ୍ଧା ଜିଲ୍ଲା ବି.ଜେ.ବି ହାଇସ୍କୁଲ ଠାରେ ଅନୁଷ୍ଠିତ ଜୋନାଲ ସ୍ତରୀୟ କଳା ମହୋତ୍ସବ-୨୦୨୨ରେ ଅଂଶ ଗ୍ରହଣ କରି ବିଶେଷ କିଛି ସଫଳତା ପାଇ ନ ଥିଲେ ସୁଦ୍ଧା ବିଚାରକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ବିନାୟକଙ୍କ ଏଇ ନିଆରା ସଫଳତାରେ ବାପାମା, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବି ବହୁତ ଖୁସି । ପ୍ରକାଶ ଥାଉ କି ଟେକ୍ନିକାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ କୁମାର ମହାପାତ୍ର ମହୋଦୟ ସ୍କୁଲର ବାର୍ଷିକ ଉତ୍ସବରେ ବିନାୟକକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନପତ୍ର ସହ ନଗଦ ଏକ ହଜାର ଦେଇ ସମ୍ମାନିତ କରିଥିଲେ ।

ନିଜକୁ ସଂଗୀତ ଓ କଳା ପ୍ରତି ସମର୍ପିତ କରିଥିବା ବିନାୟକ ଆଜି ଆଖପାଖ ଅଞ୍ଚଳରେ କୁନି ମୃଦଙ୍ଗ ବାଦକ ଭାବେ ପରିଚିତ । ବିଭିନ୍ନ ବାଦ୍ୟଯନ୍ତ୍ର ପରିବେଷଣ ପ୍ରତିଯୋଗିତାରେ ଭାଗନେଇ ବୟସ ଠାରୁ ଢେର ଅଧିକ ଅନେକ ସ୍ଥାନରୁ ପୁରସ୍କୃତ ହୋଇ ଆମ ଅଂଚଳ ପାଇଁ ସୁନାମ ଆଣିଛନ୍ତି । ବିନାୟକ ରାଉତ ଭବିଷ୍ୟତରେ ଭାରତୀୟ ନୌ ସେନାରେ ଯୋଗଦେଇ ଦେଶସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ନିଜ ବାପାମାଆଙ୍କ ସ୍ୱପ୍ନକୁ ସାକାର କରିବା ସହ ଆମ ଅଞ୍ଚଳ ତଥା ରାଜ୍ୟର ଗୌରବ ଆଣିବାକୁ ସେ ଆଶାବାଦୀ ଅଛନ୍ତି । ଠାକୁରେ କରନ୍ତୁ ବିନାୟକ ନିଜ ଲକ୍ଷ୍ୟ ହାସଲ କରି ତାଙ୍କ ସ୍ୱପ୍ନ ପୂରଣ କରନ୍ତୁ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ

ସାନ୍ତରାପଲ୍ଲୀ, ଗଞ୍ଜାମ

ମୋ: ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଫଳତା ଓ ଆତ୍ମହତ୍ୟା



ଶଙ୍କର ବିଶ୍ୱାଳ

ସାମାନ୍ୟ ବିଫଳତା ଆତ୍ମହତ୍ୟା କରିବାକୁ ପରିପୃଷ୍ଟ କରେ

ସାମାଜିକ, ମାନସିକ ଏବଂ ଜୈବିକ କାରଣ ଗୁଡ଼ିକର ଜଟିଳ ପାରସ୍ପରିକ କାର୍ଯ୍ୟକଳାପରୁ ଉଦାସୀନତା । ପ୍ରତିକୂଳ ଜୀବନ ଘଟଣା (ବେକାରୀ, ଶୋକ, ଆଘାତଜନିତ ଘଟଣା) ଦେଇ ଗତି କରିଥିବା ବ୍ୟକ୍ତି ମାନେ ଉଦାସୀନତାର ସମ୍ଭାବନା ଅଧିକ । ଉଦାସୀନତା, ଅଧିକ ଚାପ ଏବଂ ଅସହଯୋଗର କାରଣ ହୋଇପାରେ ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ଜୀବନ ଅବସ୍ଥା ଏବଂ ଉଦାସୀନତାକୁ ଆହୁରି ଖରାପ କରିପାରେ ।

ଉଦାସୀନତା ଶାରୀରିକ ସ୍ୱାସ୍ଥ୍ୟ ସହିତ ଘନିଷ୍ଠ ଭାବରେ ଜଡିତ ଏବଂ ପ୍ରଭାବିତ । ଉଦାସୀନତାକୁ ପ୍ରଭାବିତ କରୁଥିବା ଅନେକ କାରଣ (ଯେପରିକି ଶାରୀରିକ ନିଷ୍କ୍ରିୟତା କିମ୍ବା ମଦ୍ୟପାନର କ୍ଷତିକାରକ ବ୍ୟବହାର) ହୃଦ୍‌ରୋଗ, କର୍କଟ, ମଧୁମେହ ଏବଂ ଶ୍ୱାସକ୍ରିୟା ଭଳି ରୋଗ ପାଇଁ ବିପଦ କାରଣ ବୋଲି ମଧ୍ୟ କୁହାଯାଏ । ପ୍ରତି ବଦଳରେ, ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କ ଅବସ୍ଥା ପରିଚାଳନା ସହିତ ଜଡିତ ଅସୁବିଧା ହେତୁ ଉଦାସୀନତାର ସମ୍ମୁଖୀନ ହୋଇପାରନ୍ତି ।

ଉଦାସୀନତା ହ୍ରାସ କରିବାକୁ ପ୍ରତିରୋଧ କାର୍ଯ୍ୟକ୍ରମଗୁଡ଼ିକ ଦର୍ଶାଯାଇଛି । ଉଦାସୀନତାକୁ ରୋକିବା ପାଇଁ ପ୍ରଭାବଶାଳୀ ସମ୍ପ୍ରଦାୟର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପନ୍ଥା ଶିଶୁ ଏବଂ କିଶୋରମାନଙ୍କରେ ସକରାତ୍ମକ ମୁକାବିଲା କରିବାର ଏକ ପ୍ରଣାଳୀ ଯାହା ବଞ୍ଚାଇବା ପାଇଁ ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରେ । ଆଚରଣଗତ ସମସ୍ୟା ଥିବା ପିଲାମାନଙ୍କର ପିତାମାତାଙ୍କ ପାଇଁ ହସ୍ତକ୍ଷେପ ପିତାମାତାଙ୍କ ଉଦାସୀନ ଲକ୍ଷଣକୁ ହ୍ରାସ କରିପାରେ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ଫଳାଫଳକୁ ଉନ୍ନତ କରିପାରେ । ବୟସ୍କ ବ୍ୟକ୍ତିଙ୍କ ପାଇଁ ବ୍ୟାୟାମ ପ୍ରୋଗ୍ରାମ ମଧ୍ୟ ଉଦାସୀନତା ରୋକିବାରେ ପ୍ରଭାବଶାଳୀ ହୋଇପାରେ ।

ଆତ୍ମହତ୍ୟା ଚିନ୍ତାଧାରାର ଅନେକ କାରଣ ଅଛି । ପ୍ରାୟତଃ ଆତ୍ମହତ୍ୟା ଚିନ୍ତାଧାରା ହେଉଛି ଅନୁଭବ କରିବାର ଫଳାଫଳ ଯେପରି ତୁମେ ଯେତେବେଳେ ସାମ୍ନା କରିପାରିବ ନାହିଁ ଯେତେବେଳେ ତୁମେ ଏକ ଅତ୍ୟଧିକ ଜୀବନ ପରିସ୍ଥିତି ପରି ଦେଖାଯାଏ । ଭବିଷ୍ୟତ ପାଇଁ ଯଦି ଆପଣଙ୍କର ଭରସା ନାହିଁ, ଆପଣ ଭୁଲ୍ ଭାବରେ ଭାବି ଆତ୍ମହତ୍ୟା ଏକ ସମାଧାନ ବୋଲି ଭାବିପାରନ୍ତି । ଆପଣ ଏକ ପ୍ରକାର ଟନେଲ୍ ଦର୍ଶନ ଅନୁଭବ କରିପାରନ୍ତି, ଯେଉଁଠାରେ ସଙ୍କଟ ମଧ୍ୟରେ ଆପଣ ବିଶ୍ୱାସ କରନ୍ତି ଯେ ଆତ୍ମହତ୍ୟା ହିଁ ଏକମାତ୍ର ଉପାୟ ।

ଆତ୍ମହତ୍ୟା ପାଇଁ ଏକ ଜେନେଟିକ ଲିଙ୍କ ମଧ୍ୟ ଥାଇପାରେ । ଯେଉଁ ଲୋକମାନେ ଆତ୍ମହତ୍ୟାକୁ ସଂପୂର୍ଣ୍ଣ କରନ୍ତି କିମ୍ବା ଆତ୍ମହତ୍ୟା ଚିନ୍ତାଧାରା କିମ୍ବା ଆଚରଣ କରନ୍ତି, ସେମାନେ ଆତ୍ମହତ୍ୟା କରିବାର ପାରିବାରିକ ଇତିହାସ ହେବାର ସମ୍ଭାବନା ଅଧିକ ।

ସର୍ବଭାରତୀୟ ସ୍ତରରେ ଆତ୍ମହତ୍ୟା ଏବଂ ଆତ୍ମହତ୍ୟା ଉଦ୍ୟମ ସମ୍ବନ୍ଧୀୟ ତଥ୍ୟର ଉପଲବ୍ଧତା ଏବଂ ଗୁଣ ଖରାପ ଅଟେ । କେବଳ ୮୦ ଭାଗ ସଦସ୍ୟ ରାଷ୍ଟ୍ରରେ ଭଲ-ଗୁଣାତ୍ମକ ଗୁରୁତ୍ୱପୂର୍ଣ୍ଣ ପଞ୍ଜୀକରଣ ତଥ୍ୟ ରହିଛି ଯାହା ଆତ୍ମହତ୍ୟା ହାର ଆକଳନ କରିବାକୁ ସିଧାସଳଖ ବ୍ୟବହୃତ ହୋଇପାରିବ । ଖରାପ ଗୁଣାତ୍ମକ ମୃତ୍ୟୁ ତଥ୍ୟର ଏହି ସମସ୍ୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମହତ୍ୟା ପାଇଁ ଅତୁଳନୀୟ ନୁହେଁ, କିନ୍ତୁ ଆତ୍ମହତ୍ୟାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି - ଏବଂ କେତେକ ଦେଶରେ ଆତ୍ମହତ୍ୟା ଆଚରଣର ଅବଧତା - ଅନ୍ୟାନ୍ୟ ରିପୋର୍ଟ ଅପେକ୍ଷା ଆତ୍ମ-ଆତ୍ମହତ୍ୟା ପାଇଁ ଅଧିକ ସମସ୍ୟା ହୋଇପାରେ ।

ମୃତ୍ୟୁ ପ୍ରଭାବଶାଳୀ ଆତ୍ମହତ୍ୟା ରୋକିବା ରଣନୀତି ପାଇଁ ଆତ୍ମହତ୍ୟା ଏବଂ ଆତ୍ମହତ୍ୟା ଉଦ୍ୟମର ଉନ୍ନତ ତଦାରଖ ଏବଂ ମନିଟରିଂ ଆବଶ୍ୟକ । ଆତ୍ମହତ୍ୟାର ଢାଞ୍ଚାରେ କ୍ରସ୍-ଜାତୀୟ ପାର୍ଥକ୍ୟ, ଏବଂ ଆତ୍ମହତ୍ୟା ହାର, ବୈଶିଷ୍ଟ୍ୟ ଏବଂ ପଦ୍ଧତିର ପରିବର୍ତ୍ତନ, ପ୍ରତ୍ୟେକ ଦେଶର ଆତ୍ମହତ୍ୟା ସମ୍ବନ୍ଧୀୟ ତଥ୍ୟର ବ୍ୟାପକତା, ଗୁଣବତ୍ତା ଏବଂ ସମୟାନୁବର୍ତ୍ତୀତାକୁ ସୁଦୃଢ଼ କରିବା ଆବଶ୍ୟକତାକୁ ଦର୍ଶାଏ । ଏଥିରେ ଆତ୍ମହତ୍ୟାର ଗୁରୁତ୍ୱପୂର୍ଣ୍ଣ ପଞ୍ଜୀକରଣ, ଆତ୍ମହତ୍ୟା ଉଦ୍ୟମର ଡାକ୍ତରଖାନା ଭିତ୍ତିକ ପଜିଂକରଣ ଏବଂ ଆତ୍ମ -ଆତ୍ମହତ୍ୟା ଉଦ୍ୟମ ବିଷୟରେ ସୂଚନା ସଂଗ୍ରହ କରୁଥିବା ଜାତୀୟ-ପ୍ରତିନିଧି ସର୍ବେକ୍ଷଣ ଅନ୍ତର୍ଭୁକ୍ତ ।

- ଶଙ୍କର ବିଶ୍ୱାଳ

ବି.ଏ ବି.ଏଡ୍ ଲୋକ ପ୍ରଶାସନ ବିଭାଗ , ଭୋପାଳ ବିଶ୍ୱବିଦ୍ୟାଳୟ

ଗୁଡିଆଳୀ , କବିସୂର୍ଯ୍ୟ ନଗର , ଗଞ୍ଜାମ

@Shankarbiswal2319@gmail.com

ମୋ -୬୩୭୨୨୬୯୯୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଚଭୂତରେ ଲୀନ ଶୁଭମୟୀ



ଶଙ୍କର ବିଶ୍ୱାଳ

ଗଞ୍ଜାମ ଜିଲ୍ଲାର ଜଣେ ଜଣାଶୁଣା ଲେଖିକା/କବି ଶୁଭମୟୀ ଷଡ଼ଙ୍ଗୀଙ୍କର ଗତ ଜୁନ୍ ମାସ ଆଠ ତାରିଖ ରାତି ସମୟରେ ହୃଦଘାତରେ ମୃତୁ ହେଇଯାଇଛି । ସେ ହିଞ୍ଜିଳି ସହରରେ ବାସଭବନରେ ଦେହତ୍ୟାଗ କରିଛନ୍ତି । ଜୀବନ, ସଂମ୍ପର୍କ, ଶବ୍ଦ ସବୁର ବିରହତା ଯେବେ ପଛରେ ପଡିଯାଏ କୁହାଯାଏ ମଣିଷ ଏ ଦୁନିଆରୁ ବିଦାୟ ନେଇ ସାରିଛି । କିଛି ଆପଣାର ସ୍ନିଗ୍ଧଦାର ତାତିରେ ବି ସେ କଥା ବିଶ୍ୱାସ କରିବାର ସମ୍ଭବପର ହୁଏ ନାହିଁ କାହିଁକି କେଜାଣି ମନ ବିଚଳିତ ହେଲା ପରେ ଲାଗେ ସେମାନକର ଲୋକ ପରିକ୍ଷିତରେ । ଜଣେ ଶବ୍ଦର ଲେଖିକା, କବି ତଥା ଔପନ୍ୟସିକା ସ୍ୱର୍ଗତ ସୁଶ୍ରୀ ଶୁଭମୟୀ ଷଡ଼ଙ୍ଗୀକର ସଂମ୍ପର୍କରେ । ନିଜ ଜୀବନକାଳ ଭିତରେ କଲମ ମୁନରେ ରଚନା କରିଥିବା ପ୍ରତ୍ୟକଟି ଶବ୍ଦର ବର୍ଣ୍ଣିତ ଅକ୍ଷରକୁ ପରସିବାକୁ ଆଉ ଦେଖାଯିବ ନାହିଁ । ଏମିତିକା ସାହିତ୍ୟ ପତ୍ରିକା, ଲେଖା ଭାଷାର ଉନ୍ନତି ପ୍ରଚେଷ୍ଟା କରୁଥିବା ସେ ବରିଷ୍ଟ ବ୍ୟକ୍ତିତ୍ୱ ପାଇଁ ଚୀର ନମଣ୍ୟ । ବ୍ୟକ୍ତିଗତ ଜୀବନ ବିଷୟରେ ଆମେ ଆଲୋଚନା କଲେ ସମଷ୍ଟିଗତ ଜୀବନ ବା ମାନବ ଜାତୀର ବିଷୟ ସହଜକରେ ବୁଝିବାକୁ ସାମର୍ଥ୍ୟ ହେବ । ମାନବ ଜୀବନ ମଧ୍ୟରେ କେବଳ କେତେଗୁଡିଏ ଘଟଣା ସମଷ୍ଟି ଛଡା ଆମ୍ଭେମାନେ ଅଧିକ କିଛି ଦେଖିପାରୁନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତ ଘଟଣାର ଲକ୍ଷ୍ୟ ଏକ, ଗତିଏକ ପଥ ଏକ ଆଡକୁ ଗୋଟିଏ ଘଟଣା ସମୟରେ ଜୀବନ ଯେଉଁଠାରେ ଥିଲା ଯେଉଁ ଅବସ୍ଥାରେ ଥିଲା ଅନ୍ୟ ଘଟଣାଏ ଦୁଃସମୟରେ ସେହି ସ୍ଥାନ କିମ୍ବା ସେହି ଅବସ୍ଥାରେ ନାହିଁ । ପ୍ରକୃତ ପକ୍ଷେ ଜୀବନର କୌଣସି ଘଟଣା ଅର୍ଥ ଶୂନ୍ୟ ନୁହେଁ ।

ଜୀବନରେ କିଛି କରିବାକୁ ହେଲେ କିଛି ହରାଇବାକୁ ପଡିଥାଏ ଏଥିପାଇଁ ଜିଦ୍ ଆସିଲେ ବି ସେହି କର୍ମ ହିଁ ଯଥାଶୀଘ୍ର ଏବଂ ସହଜରେ ହେଇଯାଏ ।

ଏହି ଜୀବ ଜଗତରେ ମନୁଷ୍ୟର ସ୍ଥାନ ସ୍ୱତନ୍ତ୍ର, ଆମର ଏହି ସମାଜ ମଧ୍ୟରେ ମଣିଷହିଁ ଅନ୍ୟ ମଣିଷ ଉପରେ ଅଧିକ ଈର୍ଷାଭାବ ଦେଖାଇଥାଏ ।

ସାହାଯ୍ୟକାରୀ ସହାୟତା କଲାପରି ପାଖରେ ନରହି ଗର୍ବ, ଅହଂଙ୍କାରତାର ସହ ପ୍ରତିଦ୍ୱନ୍ଦିତା କଲା ପରି ରହିଥାନ୍ତି ଏବଂ ଏଥିରୁ ଜୀବନ ଜିଁଇବାର କିଛି ପ୍ରେରଣା ମିଳିଯାଏ । ନିଜ ପ୍ରେରଣା ପୃଷ୍ଠାରୁ ସେ ଦେଇଯାଇଥିବା ଉଭୟ ଓଡିଆ ଓ ଇଂରାଜୀ ଭାଷାସାହିତ୍ୟ ପ୍ରତ୍ୟେକ ହୃଦୟରେ ବାସ୍ତବତାର ସୃଷ୍ଟିକରେ । କିନ୍ତୁ ବଡ ବିଡମ୍ବନା ଯେ ସେ ଆଉ ଆମ ପାଖରେ ନାହାନ୍ତି ନିଜ ଜୀବନର ସବୁ କାର୍ଯ୍ୟକୁ ଏମିତି ସ୍ଥଗିତ କରି ଏକ ଅଲଗା ଦୁନିଆକୁ ଚାଲିଗଲେଣି । ବ୍ୟକ୍ତିଗତ ଜୀବନ ବିଷୟରେ ଆମେ ଆଲୋଚନା କଲେ ସମଷ୍ଟିଗତ ଜୀବନ ବା ମାନବ ଜାତୀର ବିଷୟ ସହଜରେ ବୁଝିବାକୁ ସାମର୍ଥ୍ୟ ହେବ । ମାନବ ଜୀବନ ମଧ୍ୟରେ କେବଳ କେତେ ଗୁଡିଏ ଘଟଣା ସମଷ୍ଟି ଛଡା ଆମ୍ଭେମାନେ ଅଧିକ କିଛି ଦେଖିପାରୁନାହିଁ । ମଣିଷକୁ ଜନ୍ମ ମିଳିଛି ତେଣୁ ଇଚ୍ଛା ଆଶା ଦିନକୁ ଦିନ ବଢି ଚାଲିଥାଏ । ଉତ୍ସାହ କେଉଁଠି ସମ୍ମାନ ମିଳେତ କେଉଁଠି ଅସମ୍ମାନିତ ହେବାକୁ ମଧ୍ୟ ପଡିଥାଏ । ସବୁବେଳେ ଜାଣିନଥିବା ବିଷୟଟି ଆଖିସାମ୍ନାରେ ଘୁରି ବୁଲୁଥାଏ ଓ ଜାଣିଥିବା ବିଷୟଟି କେମିତି କେଜାଣି ହାତରୁ ଖସିଯାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଜିକାଲି ଦୁନିଆରେ ଅଭିମାନରେ କିଛିକିଏ କହିଦିଏ ତ ତାହା ବୁଝିବାକୁ ବା ବୁଝାଇବାକୁ କେହି ନିଜର ବୋଲି ନାହାନ୍ତି । ସିଧା ସଂମ୍ପର୍କ ତୁଟାଇବା ପର୍ଯ୍ୟନ୍ତ କଥା ଚାଲିଯାଏ । ଏବଂ ଅଭିମାନ କରିବା କାହା ଉପରେ ଆଜି ଏଇଠି ତ ଆଉ କାଲି ଆର ପାରିରେ । ଆଜିକାଲିର ଦୁନିଆରେ କେହି କାହା ସହ ବିନା ସ୍ୱାର୍ଥରେ ମିଶିନଥାନ୍ତି, ପରେ ଧିରେ ଧିରେ ସଂମ୍ପର୍କ ଅତି ନିବିଡ ହେବାକୁ ଲାଗେ , ଆଶା , ଭରସା ମଧ୍ୟ ବଢିତାଲେ ଯାହା ଦ୍ୱାରା ଲୋଭ ମଧ୍ୟ ଧିରେ ଧିରେ ଆସିଯାଏ । ଏବଂ ଏହି ଲୋଭ ହିଁ ପୀଡା ଓଯନ୍ତ୍ରଣା ସମସ୍ତଙ୍କ ମନରେ ଦେଇଥାଏ । ଅଧିକାର ସାବ୍ୟସ୍ତ କରିବାସହ ନିଜ ମନକଥା କହିଚାଲିଥାଏ । ହେଲେ ଯାହାକୁ ନିଜର ବୋଲି ଭାବୁଥାଏ ସେହିଁ ଶୁଣିବାର ଅଭିନୟ କରୁଥାଏ ।

ଆସିଅଛନ୍ତି ଏହି ଦୁନିଆକୁ ଅତିଥି ସ୍ୱରୂପ, କେତେଦିନର ଅତିଥି ତାହାମଧ୍ୟ ଆମକୁ ଭଲ ଭାବରେ ଜଣା ନାହିଁ । ଆମେ ଆମର ଅଧିକାର ସାବ୍ୟସ୍ତ କରିଥାଉ କିନ୍ତୁ ଏଠି ନିଜର କିଛି ନାହିଁ । ପରିବାର ତିଆରି କରିଥାଉ ଦୁନିଆ ଉପରେ ବୋଝ ହୋଇ ଦୁନିଆକୁ ନିଜର କହିଲା ପରେ ଏହି ଦୁନିଆ ଆଗରେ ହିଁ ପ୍ରାଣ ଚାଲିଯାଇଥାଏ ।

ଦୁନିଆକୁ ପଠାଇଥିବା ସେହି ଠାକୁର କିଛି ଭାବିଚିନ୍ତି ଆମକୁ ଗଠନ କରିଛନ୍ତି । କେଇ ଖଣ୍ଡ ହାଡ ସହ ଏତେ ସୁନ୍ଦର ଶରୀର ଓ ଚେହେରା ଦେଇଛନ୍ତି । ଭାବନା ରାଇଜେ ନ ବଞ୍ଚି ଏହି ଦୁନିଆରେ ନିଜେ ମୁଣ୍ଡଟେକି ଚାଲିବା ପାଇଁ ନିଜ ପାଇ ନିଜ ପାଇଁ କିଛି କରି ଦୁନିଆ ସହ ଲଢି ଚଳିବା ପାଇଁ ନୂଆ ନୂଆ ସମ୍ବନ୍ଧ ତିଆରି କରି ଏବଂ ସେମାନଙ୍କ ସହ ଜଡ଼ିତ ରହି ବହୁ ଅଭିଜ୍ଞତା ହାସଲ କରିବା । ଆଜି ସବୁ କିଛି ସ୍ଥବ୍ଧ ହୋଇସାରିଛି । ପ୍ରଭୁ ଜଗନ୍ନାଥଙ୍କର ପାଖରେ ଏତିକି ପ୍ରାର୍ଥନା ସେ ଯେଉଁଠିବି ଥିବେ ତାଙ୍କର ଆତ୍ମାର ସଦ୍ ଗତି ହଉ ଏବଂ ତାଙ୍କର ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan